# ଧରିତ୍ରୀ DHARITRI

52 Years

ଭୁବନେଶ୍ୱର, ରବିବାର, ଡିସେମ୍ବର ୨୧/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, December 21/2025 | Page 16 | ₹ 7.00

୫୨ଶ ଭାଗ ୨୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 28 | ମୂଲ୍ୟ ₹୭/-



**ଭାରତୀୟ ଦଳରେ କିଶନ**
ଟି୨୦ କ୍ରିକେଟ ବିଶ୍ୱକପ ଦଳରେ ସ୍ଥାନ ପାଇଥିବା ଇଶାନ କିଶନ ପାଖାପାଖି ଏକ ବର୍ଷ ବ୍ୟବଧାନରେ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୧୬

୦୨ **ପିଲାର ଯତ୍ନ ନେବାରେ ପାରଙ୍ଗମ ହୋଇଗଲିଣି: ଭିକି**
ନିକଟରେ ବାପା ହୋଇଥିବା ଅଭିନେତା ଭିକି କୌଶଳ ଶିଶୁପୁତ୍ରର ଯତ୍ନ ନେବାରେ ବେଶ୍ ପାରଙ୍ଗମ ହୋଇଗଲେଣି ବୋଲି କହିଛନ୍ତି।


# ଟ୍ରେନ୍ ଧକ୍କାରେ ୭ ହାତୀ ମୃତ

ଜଙ୍ଗଲରେ ଭିତ୍ତିଭୂମି ନିର୍ମାଣ ପାଇଁ ମାନବୀୟ ଓ ବ୍ୟବସାୟିକ କାର୍ଯ୍ୟକଳାପ ସହ ହାତୀ ଚଳାପଥ ଦେଇ ରେଳଲାଇନ ବିଛାଇବା ପ୍ରାଣୀଙ୍କ ଲାଗି ବିପଦ ସାଜୁଛି। ହାତୀପଲ ଖାଦ୍ୟ ଓ ଜଳ ଅନ୍ୱେଷଣରେ ଯାଉଥିବାବେଳେ ଦ୍ରୁତ ଧାବମାନ ଟ୍ରେନ୍ ଧକ୍କାରେ ପ୍ରାଣ ହରାଉଛନ୍ତି। ଏହାର ସଦ୍ୟ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଆସାମରେ। ଏହି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟର ହୋଜାଇ ଜିଲାରେ ଶନିବାର ଭୋର ସମୟରେ ରେଳଲାଇନ୍ ଉପରେ ସାଇରଙ୍ଗରୁ ନୂଆଦିଲ୍ଲୀ ଅଭିମୁଖେ ଯାଉଥିବା ରାଜଧାନୀ ଏକ୍ସପ୍ରେସ୍ ଟ୍ରେନ୍ ହାତୀପଲ ଉପରେ ମାଡ଼ିଯିବାରୁ ୭ ହାତୀଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ଏକ ହାତୀ ଆହତ ହୋଇଛି। ଉକ୍ତ ଦୁର୍ଘଟଣାରେ ଟ୍ରେନ୍‌ର ୫ଟି ବଗି ଲାଇନ୍‌ଚ୍ୟୁତ ହୋଇଛି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଜଙ୍ଗଲ ବିଭାଗକୁ ଦୁର୍ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ସହ ଏହାର ପୁନରାବୃତ୍ତି ଏଡ଼ାଇବା ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ କହିଛନ୍ତି। ଡିଜିଟାଲ ଯୁଗରେ ପ୍ରାଣୀଙ୍କ ଉପରେ ନଜର ରଖିବା ପାଇଁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ସୁବିଧା ଥାଇ ମଧ୍ୟ ଏଭଳି ଦୁର୍ଘଟଣା ଘଟୁଥିବାରୁ ବିରୋଧୀ କଂଗ୍ରେସ ଏହାକୁ ସରକାରଙ୍କ ଯୋଜନାବିହୀନ କାର୍ଯ୍ୟର ପରିଣାମ ବୋଲି କହି ସମାଲୋଚନା କରିଛି।

## ରାଜଧାନୀ ଏକ୍ସପ୍ରେସ୍‌ର ୫ ବଗି ଲାଇନଚ୍ୟୁତ



ଆସାମର ହୋଜାଇ ଜିଲାରେ ଶନିବାର ଟ୍ରେନ୍ ଧକ୍କାରେ ରେଳଧାରଣା ଉପରେ ମରି ପଡ଼ିରହିଥିବା ହାତୀ।

**ଗୁଆହାଟୀ,୨୦।୧୨(ପି.ଟି./ଏଜେନ୍ସି)** ଆସାମର ହୋଜାଇ ଜିଲା ନର୍ଥଇଷ୍ଟ ଫ୍ରଣ୍ଟିୟର ରେଲୱେ ଡିଭିଜନ୍‌ରେ ଶୁକ୍ରବାର ରାତି ପ୍ରାୟ ୨ଟା ୧୫ରେ ଏକ ଟ୍ରେନ୍ ଦୁର୍ଘଟଣା ଘଟିଛି। ମିଜୋରାମର ସାଇରଙ୍ଗରୁ ନୂଆଦିଲ୍ଲୀର ଆନନ୍ଦ ବିହାର ଟର୍ମିନାଲକୁ ସଂଯୋଗ କରୁଥିବା ରାଜଧାନୀ ଏକ୍ସପ୍ରେସ୍ ଜଙ୍ଗଲ ଭିତର ଦେଇ ଗତି କରୁଥିବାବେଳେ ସେହି ସମୟରେ ରେଳଲାଇନ୍ ଅତିକ୍ରମ କରୁଥିବା ଏକ ହାତୀପଲ ଉପରକୁ ମାଡ଼ିଯାଇଛି। ☞ପୃଷ୍ଠା-୪

## ଅଦାଲତ ସବୁବେଳେ ପ୍ରାଣୀଙ୍କ ସପକ୍ଷରେ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୦।୧୨** ମାନବୀୟ ଓ ବ୍ୟବସାୟିକ କାର୍ଯ୍ୟକଳାପ ଯୋଗୁ ପ୍ରାଣୀଙ୍କ ଚଳାପଥ ଅବରୋଧ ହେଉଛି। ଏଥିଯୋଗୁ ଜୀବଜନ୍ତୁ ମୂକ ଶିକାର ହେଉଛନ୍ତି। ଦେଶର ଅଦାଲତଗୁଡ଼ିକ ସବୁବେଳେ ପ୍ରାଣୀଙ୍କ ଆଡ଼କୁ ଢଳି ରହିବେ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଜ୍ୟୋତିମାଲା ବାଗ୍‌ଚୀ ଏବଂ ଭିପୁଲ ଏମ୍. ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ତାମିଲନାଡୁର ନୀଳଗିରି ହାତୀ କରିଡରରେ ହୋଟେଲ ଓ ରେଷ୍ଟୁରାଣ୍ଟ ମାଲିକମାନଙ୍କ ପକ୍ଷରୁ ଦାଖଲ ଏକାଧିକ ପିଟିଶନର ଶୁଣାଣି ବେଳେ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ଖଣ୍ଡପୀଠ ଏହା ଉପରେ ଜାନୁଆରୀରେ ବିସ୍ତୃତ ବିଚାର କରିବା ପାଇଁ ଧାର୍ଯ୍ୟ କରିବା ସହ କହିଛନ୍ତି, ଆପଣମାନେ ସମସ୍ତେ ହାତୀ କରିଡରରେ ବ୍ୟବସାୟିକ ନିର୍ମାଣ ଉଦ୍ଦେଶ୍ୟରେ ଅଦାଲତଙ୍କ ଦ୍ୱାରସ୍ଥ ☞ପୃଷ୍ଠା-୪

## ୧୦ ଟଙ୍କାରେ ଧାନ ବିକିଲେ ଚାଷୀ

- **ଅମଳ ସରିଥିଲେ ବି ଟୋକନ ମିଳିନି**
- **ଧାନବସ୍ତା ରଖି ରାସ୍ତାରୋକୋ**

**ବିନିକା, ୨୦।୧୨ (ରାମ ଗୋପାଳ ବାଘ)** ସୁବର୍ଣ୍ଣପୁର ଜିଲାରେ ଗତ ୯ ତାରିଖରୁ ମଣ୍ଡି ଖୋଲିଛି। ହେଲେ ଟୋକନ ମିଳି ନ ଥିବାରୁ ଚାଷୀମାନେ ଧାନ ବିକିପାରୁନାହାନ୍ତି। ଫଳରେ ଖରିଫ୍ ଚାଷ ଲାଗି କରିଥିବା ଧାର ଉଧାର ଶୁଝିପାରୁନାହାନ୍ତି ଏବଂ ଅର୍ଥାଭାବରୁ ରବିଚାଷ ପାଇଁ ତଳି ପକାଇବାକୁ ଧାନବିହନ କ୍ରୟ କରିପାରୁନାହାନ୍ତି। ଏହାକୁ ନେଇ ବିନିକା ବ୍ଲକର ଚାଷୀ ଧର୍ମରାଜ ପଣ୍ଡା, ରିଣ୍ଟୁ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଶନିବାର ରାସ୍ତାକୁ ଓହ୍ଲାଇଥିଲେ। ବିନିକା ବ୍ଲକ ପଣ୍ଡକିଟାଲ-ସଂସାମୁରା ରାସ୍ତାର କଉଡ଼ିଆମୁଣ୍ଡା ଛକଠାରେ ଧାନବସ୍ତା ରଖି ସକାଳ ୮ରୁ ରାସ୍ତା ଅବରୋଧ କରିଥିଲେ। ପ୍ରତିବାଦସ୍ୱରୂପ କିଛି ବଟକରା ଧରି ଚାଷୀମାନେ ଧାନ କେଜି ୧୦ ଟଙ୍କାରେ ଖୁଚୁରାରେ ବିକ୍ରି କରିବାକୁ ବସିଥିଲେ। ସରକାର ଆମ ଧାନ କିଣ କହି ରାସ୍ତା ଉପରେ ମୁଣ୍ଡିଆ ମାରିବା ଦେଖାଯାଇଥିଲା। ☞ପୃଷ୍ଠା-୪


**ରାଜଧାନୀରେ ନାବାଳିକାଙ୍କୁ ଗଣବଳାତ୍କାର** | ପୃଷ୍ଠା ୫

**ଆଜିର ସମ୍ପାଦକୀୟ** କେବଳ ବାହାନା











ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ରବିବାର, ଡିସେମ୍ବର ୨୧/୨୦୨୫ (୧୬ ପୃଷ୍ଠା+ଛୁଟିଦିନ)
Bhubaneswar, Sunday, December 21/2025 Page 16 ₹ 7.00
୫୨ଶ ଭାଗ ୨୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 28 ମୂଲ୍ୟ ₹୭/-



## ଭାରତୀୟ ଦଳରେ କିଶନ

ଟି୨୦ କ୍ରିକେଟ ବିଶ୍ୱକପ ଦଳରେ ସ୍ଥାନ ପାଇଥିବା ଇଶାନ କିଶନ ପାଖାପାଖି ଏକ ବର୍ଷ ବ୍ୟବଧାନରେ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।

୧୬

୦୨

## ପିଲାର ଯତ୍ନ ନେବାରେ ପାରଙ୍ଗମ ହୋଇଗଲିଣି: ଭିକି

ନିକଟରେ ବାପା ହୋଇଥିବା ଅଭିନେତା ଭିକି କୌଶଲ ଶିଶୁପୁତ୍ରର ଯତ୍ନ ନେବାରେ ବେଶ୍ ପାରଙ୍ଗମ ହୋଇଗଲେଣି ବୋଲି କହିଛନ୍ତି।



# ଟ୍ରେନ୍ ଧକ୍କାରେ ୭ ହାତୀ ମୃତ

ଜଙ୍ଗଲରେ ଭିତ୍ତିଭୂମି ନିର୍ମାଣ ପାଇଁ ମାନବୀୟ ଓ ବ୍ୟବସାୟିକ କାର୍ଯ୍ୟକଳାପ ସହ ହାତୀ ଚଲାପଥ ଦେଇ ରେଳଲାଇନ ବିଛାଇବା ପ୍ରାଣୀଙ୍କ ଲାଗି ବିପଦ ସାଜୁଛି। ହାତୀପଲ ଖାଦ୍ୟ ଓ ଜଳ ଅନ୍ୱେଷଣରେ ଯାଉଥିବାବେଳେ ଦ୍ରୁତ ଧାବମାନ ଟ୍ରେନ୍ ଧକ୍କାରେ ପ୍ରାଣ ହରାଉଛନ୍ତି। ଏହାର ସଦ୍ୟ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଆସାମରେ। ଏହି ଉତ୍ତର-ପୂର୍ବାଞ୍ଚଳ ରାଜ୍ୟର ହୋଜାଇ ଜିଲାରେ ଶନିବାର ଭୋର ସମୟରେ ରେଳଲାଇନ୍ ଉପରେ ସାଇରଙ୍ଗରୁ ନୂଆଦିଲ୍ଲୀ ଅଭିମୁଖେ ଯାଉଥିବା ରାଜଧାନୀ ଏକ୍ସପ୍ରେସ୍ ଟ୍ରେନ୍ ହାତୀପଲ ଉପରେ ମାଡ଼ିଯିବାରୁ ୭ ହାତୀଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ଏକ ହାତୀ ଆହତ ହୋଇଛି। ଉକ୍ତ ଦୁର୍ଘଟଣାରେ ଟ୍ରେନ୍‌ର ୫ଟି ବଗି ଲାଇନ୍‌ଚ୍ୟୁତ ହୋଇଛି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଜଙ୍ଗଲ ବିଭାଗକୁ ଦୁର୍ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ସହ ଏହାର ପୁନରାବୃତ୍ତି ଏଡ଼ାଇବା ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ କହିଛନ୍ତି। ଡିଜିଟାଲ ଯୁଗରେ ପ୍ରାଣୀଙ୍କ ଉପରେ ନଜର ରଖିବା ପାଇଁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ସୁବିଧା ଥାଇ ମଧ୍ୟ ଏଭଳି ଦୁର୍ଘଟଣା ଘଟୁଥିବାରୁ ବିରୋଧୀ କଂଗ୍ରେସ ଏହାକୁ ସରକାରଙ୍କ ଯୋଜନାବିହୀନ କାର୍ଯ୍ୟର ପରିଣାମ ବୋଲି କହି ସମାଲୋଚନା କରିଛି।

## ରାଜଧାନୀ ଏକ୍ସପ୍ରେସ୍‌ର ୫ ବଗି ଲାଇନଚ୍ୟୁତ



ଆସାମର ହୋଜାଇ ଜିଲାରେ ଶନିବାର ଟ୍ରେନ୍ ଧକ୍କାରେ ରେଳଧାରଣା ଉପରେ ମରି ପଡ଼ିରହିଥିବା ହାତୀ।

**ଗୁଆହାଟୀ,୨୦।୧୨(ପି.ଟି./ଏଜେନ୍ସି)**

ଆସାମର ହୋଜାଇ ଜିଲା ନର୍ଥଇଷ୍ଟ ଫ୍ରଣ୍ଟିୟର ରେଲୱେ ଡିଭିଜନ୍‌ରେ ଶୁକ୍ରବାର ରାତି ପ୍ରାୟ ୨ଟା ୧୫ରେ ଏକ ଟ୍ରେନ୍ ଦୁର୍ଘଟଣା ଘଟିଛି। ମିଜୋରାମର ସାଇରଙ୍ଗରୁ ନୂଆଦିଲ୍ଲୀର ଆନନ୍ଦ ବିହାର ଟର୍ମିନାଲକୁ ସଂଯୋଗ କରୁଥିବା ରାଜଧାନୀ ଏକ୍ସପ୍ରେସ୍ ଜଙ୍ଗଲ ଭିତର ଦେଇ ଗତି କରୁଥିବାବେଳେ ସେହି ସମୟରେ ରେଳଲାଇନ୍ ଅତିକ୍ରମ କରୁଥିବା ଏକ ହାତୀପଲ ଉପରକୁ ମାଡ଼ିଯାଇଛି। ☞ପୃଷ୍ଠା-୪

## ଅଦାଲତ ସବୁବେଳେ ପ୍ରାଣୀଙ୍କ ସପକ୍ଷରେ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୦।୧୨**

ମାନବୀୟ ଓ ବ୍ୟବସାୟିକ କାର୍ଯ୍ୟକଳାପ ଯୋଗୁ ପ୍ରାଣୀଙ୍କ ଚଳାପଥ ଅବରୋଧ ହେଉଛି। ଏଥିଯୋଗୁ ଜୀବଜନ୍ତୁ ମୂକ ଶିକାର ହେଉଛନ୍ତି। ଦେଶର ଅଦାଲତଗୁଡ଼ିକ ସବୁବେଳେ ପ୍ରାଣୀଙ୍କ ଆଡ଼କୁ ଢଳି ରହିବେ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଜ୍ୟୋତିମାଲା ବାଗ୍‌ଚୀ ଏବଂ ଭିପୁଲ ଏମ୍. ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ତାମିଲନାଡୁର ନୀଳଗିରି ହାତୀ କରିଡରରେ ହୋଟେଲ ଓ ରେଷ୍ଟୁରାଣ୍ଟ ମାଲିକମାନଙ୍କ ପକ୍ଷରୁ ଦାଖଲ ଏକାଧିକ ପିଟିଶନର ଶୁଣାଣି ବେଳେ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ଖଣ୍ଡପୀଠ ଏହା ଉପରେ ଜାନୁଆରୀରେ ବିସ୍ତୃତ ବିଚାର କରିବା ପାଇଁ ଧାର୍ଯ୍ୟ କରିବା ସହ କହିଛନ୍ତି, ଆପଣମାନେ ସମସ୍ତେ ହାତୀ କରିଡରରେ ବ୍ୟବସାୟିକ ନିର୍ମାଣ ଉଦ୍ଦେଶ୍ୟରେ ଅଦାଲତଙ୍କ ଦ୍ୱାରସ୍ଥ ☞ପୃଷ୍ଠା-୪

# ୧୦ ଟଙ୍କାରେ ଧାନ ବିକିଲେ ଚାଷୀ

**ବିନ୍ଧିକା, ୨୦।୧୨**
**(ରାମ ଗୋପାଳ ବାଘ)**

- **ଅମଳ ସରିଥିଲେ ବି ଟୋକନ ମିଳିନି**
- **ଧାନବସ୍ତା ରଖି ରାସ୍ତାରୋକୋ**

ସୁବର୍ଣ୍ଣପୁର ଜିଲାରେ ଗତ ୯ ତାରିଖରୁ ମଣ୍ଡି ଖୋଲିଛି। ହେଲେ ଟୋକନ ମିଳି ନ ଥିବାରୁ ଚାଷୀମାନେ ଧାନ ବିକିପାରୁନାହାନ୍ତି। ଫଳରେ ଖରିଫ୍ ଚାଷ ଲାଗି କରିଥିବା ଧାର ଉଧାର ଶୁଝିପାରୁନାହାନ୍ତି ଏବଂ ଅର୍ଥାଭାବରୁ ରବିଚାଷ ପାଇଁ ତଳି ପକାଇବାକୁ ଧାନବିହନ କ୍ରୟ କରିପାରୁନାହାନ୍ତି। ଏହାକୁ ନେଇ ବିନ୍ଧିକା ବ୍ଲକର ଚାଷୀ ଧର୍ମରାଜ ପଣ୍ଡା, ରିଣ୍ଟୁ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଶନିବାର ରାସ୍ତାକୁ ଓହ୍ଲାଇଥିଲେ। ବିନ୍ଧିକା ବ୍ଲକ ପଣ୍ଡକିଟାଲ-ସଂସାମୁରା ରାସ୍ତାର କଉଡ଼ିଆମୁଣ୍ଡା ଛକଠାରେ ଧାନବସ୍ତା ରଖି ସକାଳ ୮ରୁ ରାସ୍ତା ଅବରୋଧ କରିଥିଲେ। ପ୍ରତିବାଦସ୍ୱରୂପ କିଛି ବଟକରା ଧରି ଚାଷୀମାନେ ଧାନ କେଜି ୧୦ ଟଙ୍କାରେ ଖୁଚୁରାରେ ବିକ୍ରି କରିବାକୁ ବସିଥିଲେ। ସରକାର ଆମ ଧାନ କିଣ କହି ରାସ୍ତା ଉପରେ ମୁଣ୍ଡିଆ ମାରିବା ଦେଖାଯାଇଥିଲା। ☞ପୃଷ୍ଠା-୪

**ରାଜଧାନୀରେ ନାବାଳିକାଙ୍କୁ ଗଣବଳାତ୍କାର** | ପୃଷ୍ଠା ୫

**ଆଜିର ସମ୍ପାଦକୀୟ** କେବଳ ବାହାନା











ଏମ୍‌ଜିଏନ୍‌ଆର୍‌ଇଜିଏକୁ ବଦଳାଇବା ପାଇଁ କେନ୍ଦ୍ର ଆଣିଥିବା ଭିବି-ଜି ରାମ ଜି ବିଲ୍ ଏବଂ ଦଳୀୟ ନେତୃତ୍ୱ ବିରୋଧରେ ଘୃଣିତ ରାଜନୀତିକୁ ବିରୋଧ କରି କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ଓ କଂଗ୍ରେସ ନେତାମାନେ ଶନିବାର ବେଙ୍ଗାଲୁରୁରେ ବିକ୍ଷୋଭ କରୁଛନ୍ତି।

# ଇମ୍ରାନ୍, ବୁଶ୍ରା ବିବିଙ୍କୁ ୧୭ ବର୍ଷ ଜେଲ


ବୁଶ୍ରା ବିବି


ଇମ୍ରାନ୍ ଖାନ୍

**ଇସ୍‌ଲାମାବାଦ,୨୦।୧୨**

ଦ୍ୱିତୀୟ ତୋଶାଖାନା ଦୁର୍ନୀତି ମାମଲାରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଓ ତାଙ୍କ ସ୍ତ୍ରୀ ବୁଶ୍ରା ବିବିଙ୍କୁ ସ୍ଥାନୀୟ ଅଦାଲତ ଶନିବାର ୧୭ ବର୍ଷ ଲେଖାଏ ଜେଲ ଦଣ୍ଡାଦେଶ ଦେଇଛନ୍ତି। ୨୦୨୩ ଅଗଷ୍ଟରୁ ଜେଲରେ ଥିବା ୭୩ ବର୍ଷୀୟ ଇମ୍ରାନ ୨୦୨୨ ଏପ୍ରିଲରେ କ୍ଷମତାରୁ ହଟିବା ପରେ ତାଙ୍କ ବିରୋଧରେ ଅନେକ ମାମଲା ରୁଜୁ ହୋଇଥିଲା। ତୋଶାଖାନା-୨ ମାମଲା ହେଉଛି ୨୦୨୧ରେ ସାଉଦି ଆରବ ସରକାରଙ୍କଠାରୁ ପୂର୍ବତନ ପ୍ରଥମ ଦମ୍ପତି ଗ୍ରହଣ କରିଥିବା ରାଷ୍ଟ୍ର ଉପହାରରେ ଦୁର୍ନୀତି। ଇମ୍ରାନ୍ ଏବେ ରାୱଲପିଣ୍ଡିର

**ତୋଶାଖାନା-୨ ଦୁର୍ନୀତି ମାମଲା**

କଡ଼ା ସୁରକ୍ଷା ମଧ୍ୟରେ ଥିବା ଆଡିଆଲା ଜେଲରେ ରହିଥିବାବେଳେ ସ୍ୱତନ୍ତ୍ର କୋର୍ଟ ବିଚାରପତି ଶାହରୁଖ ଅର୍ଜୁମନ୍ଦ ସେଠାରେ ରାୟ ଘୋଷଣା କରିଛନ୍ତି। ଇମ୍ରାନ୍ ଓ ବୁଶ୍ରାଙ୍କୁ ପାକିସ୍ତାନ ଦଣ୍ଡ ସଂହିତାର ଧାରା ୪୦୯ (ବିଶ୍ୱାସର ଆପରାଧିକ ଉଲ୍ଲଂଘନ) ପାଇଁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଏବଂ ଦୁର୍ନୀତି ନିବାରଣ ଆଇନର ବିଭିନ୍ନ ଧାରାରେ ଆଉ ୭ ବର୍ଷ ଲେଖାଏ ଜେଲଦଣ୍ଡ ଦିଆଯାଇଛି। ଏଥିସହିତ ଉଭୟଙ୍କୁ ୧୬.୪ ନିୟୁତ ଟଙ୍କା ଲେଖାଏ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି।

## ଯାତ୍ରୀଙ୍କୁ ମାଡ଼ ମାରିଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ପାଇଲଟ୍ ବିଦା

**ନୂଆଦିଲ୍ଲୀ,୨୦।୧୨**

ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରର ୧ ନଂ ଟର୍ମିନାଲରେ ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ଜଣେ ପାଇଲଟ୍ ସ୍ୱାଇସ୍‌ଜେଟ୍ ଯାତ୍ରୀଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଏୟାରଲାଇନ୍ସ ସମ୍ପୃକ୍ତ ପାଇଲଟ୍‌ଙ୍କୁ ଡ୍ୟୁଟିରୁ ବାଦ୍ ଦେଇଛି। ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଅଙ୍କିତ୍ ଦେୱାନ୍ ନାମକ ଯାତ୍ରୀ ତାଙ୍କ ପରିବାର ସହ ଯାଉଥିବାବେଳେ ସାଙ୍ଗରେ ଶିଶୁ ଥିବାରୁ କର୍ମଚାରୀମାନେ ଷ୍ଟାଫ୍ ଏବଂ ପିଆର୍‌ଏମ୍ ସୁରକ୍ଷା ଯାଞ୍ଚ ବ୍ୟବହାର କରିବାକୁ କହିଥିଲେ। କେତେଜଣ ଷ୍ଟାଫ୍ ତାଙ୍କ ପୂର୍ବରୁ ଧାଡ଼ି ଭାଙ୍ଗିବା ଆରମ୍ଭ କରିଥିଲେ। ଅଙ୍କିତ୍ ପ୍ରତିବାଦ କରିବାରୁ କ୍ୟାପଟେନ୍ ବୀରେନ୍ଦର ନାମକ ପାଇଲଟ୍ ତାଙ୍କ ଶିକ୍ଷାକୁ ନେଇ ପ୍ରଶ୍ନ କରିଥିଲେ। ପାଇଲଟ୍ ଓ ଅଙ୍କିତ୍‌ଙ୍କ ମଧ୍ୟରେ ବଚସା ହୋଇଥିଲା। ପାଇଲଟ୍ ଅଙ୍କିତଙ୍କୁ ମାଡ଼ମାରି ଲହୁଲୁହାଣ କରିଦେଇଥିଲେ ବୋଲି ସେ ଅଭିଯୋଗ କରିଥିଲେ।

# ଗୁଆହାଟୀ ବିମାନବନ୍ଦର ଟର୍ମିନାଲ-୨ ବିଲ୍ଡିଂ ଉଦ୍‌ଘାଟିତ

**ଗୁଆହାଟୀ,୨୦।୧୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଆସାମର ଗୁଆହାଟୀସ୍ଥିତ ଲୋକପ୍ରିୟ ଗୋପୀନାଥ ବର୍ଦ୍ଦୋଲୋଇ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟର ନୂଆ ଟର୍ମିନାଲ ବିଲ୍ଡିଂକୁ ଉଦ୍‌ଘାଟନ କରିଛନ୍ତି। ୪,୦୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଟର୍ମିନାଲ-୨ ବାର୍ଷିକ ୧୩.୧ ନିୟୁତ ଯାତ୍ରୀଙ୍କୁ ପରିଚାଳନା କରିବା ପାଇଁ ଡିଜାଇନ୍ ହୋଇଛି। ପ୍ରକଳ୍ପରେ ମୋଟ ୫,୦୦୦ କୋଟି ବ୍ୟୟ ହୋଇଥିବାବେଳେ ସେଥିରୁ ୧,୦୦୦ କୋଟି ରକ୍ଷଣାବେକ୍ଷଣ, ମରାମତି ଏବଂ ନବୀକରଣ ପାଇଁ ଉଦ୍ଦିଷ୍ଟ ବୋଲି ଜଣେ ଅଧିକାରୀ କହିଛନ୍ତି। ନୂଆ ଟର୍ମିନାଲ ସହ ଗୁଆହାଟୀ ବିମାନବନ୍ଦର କେବଳ ଆସାମର ନୁହେଁ, ସମଗ୍ର ଉତ୍ତର-ପୂର୍ବାଞ୍ଚଳର ଗୁରୁତ୍ୱପୂର୍ଣ୍ଣ ବିମାନ ଚଳାଚଳ କେନ୍ଦ୍ର ହେବାକୁ ଯାଉଛି। ଆସାମର ସମୃଦ୍ଧ ଜୈବ ବିବିଧତା ଏବଂ ସାଂସ୍କୃତିକ ଐତିହ୍ୟ ଆଧାରରେ ଏହାର ଡିଜାଇନ୍



ଗୁଆହାଟୀ ବିମାନବନ୍ଦରର ନୂଆ ଟର୍ମିନାଲ ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ ଏବଂ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଉପସ୍ଥିତ ଅଛନ୍ତି।

କରାଯାଇଛି। ୧,୪୦,୦୦୦ ବର୍ଗମିଟର ଅଞ୍ଚଳରେ ଅବସ୍ଥିତ ଏହି ଟର୍ମିନାଲ ଉତ୍ତର-ପୂର୍ବାଞ୍ଚଳରେ ସର୍ବବୃହତ୍। ଆସାମର ପ୍ରଥମ ମୁଖ୍ୟମନ୍ତ୍ରୀଙ୍କ ନାମ ଅନୁସାରେ ବିମାନବନ୍ଦର ନାମ ଲୋକପ୍ରିୟ ଗୋପୀନାଥ ବର୍ଦ୍ଦୋଲୋଇ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ ରଖାଯାଇଛି। ପ୍ରଧାନମନ୍ତ୍ରୀ ଏହି ଅବସରରେ ଗୋପୀନାଥ ବର୍ଦ୍ଦୋଇଙ୍କ ୮୦ ଫୁଟ ଉଚ୍ଚର ପ୍ରତିମୂର୍ତ୍ତି ଅନାବରଣ କରିଛନ୍ତି।

## ଜଙ୍ଗଲରାଜ୍‌ରୁ ମୁକ୍ତି ଚାହାନ୍ତି ପଶ୍ଚିମବଙ୍ଗବାସୀ: ମୋଦି

**କୋଲକାତା,୨୦।୧୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। କୋଲକାତା ବିମାନବନ୍ଦରରୁ ଭର୍ଚୁଆଲି ଉଦ୍‌ବୋଧନ ଦେଇ ସେ କହିଥିଲେ, ବିହାର ଭଳି ପଶ୍ଚିମବଙ୍ଗରେ ମମତା ବାନାର୍ଜୀ ସରକାର ଚଳାଇଥିବା ଜଙ୍ଗଲରାଜରୁ ରାଜ୍ୟବାସୀ ମୁକ୍ତି ଚାହୁଁଥିବାରୁ ସେମାନେ ଭାଜପାକୁ କ୍ଷମତାରେ ଦେଖିବାକୁ ଚାହାନ୍ତି। ସମ୍ପ୍ରତି ଦେଶ ଦ୍ରୁତ ବିକାଶ ଚାହୁଁଛି। ପଶ୍ଚିମବଙ୍ଗରେ ଭାଜପାର ବିଜୟ ପାଇଁ ବିହାର ବାଟ ଖୋଲିଦେଇଛି। ବିହାର ଜଙ୍ଗଲରାଜକୁ ପ୍ରତ୍ୟାଖ୍ୟାନ କରିଛି। ଏବେ ପଶ୍ଚିମବଙ୍ଗକୁ ମହାଜଙ୍ଗଲ ରାଜରୁ ମୁକ୍ତ କରିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପଶ୍ଚିମବଙ୍ଗର ନଦିଆ ଜିଲା ଅନ୍ତର୍ଗତ ଯାହେରପୁରରେ ପ୍ରଧାନମନ୍ତ୍ରୀଙ୍କ ରାଲି ଅନୁଷ୍ଠିତ ହେବାକୁ ଥିବାବେଳେ ପ୍ରତିକୂଳ ପାଗ ଯୋଗୁ ତାଙ୍କ ହେଲିକପ୍ଟର ଅବତରଣ କରିପାରି ନ ଥିଲା। ଫଳରେ ସେ କୋଲକାତା ବିମାନବନ୍ଦରକୁ ଫେରି ସେଠାର ରାଲିରେ ଉପସ୍ଥିତ ଲୋକମାନଙ୍କୁ ଭର୍ଚୁଆଲି ଉଦ୍‌ବୋଧନ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଅନୁପସ୍ଥିତିରେ ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ ୩,୨୦୦ କୋଟି ଟଙ୍କାରେ ନିର୍ମିତ ଜାତୀୟ ରାଜପଥ ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି।

## ଜି ରାମ ଜି ବିଲ୍‌କୁ ନିନ୍ଦାକଲେ ସୋନିଆ

**ନୂଆଦିଲ୍ଲୀ,୨୦।୧୨**

ଗ୍ରାମାଞ୍ଚଳର ଲୋକମାନଙ୍କୁ କର୍ମ ନିଯୁକ୍ତି ଯୋଗାଇବା ପାଇଁ ଉଦ୍ଦିଷ୍ଟ ଏମ୍‌ଜିଏନ୍‌ଆର୍‌ଇଜିଏକୁ ନରେନ୍ଦ୍ର ମୋଦି ସରକାର ଧ୍ୱଂସ କରିଥିବା କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ ଶନିବାର ଅଭିଯୋଗ କରିବା ସହ ଏହା ବିରୋଧରେ ଆଣିଥିବା ଜି ରାମ ଜି ବିଲ୍‌କୁ ନିନ୍ଦା କରିଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏକୁ ରଦ୍ଦ କରିବା ପାଇଁ ଅଣାଯାଇଥିବା ଏହି କଳା ଆଇନକୁ ସାରା ଦେଶର ଅନେକ ଲକ୍ଷ୍ୟ ଦଳୀୟ କର୍ମୀ ବିରୋଧ କରିବେ ବୋଲି ସୋନିଆ କହିଛନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏକୁ ଦୁର୍ବଳ କରି ମୋଦି ସରକାର ବହୁକୋଟି କୃଷକ, ଶ୍ରମିକ, ଭୂମିହୀନଙ୍କ ସ୍ୱାର୍ଥ ଉପରେ ଆକ୍ରମଣ କରିଛି। ୧୧ ବର୍ଷ ହେଲା କେନ୍ଦ୍ର ଗ୍ରାମାଞ୍ଚଳ ଗରିବଙ୍କ ସ୍ୱାର୍ଥକୁ ଅଣଦେଖା କରିଆସୁଥିବା ସୋନିଆ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି।

## ଗଗନୟାନ ମିଶନ ପାଇଁ ପାରାଶୁଟ୍ ପରୀକ୍ଷା

**ନୂଆଦିଲ୍ଲୀ,୨୦।୧୨**

ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଶନିବାର ଗଗନୟାନ ମିଶନ୍‌ର କ୍ରିଉ ମଡ୍ୟୁଲ୍ ଡିସେଲେରେଶନ ସିଷ୍ଟମ୍ ପାଇଁ ଡ୍ରଗ୍ୟୁ ପାରାଶୁଟ୍ ପରୀକ୍ଷା କରିଛି। ୨୦୨୬ରେ ମାନବବିହୀନ ଗଗନୟାନ ମିଶନ ଲଞ୍ଚ୍ ହେବ। ଗତ ୧୮ ଓ ୧୯ରେ ଡିଆର୍‌ଡିଓର ଚଣ୍ଡିଗଡ଼ସ୍ଥିତ ଟର୍ମିନାଲ ବାଲିଷ୍ଟିକ୍ସ ରିସର୍ଚ୍ଚ ଲାବୋରେଟୋରିରେ ଥିବା ରେଲ୍ ଟ୍ରାକ୍ ରକେଟ୍ ସ୍ଲେଡ୍‌ରେ ଏହି ପରୀକ୍ଷା କରାଯାଇଛି। ଗଗନୟାନର କ୍ରିଉ ମଡ୍ୟୁଲ୍ ଡିସେଲେରେଶନ ସିଷ୍ଟମରେ ୪ ପ୍ରକାରର ୧୦ଟି ପାରାଶୁଟ୍ ବ୍ୟବହାର କରାଯିବ।

# ଅଭିନେତା ଶ୍ରୀନିବାସନ୍‌ଙ୍କ ପରଲୋକ

**କୋଚି,୨୦।୧୨(ପି.ଟି.)**

ମାଲୟାଲମ୍ ଚଳଚ୍ଚିତ୍ରର ଅଭିନେତା, କାହାଣୀ ଲେଖକ ଏବଂ ନିର୍ଦ୍ଦେଶକ ଭାବେ ଅନ୍ୟତମ ସବୁଠୁ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଶ୍ରୀନିବାସନ୍‌ଙ୍କର ଶନିବାର ସକାଳେ ଏକ ସରକାରୀ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୬୯ ବର୍ଷ ହୋଇଥିଲା। ତାଙ୍କର କେତେକ ସ୍ୱାସ୍ଥ୍ୟଗତ ସମସ୍ୟା ଥିବାବେଳେ ସେ ୨୦୨୨ରେ ହୃତ୍‌ପିଣ୍ଡ ଅସ୍ତ୍ରୋପଚାର କରାଇଥିଲେ। କୋଚିର ଏକ ଘରୋଇ ହସ୍ପିଟାଲରେ ଡାଏଲିସିସ୍ କରିବାକୁ ଯାଇଥିବାବେଳେ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ତ୍ରିପୁନିଥୁରା ସରକାରୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।



୧୯୫୬ ଏପ୍ରିଲ ୬ରେ କନ୍ନୁର ଜିଲାର ପଟ୍ଟିଆମ୍‌ରେ ଜନ୍ମିତ ଶ୍ରୀନିବାସନ ୧୯୭୬ରେ 'ମନିମୁଝାକ୍କମ' ଚଳଚ୍ଚିତ୍ରରେ ପ୍ରଥମ ଅଭିନୟ କରିଥିଲେ। ୧୯୮୪ରୁ ସେ ଚଳଚ୍ଚିତ୍ର କାହାଣୀ ଲେଖିବା ଆରମ୍ଭ କରିଥିଲେ। ପରେ ଖ୍ୟାତନାମା ନିର୍ଦ୍ଦେଶକ ପ୍ରିୟଦର୍ଶନ ଏବଂ ସତ୍ୟନ ଆନ୍ଥିକ୍କଡଙ୍କ ସହ ବିଭିନ୍ନଚଳଚ୍ଚିତ୍ରରେନିର୍ଦ୍ଦେଶନାଦେଇଥିଲେ।

**ଏପ୍‌ଷ୍ଟିନ୍ ଯୌନ ଅପରାଧ ମାମଲା**

# ସୀମିତ ଫାଇଲ୍ ଜାରିକଲା ନ୍ୟାୟ ବିଭାଗ

**ୱାଶିଂଟନ୍,୨୦।୧୨**

ଯୌନ ଅପରାଧ ମାମଲାରେ ଦୋଷୀସାବ୍ୟସ୍ତ ଜେଫ୍ରି ଏପ୍‌ଷ୍ଟିନ୍‌ଙ୍କ ସମ୍ପର୍କିତ ଅନେକ ଫାଇଲ୍‌କୁ ଆମେରିକା ନ୍ୟାୟ ବିଭାଗ ଶୁକ୍ରବାର ଜାରି କରିଛି। ତେବେ ଫାଇନାନ୍ସର ଏପ୍‌ଷ୍ଟିନ୍ ଏବଂ ତାଙ୍କ ସହ ସମ୍ପର୍କ ରଖିଥିବା ଧନୀ ଓ କ୍ଷମତାଶାଳୀ ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୀର୍ଘଦିନ ଧରି ଚାଲିଥିବା ତଦନ୍ତ ସମ୍ପର୍କରେ ତଥ୍ୟ ଏହି ଅସମ୍ପୂର୍ଣ୍ଣ ଦସ୍ତାବିଜ୍‌ରୁ ପ୍ରଘଟ ହୋଇନାହିଁ। ଫାଇଲ୍‌ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଅଳ୍ପ କେତେକ ଫଟୋ ଥିବାବେଳେ ହ୍ୱାଇଟ୍ ହାଉସ୍‌କୁ ବାଦ୍ ଦିଆଯାଇଛି। ଅନ୍ୟପକ୍ଷରେ ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନ୍


ଜେଫ୍ରି ଏପ୍‌ଷ୍ଟିନ୍

ଏବଂ ପପ୍ ଷ୍ଟାର ମାଇକେଲ୍ ଜାକ୍‌ଶନଙ୍କର ଅନେକ ଫଟୋ ପ୍ରକାଶ ପାଇଛି। ବହୁ ଦଶନ୍ଧି ପୂର୍ବେ କ୍ଲିଣ୍ଟନ ଏପ୍‌ଷ୍ଟିନ୍‌ଙ୍କ ସହ ଏହିସବୁ ଫଟୋ ଉଠାଇଥିବା ଜଣାପଡୁଛି। ଏପ୍‌ଷ୍ଟିନ୍ ଫାଇଲ୍‌ର ସୀମିତ ପରିପ୍ରକାଶକୁ ନେଇ ଡେମୋକ୍ରାଟ ଏବଂ କେତେଜଣ ରିପବ୍ଲିକାନ୍ ନ୍ୟାୟ ବିଭାଗକୁ ସମାଲୋଚନା କରିଛନ୍ତି। କଂଗ୍ରେସ ଧାର୍ଯ୍ୟ କରିଥିବା ସମୟସୀମା ମଧ୍ୟରେ ଫାଇଲ୍ ଉପସ୍ଥାପନ କରିବାରେ ବିଭାଗ ବିଫଳ ହୋଇଥିବା ସେମାନେ କହିଛନ୍ତି। ପ୍ରକାଶିତ ରେକର୍ଡରେ ମୁଖ୍ୟତଃ ଫଟୋ ଏବଂ କଲ୍ ଲଗ୍, ଗ୍ରାଣ୍ଡ ଜୁରି ସାକ୍ଷ୍ୟ, ସାକ୍ଷାତ୍‌କାରର ନକଲ ଓ ଅନ୍ୟାନ୍ୟ ଦସ୍ତାବିଜ୍ ରହିଛି। ଯୁବତୀ ଓ କମ୍ ବୟସ୍କାମାନଙ୍କ ପ୍ରତି ଏପ୍‌ଷ୍ଟିନ୍‌ଙ୍କ ଯୌନ ଉତ୍ପୀଡ଼ନ ସମ୍ପର୍କରେ ପାଖାପାଖି ୨ ଦଶନ୍ଧି ଧରି ଚାଲିଥିବା ତଦନ୍ତର ସବିଶେଷ ତଥ୍ୟ ଦିଆଯାଇ ନାହିଁ। ଏପଷ୍ଟିନ୍‌ଙ୍କ ସହ ସମ୍ପର୍କ ରଖିଥିବା ବ୍ୟକ୍ତିବିଶେଷ ଏବଂ ଯୌନ ଉତ୍ପୀଡ଼ନରେ ସେମାନଙ୍କ ସମ୍ପୃକ୍ତି ଆଦି ବିଷୟରେ ଜାଣିବାକୁ ଜନସାଧାରଣ ଉତ୍କଣ୍ଠାର ସହ ଅପେକ୍ଷା କରିଥିବାବେଳେ ସବିଶେଷ ବିବରଣୀ ଜାଣିବାକୁ ସେମାନେ ଦାବି କରି ଆସୁଥିଲେ। ୨୦୦୮ର ଅଭିଯୋଗ ଉପରେ ସରକାର ପ୍ରାରମ୍ଭିକ ତଦନ୍ତକୁ ବନ୍ଦ କରିଦେଲେ କାହିଁକି ତାହା ଅଭିଯୋଗକାରୀ ଜାଣିବାକୁ ଚାହୁଁଥିଲେ। ୩୦ ଦିନ ମଧ୍ୟରେ ଫାଇଲ୍ ପ୍ରଘଟ କରିବା ପାଇଁ ରାଷ୍ଟ୍ରପତି ଟ୍ରମ୍ପ୍ ଗତ ମାସରେ ବିଲ୍ ସ୍ୱାକ୍ଷର କରିଥିଲେ। ଅନ୍ୟପକ୍ଷରେ ବିଷ ହରଣରେ ଭାରତର 'ମାଲିସ୍ କୌଶଳ' ଏବଂ ଆୟୁର୍ବେଦର ବ୍ୟବହାର ସମ୍ପର୍କରେ ଉକ୍ତ ଫାଇଲ୍‌ରେ ବର୍ଣ୍ଣନା ରହିଛି। ଭାରତର ୫,୦୦୦ ବର୍ଷର ଏହି ପ୍ରାକୃତିକ ଚିକିତ୍ସା ବ୍ୟବସ୍ଥାକୁ ଏବେ ପାଶ୍ଚାତ୍ୟର ବହୁ ଚିକିତ୍ସକ ବ୍ୟବହାର କରୁଥିବା ଏଥିରେ କୁହାଯାଇଛି।

**ଫୁରସତ୍**


ଭିକି କୌଶଲ

# ପିଲାର ଯତ୍ନ ନେବାରେ ପାରଙ୍ଗମ ହୋଇଗଲିଣି: ଭିକି

**ମୁମ୍ବାଇ**

ନିକଟରେ ଅଭିନେତା ଭିକି କୌଶଲ ବାପା ହୋଇଛନ୍ତି। ଏଥିପାଇଁ ତାଙ୍କ ଖୁସି କହିଲେ ନ ସରେ। ସ୍ତ୍ରୀ ତଥା ଅଭିନେତ୍ରୀ କ୍ୟାଟ୍ରିନା କୈଫ୍‌ଙ୍କ ସହ ସେ ଏବେ ପୁଅ ସେବାରେ ଲାଗିପଡ଼ିଛନ୍ତି। ପୁଅ ଜନ୍ମହେବା ପରେ ଭିକିଙ୍କୁ ପ୍ରଥମଥର ପାଇଁ ମୁମ୍ବାଇ ବାହାରେ ଦେଖିବାକୁ ମିଳିଥିଲା। ସେ ଦିଲ୍ଲୀର ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ସେ ହସି ହସି କହିଥିଲେ, ମୁଁ ଅଭିନୟ ଅପେକ୍ଷା ଡାଇପର ବଦଳାଇବାରେ ବେଶ୍ ପାରଙ୍ଗମ ହୋଇଗଲିଣି। ଏତିକି କହିବାକୁ ଚାହୁଁଛି ଯେ, ପୁଅ ହେବାପରେ ମୋ ଦାୟିତ୍ୱ ଢେର୍ ବଢ଼ିଯାଇଛି। ତାକୁ ଛାଡ଼ି କୁଆଡ଼େ ଯିବା ବି କଷ୍ଟକର ହୋଇପଡ଼ିଲାଣି। କିନ୍ତୁ ଯେଉଁଦିନ ସେ ଏହା ଦେଖିବ, ସେଦିନ ସେ ତା' ବାପାଙ୍କ ପାଇଁ ଗର୍ବ ଅନୁଭବ କରିବ। ତେବେ ବାପା ହେବାର ଅର୍ଥ କ'ଣ, ତାହା ମୁଁ ଶବ୍ଦରେ ପ୍ରକାଶ କରିପାରିବି ନାହିଁ। ତେବେ ଦିଲ୍ଲୀରେ ଏନ୍‌ଡିଟିଭି ପକ୍ଷରୁ ଅନୁଷ୍ଠିତ 'ଇଣ୍ଡିଆନ୍ ଅଫ ଦି ଇୟର-୨୦୨୫' ସମାରୋହରେ ଭିକିଙ୍କୁ ବର୍ଷର ଶ୍ରେଷ୍ଠ ଅଭିନେତା ପୁରସ୍କାରରେ ସମ୍ମାନିତ କରାଯାଇଥିଲା। 'ଛାଭା' ଚଳଚ୍ଚିତ୍ରରେ ଛତ୍ରପତି ସମ୍ଭାଜୀ ମହାରାଜଙ୍କ ଭୂମିକା ପାଇଁ ସେ ଏହି ପୁରସ୍କାର ପାଇଥିଲେ।

ସୂଚନା ଯେ, ଡିସେମ୍ବର ୨୦୨୧ରେ ରାଜସ୍ଥାନର ସିକ୍ସ ସେନ୍ସ ଫୋର୍ଟ ବାରୱାରାରେ ଭିକି ଏବଂ କ୍ୟାଟ୍ରିନାଙ୍କର ଗ୍ରାଣ୍ଡ ବିବାହ ସମ୍ପନ୍ନ ହୋଇଥିଲା। ସେମାନେ ଏହି ବିବାହ ବନ୍ଧନ ପର୍ଯ୍ୟନ୍ତ ସେମାନଙ୍କ ସମ୍ପର୍କକୁ ଗୁପ୍ତ ରଖିଥିଲେ। ଚାରିବର୍ଷ ପରେ ଏହି ଦମ୍ପତି ଏବେ ମା'ବାପା ହୋଇଛନ୍ତି।



# ଆହୁଜା ନା ନୂଆ

**ଭୁବନେଶ୍ୱର,୨୦।୧୨(ସୁନିତ୍ ମିଶ୍ର)**

ରାଜ୍ୟର ପରବର୍ତ୍ତୀ ମୁଖ୍ୟ ଶାସନ ସଚିବ କିଏ ହେବେ ତାକୁ ନେଇ କିଛିଦିନ ହେଲା ଚର୍ଚ୍ଚା ଜୋର୍ ଧରିବାରେ ଲାଗିଛି। ଓଡ଼ିଶା ମୁଖ୍ୟ ଶାସନ ସଚିବ ଭାବେ ବର୍ତ୍ତମାନ ଦାୟିତ୍ୱ ତୁଲାଉଥିବା ୧୯୯୦ ବ୍ୟାଚ୍ ଆଇଏଏସ୍ ଅଫିସର ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ଡିସେମ୍ବର ୩୧ରେ ସରୁଛି। ସେଥିଲାଗି ନୂଆ ମୁଖ୍ୟ ଶାସନ ସଚିବ ରାଜ୍ୟରେ କିଏ ହେବେ ତାକୁ ନେଇ ଚର୍ଚ୍ଚା ଲାଗି ରହିଛି। କେତେକ ମହଲରେ ଆଲୋଚନା ହେଉଛି ଆହୁଜାଙ୍କ କାର୍ଯ୍ୟକାଳ ୨ୟ ଥର ଲାଗି ଅଧିକ ବର୍ଷେ ପାଇଁ ବୃଦ୍ଧି କରାଯିବ। ଆହୁଜାଙ୍କ କାର୍ଯ୍ୟକାଳ ଡିସେମ୍ବର ୨୦୨୪ରେ ଶେଷ ହୋଇଥିଲା। ରାଜ୍ୟ ସରକାର ତାଙ୍କ କାର୍ଯ୍ୟକାଳ ଜାନୁଆରୀ ୨୦୨୫ରୁ ଡିସେମ୍ବର ୩୧ ପର୍ଯ୍ୟନ୍ତ ବର୍ଷେ ପାଇଁ ବୃଦ୍ଧି କରିଥିଲେ, ଯାହା ଏବେ ସରିବାକୁ ଯାଉଛି। ରାଜ୍ୟରେ ଭାଜପା ସରକାର ଆସିବାର ମାସକ ପରେ କେନ୍ଦ୍ରୀୟ ଡେପୁଟେଶନରେ ଥିବା ଆହୁଜାଙ୍କୁ ରାଜ୍ୟକୁ ଫେରାଇ ମୁଖ୍ୟ ଶାସନ ସଚିବ ପଦରେ ବସାଗଲା। ଆହୁଜାଙ୍କଠାରୁ ସେତେବେଳେ ଓଡ଼ିଶା କ୍ୟାଡରର ଆହୁରି ବରିଷ୍ଠ ଆଇଏଏସ୍ ଅଫିସର ଥିବା ସତ୍ତ୍ୱେ ଅନ୍ୟ କାହାକୁ ଏହି ପଦରେ ସରକାର ଅବସ୍ଥାପିତ କରି ନ ଥିଲେ। ତେଣୁ କେନ୍ଦ୍ରରେ ଆହୁଜାଙ୍କୁ ନେଇ ଶୁଭଦୃଷ୍ଟି ଥିବା ଏକ ପ୍ରକାର ସ୍ପଷ୍ଟ ହୋଇଥିଲା। ସେହି ସମୟରେ ଓଡ଼ିଶା କ୍ୟାଡରର କେନ୍ଦ୍ରୀୟ ଡେପୁଟେଶନରେ ୧୯୮୭ ବ୍ୟାଚ୍‌ର ଆଇଏଏସ୍ ଅଫିସର ତୁହିନକାନ୍ତେ ପାଣ୍ଡେ, ୧୯୮୭ ବ୍ୟାଚ୍ ଆଇଏଏସ୍ ରାଜେଶ ବର୍ମା, ୧୯୯୦ ବ୍ୟାଚ୍ ଆଇଏଏସ୍ ନୀତେନ ଚନ୍ଦ୍ରା ରହିଥିଲେ। ନୀତେନ ଚନ୍ଦ୍ରା ୧୯୯୦ ବ୍ୟାଚ୍ ଆଇଏଏସ୍ ହେଲେ ମଧ୍ୟ ଆହୁଜାଙ୍କଠାରୁ ବରିଷ୍ଠ(ସିନିୟର) ଥିଲେ। ଏବେ ଏହି ୩ ଅଫିସର ଅବସର ନେଇସାରିଛନ୍ତି। ହେଲେ ଆହୁଜାଙ୍କ ବ୍ୟାଚ୍(୧୯୯୦)ର ଅଫିସର ସଞ୍ଜୀବ ଚୋପ୍ରା ଏବଂ ଗୁଞ୍ଜି ଶ୍ରୀନିବାସ ଏବେ ମଧ୍ୟ କେନ୍ଦ୍ରୀୟ ଡେପୁଟେଶନରେ ରହିଛନ୍ତି। ହେଲେ ଓଡ଼ିଶାରେ ଯେତେଜଣ ଆଇଏଏସ୍ ଅଫିସର ଥିଲେ ମୁଖ୍ୟ ଶାସନ ସଚିବ ହେଲା ବେଳେ ଆହୁଜା ହିଁ ସବୁଠାରୁ ସିନିୟର ଥିଲେ। ଏହି ୨ ଆଇଏଏସ୍ ଅଫିସର ଓଡ଼ିଶା ସରକାରଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ସଚିବ ଦାୟିତ୍ୱ ପୂର୍ବରୁ ତୁଲାଇଛନ୍ତି। ଏମାନଙ୍କ ମଧ୍ୟରୁ ଜଣଙ୍କୁ କେନ୍ଦ୍ର ସହଯୋଗରେ ରାଜ୍ୟ ସରକାର ମୁଖ୍ୟ ଶାସନ ସଚିବ ଭାବେ ଆଣିପାରନ୍ତି। ହେଲେ ପୂର୍ବରୁ ଏମାନଙ୍କ ମଧ୍ୟରେ ସମସ୍ତଙ୍କଠାରୁ ସିନିୟର ଆଇଏଏସ୍ ଅଫିସର କେନ୍ଦ୍ରରେ ଥିବାବେଳେ ଆହୁଜାଙ୍କୁ ଅଣାଯିବା କଥାକୁ ଦେଖିଲେ ଆହୁଜାଙ୍କ କାର୍ଯ୍ୟକାଳକୁ ଯେ ବଢ଼ା ନ ଯିବ ସେକଥାକୁ ଏଡ଼ାଇଦିଆଯାଇପାରେ। ଯଦି ଏପରି ହୁଏ ସଞ୍ଜୀବ ଚୋପ୍ରା ଏବଂ ଗୁଞ୍ଜି ଶ୍ରୀନିବାସଙ୍କୁ ମୁଖ୍ୟ ଶାସନ ସଚିବ ହେବାରେ ବିଳମ୍ବ ହୋଇପାରେ କିମ୍ବା ସେମାନେ ସମ୍ପୂର୍ଣ୍ଣ ଭାବେ ବାଦ୍ ପଡ଼ିଯାଇପାରନ୍ତି। ଅନ୍ୟପଟେ ଆହୁଜାଙ୍କ ଅବସର ଚର୍ଚ୍ଚା ସହ ନୂଆ ମୁଖ୍ୟ ଶାସନ ସଚିବ ଭାବେ ୧୯୯୧ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ବର୍ତ୍ତମାନ ରାଜ୍ୟର ଉନ୍ନୟନ କମିଶନର ଥିବା ଅନୁ ଗର୍ଗଙ୍କ ନାଁକୁ ନେଇ ଚର୍ଚ୍ଚା ଚାଲିଛି। ବିଗତ ଦିନରୁ ଗୋଟିଏ କଥା ସବୁବେଳେ ଲକ୍ଷ୍ୟ କରାଯାଇଛି, ଯେଉଁମାନେ ରାଜ୍ୟର ଉନ୍ନୟନ କମିଶନର ହୋଇଛନ୍ତି ସେମାନଙ୍କୁ ପରବର୍ତ୍ତୀ ସମୟରେ ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ମିଳିଛି। ସୂଚନା ମୁତାବକ, ସଞ୍ଜୀବ ଚୋପ୍ରା ଓଡ଼ିଶାର ଗୃହ ବିଭାଗ ସଚିବ ଥିବାବେଳେ ତାଙ୍କଠାରୁ ଜୁନିୟର ହୋଇ ସୁଦ୍ଧା ଅନୁ ଗର୍ଗଙ୍କୁ ଉନ୍ନୟନ କମିଶନର ଭାବେ ଦାୟିତ୍ୱ ମିଳିଥିଲା। ଏହାପରେ ହିଁ ସଞ୍ଜୀବ ଚୋପ୍ରା କେନ୍ଦ୍ରୀୟ ଡେପୁଟେଶନରେ ଯାଇଥିଲେ। ଅନ୍ୟପଟେ ଏବେ ରାଜ୍ୟରେ ଅନ୍ୟମାନଙ୍କ ମଧ୍ୟରେ ୧୯୯୧ ବ୍ୟାଚ୍‌ର ଆଇଏଏସ୍ ଅଫିସର ଭାବେ ସତ୍ୟବ୍ରତ ସାହୁ ରହିଛନ୍ତି। ୧୯୯୦ ବ୍ୟାଚ୍ ଆଇଏଏସ୍ ଅଫିସର ସଞ୍ଜୟ ରସ୍ତୋଗୀ ବର୍ତ୍ତମାନ କେନ୍ଦ୍ରୀୟ ଡେପୁଟେଶନରେ ଅଛନ୍ତି। ଆହୁଜାଙ୍କ କାର୍ଯ୍ୟକାଳ ବୃଦ୍ଧି ହେଲେ ଏମାନଙ୍କୁ ମଧ୍ୟ ମୁଖ୍ୟ ଶାସନ ସଚିବ ପଦରେ ବସିବାକୁ ଆହୁରି ବିଳମ୍ବ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ।

ସୂଚନାଯୋଗ୍ୟ, ବିଜେଡି ସରକାର ସମୟରେ ମନୋଜ ଆହୁଜା ଏବଂ ତାଙ୍କ ସ୍ତ୍ରୀ ତଥା ଆଇଏଏସ୍ ଅଫିସର ଆରତୀ ଆହୁଜା ଉଭୟେ ଓଡ଼ିଶାରେ କାର୍ଯ୍ୟରତ ଥିଲେ। ପରବର୍ତ୍ତୀ ସମୟରେ ଦୁହେଁ ଏକାସାଙ୍ଗରେ କେନ୍ଦ୍ରୀୟ ଡେପୁଟେଶନ ପାଇଁ ୨ ଥର ନିଜ ଆଡ଼ୁ ଆବେଦନ କରିଥିଲେ। ହେଲେ ସେମାନଙ୍କ ଡେପୁଟେଶନ ଆବେଦନକୁ ୨ ଥର ଯାକ ଜାଣିଶୁଣି ବିଳମ୍ବ କରାଯାଇଥିଲା। ପରବର୍ତ୍ତୀ ସମୟରେ ବୁଝାମଣା ଭିତ୍ତିରେ ଉଭୟଙ୍କୁ ଡେପୁଟେଶନରେ ଯିବା ପାଇଁ ଅନୁମତି ମିଳିଥିଲା। ମନୋଜ ଆହୁଜା ମୁଖ୍ୟ ଶାସନ ସଚିବ ହୋଇ ଓଡ଼ିଶା ଆସିବା ବେଳକୁ ଆରତୀ ଆହୁଜା ଅବସର ନେଇସାରିଥିଲେ।


FOR OFFICIAL USE

GOVERNMENT OF ODISHA

DISPOSITION OF
ALL INDIA SERVICE
AND
O.A.S.-GROUP 'A' (S.B.)
& ABOVE RANK
OFFICERS IN ODISHA

(55th EDITION)
AS ON 01-01-2025

ISSUED BY
GENERAL ADMINISTRATION & P.G. DEPARTMENT

Available in
https://ga.odisha.gov.in

## ଫାର୍ମ ହାଉସକୁ ନେଇ ଅଡୁଆରେ ପ୍ରଣବ

### ଜବରଦଖଲ ଅଭିଯୋଗରେ ନୋଟିସ

**କାଏମା,୨୦।୧୨(ଶିବପ୍ରସାଦ ମହାନ୍ତି)**

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ମଧୁପୁରଗଡ଼ ପଞ୍ଚାୟତସ୍ଥିତ ପନ୍ଥୁରୀଠାରେ ସରକାରୀ ଜମି ଜବରଦଖଲ କରାଯାଇ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଫାର୍ମ ହାଉସ ନିର୍ମାଣ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ୧୯।୧୨।୨୦୨୫ରେ ଧର୍ମଶାଳା ତହସିଲ ପକ୍ଷରୁ ପ୍ରଣବଙ୍କୁ ଏକ ନୋଟିସ ଦିଆଯାଇଛି। ସେ ତହସିଲ ଅଫିସରେ ହାଜର ହୋଇ କାହିଁକି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବ ସେନେଇ ନିଜ ପକ୍ଷ ରଖିବେ। ତହସିଲଦାର ସମୀର ରଞ୍ଜନ ଦାସ କେସ ନମ୍ବର ୨୨୯/୨୦୨୫-୨୬ରେ ଏହି ନୋଟିସ ଦେଇଛନ୍ତି।

ଏହି ଫାର୍ମ ହାଉସ ଖାତା ନଂ.୩୩୬, ପ୍ଲଟ ନଂ.୧୧୧୮ ମୋଟ ୩୧.୬୦ ଏକର ପର୍ବତ କିସମରେ ରହିଛି। କିନ୍ତୁ ସରକାରୀ ଜମିକୁ ଜବରଦଖଲ କରାଯାଇ ସେଠାରେ ପାଚେରି ନିର୍ମାଣ କରାଯାଇଛି। ଏହି ବିଷୟ କିଛି ଦିନ ହେବ ସାମ୍ନାକୁ ଆସିବା ପରେ ପ୍ରଣବଙ୍କ ପାଇଁ ଅଡୁଆ ସୃଷ୍ଟି ହୋଇଛି। ନିକଟରେ ପ୍ରଣବଙ୍କ ସମର୍ଥକ ଓ ବିଜେଡି କର୍ମୀମାନେ ଉପରୋକ୍ତ ଫାର୍ମ ହାଉସରେ ଭୋଜି ଆୟୋଜନ କରିଥିଲେ। ଏହି ସମୟରେ ଉକ୍ତ ରାସ୍ତାଦେଇ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ସମର୍ଥକ ତଥା ଭାଜପା କର୍ମୀ ନରସିଂହପୁର ଗ୍ରାମର ସୁନୀଲ ପଣ୍ଡା ଚଢ଼େଇଧରାରୁ ଗାଡ଼ିରେ ଘରକୁ ଫେରୁଥିଲେ। ପ୍ରଣବଙ୍କ କେତେଜଣ କର୍ମୀ ତାଙ୍କୁ ଅଟକାଇ ଗାଡି ଭଙ୍ଗାରୁଜା କରିବା ସହ ଆକ୍ରମଣ କରି ମୁଣ୍ଡ ଫଟାଇ ଦେଇଥିଲେ। ଘଟଣା ପରେ ସେଠାରେ ତୁମୁଳକାଣ୍ଡ ହୋଇଥିଲା।









# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଉତ୍କଳ ଭିଜୁଆଲ୍ ଆର୍ଟ ଫାଉଣ୍ଡେଶନ୍ ଟ୍ରଷ୍ଟ ପକ୍ଷରୁ ମେଗା ଚିଲ୍ଡ୍ରେନ୍ ଆର୍ଟ କମ୍ପିଟିଶନ୍, ସ୍ଥାନ: ବୁଦ୍ଧ ଆର୍ଟ ଗ୍ୟାଲେରି, ନୀଳାଦ୍ରି ବିହାର, ସମୟ: ସକାଳ ୮ଟା।
- ଓଡ଼ିଶା କେନେଲ୍ କ୍ଲବ ପକ୍ଷରୁ ଅଲ୍ ବ୍ରିଡ୍ସ ଚାମ୍ପିୟନଶିପ୍ ଡଗ୍ ଶୋ, ସ୍ଥାନ: ଓଡ଼ିଶା ଭେଟେରିନାରି କଲେଜ ପରିସର(ଓୟୁଏଟି), ସମୟ: ପୂର୍ବାହ୍ନ ୧୦ଟା।
- ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ସଟଲ୍ ସ୍ମାଶର୍ସ-୨୦୨୫, ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସାପ୍ତାହିକ ସମ୍ବାଦପତ୍ର 'ପ୍ରତିଜ୍ଞା'ର ୧୬ତମ ବାର୍ଷିକ ଉତ୍ସବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୩ତମ ବାର୍ଷିକ ଉତ୍ସବ, ସ୍ଥାନ: ଭୀମଟାଙ୍ଗି, ସମୟ: ଅପରାହ୍ନ ୪ଟା ୩୫।
- ଇଚିକିଲି ମିଚିକିଲି ପକ୍ଷରୁ ପାଲୁଅ ଲଡ୍ଡୁ ଦିବସ ପାଳନ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।
- 'ଆଞ୍ଜୁଳାଏ ଜୀବନ', ମୁଠାଏ ମାଟି କୁସୁମିତାର ପୁସ୍ତକ ଆଲୋଚନାଚକ୍ର, ସ୍ଥାନ: ନ୍ୟାଶନାଲ ଆର୍ଚିଭ, ସମୟ: ଅପରାହ୍ନ ୪ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ୭ମ କେନ୍ଦ୍ରୀୟକାର୍ଯ୍ୟକାରିଣୀ ବୈଠକ, ସ୍ଥାନ: ରେଡକ୍ରସ ଭବନ, ସମୟ: ଅପରାହ୍ନ ୫ଟା।

## କଟକ

- ୱାର୍ ହିରୋ ୱେଲଫେୟାର କମିଟି ପକ୍ଷରୁ ୱାର ହିରୋ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ବତନ ସାଂସଦ ପ୍ରଦ୍ୟୁମ୍ନ ବଳଙ୍କ ସ୍ମୃତି ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।
- ବିଧାୟକମାନଙ୍କ ଦରମା, ଭତ୍ତା ବୃଦ୍ଧି ଓ ଟାଟା ପାୱାର ପକ୍ଷରୁ ବିଦ୍ୟୁତ୍ ସଂଯୋଗ ବାବଦରେ ଅତିରିକ୍ତ ଟଙ୍କା ଜମା ନୋଟିସ ପ୍ରତିବାଦରେ ପଦଯାତ୍ରା, ସ୍ଥାନ: କଲେଜ ଛକ ନେତାଜୀ ପ୍ରତିମୂର୍ତ୍ତି, ସମୟ: ସକାଳ ୯ଟା।
- ଦି ସମ୍ମାନ ଫାଉଣ୍ଡେଶନ ପକ୍ଷରୁ ଅକ୍ଷୟ ମହାନ୍ତିଙ୍କୁ ସମର୍ପିତ ସଙ୍ଗୀତ ସନ୍ଧ୍ୟା ଅ' ରୁ କ୍ଷ', ସ୍ଥାନ: ଶହୀଦ ଭବନ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ପୁରୀ ଜିଲା ସ୍କୁଲ୍ ୨୦୦୦ ବ୍ୟାଚର ରଜତ ଜୟନ୍ତୀ ପାଳନ, ସ୍ଥାନ: ପୁରୀ ଜିଲା ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ନିମାପଡ଼ା ମହୋତ୍ସବ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଟାଉନ୍ ହଲ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ନିମାପଡ଼ା ଆଥ୍ଲେଟିକ ଆସୋସିଏଶନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସାଇଲୋର୍ଟସ କଲ୍ୟାଣ ମଣ୍ଡପ, ସମୟ: ମଧ୍ୟାହ୍ନ ୧୨ଟା।
- ଘୋଡ଼ବଜର ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ସଙ୍ଗୀତ ପରିଷଦ, ଷ୍ଟେଶନ ରୋଡ୍, ସମୟ: ଅପରାହ୍ନ ୩ଟା।
- ଶ୍ରୀକଳା ନୃତ୍ୟ ମହୋତ୍ସବ, ସ୍ଥାନ: ମୁକ୍ତାକାଶ ରଙ୍ଗମଞ୍ଚ, ସମୟ: ଅପରାହ୍ନ ୪ଟା ୩୦।
- ଶ୍ରୀଜଗନ୍ନାଥ ଚେତନା ପରିଷଦ ବୈଠକ, ସ୍ଥାନ: ହଲିଡେ ରିସୋର୍ଟ, ସମୟ: ଅପରାହ୍ନ ୫ଟା।
- ପୁରୀ ମହୋତ୍ସବର ଉଦ୍ଯାପନୀ ଉତ୍ସବ, ସ୍ଥାନ: ଗୋଲ୍ଡେନ ବିଚ୍, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ସୋର ଶିରିଡ଼ି ସାଇ ପରିବାର ତରଫରୁ ଦଶମ ବାର୍ଷିକ ଉତ୍ସବ, ସ୍ଥାନ: ସାଇ ଅନନ୍ତ ପ୍ଲାଜା, ଉତ୍ତରେଶ୍ୱର, ସୋର, ସମୟ: ସକାଳ ୬ଟା ୩୦।
- ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଆବିର୍ଭାବ ମହାମହୋତ୍ସବ ଓ ଜିଲାସ୍ତରୀୟ ସତ୍‌ସଙ୍ଗ ଉତ୍ସବ, ସ୍ଥାନ: ଛଟିନା ମିନି ଷ୍ଟାଡିୟମ୍, ବସ୍ତା, ସମୟ: ସକାଳ ୭ଟା ୩୦।
- ଚବିଶ ପ୍ରହର ନାମ ସଂକୀର୍ତ୍ତନ ଓ ମହୋତ୍ସବ, ସ୍ଥାନ: ବେଲଦାଣ୍ଡିଆ ମନ୍ଦିର ପରିସର, ସିଂଲା, ବାଲେଶ୍ୱର, ସମୟ: ସକାଳ ୮ଟା।
- ପୁରାତନ ଛାତ୍ର ସଂସଦର ୧୭ତମ ବାର୍ଷିକ ଉତ୍ସବ, ସ୍ଥାନ: ଗୋପାଳପୁର ପିଏମ୍‌ଶ୍ରୀ ମଣିଭଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ, ବାହାନଗା, ପତାକା ଉତ୍ତୋଳନ, ସମୟ: ସକାଳ ୮ଟା ୩୦।
- ସାଧାରଣ ସଭା, ସମୟ: ଅପରାହ୍ନ ୫ଟା।
- ଗାଁ ମଜଲିସ ସାହିତ୍ୟ ସଂସଦ ସୋରର ୩୬ତମ ବାର୍ଷିକ ସମାରୋହ, ସ୍ଥାନ: ସଂସ୍କୃତି ଭବନ, ଉତ୍ତରେଶ୍ୱର, ସୋର, ସମୟ: ସକାଳ ୯ଟା ୩୦।
- ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ସ୍ଥାନ: ସୁରଭି ପ୍ଲାଜା, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ନୋସି ଏକ୍ସପୋ ମେଳାର ତୃତୀୟ ଦିବସ, ସ୍ଥାନ: ନୋସି ବିଜିନେସ ପାର୍କ ପରିସର, ବାମପଦା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ୧୧ତମ ବାର୍ଷିକ ଉତ୍ସବ, ସ୍ଥାନ: ଶକୁନ୍ତଳା ପବ୍ଲିକ ସ୍କୁଲ, ରୂପସା, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ସେଣ୍ଟ ଫେଷ୍ଟ-୨୦୨୫ ଉଦ୍ଯାପନୀ ଉତ୍ସବ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା ୩୦।
- ବାଲେଶ୍ୱର ଉତ୍ସବର ଉଦ୍ଯାପନୀ ସନ୍ଧ୍ୟା, ସ୍ଥାନ: ପୁରୁଣା ଷ୍ଟାଡିୟମ୍ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ନୃତ୍ୟ ସଙ୍ଗୀତ କଳାମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ଟାଉନ ହଲ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ସ୍ୱାସ୍ଥ୍ୟସେବା ଶିବିର, ସ୍ଥାନ: ବାସନ୍ତୀ ପଡ଼ିଆ, ପୀରହାଟ, ତିହିଡ଼ି, ସମୟ: ସକାଳ ୯ଟା।
- ଧାନକିଣା ପାଇଁ ସଚେତନତା ରଥ ଉଦ୍‌ଘାଟନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୯ଟା।
- ଓଷ୍ଟା ପକ୍ଷରୁ ଜିଲାସ୍ତରୀୟ ବାର୍ଷିକ ଶିଶୁ ଉତ୍ସବ, ସ୍ଥାନ: କେନ୍ଦୁଆପଦା ସରକାରୀ ଉଚ୍ଚ ବିଦ୍ୟାଳୟ, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ବ୍ରିଗେଡ୍ ସ୍କୁଲର ରଜତ ଜୟନ୍ତୀ ମହୋତ୍ସବ, ସ୍ଥାନ: ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଜୟନଗର ଅନନ୍ତ କେଶରୀ ଉ.ପ୍ରା. ବିଦ୍ୟାଳୟ, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।
- ୧୯୬୮ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ, ସ୍ଥାନ: ଆଖୁଆପଦା, ଭଣ୍ଡାରିପୋଖରୀ, ସମୟ: ମଧ୍ୟାହ୍ନ ୧୨ଟା।

## କେନ୍ଦୁଝର

- ନିଉ କେନ୍ଦୁଝର କନ୍‌କ୍ଲେଭ, ସ୍ଥାନ: ନଗର ଭବନ, କେନ୍ଦୁଝର, ସମୟ: ଅପରାହ୍ନ ୨ଟା।
- ବିଶ୍ୱ ଧ୍ୟାନ ଦିବସ, ସ୍ଥାନ: ପ୍ରଜାପିତ ବ୍ରହ୍ମା କୁମାରୀ, ବଡ଼ବିଲ, ସମୟ : ଅପରାହ୍ନ ୪ ଟା।
- କାରୋଲ ଶୋଭାଯାତ୍ରାର ସହର ପରିକ୍ରମା, ସ୍ଥାନ: ସେଣ୍ଟ ମେରିଜ ଚର୍ଚ୍ଚ, ବଡ଼ବିଲରୁ ଆରମ୍ଭ, ସମୟ: ଅପରାହ୍ନ ୪ ଟା।

## ମୟୂରଭଞ୍ଜ

- ୧୯୮୧ ବ୍ୟାଚ୍‌ର ବନ୍ଧୁମିଳନ, ସ୍ଥାନ: କୁଆମରା ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସାଂସଦ ଖେଳ ମହୋତ୍ସବର ଶୁଭାରମ୍ଭ, ସ୍ଥାନ: ବାରିପଦା ଷ୍ଟାଡିୟମ ଓ ଷ୍ଟେଶନ ବଜାର ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୧୦ଟା।
- ୧୬ବର୍ଷରୁ କମ୍ ଆନ୍ତରାଜ୍ୟ ଟି-୨୦ର ଫାଇନାଲ ମ୍ୟାଚ୍, ସ୍ଥାନ: ମଧୁବନ ପଡ଼ିଆ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ୨୨ତମ ବାର୍ଷିକ ଉତ୍ସବ, ସ୍ଥାନ: ବେଲପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବନସାହି, ସମୟ: ପୂର୍ବାହ୍ନ ୧୧ଟା।
- ଟ୍ରାଇବାଲ୍ ଥିଏଟର ସେଣ୍ଟରର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ମୁର୍ଗାବାଡ଼ି ଏଲ୍ଆଇସି କଲୋନୀ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ବାର୍ଷିକ ଉତ୍ସବ, ସ୍ଥାନ: କୁଆମରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଗୋପବନ୍ଧୁନଗର, ସମୟ: ଅପରାହ୍ନ ୪ଟା ୩୦।
- ୪୨ତମ ବାର୍ଷିକ ଉତ୍ସବ, ସ୍ଥାନ: ବେତନଟୀ କଳା ବିକାଶ କେନ୍ଦ୍ର, ବେତନଟୀ, ସମୟ: ଅପରାହ୍ନ ୫ଟା।

## ଗଞ୍ଜାମ

- ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ବୁଗୁଡ଼ା ବ୍ଲକ୍ କରଚୁଲୀ ଶିଶୁମନ୍ଦିର, ସମୟ: ପୂର୍ବାହ୍ନ ୧୦ ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶିଶୁ ଶିବିର, ସ୍ଥାନ: ବୁଗୁଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ପୂର୍ବାହ୍ନ ୧୦ ଟା।
- କଂଗ୍ରେସର ବିକ୍ଷୋଭ ସଭା, ସ୍ଥାନ: ଭଞ୍ଜନଗର ବ୍ଲକ ଛକ, ସମୟ: ପୂର୍ବାହ୍ନ ୧୧ ଟା।

## ଢେଙ୍କାନାଳ

- ସୂର୍ଯ୍ୟାଲୋକ ଫାଉଣ୍ଡେଶନର ୭ମ ବାର୍ଷିକ ଉତ୍ସବ, ସ୍ଥାନ:ଗୋପବନ୍ଧୁ ଟାଉନହଲ, ଢେଙ୍କାନାଳ, ସମୟ:ପୂର୍ବାହ୍ନ ୧୦ଟା।
- ସର୍ଦ୍ଦାର ପଟେଲ ହାଇସ୍କୁଲର ଡାଇମଣ୍ଡ ଜୁବୁଲି ଉଦଘାଟନ, ସ୍ଥାନ: ସର୍ଦ୍ଦାର ପଟେଲ ହାଇସ୍କୁଲ ପରିସର, ସମୟ:ପୂର୍ବାହ୍ନ ୧୧ଟା।

## ଅନୁଗୋଳ

- ରକ୍ତଦାନ ଶିବିର, ସ୍ଥାନ : ପିଟୁସି ହାଇସ୍କୁଲ , ଅନୁଗୋଳ, ସମୟ: ସକାଳ ୮ ଟା ୨୦ ।
- ମହର୍ଷି ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: ତୁରଙ୍ଗ ବିଦ୍ୟାଳୟ ପରିସର ପଡିଆ, ସମୟ: ସକାଳ ୯ଟା।
- ଦିଲ୍ଲୀ ପବ୍ଲିକ ସ୍କୁଲର ୧୩ ତମ ବାର୍ଷିକ ଉତ୍ସବ, ସ୍ଥାନ : ବଅଁରପାଳ , ଅନୁଗୋଳ, ସମୟ: ଅପରାହ୍ନ ୪ ଟା ୩୦ ।

## ଜଗତ୍‌ସିଂହପୁର

- ପୋର୍ଟଟ୍ରଷ୍ଟ ହାଇସ୍କୁଲର ବାର୍ଷିକ କ୍ରୀଡ଼ା, ସ୍ଥାନ: ହାଇସ୍କୁଲ ଖେଳପଡ଼ିଆ, ମଧୁବନ ପାରାଦୀପ, ସମୟ: ସକାଳ ୮ଟା।
- କିଡ୍ସ ଜୋନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ଯାଜପୁର ପ୍ରଶାସନିକ ପଡ଼ିଆ, ସମୟ: ଅପରାହ୍ନ ୩ଟା।
- ୧୦ମ ରାଜ୍ୟସ୍ତରୀୟ କଳିଙ୍ଗନଗର ପୁସ୍ତକ ମେଳା, ସ୍ଥାନ: ଯାଜପୁର ରୋଡ୍ କାଳୀ ମେଲଣ ପଡ଼ିଆ, ସମୟ: ଅପରାହ୍ନ ୨ଟା।

## ନୟାଗଡ଼

- ୧୬ତମ ସର୍ବ ଭାରତୀୟ ସଦାଶିବ ସ୍ମାରକୀ କପ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ସାଇ ଇଲେଭେନ ବନାମ ତମାଣ୍ଡୋ କ୍ରିକେଟ କ୍ଲବ ଭୁବନେଶ୍ୱର, ସ୍ଥାନ: ଭାପୁର ବ୍ଲକ ଫତେଗଡ ନାଲିସାଗର ପଡିଆ, ସମୟ:ମଧ୍ୟାହ୍ନ ୧୨ଟା ।

## ରାୟଗଡ଼ା

- ଉପଖଣ୍ଡସ୍ତରୀୟ ଚଇତି ଇଡିତାଲ ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ଗୁଣପୁର ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦।
- ଜିଲାସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନ ମେଳା, ସ୍ଥାନ: ରାୟଗଡ଼ା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା।
- ମୁନିଗୁଡ଼ା ନୋଡାଲ ହାୟର ସେକେଣ୍ଡାରୀ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍ଯାପନୀ ଉତ୍ସବ, ସ୍ଥାନ: ସ୍କୁଲ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉପଖଣ୍ଡସ୍ତରୀୟ ଚଇତି ଇଡିତାଲ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟନ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ଗୁଣପୁର, ସମୟ: ସନ୍ଧ୍ୟା ୫ଟା ୩୦।

## ନବରଙ୍ଗପୁର

- ସାଂସଦସ୍ତରୀୟ କ୍ରୀଡ଼ା ମହୋତ୍ସବ, ସ୍ଥାନ: ନବରଙ୍ଗପୁର ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୯ଟା।
- ୩୧ତମ ବାର୍ଷିକ ଉତ୍ସବ, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ଶାବର ଶ୍ରୀକ୍ଷେତ୍ର ପନ୍ଦରା ସମାଜ ବାର୍ଷିକ ଉତ୍ସବ, ସ୍ଥାନ: କେନଫରେନ୍ସ ହଲ, ଏଇଏଫ ମାର୍କେଟ, ସୁନାବେଡ଼ା, ସମୟ: ସକାଳ ୯ଟା।
- ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ପରିଦର୍ଶନ, ସ୍ଥାନ: କୋଟିଆ ପଞ୍ଚାୟତ, ପଟ୍ଟାଙ୍ଗି ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଅଣଗେଜେଟେଡ କର୍ମଚାରୀ ସମନ୍ୱୟ ସମିତି ସମାବେଶ, ସ୍ଥାନ: ସଙ୍ଗମ କଲ୍ୟାଣ ମଣ୍ଡପ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା।
- ରାସାୟନିକ ସାର ମୁକ୍ତ ଗ୍ରାମ, ସ୍ଥାନ: କଟନୀ କୁଣ୍ଡ, କୁନ୍ଦୁରା ବ୍ଲକ୍, ସମୟ: ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର

- ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁ ସ୍ମୃତି ସମିତି ଆୟୋଜନରେ ବିବିଧ ପ୍ରତିଯୋଗିତା, ସ୍ଥାନ : ପଟ୍ଟନାୟକପଡା ସ୍ଥିତ ବ୍ରଜ ମୋହନ ପଟ୍ଟନାୟକ ୟୁପି ସ୍କୁଲ, ସମୟ : ସକାଳ ୯ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆୟୋଜିତ ଜାତୀୟ ସମ୍ବଲପୁରୀ ସମ୍ମିଳନୀ ଉଦ୍‌ଘାଟନ ଉତ୍ସବ, ସମୟ : ପୂର୍ବାହ୍ନ ୧୧ଟା।

## ବଲାଙ୍ଗୀର

- ରାଜ୍ୟସ୍ତରୀୟ ଫେନସିଂ ପ୍ରଶିକ୍ଷଣ ଶିବିର, ସ୍ଥାନ: ଆର୍‌ଏନ୍‌ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୭ଟା।

## ରାଉରକେଲା

- ବିପିୟୁଟିରେ ଜାତୀୟ ଗବେଷକ ସମ୍ମିଳନୀ, ସ୍ଥାନ: ବିପିୟୁଟି ନେତାଜୀ ସୁଭାଷ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଅଲ ଓଡ଼ିଶା ୱିଣ୍ଟର କ୍ରିକେଟ୍ ମ୍ୟାଚ୍, ସ୍ଥାନ: ବାସନ୍ତୀ କଲୋନି ଡିଏଭି ପଡିଆ, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼

- ସୁନ୍ଦରଗଡ କ୍ଷତ୍ରିୟ ସମାଜର ବନ୍ଧୁ ମିଳନ କାର୍ଯ୍ୟକ୍ରମ, ସ୍ଥାନ:ବିକାଶ ଭବନ, ପୂର୍ବାହ୍ନ: ୧୦ଟା।

## ବରଗଡ଼

- ସରସ୍ୱତୀ ଶିଶୁ ମନ୍ଦିରର ରଜତ ଜୟନ୍ତୀ, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର ପରିସର, ଗାଇସିଲେଟ, ସମୟ: ସକାଳ ୯ଟା ୪୫।

## କଳାହାଣ୍ଡି

- ଧନୁଯାତ୍ରା ମହୋତ୍ସବ ଉଦ୍ଯାପନ, ସ୍ଥାନ: ଜୁନାଗଡ଼ ବ୍ଲକ ଚାରବାହାଲ ଦଳପତିପଡ଼ା, ସମୟ: ରାତି ୯ଟା।

## ଦେବଗଡ଼

- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ : ରିଆମାଳ ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର

- ଭିନ୍ନକ୍ଷମ ଶିଶୁଙ୍କ ସୃଜନାତ୍ମକ ଉତ୍ସବ କସ୍ତୁରୀ ଉଦ୍ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ସୋନପୁର ବ୍ଲକ ଧୁବାମୁଣ୍ଡାସ୍ଥିତ ରେଆର କାର୍ଯ୍ୟାଳୟ, ସମୟ: ଅପରାହ୍ନ ୨ଟା୩୦।

## ନୂଆପଡ଼ା

- ପ୍ରଥମ ଜୋନସ୍ତରୀୟ ୟୁନିଟ କପ୍ କ୍ରିକେଟ ସପ୍ତମ ଦିବସ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଦେବାହାଲ ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ୪ର୍ଥ ବିରାଟ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ପଞ୍ଚମ ରଜନୀ, ସ୍ଥାନ: କୋମନା ବ୍ଲକ ତରବୋଡ ଖେଳପଡିଆ, ସମୟ: ସନ୍ଧ୍ୟା ୬ଟା ୩୦।

## ଝାରସୁଗୁଡ଼ା

- ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓଙ୍କ ଦ୍ୱାରା କୃଷି ଓ କୃଷକ କାର୍ଯ୍ୟକ୍ରମରେ ଯୋଗଦାନ, ସ୍ଥାନ:କୋଲାବିରା, ସମୟ: ପୂର୍ବାହ୍ନ ୧୧ ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଇଆଡ଼େ ଗଲି ସିଆଡ଼େ ଗଲି,**
**ତାଳଗଛ ମୂଳେ ହାବୁଡ଼ି ଗଲି,**
**ତାଳଗଛ ମୂଳେ ଢେମଣା।**
**ତୁ ଯହିଁ ପାଇଁ ନହର ପହର,**
**ତତେ କିଏ ଦେବ ମାଗଣା ?**

କିଛି ପାଇବା ପାଇଁ ହେଲେ କିଛି ଦେବାକୁ ପଡ଼ିଥାଏ। ସେହିପରି ଭଲ ପାଇବା ପ୍ରତିବଦଳରେ ସେମିତି ସ୍ନେହ ଓ ସଦିଚ୍ଛା ଦେବାକୁ ହୋଇଥାଏ। ପ୍ରେମିକ ଓ ପ୍ରେମିକାର ମିଳନ ସ୍ଥଳ ତଥା ପ୍ରେମର ପରିଭାଷା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଇଟାମାଟି ବଡ ଟାଣ**
**କଟୁ ବଚନକୁ ସହି ନ ପାରିବି**
**ହେଲିଣି ହଇରାଣ।**

କଟୁ କଥାକୁ ଅନେକେ ସହଜରେ ଗ୍ରହଣ କରିପାରି ନ ଥାନ୍ତି। ଇଟା ଯେମିତି ହାତକୁ ଟାଣ ଲାଗେ, କଟୁ କଥା ମଧ୍ୟ ସେମିତି ମନରେ କଷ୍ଟ ଦେଇଥାଏ। କଟୁବଚନ ଦେହ ଓ ମନକୁ ଯନ୍ତ୍ରଣା ଦେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ୧୦ ଟଙ୍କାରେ ଧାନ ...



ବିନିକା କଉଡିଆମୁଣ୍ଡା ଛକରେ ଚାଷୀମାନେ ରାସ୍ତା ଅବରୋଧ କରି ଧାନ ବିକ୍ରି କରୁଛନ୍ତି।

ଚାଷୀଙ୍କ କହିବା ଅନୁଯାୟୀ, ଶଙ୍କରା ପାକ୍ସରେ ଗତ ୯ ତାରିଖରୁ ମଣ୍ଡି ଖୋଲିଥିଲେ ହେଁ ଧାନକିଣାରେ ଅଚଳାବସ୍ଥା ଦେଖାଦେଇଛି। ବ୍ଲକର ବିଭିନ୍ନ ମଣ୍ଡି ନାମକୁମାତ୍ର ଖୋଲିଥିଲେ ହେଁ ଧାନ କିଣାହେଉନାହିଁ। ଅମଳ ସାରି ଧାନ ବିକ୍ରି କରିବାକୁ ଚାହିଁବସିଥିବାବେଳେ ଟୋକନ ମିଳିନାହିଁ। ଅନନ୍ୟୋପାୟ ହୋଇ ସେମାନେ କମ୍ ଦାମ୍‌ରେ ବେପାରୀଙ୍କୁ ଦେଇ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ଅନ୍ୟପଟେ ରବିଧାନ ଲାଗି ତଳି ପକାଇବା ପାଇଁ ସେମାନଙ୍କ ହାତରେ ଅର୍ଥ ନାହିଁ। ଏପରି ସ୍ଥିତିକୁ ହୃଦୟଙ୍ଗମ କରି ସରକାର ଅବିଳମ୍ବେ ଚାଷୀଙ୍କୁ ଟୋକନ ଉପଲବ୍ଧ କରାଇବା ସହ ଧାନକିଣାରେ ଚାଲିଥିବା ଅଚଳାବସ୍ଥାକୁ ଦୂର କରିବା ଜରୁରୀ ବୋଲି ଚାଷୀମାନେ କହିଛନ୍ତି। ଚାଷୀମାନେ ଆନ୍ଦୋଳନ ଚଳାଇଥିଲେ ହେଁ କୌଣସି ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳକୁ ଆସି ନ ଥିଲେ। ଶେଷରେ ଅପରାହ୍ନ ୩ଟାରେ ଚାଷୀମାନେ ରାସ୍ତା ଅବରୋଧରୁ ହଟିଥିଲେ ହେଁ ଆନ୍ଦୋଳନ ଚାଲିବ ବୋଲି କହିଥିଲେ। ସ୍ଥିତିରେ ପରିବର୍ତ୍ତନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ଜୋର୍‌ଦାର କରାଯିବ ବୋଲି ଚାଷୀମାନେ କହିଛନ୍ତି।

## ଟ୍ରେନ୍ ଧକ୍କାରେ ...

ଘଟଣାସ୍ଥଳରେ ୭ ହାତୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଏକ ହାତୀ ଆହତ ହୋଇଛି। ସେତେବେଳେ କୁହୁଡ଼ି ଯୋଗୁ କମ୍ ଦେଖାଯାଉଥିଲା। ହାତୀପଲ ରେଳଲାଇନ୍ ଉପରେ ଚଢ଼ିଆସିଥିବା ନିକଟରୁ ଦେଖିବା ପରେ ଲୋକୋପାଇଲଟ୍ ରଖି ଏମର୍ଜେନ୍ସି ବ୍ରେକ୍ ଦେଇଥିଲେ ହେଁ ଟ୍ରେନ୍‌କୁ ନିୟନ୍ତ୍ରଣ କରିପାରି ନ ଥିଲେ। ଫଳରେ ହାତୀପଲକୁ ଧକ୍କାଦେବା ପରେ ଟ୍ରେନ୍‌ର ୫ଟି ବଗି ଲାଇନ୍‌ଚ୍ୟୁତ ହୋଇଯାଇଥିଲା। ଏଥିଯୋଗୁ ଉକ୍ତ ରେଳପଥ ଦେଇ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଅନେକ ଟ୍ରେନ୍‌କୁ ଭିନ୍ନ ରୁଟ୍‌କୁ ଡାଇଭର୍ଟ କରାଯାଇଥିଲା। ନର୍ଥ ଫ୍ରଣ୍ଟିୟର ଜେନେରାଲ ମ୍ୟାନେଜରଙ୍କ ସମେତ ଲୁମ୍‌ଡିଙ୍ଗ୍ ଡିଭିଜନ୍‌ର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ପ୍ରଭାବିତ ଯାତ୍ରୀଙ୍କ ପାଇଁ ଯାତ୍ରା ବନ୍ଦୋବସ୍ତ କରିଥିଲେ। ସକାଳ ପ୍ରାୟ ୬ଟା ୧୫ରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଥିଲା। ଏହି ପ୍ରସଙ୍ଗରେ କଂଗ୍ରେସ ଏମ୍‌ପି ଗୌରବ ଗୋଗୋଇ କହିଛନ୍ତି, ଜଙ୍ଗଲ ମଧ୍ୟରେ ହିମନ୍ତ ବିଶ୍ୱଶର୍ମା ସରକାରଙ୍କ ଯୋଜନାବିହୀନ ଦ୍ରୁତ ନିର୍ମାଣ କାର୍ଯ୍ୟ ଯୋଗୁ ଜୀବଜନ୍ତୁଙ୍କୁ ପ୍ରଭାବିତ କରୁଛି।

## ଅଦାଲତ ସବୁବେଳେ ...

ହୋଇଛନ୍ତି। ଏହି ନିର୍ମାଣଗୁଡ଼ିକ ହାତୀଙ୍କ ଗତିବିଧି ଉପରେ ଏକ ହସ୍ତକ୍ଷେପ। ତେଣୁ ମୂକ ଶିକାର ହେଉଥିବା ପ୍ରାଣୀଙ୍କ ସପକ୍ଷରେ ଅଦାଲତଗୁଡ଼ିକ ରାୟ ଦେବେ। ତାମିଲନାଡୁ ସରକାର ନୀଳଗିରିର ସିଗୁର ଅଞ୍ଚଳରେ ହାତୀ କରିଡର ପ୍ରତିଷ୍ଠା ପାଇଁ ବିଜ୍ଞପ୍ତି ପ୍ରକାଶ ସହ ଜଙ୍ଗଲ ଜମି ଖାଲି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ କମିଟିର ୧୨ ସୁପାରିସକୁ ମାଡ୍ରାସ୍ ହାଇକୋର୍ଟ ଅନୁମୋଦନ କରିଛନ୍ତି। ତଦନୁସାରେ ହାତୀ କରିଡର ପାଇଁ ଉଦ୍ଦିଷ୍ଟ ଅଞ୍ଚଳରେ ୩୯ ରିସର୍ଟ ଓ ୩୯୦ ଘର ସମେତ ୮୦୦ରୁ ଊର୍ଦ୍ଧ୍ୱ ଘରୋଇ ନିର୍ମାଣକୁ ଉଚ୍ଛେଦ କରାଯିବ। ଏହାକୁ ହୋଟେଲ ମାଲିକମାନେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଭାଗ୍ୟସ୍ଥାନରେ ଚତୁଃଗ୍ରହ ଯୋଗରୁ ଆଜିର କର୍ମକ୍ଷେତ୍ର, ପାରିବାରିକ ସ୍ଥିତି ସାଙ୍ଗକୁ ଜୀବନଚର୍ଯ୍ୟା ପ୍ରୀତିପ୍ରଦ ରହିବ। ସକାଳୁ ପ୍ରତୀକ୍ଷା କରିଥିବା ଶୁଭ ଖବର ପାଇ ଖୁସି ହେବେ। ଶିଳ୍ପ, ବାଣିଜ୍ୟ, ପରିବହନ ସନ୍ତୋଷଜନକ ରହିବା ସହ ବନ୍ଧୁବତ୍ସଳ ହେବେ। ପରିବାରର ନିର୍ଦ୍ଦେଶକ୍ରମେ ବସ୍ତ୍ରାଳଙ୍କାରାଦି କ୍ରୟ କରିପାରନ୍ତି।

**ବୃଷ** - ବୁଧ ଓ ବୃହସ୍ପତିଙ୍କ ଷଡ଼ାଷ୍ଟକ ଯୋଗ ପ୍ରଭାବରେ ଅର୍ଥକୁ କେନ୍ଦ୍ରକରି କଳହ ଲାଗିପାରେ। ପିଲାଙ୍କ ଉନ୍ନତ କାର୍ଯ୍ୟକଳାପ ପାଇଁ ଗୌରବାନ୍ୱିତ ହେବେ। କର୍ମକ୍ଷେତ୍ର, ଯାନବାହନ, ଦୋକାନ ବାଡ଼ି, ସଭା ସମିତିରେ ଟେନ୍‌ସନ ଲାଗିରହିବ। ଅତି ନିକଟରେ ରହି ଆତ୍ମୀୟତା ଦେଖାଉଥିବା ଲୋକମାନେ ପରୋକ୍ଷରେ ବିରୁଦ୍ଧାଚରଣ କରିପାରନ୍ତି।

**ମିଥୁନ** - ରାଶିରେ ବୃହସ୍ପତି ପାପଗ୍ରହ ରାହୁଙ୍କ ଦୃଷ୍ଟିରେ ଥିବାରୁ ସମସ୍ୟାଜନିତ ଅସ୍ଥିରତା ଦେଖାଦେବ। ପାରିବାରିକ ଦିଗଟି ଭଲ ରହିବା ସାଙ୍ଗକୁ ବ୍ୟବସାୟିକ ସ୍ଥିତି ମଧ୍ୟ ମନ୍ଦ ହେବନାହିଁ। କୌଣସି ବ୍ୟକ୍ତି ଦ୍ୱାରା ବାଧ ବାଧକତାରେ ଦୂରଯାତ୍ରାରୁ ଦୂରେଇ ରହିବା ଭଲ। ଅଫିସ୍ କାମରେ ଆଲୋଚନା ସରଗରମ ମଧ୍ୟରେ ଅସମାପ୍ତ ରହିପାରେ।

**କର୍କଟ** - ଏକାଧିକ ଗ୍ରହ ସହ ରାଶ୍ୟାଧିପ ଷଷ୍ଠସ୍ଥ ରହିଥିବାରୁ କର୍ମକ୍ଷେତ୍ରରେ ସ୍ଥାନାନ୍ତର ସୂଚନା ରହିଛି। ବନ୍ଧୁଗହଣରେ ଯୁକ୍ତିଯୁକ୍ତ କଥା କହି ଜଟିଳ ପରିସ୍ଥିତିକୁ ସୁଧାରି ନେବେ। ଟଙ୍କାପଇସା କ୍ଷେତ୍ରରେ ସତର୍କ ନ ରହିଲେ ଅନୁତାପ କରିପାରନ୍ତି। ପାରିବାରିକ କ୍ଷେତ୍ର, ଯାନବାହନ, ଦୋକାନବାଡ଼ି ପ୍ରଭୃତିରେ ସମସ୍ୟା ଦେଖାଦେବ।

**ସିଂହ** - ଏକାଧିକ ଗ୍ରହଙ୍କ ସହ ରବି ଥିବା ହେତୁ ସ୍ୱାସ୍ଥ୍ୟ ନିୟନ୍ତ୍ରଣରେ ରହି ନ ପାରେ। ଲୋଭ ଏବଂ ସନ୍ଦେହ ପାରିପାର୍ଶ୍ୱିକ ପରିସ୍ଥିତିକୁ ଅସ୍ୱାଭାବିକ କରିପାରେ। ଅପରାହ୍ନେ ବନ୍ଧୁଙ୍କ ଅଯାଚିତ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ଅପରିବହନ, ବ୍ୟବସାୟ ଓ ପ୍ରଶାସନିକ ସ୍ତରରେ ଆଶାନୁଯାୟୀ ଫଳ ପାଇବେ।

**କନ୍ୟା** - ଭାଗ୍ୟସ୍ଥାନକୁ ବୁଧ ଦେଖୁଥିବାରୁ ଆଜିର ସବୁ କାମ ବନ୍ଧୁଙ୍କ ସାହାଯ୍ୟରେ ସମ୍ପନ୍ନ ହେବ। ଶତ୍ରୁତାର ଅବସାନ ଘଟିବ, ରୋଗପୀଡ଼ା ଉପଶମ ହେବାରୁ ଆଶ୍ୱସ୍ତି ଲାଭ କରିପାରନ୍ତି। ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇବେ। ସାଙ୍ଗଠନିକ କାମ, ରାଜନୀତି ଓ ସଭା ସମିତିରେ ଲୋକସମ୍ପର୍କ ବୃଦ୍ଧି ପାଇବ।

**ତୁଳା** - ଆଜି ଶୁକ୍ରଙ୍କ ପ୍ରଭାବରୁ ଶାରୀରିକ ଓ ମାନସିକ ସ୍ଥିତି ଭଲ ରହିବ। ସନ୍ତାନଙ୍କ ଉନ୍ନତି, ଶିକ୍ଷା, ଆନୁଷ୍ଠାନିକ ଆଲୋଚନା ପ୍ରଭୃତିରେ ସଫଳତା ପାଇବେ। ସାହିତ୍ୟସଭା, ଆନୁଷ୍ଠାନିକ କାମ, ରାଜନୈତିକ ସଙ୍ଗଠନ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ। ପ୍ରଶାସନ, ଅନୁସନ୍ଧାନ, କୃଷି, ବାଣିଜ୍ୟରେ ଚେଷ୍ଟା ସଫଳ ହେବ।

**ବିଛା** - କର୍ମ ସ୍ଥାନରେ ଭାଗ୍ୟାଧିପ ଅବସ୍ଥାନ କରି ଅଭିଳାଷ ପୂରଣ କରିବାରେ ତତ୍ପରତା ପ୍ରକାଶ କରିବେ। ଶିଳ୍ପ, ବାଣିଜ୍ୟରେ ମାଲ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଅଫିସ୍‌ରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ ; କିନ୍ତୁ ସମୟାନ୍ତରେ ସମାଧାନ ହୋଇଯିବ। ପାରିବାରିକ ଜୀବନ ଉତ୍ତମ ବୁଝାମଣାଜନିତ ସୁଖ ସନ୍ତୋଷ ପାଇପାରିବେ।

**ଧନୁ** - ରାଶିରେ ଚତୁଃଗ୍ରହ ଯୋଗ ହେତୁ ପ୍ରତ୍ୟେକ କାର୍ଯ୍ୟରେ ସଫଳ ହେବେ। ଯାହା ଭାବୁଛନ୍ତି ଶୀଘ୍ର କରିବା ଭଲ ହେବ, ନଚେତ୍ ପରକ୍ଷଣରେ ପରିସ୍ଥିତି ବଦଳି ଯାଇପାରେ। ବନ୍ଧୁଙ୍କ ଆଗରେ ମନର ଭାବକୁ ପ୍ରକାଶ କରିବାରେ ପଛେଇଗଲେ ପରେ ପସ୍ତେଇବେ। ଶିଳ୍ପ, ବାଣିଜ୍ୟ, ରାଜନୀତି, ପରିବହନ ଓ ଆଇନ କ୍ଷେତ୍ରରୁ ଉଚ୍ଚ ଫଳ ପାଇବେ।

**ମକର** - ରାଶିରେ ଶୁକ୍ର ରହିଥିବାରୁ ଭୋଗବିଳାସ ପ୍ରତି ଆକର୍ଷିତ ହେବେ। ନିଜର ବୁଦ୍ଧି ଖଟାଇ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାରେ ସମର୍ଥ ହୋଇପାରନ୍ତି। ଆଜି ବ୍ୟବସାୟୀମାନେ ଭଲ ବ୍ୟବସାୟ ହେବା କାରଣରୁ ଖୁସି ରହିବେ। ହିତୈଷୀମାନଙ୍କ ପରାମର୍ଶରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**କୁମ୍ଭ** - ବୁଧ ପ୍ରଭାବରେ କର୍ମକ୍ଷେତ୍ରର ବିବଦମାନ ସ୍ଥିତି ସମାଧାନ ଦିଗକୁ ଗତି କରିବ। ନିର୍ମାଣାଧୀନ କାର୍ଯ୍ୟ ସକାଶେ ଅର୍ଥ ଅପରିହାର୍ଯ୍ୟ ହୋଇପାରେ। ସକାଳୁ ସକାଳୁ ମାଙ୍ଗଳିକ କାମ କିମ୍ବା ଧର୍ମାନୁଷ୍ଠାନ ଦିଗ ସକାଶେ ଖିଆପିଆ ଛାଡି ବୁଲିବେ। ପରିସ୍ଥିତିକୁ ଆଖି ଆଗରେ ରଖି ଉପସ୍ଥିତ ବୁଦ୍ଧି ପ୍ରୟୋଗ କରିପାରିଲେ କାର୍ଯ୍ୟ ସାଧନ କରିପାରିବେ।

**ମୀନ** - ଆଜିର ଗ୍ରହସ୍ଥିତିରୁ ମନ ଭୁଲାଣିଆ କଥାରେ ଶତ୍ରୁମାନେ ମଧ୍ୟ ମିତ୍ର ପାଲଟିଯିବେ। କିନ୍ତୁ ଭାବପ୍ରବଣବଶତଃ ନିଜର ଅସାବଧାନତା କିମ୍ବା ସତର୍କତା ଅଭାବରୁ ଧନ ହାନି ଘଟିପାରେ। ପରିବାରରେ, ପରିବହନରେ, ଗୃହ ନିର୍ମାଣରେ, ସଭା ସମିତିରେ ସ୍ଥିରତା ଫେରିବ। ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି।

ଆଜି ଡିସେମ୍ବର ୨୧ ତାରିଖ, ପୌଷ ଶୁକ୍ଳ ପ୍ରତିପଦାଯୁକ୍ତ ଦ୍ୱିତୀୟା ରବିବାର, ରାଶିନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୦୩ ଗତେ ଘ.୦୯।୧୩ ମଧ୍ୟେ, ଘ.୦୧।୦୫ ଗତେ ଘ.୦୨।୫୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୪୭ ଗତେ ଘ.୦୫।୦୮ ମଧ୍ୟେ ରାହୁ କାଳ।।




# ରାଜଧାନୀରେ ନାବାଳିକାଙ୍କୁ ଗଣବଳାତ୍କାର

- ଚାକିରି ଦେବାକୁ କହି ଡାକିଥିଲେ ଅଭିଯୁକ୍ତ
- ପୁରୁଷବନ୍ଧୁ ସାଥିରେ ଆଣି ଛାଡ଼ିଥିଲେ
- ୨ ଅଭିଯୁକ୍ତଙ୍କୁ ଗିରଫ କଲା ପୋଲିସ

ଭୁବନେଶ୍ୱର,୨୦।୧୨(ତ୍ରିନାଥ ମହାନ୍ତି)

ଧଉଳିରେ ନାବାଳିକାଙ୍କୁ ଗଣବଳାତ୍କାର ଘଟଣା ମନରୁ ଲିଭି ନ ଥିବାବେଳେ ପୁଣି ଶହୀଦନଗର ଥାନା ଅଞ୍ଚଳରେ ଆଉ ଜଣେ ୧୭ ବର୍ଷର ନାବାଳିକା ଗଣବଳାତ୍କାରର ଶିକାର ହୋଇଛନ୍ତି। ନାବାଳିକାଙ୍କୁ ଡାଟା ଏଣ୍ଟ୍ରି ଚାକିରି କରାଇଦେବାକୁ କହି ୨ଯୁବକ ୟୁନିଟ-୯ରେ ଥିବା ଭଡ଼ାଘରକୁ ଡାକିଥିଲେ। ସେଠାରେ ନାବାଳିକାଙ୍କୁ ତାଙ୍କ ପୁରୁଷ ବନ୍ଧୁ ଛାଡ଼ିବା ପରେ ତାଙ୍କ ମୋବାଇଲ୍ ନେଇ ପଳାଇଥିଲେ। ସେଠାରେ ଦୁଇଜଣ ଅଭିଯୁକ୍ତ ନାବାଳିକାଙ୍କୁ ଗଣବଳାତ୍କାର କରିଥିବା ନାବାଳିକା ଶହୀଦନଗର ଥାନାରେ ଶୁକ୍ରବାର ସକାଳ ୯ଟାରେ ଅଭିଯୋଗ କରିଥିଲେ। ନାବାଳିକାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ଗଣ ବଳାତ୍କାର ଏବଂ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ଏକ ଟିମ୍ ଗଠନ କରିଥିଲା। ଏହି ଟିମ୍ ଶହୀଦନଗର ଥାନା ଅଞ୍ଚଳରେ ଶନିବାର ଚଢାଉ କରି ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତହେଲେ ମୁକୁନ୍ଦପ୍ରସାଦର ସାହିଲ ଖାନ୍ ଏବଂ ଖୋର୍ଦ୍ଧା ସାରୁଅର ଅକ୍ଷୟ ରାଉତ। ଦୁଇ ଅଭିଯୁକ୍ତ ୟୁନିଟ-୯ରେ ଘର ଭଡ଼ା ନେଇ ପ୍ରତିଯୋଗିତାମୂଳକ କମ୍ପିଟେଟିଭ୍ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ। ଏହି ମାମଲାରେ ଫେରାର ଥିବା ନାବାଳିକାଙ୍କ ପୁରୁଷ ବନ୍ଧୁଙ୍କୁ ଧରିବାକୁ ପୋଲିସ ଚଢାଉ ଜୋରଦାର କରିଛି। ଏଥିସହ ଭଡ଼ା ଘରେ ସାଇଣ୍ଟିଫିକ୍ ଟିମ୍ ଯାଇ ଏକାଧିକ ନମୁନା ସଂଗ୍ରହ କରିଛି।

ପୋଲିସ ସୂଚନାନୁସାରେ, ଗତ୧୮ ତାରିଖରେ ନାବାଳିକାଙ୍କୁ ତାଙ୍କ ପୁରୁଷ ବନ୍ଧୁ ଡାଟା ଏଣ୍ଟ୍ରି ଚାକିରି କରିବା ପାଇଁ କହି ଡାକିଥିଲେ। ସେହିଦିନ ନାବାଳିକାଙ୍କୁ ତାଙ୍କ ପୁରୁଷବନ୍ଧୁ ସାଥିରେ ଧରି ଦୁଇ ଅଭିଯୁକ୍ତ ରହୁଥିବା ଭଡ଼ା ଘରେ ପହଞ୍ଚିଥିଲେ। ସେଠାରେ ନାବାଳିକାଙ୍କୁ ଅପେକ୍ଷା କର ସନ୍ଧ୍ୟାରେ ଇଣ୍ଟରଭ୍ୟୁ ପାଇଁ ଯିବ ବୋଲି କହି ଛାଡ଼ିଥିଲେ। ଏପରିକି ନାବାଳିକାଙ୍କ ଫୋନ୍ ମଧ୍ୟ ସେ ନେଇ ପଳାଇଥିଲେ। ଘର ଭିତରେ ଦୁଇ ଅଭିଯୁକ୍ତ ନାବାଳିକାଙ୍କୁ ଗଣବଳାତ୍କାର କରିବା ପରେ ମାଡ଼ ମାରିଥିଲେ। ପୋଲିସରେ ଅଭିଯୋଗ କଲେ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ନାବାଳିକା ତାଙ୍କ କଥାରେ ରାଜି ହୋଇ ଜୀବନ ବଞ୍ଚାଇ ବାହାରକୁ ଆସି ଘରକୁ ପଳାଇଥିଲେ। ୧୯ ତାରିଖ ସକାଳେ ଥାନାକୁ ଆସି ଅଭିଯୁକ୍ତଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ।

# ଅଣ୍ଡା ସୁରକ୍ଷିତ, କର୍କଟ ଭୟ ନାହିଁ: ଏଫ୍‌ଏସ୍‌ଏସ୍‌ଏଆଇ

ନୂଆଦିଲ୍ଲୀ, ୨୦।୧୨



ଭାରତୀୟ ବଜାରରେ ମିଳୁଥିବା ଅଣ୍ଡା ସ୍ୱାସ୍ଥ୍ୟପ୍ରଦ ; ଏହାକୁ ନିର୍ଭୟରେ ଖାଇହେବ। ଅଣ୍ଡା ଖାଇବା ଦ୍ୱାରା କର୍କଟ ହେବାର ଦାବି ସମ୍ପୂର୍ଣ୍ଣ ଭ୍ରାନ୍ତ ଓ ଏହାର କୌଣସି ବୈଜ୍ଞାନିକ ଆଧାର ନାହିଁ ବୋଲି ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ (ଏଫ୍‌ଏସ୍‌ଏସ୍‌ଏଆଇ) ପକ୍ଷରୁ ଶନିବାର ସ୍ପଷ୍ଟ କରାଯାଇଛି। କିଛିଦିନ ଧରି ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା କେତେକ ସୂଚନାଭିତ୍ତିକ ଭିଡିଓ ଏବଂ ଗଣମାଧ୍ୟମ ରିପୋର୍ଟକୁ ଆଧାର କରି ଏଫ୍‌ଏସ୍‌ଏସ୍‌ଏଆଇ ଏହି ସ୍ପଷ୍ଟୀକରଣ ଦେଇଛି। ଉକ୍ତ ଭିଡିଓ ଏବଂ ରିପୋର୍ଟରେ ଦର୍ଶାଯାଇଥିଲା ଯେ, ବଜାରରେ ବିକ୍ରି ହେଉଥିବା ଅଣ୍ଡା, ବିଶେଷକରି କିଛି ନିର୍ଦ୍ଦିଷ୍ଟ ବ୍ରାଣ୍ଡ (ଯେପରିକି 'ଏଗୋଜ୍')ର ଅଣ୍ଡାରେ କର୍କଟ ସୃଷ୍ଟିକାରୀ ନିଷିଦ୍ଧ ଆଣ୍ଟିବାୟୋଟିକ କେମିକାଲ୍ 'ନାଇଟ୍ରୋଫୁରାନ୍ ମେଟାବୋଲାଇଟ୍ସ (AOZ) ରହିଛି। ଏପରି କି ଏକ ନିର୍ଦ୍ଦିଷ୍ଟ ବ୍ରାଣ୍ଡର ଗୋଟିଏ ବ୍ୟାଚ୍ ଅଣ୍ଡା ନମୁନାର ଲାବରେଟୋରି ଯାଞ୍ଚରେ କର୍କଟ ରୋଗକାରକ ନାଇଟ୍ରୋଫୁରାନ୍ ଏବଂ ନାଇଟ୍ରୋଇମିଡାଜୋଲ୍ ରହିଥିବା ସୋସିଆଲ ମିଡିଆ ରିପୋର୍ଟରେ ଦାବି କରାଯାଇଥିଲା। ଏହାପରେ ଆଣ୍ଟିବାୟୋଟିକମୁକ୍ତ ଭାବେ ନିଜକୁ ଦର୍ଶାଉଥିବା ପ୍ରିମିୟମ୍ ଏଗ୍ ବ୍ରାଣ୍ଡ 'ଏଗୋଜ୍' ଏଫ୍‌ଏସ୍‌ଏସ୍‌ଏଆଇର ଯାଞ୍ଚ ପରିସରକୁ ଆସିଥିଲା। ଲୋକଙ୍କ ମନରୁ ଭୟ ଦୂର କରିବା ପାଇଁ ଏଫ୍‌ଏସ୍‌ଏସ୍‌ଏଆଇ ଦେଶର ବିଭିନ୍ନ ସ୍ଥାନରୁ ବ୍ରାଣ୍ଡେଡ୍ ଓ ନନ୍ ବ୍ରାଣ୍ଡେଡ୍ ଅଣ୍ଡା ନମୁନା ସଂଗ୍ରହ କରି ୧୦ଟି ପ୍ରମୁଖ ଜାତୀୟ ଲାବ୍‌ରେ ପରୀକ୍ଷା କରିବା ନିମନ୍ତେ ଏକ ସ୍ୱତନ୍ତ୍ର ଅଭିଯାନ କରିଥିଲା। ଏଫ୍‌ଏସ୍‌ଏସ୍‌ଏଆଇ ସ୍ପଷ୍ଟ କରିଛି ଯେ, ଦେଶରେ କୁକୁଡ଼ା ପାଳନରେ ଉପରୋକ୍ତ ଆଣ୍ଟିବାୟୋଟିକ ବ୍ୟବହାର ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ରହିଛି। ସୋସିଆଲ ମିଡିଆରେ ଭୟଭୀତ କଲାଭଳି ପ୍ରସାର ହେଉଥିବା ଖବର ଅମୂଳକ। ଯଦି କୌଣସି ନିର୍ଦ୍ଦିଷ୍ଟ ବ୍ରାଣ୍ଡର ଅଣ୍ଡାରେ ସମସ୍ୟା ଦେଖାଯାଏ, ତେବେ କେବଳ ଏକ ନିର୍ଦ୍ଦିଷ୍ଟ ବ୍ୟାଚ୍ ଏବଂ ତାହା ଖାଦ୍ୟ ପ୍ରଦୂଷଣ ଯୋଗୁ ହୋଇଥାଇପାରେ। ଏଫ୍‌ଏସ୍‌ଏସ୍‌ଏଆଇ ଅଣ୍ଡାକୁ ଏକ ସମ୍ପୂର୍ଣ୍ଣ ଏବଂ ସୁରକ୍ଷିତ ପ୍ରୋଟିନଯୁକ୍ତ ଖାଦ୍ୟ ଭାବେ ଗ୍ରହଣ କରିଛି। ତେଣୁ ଜନସାଧାରଣ ବିନା କୌଣସି ଦ୍ୱିଧାରେ ଅଣ୍ଡା ଖାଇପାରିବେ ବୋଲି ପ୍ରାଧିକରଣ କହିଛି।

# ୧୮ ମାଓବାଦୀଙ୍କ ନାଁରେ ୮.୪ କୋଟି ପୁରସ୍କାର

**୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଦେଶରୁ ମାଓବାଦୀ ମୂଳୋତ୍ପାଟନ କରିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ଏହି କ୍ରମରେ ବୌଦ୍ଧ ଜିଲାରେ ମାଓବାଦୀଙ୍କୁ ଦମନ କରିବା ପାଇଁ ଓଡ଼ିଶା ପୋଲିସ ପ୍ରୟାସ ଆରମ୍ଭ କରିଛି। ମାଓବାଦୀ ସଙ୍ଗଠନର ଟପ୍ ନେତାଙ୍କ ସମେତ ୧୮ଜଣଙ୍କୁ ଧରାଇଦେଲେ ୮କୋଟି ୪୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି କୁହାଯାଇଛି। ଏନେଇ ଶନିବାର ଜିଲାର କନ୍ଧମାଳ ବ୍ଲକର ମାଓବାଦୀ ପ୍ରଭାବିତ ବିଭିନ୍ନ ଅଞ୍ଚଳରେ ପୋଲିସ ପକ୍ଷରୁ ପୋଷ୍ଟର ମାଧ୍ୟମରେ ସୂଚିତ କରାଯାଇଛି।**

ବୌଦ୍ଧ,୨୦।୧୨(ଅଜିତ କୁମାର ବାରିକ)

କେକେବିଏନ୍ ମାଓବାଦୀ ସଙ୍ଗଠନ ବୌଦ୍ଧ ଜିଲାରେ ନିଜର ସ୍ଥିତି ଜାହିର କରିଆସୁଛି। ଜିଲାର କନ୍ଧମାଳ ବ୍ଲକ ଅଞ୍ଚଳରେ ବିଭିନ୍ନ ସମୟରେ ସେମାନଙ୍କ ଗତିବିଧି ଦେଖିବାକୁ ମିଳୁଛି। ମାଓବାଦୀଙ୍କୁ ଦମନ କରିବାକୁ ପୋଲିସ ପକ୍ଷରୁ ବିଭିନ୍ନ ଉପାୟ ଅବଲମ୍ବନ କରାଯାଉଛି। ଏହି କ୍ରମରେ ମାଓବାଦୀ ସଙ୍ଗଠନର ଟପ୍ ନେତା ତଥା ବିଭିନ୍ନ କମିଟିର ସଦସ୍ୟ ଥିବା ୧୮ ମାଓବାଦୀଙ୍କୁ ଧରାଇଦେଲେ ୮ କୋଟି ୪୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି କନ୍ଧମାଳ ଅଞ୍ଚଳରେ ପୋଷ୍ଟର ମାଧ୍ୟମରେ ସ୍ଥାନୀୟ ଲୋକମାନଙ୍କୁ ସୂଚନା ଦିଆଯାଇଛି। ଶନିବାର ଜିଲା ପୋଲିସ ପକ୍ଷରୁ ଘଣ୍ଟାପଡ଼ା ଥାନା ଅଧୀନ ଉମା, ସମାଡାଙ୍କି ଲଣ୍ଡନପଡା, ମାତାକୁପା ଓ କନ୍ଧମାଳ ଥାନା ଅଧୀନ ଲମ୍ବସରୀ ଓ ନାରାୟଣପ୍ରସାଦ ଆଦି ଗ୍ରାମର ବିଭିନ୍ନ ସ୍ଥାନରେ ଏଭଳି ପୋଷ୍ଟର ଲଗାଯାଇଛି।

**ମାଓବାଦୀ ଅଞ୍ଚଳରେ ପୋଲିସ ଲଗାଇଲା ପୋଷ୍ଟର**



ପୋଲିସ ପକ୍ଷରୁ ସମାଡାଙ୍କି ଗ୍ରାମରେ ପୋଷ୍ଟର ଲଗାଯାଇଛି।

ହାର୍ଡକୋର ମାଓବାଦୀଙ୍କୁ ଧରାନ୍ତୁ, ପୁରସ୍କାର ପାଆନ୍ତୁ। ଯେଉଁ ବ୍ୟକ୍ତି ମାଓବାଦୀଙ୍କୁ ଧରାଇଦେବେ ତାଙ୍କୁ ପୁରସ୍କାର ରାଶି ପ୍ରଦାନ କରାଯିବା ସହ ସୂଚନା ପ୍ରଦାନକାରୀଙ୍କ ନାମ ଗୋପନ ରଖାଯିବ। ଏଥିସହ ମାଓବାଦୀମାନେ ଆତ୍ମସମର୍ପଣ କଲେ ସେମାନଙ୍କୁ ମଧ୍ୟ ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ପୋଷ୍ଟରରେ ଉଲ୍ଲେଖ ରହିଛି।

ଉଲ୍ଲେଖନୀୟ, ୧୭।୧୦।୨୦୨୫ରେ ମଧ୍ୟ ପୋଲିସ ପକ୍ଷରୁ ବୌଦ୍ଧ, କନ୍ଧମାଳ, ମନମୁଣ୍ଡା ଥାନା ଅଞ୍ଚଳର ସିଗାଡ଼ି, ଶଗଡ଼ା, ତିଲପଙ୍ଗା, ଭଡ଼ାମୁଣ୍ଡା, ମାତାଗାଡୁ, ଖଣ୍ଡିକନପା, ଲୁହାରପଡ଼ା, ନଳିକୁମ୍ଭା, ନାରାୟଣ ପ୍ରସାଦ, ନୁରୁ, ଲାଦେନ ଆଦି ଗ୍ରାମର ବିଭିନ୍ନ ସ୍ଥାନରେ ପୋଷ୍ଟର ଲଗାଯାଇଥିଲା। ଏଥିରେ କେକେବିଏନ୍ ସଙ୍ଗଠନର ୧୦ ମାଓବାଦୀଙ୍କୁ ଧରାଇଦେଲେ ଲକ୍ଷ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଉଲ୍ଲେଖ ରହିଥିଲା।

# ପିୟୁସିସି ନ ଥିଲେ ପେଟ୍ରୋଲ ପମ୍ପରେ ତେଲ ମିଳିବନି

**ଦିଲ୍ଲୀ ଭଳି ଭୁବନେଶ୍ୱର ଏବଂ ରାଜ୍ୟର ବିଭିନ୍ନ ସହରରେ ବାୟୁ ପ୍ରଦୂଷଣ ମାତ୍ର ଦିନକୁ ଦିନ ବଢ଼ିବାରେ ଲାଗିଛି। ପ୍ରତିଦିନ ହଜାର ହଜାର ଗାଡ଼ି ପଞ୍ଜୀକରଣ ହେଉଥିବାରୁ ଏହାର ଧୂଆଁ ପରିବେଶକୁ ନଷ୍ଟ କରୁଛି। ଏପରି କି ଅନେକ ଗାଡିର ଫିଟ୍‌ନେସ୍ ନ ଥିବାରୁ ସେଥିରୁ ଅଧିକ ମାତ୍ରାରେ ଧୂଆଁ ବାହାରୁଛି। ଯେଉଁଥିପାଇଁ ବାୟୁ ପ୍ରଦୂଷଣ ବଢୁଛି। ଏହାକୁ ରୋକିବାକୁ ରାଜ୍ୟ ପରିବହନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଯେଉଁ ମୋଟର ଯାନର ବୈଧ ପ୍ରଦୂଷଣ ପ୍ରମାଣ ପତ୍ର(ପିୟୁସିସି) ନ ଥିବ, ସେହି ଗାଡ଼ିଗୁଡ଼ିକୁ ପେଟ୍ରୋଲ ନ ଦେବା ପାଇଁ ରାଜ୍ୟ ପରିବହନ ପ୍ରାଧିକରଣ ସଂସ୍ଥା(ଏସ୍‌ଟିଏ) ପକ୍ଷରୁ ସମସ୍ତ ତୈଳ ବିକ୍ରୟ କମ୍ପାନୀକୁ ଚିଠି ଲେଖାଯାଇଛି।**

ଭୁବନେଶ୍ୱର/କଟକ,୨୦।୧୨ (ତ୍ରିନାଥ ମହାନ୍ତି/କାର୍ତ୍ତିକ ସାହୁ)

ବାୟୁ ପ୍ରଦୂଷଣକୁ ଦୃଷ୍ଟିରେ ରଖି ପରିବହନ କ୍ଷେତ୍ରରେ ପରିବେଶ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଉଛି। ମୋଟର ଯାନ ନିୟମ ଉଲ୍ଲଙ୍ଘନ କରି ପ୍ରଦୂଷଣ ସୃଷ୍ଟି କରୁଥିବା ଯାନ ଉପରେ ଅଙ୍କୁଶ ଲଗାଇବାକୁ ବାଣିଜ୍ୟ ଓ ପରିବହନ ବିଭାଗ ପଦକ୍ଷେପ ଗ୍ରହଣ କରିଛି। ବିଭାଗୀୟ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶ ଏବଂ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏ ଦିଗରେ ଉଦ୍ୟମ ଆରମ୍ଭ ହୋଇଛି। ଏ ସଂକ୍ରାନ୍ତରେ ତୈଳ ବିକ୍ରୟକାରୀ କମ୍ପାନୀଙ୍କୁ ଚିଠି ଲେଖାଯାଇଛି। ଯେଉଁ ମୋଟର

**ତୈଳ ବିକ୍ରୟକାରୀ କମ୍ପାନୀଙ୍କୁ ଚିଠି ଲେଖିଲା ଏସ୍‌ଟିଏ**

ଯାନର ବୈଧ ପ୍ରଦୂଷଣ ପ୍ରମାଣପତ୍ର ନ ଥିବ, ସେଗୁଡ଼ିକୁ କୌଣସି ପେଟ୍ରୋଲ ପମ୍ପରେ ତେଲ ନ ଦେବାକୁ ଚିଠିରେ ଉଲ୍ଲେଖ କରାଯାଇଛି। ଏହାଦ୍ୱାରା ଓଡ଼ିଶାର ବିଭିନ୍ନ ଜିଲାରେ ବାୟୁ ଗୁଣବତ୍ତାମାନକୁ ଉନ୍ନତ ରଖାଯିବ ସହ ପରିବହନ ଯୋଗୁ ହେଉଥିବା ପ୍ରଦୂଷଣକୁ କମ୍ କରାଯାଇପାରିବ ବୋଲି ଆଶା କରାଯାଇଛି। ମୋଟର ଯାନ ଆଇନ ଅନୁଯାୟୀ ବୈଧ ପ୍ରଦୂଷଣ ପ୍ରମାଣପତ୍ର ରଖିବା ବାଧ୍ୟତାମୂଳକ ଏଥିପାଇଁ ଗାଡ଼ିଗୁଡ଼ିକୁ ନିୟମିତ ବ୍ୟବଧାନରେ ପଞ୍ଜୀକୃତ ପ୍ରଦୂଷଣ ପରୀକ୍ଷା କେନ୍ଦ୍ରରେ ଯାଞ୍ଚ କରାଇବାକୁ ହୋଇଥାଏ। ସେହିଭଳି ବୈଧ ପ୍ରଦୂଷଣ ପ୍ରମାଣପତ୍ର ନ ଥିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନର ମଧ୍ୟ ବ୍ୟବସ୍ଥା ରହିଛି। ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚକୁ ଗୁରୁତ୍ୱ ଦେଇ ସମସ୍ତ ଟୋଲ୍‌ଗେଟରେ ଇ-ଡିଟେକ୍ସନ ବ୍ୟବସ୍ଥାରେ ମଧ୍ୟ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି। ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ମୋଟର ଯାନ ବ୍ୟବହାରକାରୀଙ୍କୁ ନିବେଦନ କରାଯାଇଛି ଯେ, ସର୍ବଦା ଗାଡ଼ିର ବୈଧ ପ୍ରଦୂଷଣ ପ୍ରମାଣପତ୍ର ରଖନ୍ତୁ। ପ୍ରଦୂଷଣ ସୃଷ୍ଟି କରୁଥିବା ଯାନକୁ ବ୍ୟବହାର କରନ୍ତୁ ନାହିଁ। ପରିବେଶ ସୁରକ୍ଷାରେ ସହଭାଗୀ ହୁଅନ୍ତୁ ବୋଲି ପରିବହନ ବିଭାଗ ଜନସାଧାରଣଙ୍କୁ ସହଯୋଗ କରିବାକୁ ନିବେଦନ କରିଛି।

# ୪୦ ପରେ ୩ ନେତାଙ୍କୁ ନେଇ ଚର୍ଚ୍ଚା

ଭୁବନେଶ୍ୱର,୨୦।୧୨(ସୁନିତ୍ ମିଶ୍ର)

ବିଜେଡିର ପ୍ରାୟ ୪୦ ଜଣ ପୂର୍ବତନ ବିଧାୟକ ଏବଂ ୨୦୨୪ରେ ବିଧାୟକ ପ୍ରାର୍ଥୀ ହୋଇଥିବା ନେତା ଭୁବନେଶ୍ୱର ଉପକଣ୍ଠରେ ଶୁକ୍ରବାର ଏକ ଭୋଜି କରିଥିଲେ। ସେହି ଭୋଜିରେ କିନ୍ତୁ କେହି ସେମିତି ନିଜକୁ ବରିଷ୍ଠ ବା ରାଜ୍ୟସ୍ତରୀୟ ନେତା ବୋଲାଉଥିବା ଚେହେରାଙ୍କୁ ଦେଖିବାକୁ ମିଳି ନ ଥିଲା। ଯେଉଁମାନେ ଭୋଜି କରିଥିଲେ ସେମାନଙ୍କ ମଧ୍ୟରେ ଅଧିକାଂଶ ଯୁବ ଚେହେରା ରହିଥିଲେ। ଯାହା ଶୁଣାଗଲା, ଦଳର ଭବିଷ୍ୟତ ଏବଂ ଦଳୀୟ କଥାରେ ମାମଲାତି କରୁଥିବା ନେତାଙ୍କ ବିରୋଧରେ ଏହି ମେଳି ହୋଇଥିଲା। ଏହି କଥାକୁ ଦିନଟେ ପୂରିନାହିଁ, ବାଲେଶ୍ୱର ଜିଲାର ୩ ପୂର୍ବତନ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସ୍ୱରୂପ ଦାସ ଏବଂ ସୁକାନ୍ତ ନାଏକ ଶନିବାର ବରିଷ୍ଠ ବିଧାୟକ ଅରୁଣ କୁମାର ସାହୁଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନକୁ ଆସି ପହଞ୍ଚିଲେ। ହେଲେ ଜିଲାର ୩ ପୂର୍ବତନ ବିଧାୟକ ଅରୁଣଙ୍କ ଘରେ ଏକାସଙ୍ଗେ ପହଞ୍ଚିବାର କାରଣ କ'ଣ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ସେମାନଙ୍କ ମଧ୍ୟରୁ ଜଣେ କହିଥିଲେ, ଉତ୍ତର ଓଡ଼ିଶା ଉତ୍ସବ ଲାଗି ନିମନ୍ତ୍ରଣ ଦେବା ପାଇଁ ଆସିଥିଲେ। ହେଲେ ନିମନ୍ତ୍ରଣ ଆଳକରି ଜିଲାର ଏହି ୩ ନେତା ଅରୁଣଙ୍କ ସହ କାହିଁକି ଆଲୋଚନା କଲେ ତାହା ମଧ୍ୟ ବିଶେଷ ଚର୍ଚ୍ଚାର ବିଷୟ ପାଲଟିଛି। ଏଠାରେ ସୂଚାଇ ଦିଆଯାଇପାରେ, ବିଜେଡିର ଖୋର୍ଦ୍ଧା ଏବଂ ବାଲେଶ୍ୱର ଜିଲା ସଭାପତି ଚୟନ ଏଯାଏ ହେଇପାରି ନାହିଁ। ବାଲେଶ୍ୱର ଜିଲାରେ ସଭାପତି ପଦ ଲାଗି ରବୀନ୍ଦ୍ର ଜେନା ଇଚ୍ଛୁକ ଥିବାବେଳେ ତାଙ୍କୁ କିନ୍ତୁ କେତେଜଣ ବିଧାନସଭା ମଣ୍ଡଳୀ ନେତା ବିରୋଧ କରୁଛନ୍ତି। ଏଥିଲାଗି ଏହା ସମ୍ଭବ ହୋଇପାରୁ ନାହିଁ। ସେପଟେ ଯଦି ଜିଲା ସଭାପତି ପଦ ନ ମିଳେ ତେବେ ରବୀନ୍ଦ୍ର ଦଳ ଛାଡ଼ିଦେବାକୁ କୁଆଡ଼େ ସିଧାସଳଖ ଶୁଣାଇ ଦେଇଥିବା ଅରୁଣଙ୍କ ଘରକୁ ଆସିଥିବା ୩ ନେତାଙ୍କ ମଧ୍ୟରୁ ଜଣେ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ସେ ଆହୁରି କହିଛନ୍ତି, ଯାହା ନିଷ୍ପତ୍ତି କରିବା କଥା ଦଳ ସମୟରେ ନ କରିବା ଯୋଗୁ ଜିଲା ସଙ୍ଗଠନ ଦିନକୁ ଦିନ ଖରାପ ସ୍ଥିତିକୁ ଯାଉଛି। ଦଳର ଏଭଳି କାର୍ଯ୍ୟକ୍ରମ ଉପରେ କର୍ମୀମାନେ ସନ୍ତୁଷ୍ଟ ନାହାନ୍ତି ବୋଲି ସେ କହିଛନ୍ତି। ତେବେ ଅରୁଣ କିଛିଦିନ ହେବ ଦଳରେ ପାଣ୍ଡିଆନଙ୍କ ମାମଲତିକୁ ବିରୋଧ କରୁଥିବା ନେଇ ଶୁଣାଯାଉଥିବା ବେଳେ ବାଲେଶ୍ୱର ନେତାମାନେ ସମାନ କଥା ଚିନ୍ତାକରି ତାଙ୍କ ଘରକୁ ଆସିଥାଇପାରନ୍ତି ବୋଲି ଚର୍ଚ୍ଚା ଜୋର୍ ଧରିଛି। ଏହାଦ୍ୱାରା ଜିଲା ସଭାପତି ଚୟନ କଥାରେ ମଧ୍ୟ ଓଲଟା ପ୍ରଭାବ ବିଜେଡି ସଭାପତିଙ୍କ ଉପରେ ପକାଇବାର ଏହା ଏକ ଉପାୟ ହୋଇଥାଇପାରେ ବୋଲି କୁହାଯାଉଛି।

# ଏବେ ବଢ଼ିବନି ରାତି ତାପମାତ୍ରା

**୪.୬ ଡିଗ୍ରୀରେ ଜି. ଉଦୟଗିରି**

ଭୁବନେଶ୍ୱର,୨୦।୧୨ (ବନ୍ଦନା ସେଠୀ)

ସାରା ରାଜ୍ୟରେ ଶୀତ ଲହରି ଜନଜୀବନକୁ ପ୍ରଭାବିତ କରୁଛି। ପାରଦ ତଳମୁହାଁ ରହିଥିବାବେଳେ କେତେକ ଜିଲାରେ ଘନ କୁହୁଡ଼ି ଦେଖିବାକୁ ମିଳୁଛି। ବିଶେଷକରି ସକାଳ ସମୟରେ ପ୍ରବଳ ଥଣ୍ଡା ସାଙ୍ଗକୁ କୁହୁଡି ଯାତାୟାତରେ ବାଧା ସୃଷ୍ଟି କରୁଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ, ଶନିବାର ରାଜ୍ୟର ୮ ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିଲା। ଜି. ଉଦୟଗିରିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୪.୬ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ସେମିଳିଗୁଡା ୫.୧, ଫୁଲବାଣୀ ୫.୮, ଦାରିଙ୍ଗବାଡି ୬, ଚିପିଲିମା ୭.୬, ନବରଙ୍ଗପୁର, ଭବାନୀପାଟଣା ଏବଂ ଅନୁଗୋଳରେ ୯ ଡିଗ୍ରୀ ତାପମାତ୍ରା ରହିଥିଲା। ସେହିପରି ରାଉରକେଲାରେ ଘନ କୁହୁଡି ଏବଂ ଝାରସୁଗୁଡା, ଫୁଲବାଣୀ, ଭବାନୀପାଟଣା ଓ ବାରିପଦାରେ କୁହୁଡି ଦେଖାଦେଇଥିଲା। ତେବେ ଆସନ୍ତା ୬ରୁ ୭ଦିନ ପର୍ଯ୍ୟନ୍ତ ରାତି ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ଆସନ୍ତା ୨ଦିନ ପର୍ଯ୍ୟନ୍ତ ସୁନ୍ଦରଗଡ଼, ଝାରସୁଗୁଡା ଓ କନ୍ଧମାଳ ଜିଲାରେ ଘନ କୁହୁଡି ଦେଖାଦେବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଘନ କୁହୁଡ଼ି ସମୟରେ ଦୃଶ୍ୟମାନ କ୍ଷମତା ୫୦ ମିଟରରୁ ୨୦୦ ମିଟର ମଧ୍ୟରେ ରହିବ ବୋଲି ସୂଚନା ଦିଆଯାଇଛି।

## ଜରୁରୀ ନ ଥିଲେ ଘନ କୁହୁଡ଼ିରେ ଯାଆନ୍ତୁ ନାହିଁ



ବୈଠକରେ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ସହ ଅଧିକାରୀମାନେ।

ଭୁବନେଶ୍ୱର/କଟକ,୨୦।୧୨ (ତ୍ରିନାଥ ମହାନ୍ତି, କାର୍ତ୍ତିକ ସାହୁ)

ପାଣିପାଗ ବିଭାଗର କୁହୁଡ଼ି ସତର୍କତାକୁ ଦୃଷ୍ଟିରେ ରଖି ରାଜ୍ୟର ୬ ଜିଲାର ଆର୍‌ଟିଓଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ୬ ଜିଲା ସୁନ୍ଦରଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କୋରାପୁଟ ଏବଂ ସମ୍ବଲପୁର ଆରଟିଓଙ୍କୁ ଦୁର୍ଘଟଣା ରୋକିବାକୁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶରେ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ମାର୍ଗଦର୍ଶିକା ମଧ୍ୟ ଜାରି କରାଯାଇଛି। ଏନେଇ ଆରଟିଓମାନଙ୍କ ସହ ଏକ ଭର୍ଚ୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଥିଲା। ତେବେ ମାର୍ଗଦର୍ଶିକାରେ ସଚେତନତା ଓ ଏନ୍‌ଫୋର୍ସମେଣ୍ଟକୁ

**୬ ଜିଲାରେ ହେବ ସଚେତନତା**

ଗୁରୁତ୍ୱ ଦିଆଯାଇଥିବାବେଳେ ସୁରକ୍ଷିତ ଯାତ୍ରାକୁ ସୁନିଶ୍ଚିତ କରିବା ଓ କୁହୁଡ଼ିଜନିତ ଦୁର୍ଘଟଣା ରୋକିବାକୁ କୁହାଯାଇଛି। ଦୃଶ୍ୟମାନତା ଅନୁସାରେ ଧୀର ଗତିରେ ଗାଡ଼ି ଚାଳନା, ଲୋ-ବିମ୍ ହେଡ୍‌ଲାଇଟ ବ୍ୟବହାର କରିବା, ସାମ୍ନାରେ ଥିବା ଗାଡ଼ିଠୁ ନିରାପଦ ଦୂରତା ବଜାୟ ରଖିବା, ପାର୍କିଂ ଲାଇଟ୍ ଏବଂ ଟେଲ ଲାଇଟ ଠିକ ଭାବେ ଚାଲୁ ରଖିବା, ଘାଟି ତଥା ମୋଡ଼ରେ ସାବଧାନତା ସହ ଆଗକୁ ବଢ଼ିବା, ଦୃଶ୍ୟମାନତା କମ୍ ହେଲେ ଗାଡ଼ି ନ ଚଳାଇ ସୁରକ୍ଷିତ ସ୍ଥାନରେ ପାର୍କିଂ କରିବାକୁ ସଚେତନତା ସୃଷ୍ଟି ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ମାର୍ଗଦର୍ଶିକାରେ ଚାଳକମାନଙ୍କୁ ମଧ୍ୟ କେତେକ ପରାମର୍ଶ ଦିଆଯାଇଛି। ହାଇ ବିମ୍ ବ୍ୟବହାର କରନ୍ତୁ ନାହିଁ, କୁହୁଡ଼ିରେ ଓଭରଟେକ କରନ୍ତୁ ନାହିଁ, ହଠାତ ବ୍ରେକ ମାରନ୍ତୁ ନାହିଁ, ମଦ୍ୟପାନ କିମ୍ବା କ୍ଳାନ୍ତ ଅବସ୍ଥାରେ ଗାଡ଼ି ଚାଳନା କରନ୍ତୁ ନାହିଁ। ରାସ୍ତା ମଝିରେ ଯାନ ରଖନ୍ତୁ ନାହିଁ ବୋଲି ଉଲ୍ଲେଖ ରହିଛି। ବାଣିଜ୍ୟକ ଯାନରେ ହେଡ୍ ଲାଇଟ, ବ୍ରେକ ଲାଇଟ୍ ଓ ରିଫ୍ଲେକ୍ଟର ବ୍ୟବହାର କରନ୍ତୁ। ଭୋର୍ ସମୟରେ ଅନାବଶ୍ୟକ ଯାତ୍ରା ଏଡ଼ାନ୍ତୁ, ଅଭିଜ୍ଞ ଚାଳକଙ୍କୁ ନିଯୁକ୍ତ କରନ୍ତୁ। ଘନ କୁହୁଡିରେ ନିହାତି ଦରକାର ନ ଥିଲେ ଯାତ୍ରା କରନ୍ତୁ ନାହିଁ। ନିର୍ଦ୍ଦେଶର ଠିକ୍ କାର୍ଯ୍ୟାନ୍ୱୟନ ପାଇଁ ରାଜ୍ୟ ପରିବହନ ପ୍ରାଧିକରଣର ବରିଷ୍ଠ ଅଧିକାରୀ, ଉପ ପରିବହନ ଆୟୁକ୍ତ ଏବଂ ଆରଟିଓମାନେ ଚଢ଼ାଉ ଓ ଯାଞ୍ଚ କରିବାକୁ ମାର୍ଗଦର୍ଶିକାରେ ଉଲ୍ଲେଖ ରହିଛି।



ଯେଉଁ ଲୋକ ତୁମ ଉପରେ ରାଗୁଛି ବା ତୁମକୁ ଅପମାନ କରୁଛି–ତୁମର ଆଗ ବୁଝିବା ଉଚିତ ଯେ, ସେ ଗୋଟିଏ ଦୁର୍ବଳ ଲୋକ। ଏଣୁ ସେ ଏତେ ରାଗୁଛି। କିନ୍ତୁ ତୁମେ ଯଦି ତା'ର ଏହି ରାଗ ଓ ହିଂସାର ପ୍ରତ୍ୟୁତ୍ତର ଦିଅ ବା ପ୍ରତିକ୍ରିୟା ଦେଖାଅ– ତେବେ ଏ କଥା ନିଶ୍ଚୟ ଜାଣିବ ଯେ, ତୁମେ ମଧ୍ୟ ତା' ଭଳି ଏକ ଦୁର୍ବଳ ବ୍ୟକ୍ତି। –ଶ୍ରୀମା



# କେବଳ ବାହାନା



ଆକାର ପଟେଲ

ଡିସେମ୍ବର ୧୭ରେ ୱାୟାନାଡ ସାଂସଦ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ୍ ଆଜୀବିକା ମିଶନ ବିଲ୍, ୨୦୨୫ ଉପରେ ପରାମର୍ଶ ଓ ପରିବର୍ତ୍ତନ ପାଇଁ ଷ୍ଟାଣ୍ଡିଂ କମିଟିକୁ ପଠାଇବା ଲାଗି ଲୋକ ସଭାରେ ଅନୁରୋଧ କରିଥିଲେ। ବିରୋଧୀ ସାଂସଦମାନେ କହିଥିଲେ ବିଲ୍ ସନ୍ଧ୍ୟା ୫ଟାରେ ସଦସ୍ୟଙ୍କ ପୋର୍ଟାଲରେ ଉପଲବ୍ଧ କରାଯାଇଥିଲା ଏବଂ ୫.୪୫ମିନିଟ୍ ସୁଦ୍ଧା ସଂଶୋଧନ ପାଇଁ ମତ ଲୋଡ଼ାଯାଇଥିଲା। ସାଂସଦମାନେ କହିଥିଲେ, ସେମାନଙ୍କୁ ପ୍ରଥମେ ବିଲ୍ ପଢ଼ିବା ଏବଂ ବୁଝିବା ପାଇଁ ଅତି କମ୍‌ରେ ଗୋଟିଏ ଦିନ ସମୟ ଦିଆଯିବା ଉଚିତ। ତେବେ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା ଏବଂ ଡିସେମ୍ବର ୧୮ରେ ବିଲ୍ ଭଏସ୍ ବା ବାଚନିକ ଭୋଟ୍ ଦ୍ୱାରା ଗୃହୀତ ହୋଇଥିଲା। ଏପରି କି ଏମ୍‌ଜିଏନ୍‌ଆର୍‌ଇଜିଏ ଭଳି ସବୁଠୁ ଗୁରୁତ୍ୱପୂର୍ଣ୍ଣ ଆଇନକୁ ଶେଷ କରିଦିଆଯାଇଛି।

ବିଲ୍‌ଗୁଡ଼ିକରେ କ'ଣ ସବୁ ରହିଛି ତାହା ପ୍ରକୃତରେ ନ ବୁଝି ଟ୍ରେଜେରି ବେଞ୍ଚ୍ ଓ ସଂସଦ ବିନା କୌଣସି ପ୍ରକ୍ରିୟାରେ ସେଗୁଡ଼ିକୁ ପାସ୍ କରିଦେବା ପ୍ରକ୍ରିୟା ମୋଦିଙ୍କ ଶାସନରେ ଜାରି ରହିଛି। ଚତୁର୍ଦ୍ଦଶ ଲୋକ ସଭା (୨୦୦୪–୦୯)ରେ ୬୦ ପ୍ରତିଶତ ବିଲ୍ ଯାଞ୍ଚ ପାଇଁ କମିଟିଗୁଡ଼ିକୁ ପଠାଯାଇଥିଲା। ପରବର୍ତ୍ତୀ ଲୋକ ସଭା (୨୦୦୯–୧୪)ରେ, ଏହା ଥିଲା ୭୧ ପ୍ରତିଶତ। ପ୍ରଥମ ମୋଦି ସରକାରରେ ଏହା ୨୫ ପ୍ରତିଶତକୁ ଏବଂ ଦ୍ୱିତୀୟ ପାଳିରେ (୨୦୧୯–୨୦୨୪)ରେ ଏହା ୧୬ ପ୍ରତିଶତକୁ ହ୍ରାସ ପାଇଥିଲା। ମନ୍ତ୍ରଣାଳୟ–ସମ୍ବନ୍ଧୀୟ ସଂସଦୀୟ ସ୍ଥାୟୀ କମିଟିଗୁଡ଼ିକୁ ଯାଞ୍ଚ ଏବଂ ପରୀକ୍ଷା ପାଇଁ ବିଲ୍ ପଠାଇବାର ସଂସଦୀୟ ପରମ୍ପରାକୁ ଏହା ଜାଣିଶୁଣି ଅକାମୀ କରିଦେଇଥିଲା। ୨୦୧୯ରେ ସୂଚନା ଅଧିକାର ଆଇନକୁ କମିଟିକୁ ନ ପଠାଇ ସେଥିରେ ପରିବର୍ତ୍ତନ କରାଯାଇ ନଷ୍ଟ କରାଯାଇଥିଲା। ଫଳରେ ବିଶ୍ୱ ଆର୍‌ଟିଆଇ ସୂଚକାଙ୍କରେ ଭାରତର ସ୍ଥାନ ଦ୍ୱିତୀୟରୁ ଅଷ୍ଟମ ଏବଂ ତା'ପରେ ନବମ ସ୍ଥାନକୁ ଖସି ଆସିଥିଲା। ୨୦୧୯ରେ ତେଲୁଗୁ ଦେଶମ୍ ସାଂସଦମାନେ କଂଗ୍ରେସ, ସମାଜବାଦୀ ପାର୍ଟି, ବହୁଜନ ସମାଜ ପାର୍ଟି ଏବଂ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ସାଂସଦଙ୍କ ସହିତ ମିଶି ବିଲ୍‌ଗୁଡ଼ିକୁ ଯାଞ୍ଚ ନ କରି 'ଶୀଘ୍ର ପାସ୍' କରାଯିବା ଉପରେ ଚିନ୍ତା ପ୍ରକଟ କରିଥିଲେ। ସେମାନେ ଲେଖିଥିଲେ ଯେ, ନିର୍ଦ୍ଦିଷ୍ଟ ବିଷୟ ସହିତ ଜଡ଼ିତ ଗୋଷ୍ଠୀ ଏବଂ ବ୍ୟକ୍ତିମାନଙ୍କୁ ସମ୍ଭାବ୍ୟ ଆଇନ ଉପରେ ମତାମତ ରଖିବାକୁ ଆଇନ ନିର୍ମାତାମାନେ ଆମନ୍ତ୍ରଣ କରୁଥିବା ଧାରା ମଧ୍ୟ ବନ୍ଦ ହୋଇଯାଇଛି। ସେମାନେ ଲେଖିଥିଲେ ଯେ ଜନସାଧାରଣଙ୍କ ପରାମର୍ଶ ଲୋଡ଼ାଯିବା ହେଉଛି ଏକ ଦୀର୍ଘସ୍ଥାୟୀ ପରମ୍ପରା, ଯେଉଁଥିରେ ସଂସଦୀୟ କମିଟିଗୁଡ଼ିକ ବିଲ୍ ଯାଞ୍ଚ କରନ୍ତି, ବିଚାରବିମର୍ଶ କରି ଆଇନର ବିଷୟବସ୍ତୁ ଏବଂ ଗୁଣବତ୍ତା ଉନ୍ନତ କରିବା ପାଇଁ କାର୍ଯ୍ୟ କରନ୍ତି। ହେଲେ ଏହାର କୌଣସି ପ୍ରଭାବ ମୋଦିଙ୍କ ଉପରେ ପଡ଼ି ନ ଥିଲା ଏବଂ ୨୦୨୦ରେ ଯାଞ୍ଚ ପାଇଁ ଗୋଟିଏ ବି ବିଲ୍ କମିଟିକୁ ପଠାଯାଇ ନ ଥିଲା। ୨୦ ସେପ୍ଟେମ୍ବର ୨୦୨୦ରେ, ଲୋକ ସଭା ମଞ୍ଜୁରୀ ଦେଇଥିବା ଅଧ୍ୟାଦେଶଗୁଡ଼ିକୁ ରାଜ୍ୟ ସଭାରେ ହଁ ଏବଂ ନା ଗଣନା କରାଯାଇ ପ୍ରକୃତ ବିଭାଜନ ଭୋଟ୍‌ରେ ପାସ୍ କରା ନ ଯାଇ 'ଭଏସ୍ ଭୋଟ୍' ମାଧ୍ୟମରେ କରାଯାଇଥିଲା। ସେତେବେଳେ ବାହାନା କରାଯାଇଥିଲା ଯେ, ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହ ଗୃହରେ ଅବ୍ୟବସ୍ଥା ଯୋଗୁ ଦ୍ୱନ୍ଦ୍ୱରେ ପଡ଼ିଯାଇଥିଲେ ଏବଂ ଏକ ବିଭାଜନ ଭୋଟ ଦାବି ହୋଇଥିବା ଲକ୍ଷ୍ୟ କରିପାରି ନ ଥିଲେ। ଗୃହ ଚାଲିଥିବା ସମୟରେ ରାଜ୍ୟ ସଭା ଟେଲିଭିଜନ ସିଧା ପ୍ରସାରଣ ବନ୍ଦ କରିଦେଇଥିଲା ଏବଂ ସାଂସଦମାନଙ୍କ ମାଇକ୍ରୋଫୋନ୍ ବନ୍ଦ କରିଦିଆଯାଇଥିଲା। ଏହି ପ୍ରକାରେ ଦୁଇଟି ଆଇନ ଯଥା କୃଷକ ଉତ୍ପାଦ ବ୍ୟବସାୟ ଏବଂ ବାଣିଜ୍ୟ (ପ୍ରୋତ୍ସାହନ ଏବଂ ସୁବିଧା) ଆଇନ, ୨୦୨୦ ଏବଂ କୃଷକ (ସଶକ୍ତୀକରଣ ଓ ସୁରକ୍ଷା) ମୂଲ୍ୟ ନିଶ୍ଚିତତା ଓ କୃଷି ସେବା ଚୁକ୍ତିନାମା ଆଇନ, ୨୦୨୦ କରାଯାଇଛି। ପ୍ରଥମ ଆଇନ ସରକାରୀ କୃଷି ବଜାର ବା ମଣ୍ଡିଗୁଡ଼ିକର ଏକଚାଟିଆ ଅଧିକାରକୁ ହଟାଇ ବାହାରେ ଉତ୍ପାଦିତ ଦ୍ରବ୍ୟ ବିକ୍ରୟକୁ ଅନୁମତି ଦେଲା। ନୂତନ ସ୍ଥାନଗୁଡ଼ିକର କର ଆଦାୟକୁ ମଧ୍ୟ ନିଷେଧ କରିଥିଲା। ଅର୍ଥାତ୍ ସମୟକ୍ରମେ କର ଆଦାୟ ହେଉଥିବା ମଣ୍ଡିଗୁଡ଼ିକ ଅକାମୀ ହୋଇଯିବ। ମଣ୍ଡିଗୁଡ଼ିକ ଭଲରେ ଚାଲୁଥିବା ଏବଂ ଉତ୍ପାଦ କ୍ରୟ କରାଯାଉଥିବା ରାଜ୍ୟଗୁଡ଼ିକର କୃଷକଙ୍କ ସ୍ୱାର୍ଥକୁ ଏହା କ୍ଷତି ପହଞ୍ଚାଇବ। ଦ୍ୱିତୀୟ ଆଇନ ଚୁକ୍ତିଭିତ୍ତିକ କୃଷିକୁ ଅନୁମତି ଦେଇଥିଲା। ଏଥିରେ କୁହାଯାଇଥିଲା, କ୍ରେତା ଯଦି ବିଫଳ ହୁଅନ୍ତି ତେବେ କ୍ଷତିଗ୍ରସ୍ତ ଚାଷୀମାନେ କୋର୍ଟକୁ ଯାଇପାରିବେ ନାହିଁ। ସେମାନେ ସମସ୍ୟା ସମାଧାନ ପାଇଁ କେବଳ ରାଜ୍ୟ ଅମଲାତନ୍ତ୍ର ପାଖକୁ ଯାଇପାରିବେ। ଏହା ବ୍ୟତୀତ ତୃତୀୟ ଆଇନ ଅତ୍ୟାବଶ୍ୟକୀୟ ସାମଗ୍ରୀ ଗଚ୍ଛିତ ରଖିବା ଉପରେ କଟକଣାକୁ ବାତିଲ କରିଦେଇ କର୍ପୋରେଶନଗୁଡ଼ିକୁ ଯେତେ ଇଚ୍ଛା ଶସ୍ୟ ମହଜୁଦ ପାଇଁ ଅନୁମତି ଦେଇଥିଲା।

ମୋଦି ସରକାର କହିଥିଲେ, କୃଷକଙ୍କ ସ୍ୱାର୍ଥକୁ ଧ୍ୟାନରେ ରଖି ଏହି ଆଇନଗୁଡ଼ିକ କରାଯାଇଥିଲା (ଏହାର ଉଦ୍ଦେଶ୍ୟ ଥିଲା କୃଷକଙ୍କ ଆୟ ଦ୍ୱିଗୁଣିତ କରିବା, ଯାହା ଅନେକ ବର୍ଷ ଧରି ହେଲା ନାହିଁ)। ଯଦି ଏହା ହୁଏ, ତେବେ କୃଷକଙ୍କ ସ୍ୱାର୍ଥ ବିରୋଧରେ ଯାଉଥିବା ଆଇନଗୁଡ଼ିକୁ କାହିଁକି ଜାଣିଶୁଣି କରାଗଲା ତାହା ବୁଝି ହେଉନାହିଁ। ସମ୍ବିଧାନ ଅନୁଯାୟୀ କୃଷି ହେଉଛି ରାଜ୍ୟର ବିଷୟ ଏବଂ ଯେଉଁ ଢଙ୍ଗରେ ଆଇନଗୁଡ଼ିକ ଗୃହୀତ ହେଲା ତାହା ସମ୍ବିଧାନକୁ ଉଲ୍ଲଂଘନ କରେ। ରାଜ୍ୟଗୁଡ଼ିକ ଏହି ବିଷୟରେ ଆଇନ ପ୍ରଣୟନ କରିବା ଉଚିତ, କେନ୍ଦ୍ର ନୁହେଁ। ଏଠାରେ ମଧ୍ୟ ବାହାନା କରାଯାଇଥିଲା ଯେ ଆଇନଗୁଡ଼ିକ ପ୍ରକୃତରେ ବାଣିଜ୍ୟକୁ ନିୟନ୍ତ୍ରଣ କରୁଛି, କୃଷିକୁ ନୁହେଁ। ଏହି ବିଲ୍‌ଗୁଡ଼ିକ ଗୋଟିଏ ସପ୍ତାହ ପରେ ରାଷ୍ଟ୍ରପତିଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇ ଆଇନରେ ପରିଣତ ହୋଇଥିଲା। ଏହା ବିରୋଧରେ ପ୍ରତିବାଦ ସ୍ୱର ଉଠି ଗଣ ଆନ୍ଦୋଳନର ରୂପ ନେଇଥିଲା। ଏମ୍‌ଜିଏନ୍‌ଆର୍‌ଇଜିଏ ଭଳି ଏହି ଆଇନଗୁଡ଼ିକ ଅନେକ କୋଟି ଭାରତୀୟଙ୍କ ଜୀବନକୁ ଗଭୀର ଭାବରେ ପ୍ରଭାବିତ କରିବ। ଭାରତୀୟଙ୍କ ପ୍ରତିକ୍ରିୟା କ'ଣ ହେବ ତାହା ସରକାର ବିଚାର କରି ନ ଥିଲେ। ସରକାର ପ୍ରକୃତରେ ଆଇନଗୁଡ଼ିକୁ କାର୍ଯ୍ୟକାରୀ କରିପାରିବେ ନାହିଁ ବୋଲି ଯେତେବେଳେ ସ୍ପଷ୍ଟ ହେଲା, ସେତେବେଳେ ପ୍ରଧାନମନ୍ତ୍ରୀ ପୂରା ଏକବର୍ଷ ପାଇଁ ବିବାଦୀୟ ସ୍ଥିତିରୁ ନିଜକୁ ଦୂରେଇ ରଖିଲେ। ଶେଷରେ ସେ କ୍ଷମା ମାଗିଲେ ଏବଂ ପଛକୁ ହଟିଗଲେ। କିନ୍ତୁ ପ୍ରଥମେ ଏଭଳି ସ୍ଥିତି ଉପୁଜାଇ କାହିଁକି ଅନେକ କୋଟି ଲୋକଙ୍କ ଜୀବନରେ ସମସ୍ୟା ସୃଷ୍ଟି କଲେ, ତାହା ଲେଖକ ଏବଂ ପାଠକେ ବୁଝିବା କଷ୍ଟକର।

Email:aakar.patel@gmail.com

# ନୂଆ ନାଁରେ ପୁରୁଣା କୋଠା



କିଶୋର ଚନ୍ଦ୍ର ବେହେରା

ଲୋକଭବନ ସ୍ୱଚ୍ଛତା, ସୁଗମତା ଏବଂ ପ୍ରଶାସନ ଓ ଲୋକଙ୍କ ମଧ୍ୟରେ ଏକ ଗଭୀର ସମ୍ପର୍କର ପ୍ରତୀକ। ଏହି ପଦକ୍ଷେପ ନାଗରିକମାନଙ୍କୁ ସଶକ୍ତ, ଶାସନ ବ୍ୟବସ୍ଥାକୁ ସୁଦୃଢ଼ ଏବଂ ଅନ୍ତର୍ଭୁକ୍ତୀମୂଳକ ଅଭିବୃଦ୍ଧି ସୁନିଶ୍ଚିତ କରିବାର ବ୍ୟାପକ ଦୃଷ୍ଟିକୋଣ ସହିତ ସମନ୍ୱିତ। 'ଲୋକଭବନ' ଜନସାଧାରଣଙ୍କ ସହଭାଗିତା ଏବଂ ପରାମର୍ଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବରେ କାର୍ଯ୍ୟ କରିବ। ସମସ୍ତଙ୍କ ପାଇଁ ସୁଗମତା ଉପରେ ଧ୍ୟାନ ଦିଆଯିବ। ରାଜଭବନ ନାଁ ପରିବର୍ତ୍ତନ ସହିତ ଓଡ଼ିଶା ଉପନିବେଶବାଦୀ ନାମଗୁଡ଼ିକରୁ ଦୂରେଇ ଯାଇ ଶାସନ ପାଇଁ ଏକ ଲୋକକେନ୍ଦ୍ରିକ ଆଭିମୁଖ୍ୟ ଗ୍ରହଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ରାଜଭବନକୁ 'ଲୋକଭବନ' ଭାବେ ନାମକରଣ କରିବା ଏକ ମାଇଲଖୁଣ୍ଟ। ଏହା ଗଣତନ୍ତ୍ର ଏବଂ ଜନସାଧାରଣଙ୍କ ଅଂଶଗ୍ରହଣ ଦ୍ୱାରା ପରିଚାଳିତ ଭବିଷ୍ୟତକୁ ପ୍ରତିଫଳିତ କରେ। 'ରାଜଭବନ' ଶବ୍ଦକୁ ଏକ ଉପନିବେଶବାଦୀ ଶବ୍ଦ ବ୍ୟବହାର କରିବାର କାରଣ ହେଉଛି ଇଂରେଜ ଶାସନ କାଳରେ ଏହାକୁ 'ଗଭର୍ନର ହାଉସ' ନାମରେ ନାମିତ କରାଯାଇଥିଲା। ଉପନିବେଶବାଦରେ ବିଦେଶୀ ଶକ୍ତି ଅନ୍ୟ ଦେଶକୁ ଉପନିବେଶ ଭାବେ ଉପସ୍ଥାପନ କରେ। ପରିଣାମ ସଦୃଶ ଅନେକ ଦେଶ ଆତ୍ମନିର୍ଭରତା ହରାଇବା ସହିତ ସ୍ଥାନୀୟ ରାଜନୈତିକ ସଂସ୍କୃତି ନଷ୍ଟ ହୋଇଥିଲା। ବିଦେଶୀ ସାମ୍ରାଜ୍ୟବାଦୀ ନୀତି ବିଶ୍ୱର ରାଜନୈତିକ ଏବଂ ଆର୍ଥିକ ସ୍ଥିତିକୁ ପ୍ରଭାବିତ କରିଥିଲା। ବିଶ୍ୱର ଅନେକ ଦେଶ ଦୀର୍ଘ ସମୟ ପରେ ସ୍ୱାଧୀନତା ପାଇଥିଲେ। ସମ୍ପ୍ରତି କେନ୍ଦ୍ର ସରକାରଙ୍କ ବୈଦେଶିକ ନୀତି ଦୃଷ୍ଟିକୋଣରୁ ଉପନିବେଶବାଦୀ ଶବ୍ଦର ବ୍ୟବହାରକୁ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି। ଯେଉଁଭଳିଭାବେ 'ରାଜଭବନରୁ ଲୋକଭବନକୁ' ରୂପାନ୍ତରିତ କରାଯାଇଛି।

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରାଜଭବନର ନାମ ଲୋକଭବନକୁ ପରିବର୍ତ୍ତନ କରିଛି। ରାଜଭବନଗୁଡ଼ିକର ଇତିହାସ ସମ୍ପର୍କରେ ଯଦି ଆଲୋଚନା କରାଯାଏ, ତେବେ ରାଜଭବନ ନାଁରୁ ମନେହୁଏ ଆଗରୁ ରାଜାରାଜୁଡ଼ାମାନେ ଏଠାରେ ରହୁଥିଲେ। କିନ୍ତୁ ସତକଥା ହେଉଛି ବ୍ରିଟିଶ ଶାସନ ପୂର୍ବରୁ ଭାରତରେ କୌଣସି ରାଜଭବନ ନ ଥିଲା। ସେତେବେଳେ ରାଜାରାଜୁଡ଼ା, ମୋଗଲ ବାଦଶାହମାନେ ମୁଖ୍ୟତଃ ରାଜମହଲ, ଦୁର୍ଗ ଆଦିରେ ରହୁଥିଲେ। କିନ୍ତୁ ଭାରତରେ ବ୍ରିଟିଶ ଶାସନ ଆରମ୍ଭ ହେବା ପରେ ଇଷ୍ଟ ଇଣ୍ଡିଆ କମ୍ପାନୀ ପକ୍ଷରୁ ଦେଶର କୋଲକାତା, ବମ୍ବେ ଓ ମାଡ୍ରାସ ପ୍ରେସିଡେନ୍ସି ସ୍ଥାପନ କରାଗଲା। ଏସବୁ ପ୍ରେସିଡେନ୍ସିଗୁଡ଼ିକର ପରିଚାଳନା ପାଇଁ ଗଭର୍ନରମାନଙ୍କୁ ନିଯୁକ୍ତ କରାଯାଇଥିଲା। ସେମାନଙ୍କ ରହିବା ପାଇଁ ବାସଭବନ ନିର୍ମାଣ କରାଯାଇଥିଲା। ସେଗୁଡ଼ିକୁ ଗଭରମେଣ୍ଟ ହାଉସ କୁହାଯାଉଥିଲା। କିନ୍ତୁ ପ୍ରଥମେ ସେଗୁଡ଼ିକ ସାଧାରଣ କୋଠା ଥିଲା, ପରେ ସେଗୁଡ଼ିକ ବୃହତ୍ ବଙ୍ଗଳାରେ ପରିଣତ କରାଗଲା, ଯାହାକୁ ଗଭର୍ନର ହାଉସ କୁହାଗଲା। ୧୭୭୩ରେ ରେଗୁଲେଟିଂ ଆକ୍ଟ ଅନୁସାରେ କାଲକାଟାକୁ ରାଜଧାନୀ କରାଗଲା ଓ ତାହାର ଗଭର୍ନରଙ୍କୁ ଗଭର୍ନର ଜେନେରାଲ କୁହାଗଲା ଓ ସେ କାଲକାଟା ଗଭରମେଣ୍ଟ ହାଉସରେ ରହିଲେ। ୧୯୧୧ ପର୍ଯ୍ୟନ୍ତ ଭାରତର ଭାଇସରୟ ଏଠାରେ ରହୁଥିଲେ। ସେହିପରି ବମ୍ବେ ଓ ମାଡ୍ରାସ ଗଭରମେଣ୍ଟ ହାଉସଗୁଡ଼ିକର କଳେବରକୁ ବୃଦ୍ଧି କରାଗଲା। ୧୯୧୨ରେ ଦିଲ୍ଲୀରେ ଭାଇସରୟଙ୍କ ବାସଭବନକୁ ଭାଇସରୟ ଲଜ ବୋଲି କୁହାଗଲା। ସ୍ୱାଧୀନତା ପରେ ତାହାକୁ ରାଷ୍ଟ୍ରପତି ଭବନ କୁହାଗଲା। ସେହିପରି ପ୍ରୋଭିନ୍ସିଆଲ ଗଭର୍ନର ହାଉସଗୁଡ଼ିକୁ ରାଜଭବନ ବୋଲି କୁହାଗଲା। ରାଷ୍ଟ୍ରପତିଙ୍କ ସରକାରୀ ବାସଭବନ ରାଷ୍ଟ୍ରପତି ଭବନ ହେଉ କିମ୍ବା ପ୍ରତ୍ୟେକ ରାଜ୍ୟର ରାଜ୍ୟପାଳଙ୍କ ସରକାରୀ ବାସଭବନ ରାଜଭବନ ବ୍ରିଟିଶ ଶାସନ ସମୟର ଏ ସମସ୍ତ ସରକାରୀ ବାସଭବନ ସ୍ୱାଧୀନତାର ପରବର୍ତ୍ତୀ ମୁହୂର୍ତ୍ତରେ ନାମ ପରିବର୍ତ୍ତନ ହୋଇଥିଲା।

ଓଡ଼ିଶାର ପ୍ରଥମ ରାଜଭବନ କଟକରେ ପ୍ରତିଷ୍ଠିତ ହୋଇଥିଲା। ଏହି ରାଜଭବନ କୋଠାକୁ ଆଜି ଦେଖିପାରିବେ। ଏହାର ମୂଳ ନାଁ ଲାଲବାଗ ପ୍ୟାଲେସ। ଓଡ଼ିଶାକୁ ଶାସନ କରୁଥିବା ଅନେକ ଶାସକ ଓ କ୍ଷମତାଶାଳୀଙ୍କୁ ଦେଖିଛି ଏହି ମହଲ। ଏହାକୁ କଟକରେ ରହୁଥିବା ମୋଗଲ ସୁବେଦାରଙ୍କ ପାଇଁ ୧୬୩୩ ଖ୍ରୀଷ୍ଟାବ୍ଦରେ ନିର୍ମାଣ କରାଯାଇଥିଲା। ପରେ ଏହା ମରାଠାମାନଙ୍କ ହାତକୁ ଚାଲିଯାଇଥିଲା। ସେମାନେ ଏହି କୋଠାରେ କେତେକ ପରିବର୍ତ୍ତନ କରିଥିଲେ। ମରାଠାଙ୍କ ପରେ ୧୮୦୩ ଖ୍ରୀଷ୍ଟାବ୍ଦରେ ବ୍ରିଟିଶମାନଙ୍କ ଅକ୍ତିଆରକୁ ଚାଲିଯାଇଥିଲା। ତେବେ ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ଏହାକୁ ବିକ୍ରି



କରିଦେଇଥିଲା। ୧୮୬୨ରେ ବ୍ରିଟିଶ ଇଷ୍ଟ ଇଣ୍ଡିଆ ଇରିଗେଶନ କମ୍ପାନୀ ଏହାକୁ ଖରିଦ କରିଥିଲା। ଏହାର ପରବର୍ଷ ୧୮୬୩ରେ ବ୍ରିଟିଶ ସରକାର ଏହି ଇରିଗେଶନ କମ୍ପାନୀର ଅଧିଗ୍ରହଣ କରିବା ସହ କୋଠାଟି ବ୍ରିଟିଶ ସରକାରଙ୍କ ଅଧୀନକୁ ଆସିଥିଲା। ସେବେଠାରୁ କଟକରେ ଅବସ୍ଥାପିତ ବ୍ରିଟିଶ କମିଶନର ଓ କଲେକ୍ଟରମାନେ ଏହି କୋଠାରେ ରହୁଥିଲେ। ସ୍ୱତନ୍ତ୍ର ଓଡ଼ିଶାର ପ୍ରଥମ ପ୍ରଧାନମନ୍ତ୍ରୀ ଗଜପତି କୃଷ୍ଣଚନ୍ଦ୍ର ନାରାୟଣ ଦେବ ୧୯୪୧ରେ କିଛି ସମୟ ପାଇଁ ଏହି କୋଠାରେ ରହୁଥିଲେ।

ଉଲ୍ଲେଖଯୋଗ୍ୟ ଯେ ୧୯୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେବାଠାରୁ ୧୯୪୨ ପର୍ଯ୍ୟନ୍ତ ପୁରୀରେ ଥିବା ଗଭରମେଣ୍ଟ ହାଉସକୁ ଗଭର୍ନରଙ୍କ ବାସଭବନ କରାଯାଇଥିଲା। ୧୯୪୨ରେ ରାଜଭବନ କଟକକୁ ଯିବା ପରେ ବି ଏହା ଏପର୍ଯ୍ୟନ୍ତ ଗଭର୍ନରଙ୍କ ଗ୍ରୀଷ୍ମକାଳୀନ ବାସଭବନ ଅଥବା ଓଡ଼ିଶାର ଦ୍ୱିତୀୟ ରାଜଭବନ ହୋଇ ରହିଛି। ୧୮ ଜୁଲାଇ ୧୯୪୨ରେ ବ୍ରିଟିଶ ସରକାର ଲାଲବାଗ ପ୍ୟାଲେସକୁ ଗଭର୍ନର ହାଉସ ରୂପେ ଘୋଷଣା କଲେ। ସାର୍ ହାଥ୍ରୋନ ଲୁଇସ ଏହି କୋଠାରେ ରହିଥିବା ଓଡ଼ିଶାର ପ୍ରଥମ ଗଭର୍ନର ଥିଲେ। ୧୯୪୨ରୁ ୧୯୬୦ ପର୍ଯ୍ୟନ୍ତ ଏହା ଗଭର୍ନର ହାଉସ ରହିଥିଲା। ସ୍ୱାଧୀନତା ପରେ ଗଭର୍ନରମାନଙ୍କୁ ରାଜ୍ୟପାଳ ବି କୁହାଗଲା ଓ ଲାଲବାଗ ପ୍ୟାଲେସକୁ କୁହାଗଲା ରାଜଭବନ।

ସ୍ୱାଧୀନତା ପରେ ଓ ଭୁବନେଶ୍ୱରକୁ ଓଡ଼ିଶାର ରାଜଧାନୀ କରାଯିବା ପରେ ଏକ ନୂଆ ରାଜଭବନର ପରିକଳ୍ପନା କରାଗଲା। ଏହି ରାଜଭବନର ନିର୍ମାଣ କାର୍ଯ୍ୟ ୧୯୫୯ରେ ଶେଷ ହେଲା ଓ ତତ୍କାଳୀନ ରାଜ୍ୟପାଳ ୟଶୋବନ୍ତ ନାରାୟଣ ସୁକଥାନକର ୧୯୬୦ରେ ନୂଆ ରାଜଭବନରେ ରହିବା ଆରମ୍ଭ କଲେ। ରାଜ୍ୟପାଳଙ୍କ ସଚିବାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନଭେମ୍ବର ୨୫ର ଚିଠି ଆଧାରରେ ଭୁବନେଶ୍ୱର ରାଜଭବନ ଓ ପୁରୀ ରାଜଭବନର ନାମ ପରିବର୍ତ୍ତନ ହୋଇଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶନାମା ଆଧାରରେ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଏହି ନାମକରଣକୁ ଅନୁମୋଦନ କରିଛନ୍ତି। ଡିସେମ୍ବର ୧ରୁ ଭୁବନେଶ୍ୱର ଏବଂ ପୁରୀରେ ଥିବା ରାଜଭବନର ନାମକୁ ପରିବର୍ତ୍ତନ କରାଯାଇ 'ଲୋକ ଭବନ' ଭାବେ ନାମିତ କରାଯାଇଛି। ସମସ୍ତ ସରକାରୀ କାର୍ଯ୍ୟ ପାଇଁ ଡିସେମ୍ବର ୧ରୁ ଏହି ନାମ ପରିବର୍ତ୍ତନ ତତ୍କାଳ ଲାଗୁ ହୋଇଛି। ୨୦୨୪ରେ ରାଜ୍ୟପାଳଙ୍କ ସମ୍ମିଳନୀ ସମୟରେ ହୋଇଥିବା ସୁପାରିସ ପରେ ଏହି ନିଷ୍ପତ୍ତି ନିଆଯାଇଥିଲା, ଯେଉଁଥିରେ ଉପନିବେଶ ଯୁଗର ଶବ୍ଦରୁ ଦୂରେଇ ଯାଇ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ପାଇଁ ସମଗ୍ର ଭାରତରେ ରାଜଭବନମାନଙ୍କର ନାମକୁ 'ଲୋକଭବନ' ନାମରେ ବଦଳାଇବାକୁ ପ୍ରସ୍ତାବ ଦିଆଯାଇଥିଲା। ଲୋକଙ୍କୁ ରାଜଭବନର ନିକଟତର କରିବା ଲାଗି ଏହାର ନାମ ପରିବର୍ତ୍ତନ କରାଯିବା ଜରୁରୀ ଥିଲା। ଏହା ଦ୍ୱାରା ଐତିହାସିକ କୋଠା ସମସ୍ତଙ୍କ ପାଇଁ ଆଉ ଏକ ଭୟ ପ୍ରତୀକ ହୋଇ ରହିବ ନାହିଁ। ଏହା ସମସ୍ତଙ୍କ ପାଇଁ ଖୋଲା ରହିବ।

– ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ
ନନ୍ଦପୁର, କୋରାପୁଟ
ମୋ–୯୪୩୭୯୫୫୫୬୮

# ଶିଷ୍ଟାଚାରର ଅଧଃପତନ



ଡ. ଚିନ୍ତାମଣି ପଣ୍ଡା

ଦୀର୍ଘବର୍ଷର ପରାଧୀନତା ଆମ ସମାଜ ତଥା ସାମାଜିକ ଆଚାର ବ୍ୟବହାର ଉପରେ ଏତେ ପ୍ରଭାବ ପକାଇଛି ଯେ, ତାହା ସ୍ୱାଧୀନତାର ଅର୍ଦ୍ଧଶତାବ୍ଦୀ ପରେ ମଧ୍ୟ ସୁଧୁରିବାର ନାଁ ନେଉନାହିଁ। ନିର୍ଯାତିତ, ନିଷ୍ପେଷିତ ଭାରତୀୟଙ୍କ ଉତ୍ତରଦାୟାଦମାନେ ଯଥେଷ୍ଟ ଆତ୍ମକୈନ୍ଦ୍ରିକ ହୋଇ ଯାଇଛନ୍ତି, ଯଦ୍ଦ୍ୱାରା ନିହିତ ସ୍ୱାର୍ଥକୁ ଚରିତାର୍ଥ କରିବାକୁ ଯାଇ ଖାଲି ଯେ ନିଜର ବୁଦ୍ଧି ବିବେକକୁ ଜଳାଞ୍ଜଳି ଦେଇ ଦେଉଛନ୍ତି ତା' ନୁହେଁ, ବରଂ ସମାଜର ପ୍ରଭୂତ କ୍ଷତିସାଧନ କରିବାକୁ ପଛାଉ ନାହାନ୍ତି। ଫଳତଃ, ସାରାବିଶ୍ୱ ଆଜି ଭାରତୀୟଙ୍କ ଅସଭ୍ୟ ଆଚରଣ ପ୍ରତି ଅଙ୍ଗୁଳି ଉଠାଇଲାଣି। ଏହାର ଉଦାହରଣଟିଏ ହେଲା, ତୀର୍ଥରୁ ଫେରିବା ସମୟରେ ପ୍ରଥମ ଶ୍ରେଣୀରେ ଯାତ୍ରା କରିଥିବା ଜଣେ ଉଚ୍ଚ ଶିକ୍ଷିତା ବୟସ୍କା ମହିଳା ଏକାଦିକ୍ରମେ ଚାରିଚାରିଟି ଧଳା ବେଡ୍‌ଶିଟ୍ ଟ୍ରେନ୍‌ରୁ ଚୋରି କରି ବ୍ୟାଗରେ ନେଇ ଆସିବାବେଳେ ଧରାହେବାର ଦୃଶ୍ୟ, ଯାହାକୁ ଅନ୍ୟମାନଙ୍କୁ ଅବଗତି ଓ ସତର୍କ ନିମନ୍ତେ ରେଳ ବିଭାଗ ବହୁଳ ପ୍ରସାରଣ କରାଇଥିଲେ। ଖାଲି ବେଡ୍‌ଶିଟ୍‌ରେ ସୀମିତ ନ ରହି କିଛି ଯାତ୍ରୀ ରେଳ ପାଇଖାନାର ଦର୍ପଣ, ଅନ୍ୟାନ୍ୟ ଫିଟିଙ୍ଗ୍‌ସ ନେଇଯିବାର ବି ଦେଖାଯାଏ। ତେଣୁ ମଗଟିଏ ହେଲେ ମଧ୍ୟ ଆମ ଦେଶରେ ଶିକୁଳିରେ ବନ୍ଧା ହୋଇ ରହିଥାଏ, ବ୍ୟାଙ୍କ ଅଫିସରେ କଲମ ବନ୍ଧା ହେବା ପରି। କିଛିଦିନ ତଳେ ପ୍ରସାର ଭାରତୀ ସଂସ୍ଥାନରେ, ସଭ୍ୟ ଶିକ୍ଷିତ କର୍ମଚାରୀମାନେ ଅଫିସର ବହୁତ ଛୋଟ ମୋଟ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଚୋରି କରି ନେଉଥିବାରୁ ତାଗିଦା ସହିତ କଡ଼ା କାର୍ଯ୍ୟାନୁଷ୍ଠାନର ଚେତାବନୀ ଥିବା ଆଦେଶନାମାଟିଏ ସୂଚନା ଫଳକରେ ଲଟକି ଥିବାର ଦେଖିଥିଲି। ଶିକ୍ଷିତ ଲୋକେ ସୁଯୋଗ ପାଇଲେ ଯଦି ଚୋରି ତସ୍କରି କରିବେ, ଏହା ଆମ ସଭ୍ୟ ସମାଜର ଚାରିତ୍ରିକ ସ୍ଖଳନ ନୁହେଁ କି? ଚେନ୍ନାଇରୁ ଦିଲ୍ଲୀକୁ ଆସିବାବେଳେ ଲୋକପ୍ରତିନିଧି, ଜଣେ ସହଯାତ୍ରୀଙ୍କ ମୋବାଇଲ୍ ଚୋରି କରି ସିସିଟିଭି ଦ୍ୱାରା ଧରାପଡ଼ିବା ଯେତିକି ଉଦ୍‌ବେଗଜନକ; ତା'ଠାରୁ ବେଶି ଆଶ୍ଚର୍ଯ୍ୟ ଚକିତ କରେ ଏହି ଦେଶ ସେବକମାନେ ନିର୍ବାଚନରେ ହାରି ସରକାରୀ ଦପ୍ତର ଓ ବଙ୍ଗଳା ଛାଡ଼ିବା ବେଳେ ମୂଲ୍ୟବାନ୍ ଆସବାବପତ୍ର ସବୁ ନିଜ ଘରକୁ ବୋହି ନେବା। ବିଦେଶ ମାଟିରେ ଆମେରିକାର ବିପଣୀରୁ ଛୋଟ ମୋଟ ଚୋରିକରି ଦୁଇଜଣ ଛାତ୍ରୀ ନିକଟରେ ଗିରଫ ହୋଇ ଜେଲ୍ ଯାଇଛନ୍ତି। ଏ ପ୍ରକାରର ଚୌର୍ଯ୍ୟ ପ୍ରକୃତି ଲାଗି ଆମ ମୁଣ୍ଡ ତଳକୁ ନଇଁ ଯାଉନାହିଁ କି।

ଦ୍ୱିତୀୟ ବିଷୟଟି ହେଲା ପରିଛନ୍ନତା। ଆକୁମାରୀ ହିମାଚଳ ଯାଏ ରେଳ ଲାଇନକୁ ଆମେ ଜାତି ଧର୍ମ ବୟସ ନିର୍ବିଶେଷରେ ବାଛି ନେଇଥାଉ ଖୋଲା ମଳତ୍ୟାଗ ପାଇଁ। ରାଜଧାନୀ ଦିଲ୍ଲୀରେ ଏ ଦୃଶ୍ୟ ଏକ ମାମୁଲି କଥା, ଯେଉଁଠିକୁ ଅନ୍ତର୍ଜାତୀୟ ପର୍ଯ୍ୟଟକମାନେ ଆସିଥାନ୍ତି। ସ୍ୱାଧୀନ ଭାରତରେ



ଯିଏ ଯେଉଁଠି ଯେତେବେଳେ ଚାହିଁଲେ ପରିସ୍ରା କଲେ। ସାଧାରଣ ଶୌଚାଳୟମାନଙ୍କ ଅବସ୍ଥା ତ କହିଲେ ନସରେ। ରେଳ ପାଇଖାନା ଆଡ଼କୁ ଯିବା କାହିଁକି? ଏପରିକି କିଛି ବ୍ୟକ୍ତି ବିମାନ ପାଇଖାନାରେ ମଧ୍ୟ କଠିନ ବର୍ଜ୍ୟବସ୍ତୁ ପକାଇ ଜାମ କରିଦେଇଥିବାରୁ ବିମାନ ଉଡ଼ାଣ ବାତିଲ ହେବାର ନଜିର ମଧ୍ୟ ରହିଛି। ସରକାରୀ ଦପ୍ତରମାନଙ୍କରେ ଶିଡ଼ିରେ ଠାକୁରଙ୍କ ଫଟୋକୁ ପାନପିକ ପକାଇ ବିକୃତ କରି ଦେଇଥିବା ଚିତ୍ର ପ୍ରାୟ ସମସ୍ତେ ଦେଖିଥିବେ। ଆମେ ବଣଭୋଜିକୁ ଯାଇ ବିଭିନ୍ନ ପ୍ରାକୃତିକ ସ୍ଥଳ ତଥା ଝରଣା, ନଦୀ, ଜଳପ୍ରପାତ କିମ୍ବା ସମୁଦ୍ର କୂଳକୁ ପ୍ଲାଷ୍ଟିକ ଆବର୍ଜନାରେ ପରିପୂର୍ଣ୍ଣ କରିଦେବା, ରେଳ ଷ୍ଟେଶନରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଅଳିଆକୁ ନିର୍ଦ୍ଦିଷ୍ଟ ଜାଗାରେ ନ ପକାଇ ମନଇଚ୍ଛା ଏଣେତେଣେ ପକାଇବା ଆମ କଦର୍ଯ୍ୟ ବ୍ୟବହାରର ନିଦର୍ଶନ।

ତୃତୀୟ କଥାଟି ହେଲା ଆମର ଅନୁଶାସନ ହୀନତା। ଟ୍ରାଫିକ୍ ନିୟମ ନ ମାନି ଭୁଲ୍ ରାସ୍ତାରେ ଗାଡ଼ି ଚଳାଇ ଦୁର୍ଘଟଣା ଘଟାଇବା। ଜନଗହଳିପୂର୍ଣ୍ଣ ସ୍ଥାନରେ ଦ୍ରୁତ ଗାଡ଼ିଚାଳନା ତଥା ଗାଡ଼ି ଉପରେ ବିଭିନ୍ନ ଦୁଃସାହସିକ କଳାକୌଶଳ ପ୍ରଦର୍ଶନ ଆମର ନିତିଦିନିଆ ଘଟଣା। ରାସ୍ତା ନିୟମ ନ ମାନି ଅଯଥା ଭିଡ଼ ଜମେଇବା, ରାସ୍ତା ମଝିରେ ଗାଡ଼ି ରଖି କଥାବାର୍ତ୍ତା ହେବା, ଧାନ ଶୁଖାଇ, ବେଙ୍ଗଳା ପକାଇ, ଇଟା, ବାଲି ରଖି ରାସ୍ତାକୁ ସଙ୍କୁଚିତ କରିବା ଆମ ଶୃଙ୍ଖଳିତ ଆଚରଣର ପ୍ରତୀକ। ଆମେ ରାସ୍ତା ଖୋଲି ଜଳୁଥିବା ଲାଲ ପ୍ଲାଷ୍ଟିକଗୁଡ଼ିକୁ ବି ନଷ୍ଟ କରିଦେଉ, ନଚେତ ରାସ୍ତାରୁ ଚିପ୍ସ ଗୋଡ଼ି ନେଇ ନିଜ କାମରେ ଲଗାଉ। ଅନ୍ୟମାନେ ପଛରେ ଅସୁବିଧାରେ ପଡ଼ନ୍ତୁ ଆମର କି ଯାଏ? ଯେଉଁ ଅଫିସ୍‌ରେ ଚାକିରି କରୁ, ଆନ୍ଦୋଳନ କରି ତା'ର ଆସବାବପତ୍ର ନଷ୍ଟ କରିବା, ଡାକ୍ତରଖାନା, ପୋଷ୍ଟ ଅଫିସ୍, ଥାନାରେ ଗଣ୍ଡଗୋଳ କରି ନିଆଁ ଲଗେଇଦେବା, ସର୍ବସାଧାରଣଙ୍କ ସମ୍ପତ୍ତିକୁ ନଷ୍ଟ କରିବା ଏପରିକି ଟିକେଟ କାଉଣ୍ଟରରେ ଧାଡ଼ି ବାନ୍ଧିବାକୁ ଆମର ଧୈର୍ଯ୍ୟଚ୍ୟୁତି ଘଟିବା ଅନୁଶାସନ ହୀନତାର ପରିଚାୟକ। ନିଜର ଅସ୍ମିତାକୁ ଜଳାଞ୍ଜଳି ଦେଇ ଦେଶର ଗୁପ୍ତ ତଥ୍ୟକୁ ଶତ୍ରୁ ହାତରେ ଟେକିଦେବା କିମ୍ବା ଅନ୍ୟ ପାଇଁ ଗୁପ୍ତଚରଗିରି କରି ଆମ ଦେଶର ସମ୍ଭ୍ରମତା ପ୍ରତି କ୍ଷତି ପହଞ୍ଚାଇବା ଇତ୍ୟାଦି ଆମ ଚରିତ୍ରଗତ ତ୍ରୁଟିର ଗୋଟିଏ ଗୋଟିଏ ଦୃଷ୍ଟାନ୍ତ। ଉଚ୍ଚ ସ୍ୱରରେ କଥାବାର୍ତ୍ତା ହୋଇ କିମ୍ବା ଗୀତ ବଜାଇ, ଡିଜେ ଦ୍ୱାରା ଶବ୍ଦ ପ୍ରଦୂଷଣରେ ଅନ୍ୟକୁ କ୍ଷତି ପହଞ୍ଚେଇବା, ବାକ୍ ସ୍ୱାଧୀନତାର ଦୁହାଇଦେଇ ଅନ୍ୟର ଚରିତ୍ର ସଂହାର କରିବା ଏଠାରେ ଦେହସୁହା। ଏହି ଧାରା ଜାରି ରହିଲେ ଭାରତ ବିଶ୍ୱଗୁରୁ ହେବା ପରିବର୍ତ୍ତେ ଅଚିରେ ଏକ ଶିଷ୍ଟାଚାରହୀନ ନିନ୍ଦିତ ରାଷ୍ଟ୍ରରେ ପରିଗଣିତ ହେବା ସାର ହେବ। ଆଉ ଭାରତୀୟମାନେ ଏତାଦୃଶ ସାମାଜିକ ଅସମ୍ବେଦନଶୀଳ ତଥା ସହାନୁଭୂତିହୀନ ବ୍ୟବହାର ପାଇଁ ଘୃଣାର ପାତ୍ର ହେବା ପୂର୍ବରୁ ଏ ଦିଗରେ ବ୍ୟାପକ ଜନ ସଚେତନତା ସୃଷ୍ଟି ହେବା ଜରୁରୀ। ଆମର ଉତ୍ତର ପିଢ଼ିଙ୍କ ପାଇଁ ବିଦ୍ୟାଳୟ ସ୍ତରରୁ ଶୃଙ୍ଖଳା ଜ୍ଞାନ ତଥା ସଭ୍ୟ ଆଚାର ବ୍ୟବହାରକୁ ପାଠ୍ୟକ୍ରମରେ ସଂଯୋଗ କଲେ ଲୋକ ଚରିତ୍ରରେ ଉନ୍ନତି ଆସିବା ମନେହୁଏ, କିନ୍ତୁ ଏହା ସମୟସାପେକ୍ଷ।

– ପ୍ରାକ୍ତନ ଅଧ୍ୟକ୍ଷ, କୃଷି ମହାବିଦ୍ୟାଳୟ, ଭବାନୀପାଟଣା
ମୋ: ୮୧୪୪୦୬୬୦୧୬

## ଏଇ ଭାରତରେ

ସୁନ୍ଦରବନର ହେନ୍ତାଳବନରେ ମହୁ ସଂଗ୍ରହ କରିବାକୁ ଯାଇ ଅନେକ ପୁରୁଷ ବାଘ ଆକ୍ରମଣ ଯୋଗୁ ମୃତ୍ୟୁମୁଖରେ ପଡ଼ନ୍ତି। ଏହିସବୁ ମୃତ ପୁରୁଷଙ୍କ ବିଧବା ସ୍ତ୍ରୀଙ୍କୁ କୁହାଯାଉଛି ଟାଇଗର ୱିଡୋଜ। ପରିବାରରେ ରୋଜଗାରିଆ ସ୍ୱାମୀଙ୍କୁ ହରାଇବା ପରେ ଟାଇଗର ୱିଡୋଜଙ୍କୁ ସରକାର କିଛି ଟଙ୍କା ଓ ଖାଦ୍ୟସାମଗ୍ରୀ ଯୋଗାଉଛନ୍ତି। ହେଲେ ଏହା ସେମାନଙ୍କ ପାଇଁ ଯଥେଷ୍ଟ ହେଉ ନ ଥିବାବେଳେ ସେମାନେ ଏବେ ମହୁଚାଷ କରି ସ୍ୱାବଲମ୍ବୀ ହୋଇପାରିଛନ୍ତି। ଏବେ ସୁଦ୍ଧା ସୁନ୍ଦରବନ ଅଞ୍ଚଳରେ ଥିବା ମୋଟ ୩୦୦୦ ଟାଇଗର ୱିଡୋଜଙ୍କ ମଧ୍ୟରୁ ୫୦୦ ମହିଳା ମହୁଚାଷ କରି ପରିବାର ଚଳାଉଛନ୍ତି। ମହିଳାଙ୍କୁ ମହୁଚାଷରେ ସହଯୋଗ କରୁଛନ୍ତି ନୀତି ଗୋୟଲ। କେବଳ ଏତିକି ନୁହେଁ, ସେମାନେ ମଧ୍ୟ ମାଛଚାଷ କରୁଛନ୍ତି । ସୁନ୍ଦରବନ ନିକଟରେ ଥିବା ହୋଟେଲଗୁଡ଼ିକୁ ସେମାନେ ମାଛ ଯୋଗାଇ ଲାଭ କରୁଛନ୍ତି। ତେବେ ସମସ୍ତ ୩୦୦୦ ଟାଇଗର ୱିଡୋଜଙ୍କୁ ପର୍ଯ୍ୟାୟକ୍ରମେ ସଶକ୍ତ କରିବା ଲକ୍ଷ୍ୟରେ ନୀତି ଯୋଜନା ପ୍ରସ୍ତୁତ କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୨୧ ଡିସେମ୍ବର ୧୯୭୬

- ଦେଶ ଓ ଦଳ ପାଇଁ ମହାନ୍ ଅବଦାନ ଯୋଗୁଁ ସୋଭିଏତ୍ କମ୍ୟୁନିଷ୍ଟ ଦଳର ସାଧାରଣ ସମ୍ପାଦକ ଲିଓନିଦ ବ୍ରେଜନେଭ୍‌ଙ୍କୁ 'ଅର୍ଡର ଅଫ୍ ରେନିନ୍' ଉପାଧି ପ୍ରଦାନ।
- ଅର୍ଥନୀତିକ, ବାଣିଜ୍ୟିକ, ବିଜ୍ଞାନ ଓ ବୈଷୟିକ କ୍ଷେତ୍ରରେ ସହଯୋଗ ନିମନ୍ତେ ଭାରତ ଓ ପୋଲାଣ୍ଡ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ।
- ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜକୁ କେନ୍ଦ୍ର ଶାସିତ ଅଞ୍ଚଳର ମର୍ଯ୍ୟାଦା ଦେବା ଓ ବିଧାନସଭାର ସୁଯୋଗ ଦେବା ପାଇଁ ଆଣ୍ଡାମାନରେ ଅନୁଷ୍ଠିତ ରାଜନୀତିକ ସମ୍ମିଳନୀରେ ଏକ ପ୍ରସ୍ତାବ ଗୃହୀତ।

## ଚିରନ୍ତନୀ

ବୁଲିଗଲି କାହିଁ ବଣ–ପାହାଡ଼ର ରାଇଜେ
ମନେପଡ଼େ କେତେ ଆଉ କେତେ ମନେ ନାହିଁ ଯେ !
ଜୟପୁର ମାଳ ପାହାଡ଼ ପାଚେରି
ରହିଥିଲା ମୋର ଚଉପାଶେ ବେଢ଼ି
ଦେଖି ସେ ବିରାଟ ରୂପ ଉଠିଥିଲି ଗାଇ ଯେ
ବୁଲିଗଲି କେଉଁ ବଣ ପାହାଡ଼ର ରାଇଜେ।

–(ଜୟପୁର ଘାଟି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ–ଡୋ–କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | 8 | | 9 | | 5 | | 7 | |
| | | 5 | | | 2 | | | |
| | | 6 | | | | 1 | 9 | |
| | | | 8 | | 3 | | 1 | |
| 4 | 6 | | | | | | | |
| | | | 2 | 9 | | | | 8 |
| | 7 | | | | 8 | | 5 | |
| | 1 | | | | | | 4 | |
| | | | | | 9 | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 8 | 5 | 4 | 1 | 3 | 7 | 9 | 6 |
| 7 | 1 | 3 | 2 | 9 | 6 | 5 | 8 | 4 |
| 4 | 9 | 6 | 8 | 7 | 5 | 2 | 1 | 3 |
| 8 | 5 | 7 | 3 | 6 | 9 | 4 | 2 | 1 |
| 1 | 6 | 4 | 7 | 5 | 2 | 9 | 3 | 8 |
| 3 | 2 | 9 | 1 | 8 | 4 | 6 | 7 | 5 |
| 6 | 3 | 1 | 5 | 2 | 7 | 8 | 4 | 9 |
| 9 | 7 | 8 | 6 | 4 | 1 | 3 | 5 | 2 |
| 5 | 4 | 2 | 9 | 3 | 8 | 1 | 6 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମନ୍ତ୍ରୀ, ବିଧାୟକଙ୍କ ଦରମାରେ ଓଡ଼ିଶା ନମ୍ବରୱାନ୍

ମହାଶୟ,
ସରକାର କହି ବୁଲୁଛନ୍ତି – ଓଡ଼ିଶା ରାଜ୍ୟ ଗଠନର ଶତବାର୍ଷିକୀ ପାଳନ (୨୦୩୬ ମସିହା) ପୂର୍ବରୁ ଆମ ରାଜ୍ୟ ବିଭିନ୍ନ କ୍ଷେତ୍ରରେ ଦେଶର ନମ୍ବରୱାନ୍ ହେବ। ଯାହାହେଉ ଏହି ଅବଧିର ଦଶବର୍ଷ ପୂର୍ବରୁ ବିଧାୟକଙ୍କ ଦରମା ବୃଦ୍ଧିରେ ଦେଶରେ ନମ୍ବରୱାନ୍ ରାଜ୍ୟ ହୋଇପାରିଛି। ବିକଶିତ ମହାରାଷ୍ଟ୍ର, ପଞ୍ଜାବ, ଗୁଜରାଟ ଆଦି ରାଜ୍ୟକୁ ପଛରେ ପକେଇ ଓଡ଼ିଶା ବାଜିମାରି ନେଇଛି। ତ୍ରିପୁରା ବିଧାୟକଙ୍କ ଦରମାର ଏହା ପ୍ରାୟ ସାତଗୁଣ, ଦିଲ୍ଲୀ ବିଧାୟକଙ୍କ ଦରମାଠାରୁ ଢେର୍ ଅଧିକ। ଅପହଞ୍ଚ ଇଲାକାରେ ଲୋକେ ବିକାଶର ସାମାନ୍ୟତମ ଆଲୋକ ପାଇନାହାନ୍ତି। ବ୍ଲକ୍ ଗ୍ରାଣ୍ଟ ବିଦ୍ୟାଳୟର ଶିକ୍ଷକ ୩୦/୪୦ ବର୍ଷ ଭିତରେ ମାତ୍ର କେତୋଟି ବର୍ଷ ସରକାରୀ ଭାତିଆ ପାଇ ଶୂନ୍ୟହସ୍ତରେ ଅବସର ନେଉଛନ୍ତି। ଅଥଚ ଜଣେ ନିର୍ବାଚିତ ବିଧାୟକ ଦରମା, ଭତ୍ତା, ଅବସରକାଳୀନ ସୁବିଧା ପାଉଛନ୍ତି। ଏ ପ୍ରକାର ପଦକ୍ଷେପକୁ 'ବାଡ଼ ଫସଲ ଖାଇବା' ପରି ମନେହେଉଛି।

– ତ୍ରିଲୋଚନା ମହାପାତ୍ର, ଜଟଣୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ରାଜ୍ୟ ପରେ ମନ୍ତ୍ରଣାଳୟ କଲା ସମୀକ୍ଷା

ଭୁବନେଶ୍ୱର,୨୦।୧୨(ସୁନିତ୍ ମିଶ୍ର)

ରାଜ୍ୟ ସରକାରଙ୍କ 'ହର୍ ଘର୍ ଜଲ୍' ଲକ୍ଷ୍ୟ ପୂରଣ କ୍ଷେତ୍ରରେ କଣ୍ଟା ସାଜିଛନ୍ତି ଠିକାସଂସ୍ଥା। ଗତ ସରକାର ସମୟରୁ ରାଜ୍ୟର ୩୫ଟି ପାନୀୟ ଜଳ ଡିଭିଜନରେ ମୋଟ ୨୦୨ଟି ବୃହତ୍ ଗ୍ରାମୀଣ ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟ ମଧ୍ୟରୁ ୧୮୨ଟିର କାମ ସରୁନାହିଁ। ଏହି କାମ ହାତେଇଥିବା ଠିକା ସଂସ୍ଥାଗୁଡିକ ସରକାରଙ୍କ ନାକେଦମ୍ କରିସାରିଲେଣି। ରାଜ୍ୟ ସରକାରଙ୍କ ପକ୍ଷରୁ ହୋଇଥିବା କେତେକ ତ୍ରୁଟିକୁ ଢାଲକରି ସେମାନେ ବର୍ତ୍ତମାନ ପ୍ରକଳ୍ପ ଲାଗି ଅନୁମୋଦିତ ହୋଇଥିବା ଟଙ୍କାକୁ ଏବେ ବଢ଼ାଇବା ପାଇଁ ଦାବି କରଣି। ଏହା ବର୍ତ୍ତମାନ ସରକାରଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଗତ ସପ୍ତାହରେ ୧୨ ତାରିଖରେ ବିଭାଗୀୟ ମନ୍ତ୍ରୀ ରବି ନାରାୟଣ ନାଏକ ଏହି ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଯେଉଁ ଠିକାସଂସ୍ଥା ତୁରନ୍ତ ନ ସାରିଛନ୍ତି ସେମାନଙ୍କୁ କଳାତାଲିକାଭୁକ୍ତ କରିବା ସହିତ ସେମାନଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ସିଧାସିଧା ଚେତାବନୀ ଶୁଣାଇଥିଲେ। ହେଲେ ଏହାର ପ୍ରଭାବ କୁଆଡ଼େ ଠିକାସଂସ୍ଥା ଉପରେ ସେମିତି ପଡ଼ି ନ ଥିବା ଜଣାପଡ଼ିଛି। ଫଳରେ ଏହି କଥା ବର୍ତ୍ତମାନ କୁଆଡ଼େ କେନ୍ଦ୍ର ସରକାରଙ୍କ ଦୃଷ୍ଟିକୁ ନିଆଯାଇଛି; ଯେଉଁଥିଲାଗି ଗତ ଶୁକ୍ରବାର କେନ୍ଦ୍ର ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟ ଏବଂ ପାନୀୟ ଜଳ ଓ ପରିମଳ ବିଭାଗ ସଚିବ ଥିବା ଅଶୋକ କୁମାର ମୀନାଙ୍କ ନିର୍ଦ୍ଦେଶରେ ଏକ ବୈଠକ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି। ଏହି ବୃହତ୍ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ସରକାର ୫୦:୫୦ରେ ଅର୍ଥ ଦେଉଥାଆନ୍ତି। ତେଣୁ ରାଜ୍ୟର ଏହି ସମସ୍ୟାକୁ ମଧ କେନ୍ଦ୍ର ଗୁରୁତର ସହ ବିଚାରକୁ ନେଇଛି। ବିଧାନସଭାର ଜଣେ ବରିଷ୍ଠ ସଦସ୍ୟଙ୍କ ସୂଚନା ମୁତାବକ, ରାଜ୍ୟରେ ଚାଲିଥିବା ବୃହତ୍ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ୨ ବର୍ଷରେ ଶେଷ ହେବା କଥା। ହେଲେ ଯେଉଁଠି ଏହି ପ୍ରକଳ୍ପ କାର୍ଯ୍ୟ ହେବ ସେଠାରେ ବିଭିନ୍ନ ପ୍ରକାର ସରକାରୀ ସମସ୍ୟାକୁ ପଞ୍ଚାୟତିରାଜ ବିଭାଗ ସମାଧାନକରି ଅନୁମୋଦନ ଆଣିବା ପରେ ଠିକାସଂସ୍ଥାଗୁଡ଼ିକ ସେମାନଙ୍କ କାମ ସାରନ୍ତି। ଅନେକ ସ୍ଥାନରେ ବିଭାଗୀୟ ଅବହେଳା କାରଣରୁ ବିଭିନ୍ନ ପ୍ରକାର କ୍ଲିୟରାନ୍ସ ଆଣିବାରେ ବିଭାଗୀୟ ଅଧିକାରୀମାନେ ଡେରି ମାରିବା ଯୋଗୁ ପ୍ରକଳ୍ପ କାମ ଡେରି ହୋଇଚାଲିଛି। ଏହାକୁ ନେଇ ଠିକାସଂସ୍ଥାଗୁଡ଼ିକ ଦାବି କରୁଛନ୍ତି, ଯେଉଁ ସମୟରେ ସେମାନଙ୍କ ଟେଣ୍ଡର ହୋଇଥିଲା ସେତେବେଳେ ବାଲି, ଗୋଡ଼ି, ରଡ଼, ଛଡ଼, ସିମେଣ୍ଟ ଏବଂ ଗାଡ଼ିଭଡ଼ା ଆଦି ଯେତିକି ଟଙ୍କା ଥିଲା ସେଥିରୁ ବର୍ତ୍ତମାନ ସେସବୁର ଦର ବିଭିନ୍ନ କ୍ଲିୟରାନ୍ସ ଆସିବାରେ ବିଳମ୍ବ ଭିତରେ ବହୁଗୁଣା ବଢ଼ିଗଲାଣି। ତେଣୁ ଯଦି ନୂଆ ଦରରେ କାର୍ଯ୍ୟ କରାଯାଏ ତେବେ ପ୍ରକଳ୍ପ କାମ କଲେ ସେମାନେ ବ୍ୟାପକ ଆର୍ଥିକ କ୍ଷତି ସହିବେ, ତେଣୁ ଏହାର ସମାଧାନ ଦାବି କରିଛନ୍ତି। ଏକଥା ମନ୍ତ୍ରଣାଳୟ ଦୃଷ୍ଟିକୁ ଆସିଛି।

ଅନ୍ୟପକ୍ଷରେ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର କରାଯାଇଥିବା ବୈଠକରେ ଆର୍ଡବ୍ଲ୍ୟୁଏସ୍ଏସ୍ ଇଆଇସି ପ୍ରକଳ୍ପଗୁଡିକର ଅଗ୍ରଗତି ଏବଂ ଅନ୍ୟାନ୍ୟ ବିଷୟରେ ଜଣାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ପ୍ରକଳ୍ପ ସବୁର ଅଗ୍ରଗତି ନେଇ ସମୀକ୍ଷା କରିବାକୁ ମନ୍ତ୍ରଣାଳୟର ଏକ ଟିମ୍ ଆସନ୍ତା ମାସକ ମଧ୍ୟରେ ରାଜ୍ୟ ଗସ୍ତରେ ଆସି ଏହିସବୁ ପ୍ରକଳ୍ପର କାର୍ଯ୍ୟର ସମୀକ୍ଷା କରିବ ବୋଲି ଜଣାପଡିଛି। ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା ସମେତ ଝାଡ଼ଖଣ୍ଡ, ରାଜସ୍ଥାନ, ଗୁଜରାଟ ଏବଂ ଉତ୍ତରପ୍ରଦେଶ ଆଦି ରାଜ୍ୟର ଅଧିକାରୀମାନଙ୍କୁ ଡାକି ସେମାନଙ୍କ ପ୍ରଦେଶରେ ଚାଲିଥିବା ଏହି ପ୍ରକଳ୍ପଗୁଡିକର ସ୍ଥିତି ବିଷୟରେ ବୁଝିଥିଲା। ଓଡ଼ିଶା ତୁଳନାରେ ଅନ୍ୟ ରାଜ୍ୟଗୁଡିକରେ ପ୍ରକଳ୍ପ କାମ ଆହୁରି ମନ୍ଥର ଅବସ୍ଥାରେ ଚାଲିଥିବା ଜାଣି କେନ୍ଦ୍ରୀୟ ଅଧିକାରୀ ଆଶ୍ଚର୍ଯ୍ୟ ବ୍ୟକ୍ତ କରିଛନ୍ତି। ଓଡ଼ିଶାରେ ଆସନ୍ତା ମାସରେ ମନ୍ତ୍ରୀ ନାଏକ ଏହି ପ୍ରକଳ୍ପଗୁଡିକର କାମ ଆଗେଇବା ଲାଗି ଦେଇଥିବା ଚେତାବନୀରେ ଠିକାସଂସ୍ଥାଗୁଡିକ କେତେ ଡରି କାର୍ଯ୍ୟ ତ୍ୱରିତ ବେଗରେ କରିଛନ୍ତି ସେ ନିଜେ ଆତ୍ମସମୀକ୍ଷା କରିବେ।

# ୧୧ ବିମାନବନ୍ଦର ଲିଜ୍‌ରେ ନେବ ଆଦାନୀ

ନୂଆଦିଲ୍ଲୀ,୨୦।୧୨

କେନ୍ଦ୍ର ସରକାର ଦେଶର କେତେକ ସରକାରୀ ବିମାନବନ୍ଦରକୁ ଘରୋଇ କମ୍ପାନୀକୁ ଲିଜ୍ ଦେବା ପାଇଁ ଯୋଜନା କରୁଥିବାବେଳେ ଆଦାନୀ ଏଣ୍ଟରପ୍ରାଇଜେସ୍ ୧୧ଟି ଏୟାରପୋର୍ଟ ପାଇଁ ବିଡ୍ ଦାଖଲ କରିବାକୁ ଯାଉଛି। ସେହି ଏୟାରପୋର୍ଟ ମଧ୍ୟରେ ଅମୃତସର ଏବଂ ବାରାଣସୀ ରହିଛି। ସମ୍ପ୍ରତି ଆଦାନୀ ଏଣ୍ଟରପ୍ରାଇଜେସ୍ ୭ଟି ବିମାନବନ୍ଦର ପରିଚାଳନା କରୁଥିବାବେଳେ ମୁମ୍ବାଇ ନିକଟରେ ଅନ୍ୟ ଏକ ଏୟାରପୋର୍ଟ ନିର୍ମାଣ କରୁଛି। ଆଗାମୀ ୫ ବର୍ଷରେ ଆଦାନୀ ଏଣ୍ଟରପ୍ରାଇଜେସ୍ ୧୧ ବିଲିୟନ ଡଲାର ବିନିଯୋଗରେ ଏୟାରପୋର୍ଟ ଭିତ୍ତିଭୂମିଗୁଡ଼ିକର ସମ୍ପ୍ରସାରଣ କରିବ। ସର୍ବାଧିକ ବିମାନବନ୍ଦର ସହ ଗୌତମ ଆଦାନୀଙ୍କ କମ୍ପାନୀ ଭାରତର ସବୁଠୁ ବଡ଼ ଅପରେଟର ହେବାକୁ ଯାଉଛି। ତେବେ କମ୍ପାନୀ ଏୟାରଲାଇନ୍ସ କରିବା ଯୋଜନାରେ ନାହିଁ। ଆମେ ସମସ୍ତ ୧୧ ଏୟାରପୋର୍ଟ ପାଇଁ ବିଡ୍ ଦାଖଲ କରିବୁ ବୋଲି ଆଦାନୀ ଏୟାରପୋର୍ଟ ହୋଲ୍ଡିଂସ୍ ଲିଃର ନିର୍ଦ୍ଦେଶକ ଜିତ୍ ଆଦାନୀ କହିଛନ୍ତି। ବିମାନ ଚଳାଚଳ କ୍ଷେତ୍ରରେ ଜିଏମ୍ଆର୍ ଗ୍ରୁପ୍ ଏବେ ସର୍ବବୃହତ୍ ଅପରେଟର ରହିଛି। ବର୍ତ୍ତମାନ ଦେଶରେ ୧୬୩ଟି ବିମାନବନ୍ଦର ଥିବାବେଳେ ୨୦୪୭ ସୁଦ୍ଧା ଏହାକୁ ୩୫୦ରୁ ୪୦୦ରେ ପହଞ୍ଚାଇବା ପାଇଁ ଯୋଜନା ରହିଛି।


No.T-117

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
************
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.22/12/2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0212/2526



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2025-39, ତା.11.12.2025ରିଖ

**କାର୍ଯ୍ୟର ନାମ :** ଟ୍ରାକ୍ ନବୀକରଣ କାର୍ଯ୍ୟର ସଙ୍କେତ ଏବଂ ଦୂରସଂଚାର ଅଂଶ : (1) ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ପୂର୍ବ) / ସମ୍ବଲପୁର ପରିସୀମା ଅଧିନସ୍ଥ ଝାରସୁଗୁଡ଼ା ରୋଡ଼-କେରେଜାଙ୍ଗ ସେକ୍ସନ ମଧ୍ୟରେ TTR (TWS)-55 ସେଟ୍, TTR (CMSC)-53 ସେଟ୍, TTR (FS+TWS+WCMSC)-1 ସେଟ୍, SEJ-14 ସେଟ୍ ଏବଂ ଗ୍ଲୁଡ୍ ଜଏଣ୍ଟ-94 ସଂଖ୍ୟକ।
(2) ମଣ୍ଡଳ ଯନ୍ତ୍ରୀ / ପଶ୍ଚିମ / ସମ୍ବଲପୁର ପରିସୀମା ଅଧିନସ୍ଥ ଲଖୋଲି-ଟିଟିଲାଗଡ଼ ସେକ୍ସନ ମଧ୍ୟରେ TTR (FS+TWS+WCMSC)-6 ସେଟ୍ (1:12), TTR (WCMSC)-7 ସେଟ୍ (1:8.5) ଏବଂ TTR (TWS)-7 ସେଟ୍ (1:8.5)।
(3) ବରିଷ୍ଠ ମଣ୍ଡଳ ଯନ୍ତ୍ରୀ / ସେଣ୍ଟ୍ରାଲ / ସମ୍ବଲପୁର ପରିସୀମା ଅଧିନସ୍ଥ ଝାରସୁଗୁଡ଼ା ରୋଡ଼-ଟିଟିଲାଗଡ଼ ସେକ୍ସନ ମଧ୍ୟରେ TTR (FS+TWS+ WCMS)-21 ସେଟ୍ (1:12), TWS-4 ସେଟ୍ (1:8.5), WCMSC-4 ସେଟ୍ (1:8.5), SEJs-5 ସେଟ୍ ଏବଂ ଗ୍ଲୁଡ୍ ଜଏଣ୍ଟ-67 ସଂଖ୍ୟକ।
(4) ସମ୍ବଲପୁର ମଣ୍ଡଳ - TTR (FS+TWS+WCMSC)-41 ସେଟ୍, FS-105 ସେଟ୍, CMSC-46 ସେଟ୍, FS+CS+CMSC-2 ସେଟ୍, ଗ୍ଲୁଡ୍ ଜଏଣ୍ଟ-376 ସଂଖ୍ୟକ ଏବଂ SEJs-79 ସଂଖ୍ୟକ।
(5) ସମ୍ବଲପୁର ମଣ୍ଡଳର ମଣ୍ଡଳ ଯନ୍ତ୍ରୀ / ପୂର୍ବ ପରିସୀମା ଅଧିନରେ TTR (FS) ଏବଂ TTR (TWS+CMSC)-108 ସେଟ୍ (1 IN 12- 68 ସେଟ୍ ଏବଂ 1 IN 8.5-40 ସେଟ୍), GJ-209 ସଂଖ୍ୟକ ଏବଂ ସାଇଡ୍ ଡ୍ରେନ-3510 ମିଟର।
(6) ସମ୍ବଲପୁର-ଦେଓଗାଁ ରୋଡ଼ : ସମ୍ବଲପୁର ମଣ୍ଡଳର ମଣ୍ଡଳ ଯନ୍ତ୍ରୀ / ସେଣ୍ଟ୍ରାଲ ଏବଂ ମଣ୍ଡଳ ଯନ୍ତ୍ରୀ / ଦକ୍ଷିଣ ପରିସୀମା ଅଧିନରେ TRR (P)-8.665 TKM., TRR (S)-0.83 TKM., TTR (CMSC) 1 IN 12-100 ସେଟ୍, TTR (DS) 1 IN 8.5-5 ସେଟ୍, TTR (TWS+CMSC) 1 IN 12-3 ସେଟ୍, TTR (FS+TWS+CMSC) 1 IN 12-1 ସେଟ୍ ଏବଂ 1 IN 8.5-20 ସେଟ୍, ସାଇଡ୍ ଡ୍ରେନ-4778 ମିଟର।

**ଟେଣ୍ଡର ମୂଲ୍ୟ :** ₹ 2,80,13,742.30, ବିଡ୍ ସିକ୍ୟୁରିଟୀ : ₹ 2,90,100/-

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.05.01.2026ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ (ସଙ୍କେତ), ସମ୍ବଲପୁର
PR-917/Q/25-26



**ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** SBI
**ଚାପଗ୍ରସ୍ତ ପରିସମ୍ପତ୍ତି ପ୍ରବନ୍ଧନ ଶାଖା-I, କୋଲକାତା**
"ନାଗାଲାଣ୍ଡ ହାଉସ୍", ୮ମ ମହଲା, ୧୧ ଓ ୧୩, ସେକ୍ସପିୟର ସରଣୀ, କୋଲକାତା-୭୦୦୦୭୧
ଫୋନ୍: ୦୩୩-୨୨୮୦୩୦୯୮, ଫାକ୍ସ: ୦୩୩-୨୨୮୧୦୬୨୨, ଇ-ମେଲ୍: sbi.04151@sbi.co.in

**ଦଖଲ ନୋଟିସ ପରିଶିଷ୍ଟ - IV [ନିୟମ ୮(୧)]**

ଯେହେତୁ
ନିମ୍ନ ସ୍ୱାକ୍ଷରକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ପ୍ରାଧିକୃତ ଅଧିକାରୀ ଭାବେ ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ (୨୦୦୨ର ଅଧିନିୟମ ୫୪) ଅଧୀନରେ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର **ନିୟମ ୩** ସହିତ ପଠନପୂର୍ବକ ଧାରା ୧୩ (୧୨) ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି ତା୩୦।୦୭।୨୦୨୫ରିଖରେ ଏକ ଡିମାଣ୍ଡ ନୋଟିସ ଜାରି କରି ଋଣଗ୍ରହୀତା **ନ୍ୟୁ ମଡର୍ଣ୍ଣ ଟେକ୍ନୋମେକ୍ ପ୍ରାଇଭେଟ୍ ଲିମିଟେଡ୍** ଏବଂ ଏହାର ଗ୍ୟାରେଣ୍ଟିଦାତା(ଗଣ) (୧) ଶ୍ରୀ ଶଶାଙ୍କ ଶେଖର ଷଡ଼ଙ୍ଗୀ (୨) ଶ୍ରୀମତୀ ସେବା ଷଡ଼ଙ୍ଗୀ ଏବଂ (୩) ଶ୍ରୀ ସୁମିତ ଷଡ଼ଙ୍ଗୀଙ୍କୁ ନୋଟିସରେ ଦର୍ଶାଯାଇଥିବା ଅର୍ଥରାଶି ଅର୍ଥାତ୍ **ତା୨୯।୦୭।୨୦୨୫ରିଖ** ସୁଦ୍ଧା ଥିବା **ଟ.୬୨,୫୨,୭୦,୧୦୪.୦୬ (ବାଷଠି କୋଟି ବାଉନ ଲକ୍ଷ ସତୁରୀ ହଜାର ଏକଶହ ଚାରି ଟଙ୍କା ଛଅ ପଇସା ମାତ୍ର)** ଉକ୍ତ ନୋଟିସ ପ୍ରାପ୍ତିର ୬୦ ଦିନ ମଧ୍ୟରେ ପରିଶୋଧ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ।
**ତତ୍‌ପଶ୍ଚାତ୍, ତା୩୦।୦୭।୨୦୨୫ରିଖର ଡିମାଣ୍ଡ ନୋଟିସ ଜାରି କରିବା ପରେ ସୁରକ୍ଷିତ ଋଣଦାତା ବ୍ୟାଙ୍କ ବିଭିନ୍ନ ତାରିଖରେ** (ପ୍ରତିଦାବୀର ଅଧିକାର ପ୍ରୟୋଗ କରି ସୀମାଶୁଳ୍କ ବିଭାଗ ତରଫରୁ ଋଣଗ୍ରହୀତାଙ୍କ ଖାତାରେ ପ୍ରାପ୍ତ ହୋଇଥିବା କ୍ରେଡିଟ୍, ବିବିଧ କ୍ରେଡିଟ୍, ନଗଦ ପାର୍ଶ୍ୱିକ ବନ୍ଧକ/ ଏସ୍‌ଟିଡିଆର୍/ ମାର୍ଜିନ ଧନ, ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ଦ୍ୱାରା କରାଯାଇଥିବା ଜମା ଏବଂ ବକେୟା ବ୍ୟାଙ୍କ ଗ୍ୟାରେଣ୍ଟିର ସମୟସୀମା ଅତିକ୍ରାନ୍ତ ହେବା କାରଣରୁ ମଧ୍ୟ) **ଟ.୧୨,୫୬,୪୭,୧୯୪.୦୦ ଅସୁଲ କରିଛି।**
**ଏବେ, ତା୧୧।୧୨।୨୦୨୫ରିଖ ସୁଦ୍ଧା ବର୍ତ୍ତମାନର ମୋଟ ବକେୟା ହେଉଛି ଟ.୫୦,୦୧,୧୯,୨୩୭.୦୦ (ପଚାଶ କୋଟି ଏକ ଲକ୍ଷ ଉଣେଇଶ ହଜାର ଦୁଇଶହ ସଇଁତିରିଶ ଟଙ୍କା ମାତ୍ର)** ଓ ତା୧୨।୧୨।୨୦୨୫ରିଖ ସୁଦ୍ଧା ତାହା ଉପରେ ଲାଗୁ ସୁଧ ସହ ଆନୁଷଙ୍ଗିକ ବ୍ୟୟ, ଖର୍ଚ୍ଚ, ଶୁଳ୍କ ଆଦି। ତଥାପି ଉକ୍ତ ନୋଟିସ ତାରିଖ ସୁଦ୍ଧା ମୋଟ ଟ.୫,୪୧,୨୮,୩୮୨.୦୦ର ଅପରିଶୋଧିତ ବ୍ୟାଙ୍କ ଗ୍ୟାରେଣ୍ଟି (ଆକସ୍ମିକ ଦେୟତା) ମଧ୍ୟ ବାକି ରହିଛି ଯାହାକୁ ବର୍ତ୍ତମାନର ବକେୟା ଟ.୫୦,୦୧,୧୯,୨୩୭.୦୦ (ପଚାଶ କୋଟି ଏକ ଲକ୍ଷ ଉଣେଇଶ ହଜାର ଦୁଇଶହ ସଇଁତିରିଶ ଟଙ୍କା ମାତ୍ର)ରେ ଅନ୍ତର୍ଭୁକ୍ତ କରାଯାଇଛି।
ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା(ଗଣ) ଉକ୍ତ ଅର୍ଥରାଶିକୁ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏତଦ୍ୱାରା ବିଶେଷ ଭାବେ ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା(ଗଣ)ଏବଂ ସର୍ବସାଧାରଣଙ୍କୁ ନୋଟିସ ଦିଆଯାଉଛି ଯେ, ନିମ୍ନ ସ୍ୱାକ୍ଷରକାରୀ ଅଧିନିୟମର ଧାରା ୧୩ର ଉପ-ଧାରା (୪) ସହ ପଠନପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ ଅଧୀନରେ ତାଙ୍କୁ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗ କରି **୧୧ ଡିସେମ୍ବର, ୨୦୨୫** ଦିନ ନିମ୍ନବର୍ଣ୍ଣିତ ସମ୍ପତ୍ତିକୁ ସମ୍ପୃକ୍ତ ସମ୍ପତ୍ତି ନାମ ବାବଦରେ ଡାହାଣ ପାର୍ଶ୍ୱ ସ୍ତମ୍ଭରେ ଦର୍ଶାଯାଇଥିବା ତାରିଖରେ ନିଜ ଦଖଲକୁ ନେଇଛନ୍ତି।
ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା(ଗଣ)/କର୍ପୋରେଟ୍ ଗ୍ୟାରେଣ୍ଟିଦାତା ଏବଂ ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏତଦ୍ୱାରା ଉକ୍ତ ସମ୍ପତ୍ତି ସହ କୌଣସି କାରବାର ନ କରିବା ପାଇଁ ସତର୍କ କରାଇଦିଆଯାଉଛି ଏବଂ ସମ୍ପତ୍ତି ସହିତ କୌଣସି କାରବାର କରାଗଲେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଦ୍ୱାରା **ତା୧୧।୧୨।୨୦୨୫ରିଖ** ସୁଦ୍ଧା ଥିବା **ଟ.୫୦,୦୧,୧୯,୨୩୭.୦୦ (ପଚାଶ କୋଟି ଏକ ଲକ୍ଷ ଉଣେଇଶ ହଜାର ଦୁଇଶହ ସଇଁତିରିଶ ଟଙ୍କା ମାତ୍ର)** ଓ ତା୧୨।୧୨।୨୦୨୫ରିଖ ସୁଦ୍ଧା ତାହା ଉପରେ ଲାଗୁ ସୁଧ ସହ ଆନୁଷଙ୍ଗିକ ବ୍ୟୟ, ଖର୍ଚ୍ଚ, ଶୁଳ୍କ ଆଦି ଚାର୍ଜ କରାଯିବ।
ବନ୍ଧକ ପରିସମ୍ପତ୍ତିକୁ ମୁକୁଳାଇବା ପାଇଁ ଉପଲବ୍ଧ ସମୟ ସଂକ୍ରାନ୍ତରେ ଅଧିନିୟମର ଧାରା ୧୩ର ଉପ-ଧାରା (୮)ର ବ୍ୟବସ୍ଥାପନ ପ୍ରତି ଋଣଗ୍ରହୀତାଙ୍କ ଧ୍ୟାନ ଆକର୍ଷଣ କରାଯାଉଛି।

**ସ୍ଥାବର ସମ୍ପତ୍ତିର ବର୍ଣ୍ଣନା**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କକୁ ଚାର୍ଜ କରାଯାଇଥିବା ଋଣଗ୍ରହୀତାଙ୍କ ନାମରେ ଥିବା ସମସ୍ତ ନିର୍ମାଣ, ଯନ୍ତ୍ରପାତି ଏବଂ ଫିକ୍ସର୍ ସମେତ ଲିଜ୍ ହୋଲ୍ଡ କାରଖାନା ଜମି ଓ ବିଲଡିଂର ସମସ୍ତ ଭାଗ ଓ ଅଂଶବିଶେଷ। ଲିଜ୍ ହୋଲ୍ଡ ଜମିର ବିବରଣୀ (ଲିଜଦାତା: ଓଡ଼ିଶା ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ, ଲିଜଗ୍ରହୀତା: ନ୍ୟୁ ମଡର୍ଣ୍ଣ ଟେକ୍ନୋମେକ୍ ପ୍ରାଇଭେଟ୍ ଲିମିଟେଡ୍) ତଳେ ଦର୍ଶାଗଲା:

| କ୍ର.ସଂ. | ମୌଜା | ଥାନା ଓ ଥାନା ନଂ. | ଖାତା ନଂ. | ପ୍ଲଟ୍ ନଂ. | ରକବା | କିସମ | ଦଖଲ ତାରିଖ |
|---|---|---|---|---|---|---|---|
| ୧ | ଛାଞ୍ଚ | ବାରିପଦା, ନଂ.୧୦୯ | ୨୭୦/୧ | ୯/୧୨୭୪(ପି) | ଏ.୦.୧୦ ଡିସିମିଲ | ଘରବାରି | ୧୭।୧୨।୨୦୨୫ |

ଏମ୍.ଏସ୍. ଖାତା ନଂ.୪୮, ପ୍ଲଟ୍ ନଂ. ୯/୧୨୭୪, ସି.ଏସ୍. ଖାତା ନଂ.୧, ପ୍ଲଟ୍ ନଂ. ୨୩(ପି), **ଇଡ୍‌କୋ ଶେଡ୍ ନଂ.୩୩** ଅନୁରୂପ, ଚଉହଦୀ: (ଲିଜ୍ କବଲା ଅନୁଯାୟୀ) **ଉତ୍ତର**: ଖାଲି ଜମି, **ଦକ୍ଷିଣ**: ଇଡକୋ ଶେଡ୍ ନଂ. ଏସ୍୨/୨୯, **ପୂର୍ବ**: ପ୍ଲଟ୍ ନଂ.୩୪, **ପଶ୍ଚିମ**: ରାସ୍ତା।
ଆର୍.ଏଲ୍.ଡି. ନଂ. ୪୦୧୭, ତାରିଖ: ୨୯।୧୨।୨୦୦୬, ସ୍ଥାନ ଏସ୍‌ଆର୍‌ଓ- ବାରିପଦା, ଲିଜ୍ ୨୦୮୧ ପର୍ଯ୍ୟନ୍ତ ବୈଧ।

| କ୍ର.ସଂ. | ମୌଜା | ଥାନା ଓ ଥାନା ନଂ. | ଖାତା ନଂ. | ପ୍ଲଟ୍ ନଂ. | ରକବା | କିସମ | ଦଖଲ ତାରିଖ |
|---|---|---|---|---|---|---|---|
| ୨ | ଛାଞ୍ଚ | ବାରିପଦା, ନଂ.୧୦୯ | ୨୭୦/୧ | ୯/୧୨୭୪(ପି) | ଏ.୦.୮୫୦ ଡିସିମିଲ | ଘରବାରି | ୧୭।୧୨।୨୦୨୫ |

ଏମ୍.ଏସ୍. ଖାତା ନଂ.୪୮, ପ୍ଲଟ୍ ନଂ. ୯/୧୨୭୪, ସି.ଏସ୍. ଖାତା ନଂ.୧, ପ୍ଲଟ୍ ନଂ. ୨୩(ପି), **ଇଡ୍‌କୋ ଶେଡ୍ ନଂ.୨୯/୧** ଅନୁରୂପ, ଚଉହଦୀ: (ଲିଜ୍ କବଲା ଅନୁଯାୟୀ) **ଉତ୍ତର**: ବେସରକାରୀ ଜମି, **ଦକ୍ଷିଣ**: ରାସ୍ତା, **ପୂର୍ବ**: ବେସରକାରୀ ଜମି, **ପଶ୍ଚିମ**: ଇଡ୍‌କୋ ପ୍ଲଟ୍।
ଆର୍.ଏଲ୍.ଡି. ନଂ. ୪୦୨୦, ତାରିଖ: ୨୯।୧୨।୨୦୦୬, ସ୍ଥାନ ଏସ୍‌ଆର୍‌ଓ- ବାରିପଦା, ଲିଜ୍ ତା୧୦।୦୯।୨୦୯୦ରିଖ ପର୍ଯ୍ୟନ୍ତ ବୈଧ।

| କ୍ର.ସଂ. | ମୌଜା | ଥାନା ଓ ଥାନା ନଂ. | ଖାତା ନଂ. | ପ୍ଲଟ୍ ନଂ. | ରକବା | କିସମ | ଦଖଲ ତାରିଖ |
|---|---|---|---|---|---|---|---|
| ୩ | ଛାଞ୍ଚ | ବାରିପଦା, ନଂ.୧୦୯ | ୨୭୦/୧ | ୮(ପି)<br>୯/୧୨୭୪(ପି) | ଏ.୦.୨୫୦ ଡିସିମିଲ<br>ଏ.୦.୫୦୦ ଡିସିମିଲ | ଘରବାରି<br>ଘରବାରି | ୧୭।୧୨।୨୦୨୫ |

ଏମ୍.ଏସ୍. ଖାତା ନଂ.୪୮, ପ୍ଲଟ୍ ନଂ. ୮(ପି), ପ୍ଲଟ୍ ନଂ.୯/୧୨୭୪(ପି), **ଇଡ୍‌କୋ ଶେଡ୍ ନଂ.ଏସ୍୨/୨୨, ଏସ୍୨/୨୬ ଏବଂ ଏସ୍୨/୩୦** ଅନୁରୂପ, ଚଉହଦୀ: (ଲିଜ୍ କବଲା ଅନୁଯାୟୀ) **ଉତ୍ତର**: ଇଡ୍‌କୋ ଶେଡ୍ ନଂ. ଏସ୍୨/୨୯, ୨୫ ଓ ୨୧, **ଦକ୍ଷିଣ**: ଇଡ୍‌କୋ ରାସ୍ତା, **ପୂର୍ବ**: ଇଡ୍‌କୋ ପ୍ଲଟ୍, **ପଶ୍ଚିମ**: ଇଡ୍‌କୋ ରୋଡ୍।
ଆର୍.ଏଲ୍.ଡି. ନଂ. ୧୧୨୬୧୮୦୨୭୪୭, ତାରିଖ: ୨୮।୧୧।୨୦୧୮, ସ୍ଥାନ ଏସ୍‌ଆର୍‌ଓ- ବାରିପଦା, ଲିଜ୍ ତା୨୯।୦୩।୨୦୭୩ରିଖ ପର୍ଯ୍ୟନ୍ତ ବୈଧ।

| କ୍ର.ସଂ. | ମୌଜା | ଥାନା ଓ ଥାନା ନଂ. | ଖାତା ନଂ. | ପ୍ଲଟ୍ ନଂ. | ରକବା | କିସମ | ଦଖଲ ତାରିଖ |
|---|---|---|---|---|---|---|---|
| ୪ | ଛାଞ୍ଚ | ବାରିପଦା, ନଂ.୧୦୯ | ୨୭୦/୧ | ୯/୧୨୭୪(ପି)<br>୧୭୫/୧୨୭୫ (ପି) | ଏ.୦.୧୬୦ ଡିସିମିଲ<br>ଏ.୦.୦୯୦ ଡିସିମିଲ | ଘରବାରି<br>ଘରବାରି | ୧୭।୧୨।୨୦୨୫ |

ଏମ୍.ଏସ୍. ଖାତା ନଂ.୪୮, ପ୍ଲଟ୍ ନଂ.୯/୧୨୭୪(ପି), ୧୭୫/୧୨୭୫(ପି), **ଇଡ୍‌କୋ ଶେଡ୍ ନଂ.ଏସ୍୨/୩୨** ଅନୁରୂପ, ଚଉହଦୀ: (ଲିଜ୍ କବଲା ଅନୁଯାୟୀ) **ଉତ୍ତର**: ଇଡ୍‌କୋ ଶେଡ୍ ନଂ. ଏସ୍୨/୩୧, **ଦକ୍ଷିଣ**: ଇଡ୍‌କୋ ରାସ୍ତା, **ପୂର୍ବ**: ଇଡ୍‌କୋ ଜମି, **ପଶ୍ଚିମ**: ଇଡ୍‌କୋ ଶେଡ୍ ନଂ. ଏସ୍୨/୨୮।
ଆର୍.ଏଲ୍.ଡି. ନଂ. ୧୧୨୬୧୯୦୩୩୬୬, ତାରିଖ: ୩୦।୧୨।୨୦୧୯, ସ୍ଥାନ ଏସ୍‌ଆର୍‌ଓ- ବାରିପଦା, ଲିଜ୍ ତା୨୯।୦୩।୨୦୭୩ରିଖ ପର୍ଯ୍ୟନ୍ତ ବୈଧ।

| କ୍ର.ସଂ. | ମୌଜା | ଥାନା ଓ ଥାନା ନଂ. | ଖାତା ନଂ. | ପ୍ଲଟ୍ ନଂ. | ରକବା | କିସମ | ଦଖଲ ତାରିଖ |
|---|---|---|---|---|---|---|---|
| ୫ | ଛାଞ୍ଚ | ବାରିପଦା, ନଂ.୧୦୯ | ୨୭୦/୧ | ୯/୧୨୭୪(ପି) | ଏ.୦.୨୫୦ ଡିସିମିଲ | ଘରବାରି | ୧୭।୧୨।୨୦୨୫ |

ଏମ୍.ଏସ୍. ଖାତା ନଂ.୪୮, ପ୍ଲଟ୍ ନଂ.୯/୧୨୭୪(ପି), **ଇଡ୍‌କୋ ଶେଡ୍ ନଂ.ଏସ୍୨/୩୧** ଅନୁରୂପ, ଚଉହଦୀ: (ଲିଜ୍ କବଲା ଅନୁଯାୟୀ) **ଉତ୍ତର**: ରାସ୍ତା, **ଦକ୍ଷିଣ**: ଇଡ୍‌କୋ ଶେଡ୍ ନଂ.୩୨ (ଶେଡ୍ ନଂ. ଏସ୍୨/୩୨), **ପୂର୍ବ**: ଇଡ୍‌କୋ ଜମି, **ପଶ୍ଚିମ**: ଇଡ୍‌କୋ ଶେଡ୍ ନଂ. ଏସ୍୨/୨୭।
ଆର୍.ଏଲ୍.ଡି. ନଂ. ୧୧୨୬୧୯୦୩୩୬୯, ତାରିଖ: ୩୦।୧୨।୨୦୧୯, ସ୍ଥାନ ଏସ୍‌ଆର୍‌ଓ- ବାରିପଦା, ଲିଜ୍ ତା୨୯।୦୩।୨୦୭୩ରିଖ ପର୍ଯ୍ୟନ୍ତ ବୈଧ।

| କ୍ର.ସଂ. | ମୌଜା | ଥାନା ଓ ଥାନା ନଂ. | ଖାତା ନଂ. | ପ୍ଲଟ୍ ନଂ. | ରକବା | କିସମ | ଦଖଲ ତାରିଖ |
|---|---|---|---|---|---|---|---|
| ୬ | ଛାଞ୍ଚ | ବାରିପଦା, ନଂ.୧୦୯ | ୨୭୦/୧ | ୮(ପି)<br>୯/୧୨୭୪(ପି) | ଏ.୦.୧୮୦ ଡିସିମିଲ<br>ଏ.୦.୦୭୦ ଡିସିମିଲ | ଘରବାରି<br>ଘରବାରି | ୧୭।୧୨।୨୦୨୫ |

ଏମ୍.ଏସ୍. ଖାତା ନଂ.୪୮, ପ୍ଲଟ୍ ନଂ. ୮(ପି), ପ୍ଲଟ୍ ନଂ. ୯/୧୨୭୪(ପି), **ଇଡ୍‌କୋ ଶେଡ୍ ନଂ.ଏସ୍୨/୨୧** ଅନୁରୂପ, ଚଉହଦୀ: (ଲିଜ୍ କବଲା ଅନୁଯାୟୀ) **ଉତ୍ତର**: ଇଡ୍‌କୋ ରାସ୍ତା, **ଦକ୍ଷିଣ**: ଇଡ୍‌କୋ ଶେଡ୍ ନଂ.ଏସ୍୨/୨୨, **ପୂର୍ବ**: ଇଡ୍‌କୋ ଶେଡ୍ ନଂ. ଏସ୍୨/୨୫, **ପଶ୍ଚିମ**: ଇଡ୍‌କୋ ରାସ୍ତା।
ଆର୍.ଏଲ୍.ଡି. ନଂ. ୧୧୨୬୧୯୦୩୩୭୨, ତାରିଖ: ୩୦।୧୨।୨୦୧୯, ସ୍ଥାନ ଏସ୍‌ଆର୍‌ଓ- ବାରିପଦା, ଲିଜ୍ ତା୨୯।୦୩।୨୦୭୩ରିଖ ପର୍ଯ୍ୟନ୍ତ ବୈଧ।

| କ୍ର.ସଂ. | ମୌଜା | ଥାନା ଓ ଥାନା ନଂ. | ଖାତା ନଂ. | ପ୍ଲଟ୍ ନଂ. | ରକବା | କିସମ | ଦଖଲ ତାରିଖ |
|---|---|---|---|---|---|---|---|
| ୭ | ଛାଞ୍ଚ | ବାରିପଦା, ନଂ.୧୦୯ | ୨୭୦/୧ | ୯/୧୨୭୪ | ଏ.୦.୨୫୦ ଡିସିମିଲ | ଘରବାରି | ୧୭।୧୨।୨୦୨୫ |

ଏମ୍.ଏସ୍. ଖାତା ନଂ.୪୮, ପ୍ଲଟ୍ ନଂ. ୯/୧୨୭୪, ସି.ଏସ୍. ଖାତା ନଂ. ୧, ପ୍ଲଟ୍ ନଂ. ୨୩(ପି) **ଇଡ୍‌କୋ ଶେଡ୍ ନଂ.ଏସ୍୨/୨୯** ଅନୁରୂପ, ଚଉହଦୀ: (ଲିଜ୍ କବଲା ଅନୁଯାୟୀ) **ଉତ୍ତର**: ରାସ୍ତା, **ଦକ୍ଷିଣ**: ଇଡ୍‌କୋ ଶେଡ୍ ନଂ.ଏସ୍୨/୩୦, **ପୂର୍ବ**: ଖାଲି ଜମି, **ପଶ୍ଚିମ**: ଇଡ୍‌କୋ ଶେଡ୍ ନଂ. ଏସ୍୨/୨୫।
ଆର୍.ଏଲ୍.ଡି. ନଂ. ୩୧୬୧, ତାରିଖ: ୨୮।୦୮।୧୯୯୦, ସ୍ଥାନ ଏସ୍‌ଆର୍‌ଓ- ବାରିପଦା, ଲିଜ୍ ୯୦ ବର୍ଷ ପାଇଁ ବୈଧ।

| କ୍ର.ସଂ. | ମୌଜା | ଥାନା ଓ ଥାନା ନଂ. | ଖାତା ନଂ. | ପ୍ଲଟ୍ ନଂ. | ରକବା | କିସମ | ଦଖଲ ତାରିଖ |
|---|---|---|---|---|---|---|---|
| ୮ | ଛାଞ୍ଚ | ବାରିପଦା, ନଂ.୧୦୯ | ୨୭୦/୧ | ୯/୧୨୭୪(ପି) | ଏ.୦.୨୫୦ ଡିସିମିଲ | ଘରବାରି | ୧୭।୧୨।୨୦୨୫ |

ଏମ୍.ଏସ୍. ଖାତା ନଂ.୪୮, ପ୍ଲଟ୍ ନଂ. ୯/୧୨୭୪, **ଇଡ୍‌କୋ ଶେଡ୍ ନଂ.ଏସ୍୨/୨୫** ଅନୁରୂପ, ଚଉହଦୀ: (ଲିଜ୍ କବଲା ଅନୁଯାୟୀ) **ଉତ୍ତର**: ଇଡ୍‌କୋ ରାସ୍ତା, **ଦକ୍ଷିଣ**: ଇଡ୍‌କୋ ଶେଡ୍ ନଂ.ଏସ୍୨/୨୬, **ପୂର୍ବ**: ଇଡ୍‌କୋ ଶେଡ୍ ନଂ. ୨/୨୯, **ପଶ୍ଚିମ**: ଇଡ୍‌କୋ ଶେଡ୍ ନଂ. ଏସ୍୨/୨୧।
ଆର୍.ଏଲ୍.ଡି. ନଂ. ୧୧୨୬୨୦୦୧୧୬୫, ତାରିଖ: ୦୩।୦୬।୨୦୨୦, ସ୍ଥାନ ଏସ୍‌ଆର୍‌ଓ- ବାରିପଦା, ଲିଜ୍ ତା୦୬।୦୩।୧୯୯୭ରିଖଠାରୁ ୯୦ ବର୍ଷ ପାଇଁ ବୈଧ।

**ସ୍ଥାବର ସମ୍ପତ୍ତିର ବର୍ଣ୍ଣନା**

ଶ୍ରୀ ଶଶାଙ୍କ ଶେଖର ଷଡ଼ଙ୍ଗୀଙ୍କ ନାମରେ ଥିବା ଜମିର ସମସ୍ତ ଭାଗ ଓ ଅଂଶବିଶେଷ ସମେତ ବିଲ୍‌ଡିଂ/ସଂରଚନାର ନ୍ୟାୟସଙ୍ଗତ ବନ୍ଧକ।

| ମୌଜା | ଥାନା ଓ ଥାନା ନଂ. | ଖାତା ନଂ. | ପ୍ଲଟ୍ ନଂ. | ରକବା | କିସମ | ଦଖଲ ତାରିଖ |
|---|---|---|---|---|---|---|
| ଛାଞ୍ଚ | ବାରିପଦା, ନଂ.୧୦୯ | ୨୬୬/୬୫୪ | ୨୫୯ | ଏ.୧.୨୩ ଡିସିମିଲ | ଘରବାରି | ୧୭।୧୨।୨୦୨୫ |

ଖାତା ନଂ. ୧୧୨, ପ୍ଲଟ୍ ନଂ. ୨୫୯, ଏ.୧୨୩ ଡିସିମିଲ। ଚଉହଦୀ: (କବଲା ଅନୁଯାୟୀ), **ଉତ୍ତର**: ସୋମବାରୀ ମାଂଝୀ, **ଦକ୍ଷିଣ**: ପରମାନନ୍ଦ ପାତ୍ର, **ପୂର୍ବ**: ରାସ୍ତା, **ପଶ୍ଚିମ**: ପ୍ଲଟ୍ ନଂ. ୧୧୧୯।
ଆର୍.ଏସ୍.ଡି. ନଂ. ୩୭୨ ତାରିଖ: ୨୮।୦୧।୨୦୦୪, ସ୍ଥାନ ଡିଏସ୍‌ଆର୍- ବାରିପଦା।

**ସ୍ଥାବର ସମ୍ପତ୍ତିର ବର୍ଣ୍ଣନା**

ଶ୍ରୀ ଶଶାଙ୍କ ଶେଖର ଷଡ଼ଙ୍ଗୀଙ୍କ ନାମରେ ଥିବା ଜମିର ସମସ୍ତ ଭାଗ ଓ ଅଂଶବିଶେଷ ସମେତ ବିଲ୍‌ଡିଂର ନ୍ୟାୟସଙ୍ଗତ ବନ୍ଧକ।

| ମୌଜା | ଥାନା ଓ ଥାନା ନଂ. | ଖାତା ନଂ. | ପ୍ଲଟ୍ ନଂ. | ରକବା | କିସମ | ଦଖଲ ତାରିଖ |
|---|---|---|---|---|---|---|
| ଷ୍ଟେଶନ ବନ୍ଧସାହି | ବାରିପଦା, ୟୁନିଟ୍-୧୨ | ୨୦୫/୭୫୨ | ୪୫୮/୯୮୮ | ଏ.୦.୧୧୯ ଡିସିମିଲ | ଘରବାରି-II | ୧୭।୧୨।୨୦୨୫ |

ଖାତା ନଂ. ୨୦୫/୧୧୧, ପ୍ଲଟ୍ ନଂ. ୪୫୮/୯୮୮। ଚଉହଦୀ: (କବଲା ଅନୁଯାୟୀ), **ଉତ୍ତର**: ରାସ୍ତା, **ଦକ୍ଷିଣ**: ଶ୍ୟାମ ସିଂହ, **ପୂର୍ବ**: ଶ୍ୟାମ ସିଂହ, **ପଶ୍ଚିମ**: ପ୍ଲଟ୍ ନଂ. ୬୮୮।
ଆର୍.ଏସ୍.ଡି. ନଂ. ୧୩୭୦ ତାରିଖ: ୧୧।୦୫।୨୦୦୭, ସ୍ଥାନ ଏସ୍‌ଆର୍‌ଓ- ବାରିପଦା।

**ସ୍ଥାବର ସମ୍ପତ୍ତିର ବର୍ଣ୍ଣନା**

ଶ୍ରୀ ଶଶାଙ୍କ ଶେଖର ଷଡ଼ଙ୍ଗୀ ଏବଂ ଶ୍ରୀମତୀ ସେବା ଷଡ଼ଙ୍ଗୀଙ୍କ ନାମରେ ଥିବା ଜମିର ସମସ୍ତ ଭାଗ ଓ ଅଂଶବିଶେଷ ସମେତ ବିଲ୍‌ଡିଂ/ସଂରଚନାର ନ୍ୟାୟସଙ୍ଗତ ବନ୍ଧକ। ସମୁଦାୟ ଜମି ରକବା- ଏ.୦.୧୫ ଡିସିମିଲ।

| କ୍ର.ସଂ. | ମୌଜା | ଥାନା ଓ ଥାନା ନଂ. | ଖାତା ନଂ. | ପ୍ଲଟ୍ ନଂ. | ରକବା | କିସମ | ଦଖଲ ତାରିଖ |
|---|---|---|---|---|---|---|---|
| ୧ | ଅମ୍ବିକାସାହି ୟୁନିଟ୍-୨ | ବାରିପଦା-୨ | ୬୧/୯୪ | ୨୭୪/୫୩୪ | ଏ.୦.୧୦ ଡିସିମିଲ | ଘରବାରି | ୧୭।୧୨।୨୦୨୫ |

ଏମ୍.ଏସ୍. ଖାତା ନଂ. ୩୩, ପ୍ଲଟ୍ ନଂ. ୨୭୪, ଏ.୦.୧୦ ଡିସିମିଲ। ଚଉହଦୀ: (କବଲା ଅନୁଯାୟୀ), **ଉତ୍ତର**: ସେବା ଷଡ଼ଙ୍ଗୀ, **ଦକ୍ଷିଣ**: ରାସ୍ତା, **ପୂର୍ବ**: ଦିନେଶ ଷଡ଼ଙ୍ଗୀ, **ପଶ୍ଚିମ**: ପ୍ରସ୍ତାବିତ ରାସ୍ତା।
ଆର୍.ଏସ୍.ଡି. ନଂ. ୨୯୩୯, ତାରିଖ: ୨୦।୦୭।୧୯୮୯, ସ୍ଥାନ: ଏସ୍‌ଆର୍‌ଓ- ବାରିପଦା, ଶ୍ରୀ ଶଶାଙ୍କ ଶେଖର ଷଡ଼ଙ୍ଗୀଙ୍କ ନାମରେ।

| କ୍ର.ସଂ. | ମୌଜା | ଥାନା ଓ ଥାନା ନଂ. | ଖାତା ନଂ. | ପ୍ଲଟ୍ ନଂ. | ରକବା | କିସମ | ଦଖଲ ତାରିଖ |
|---|---|---|---|---|---|---|---|
| ୨ | ଅମ୍ବିକାସାହି ୟୁନିଟ୍-୨ | ବାରିପଦା-୨ | ୬୧/୯୫ | ୨୭୪/୫୩୫ | ଏ.୦.୦୫ ଡିସିମିଲ | ଘରବାରି | ୧୭।୧୨।୨୦୨୫ |

ଏମ୍.ଏସ୍. ଖାତା ନଂ. ୩୩, ପ୍ଲଟ୍ ନଂ. ୨୭୪, ଏ.୦.୦୫ ଡିସିମିଲ। ଚଉହଦୀ: (କବଲା ଅନୁଯାୟୀ), **ଉତ୍ତର**: କାଶୀନାଥ ମିଶ୍ର, **ଦକ୍ଷିଣ**; ଶଶାଙ୍କ ଶେଖର ଷଡ଼ଙ୍ଗୀ, **ପୂର୍ବ**: ବିକ୍ରେତା, **ପଶ୍ଚିମ**: ପ୍ରସ୍ତାବିତ ରାସ୍ତା।
ଆର୍.ଏସ୍.ଡି. ନଂ. ୨୯୪୦, ତାରିଖ: ୨୦।୦୭।୧୯୮୯, ସ୍ଥାନ: ଏସ୍‌ଆର୍‌ଓ- ବାରିପଦା, ଶ୍ରୀମତୀ ସେବା ଷଡ଼ଙ୍ଗୀଙ୍କ ନାମରେ।

**ସ୍ଥାବର ସମ୍ପତ୍ତିର ବର୍ଣ୍ଣନା**

ଶ୍ରୀ ଶଶାଙ୍କ ଶେଖର ଷଡ଼ଙ୍ଗୀଙ୍କ ନାମରେ ଥିବା ଜମିର ସମସ୍ତ ଭାଗ ଓ ଅଂଶବିଶେଷ ସମେତ ସୀମା ପାଚେରୀ/ନିର୍ମାଣର ନ୍ୟାୟସଙ୍ଗତ ବନ୍ଧକ।

| ମୌଜା | ଥାନା ଓ ଥାନା ନଂ. | ଖାତା ନଂ. | ପ୍ଲଟ୍ ନଂ. | ରକବା | କିସମ | ଦଖଲ ତାରିଖ |
|---|---|---|---|---|---|---|
| ଭୁବନେଶ୍ୱର ସହର, ୟୁନିଟ୍ ନଂ.-୩୨, ଗୋବିନ୍ଦ ପ୍ରସାଦ | ନ୍ୟୁ କ୍ୟାପିଟାଲ, ୪୬ | ୧୦୫୭/୧୯୯୧ | ୨୨୩/୧୮୫୯ | ଏ.୦.୧୬୪ ଡିସିମିଲ | ଘରବାରି-II | ୨୦।୧୨।୨୦୨୫ |

ପୁରୁଣା ଖାତା ନଂ. ୬୨୧, ମୌଜା- ଭୁବନେଶ୍ୱର ସହର ୟୁନିଟ୍ ନଂ.୩୨, ଗୋବିନ୍ଦ ପ୍ରସାଦ, ଚଉହଦୀ: (କବଲା ଅନୁଯାୟୀ), ଉତ୍ତର: ପ୍ଲଟ୍ ନଂ.୧୫୩ (ବଂଶୀଧର ପଣ୍ଡା), ଦକ୍ଷିଣ: ପ୍ଲଟ୍ ନଂ. ୧୮୬୦ ଓ ୧୮୬୧ (ସହଦେବ ନାୟକ ଏବଂ ଘନଶ୍ୟାମ ପାତ୍ର), ପୂର୍ବ: ପ୍ଲଟ୍ ନଂ. ୨୧୭୫ (ବୈଷ୍ଣବ ବିହାର ଆପାର୍ଟମେଣ୍ଟ), ପଶ୍ଚିମ: ସର୍ବସାଧାରଣ ରାସ୍ତା।
ଆର୍.ଏସ୍.ଡି. ନଂ.୪୯୧୪, ତାରିଖ: ୦୪।୦୪।୨୦୦୮, ସ୍ଥାନ: ଡିଏସ୍‌ଆର୍-ଭୁବନେଶ୍ୱର।

ସ୍ଥାନ: ଭୁବନେଶ୍ୱର
ତାରିଖ: ୨୦.୧୨.୨୦୨୫

ସ୍ୱା./- ପ୍ରାଧିକୃତ ଅଧିକାରୀ
ଚାପଗ୍ରସ୍ତ ପରିସମ୍ପତ୍ତି ଅସୁଲି ଶାଖା-I, କୋଲକାତା



**वरीय पुलिस अधीक्षक का कार्यालय, राँची।**
**सर्वसाधारण के लिए सूचना।**



नाम–बिश्णु बडाईक, उम्र–22 वर्ष, रंग–सॉवला, ऊँचाई–05 फीट, 04 ईंच
पहनावा–काला रंग का शर्ट एवं काला रंग का पैंट पहने हुए है।

उपरोक्त लापता व्यक्ति विश्णु बड़ाईक, उम्र–22 वर्ष, पिता–बुधवा बडाईक, सा0–बालालौंग, थाना–नगड़ी, जिला–राँची जो दिनांक–06.12.2025 को अपने घर से बगैर बताए कहीं चले गए है जो आजतक अपने घर वापस नहीं आए है। जिनकी मानसिक स्थिति ठीक नहीं है। जिसके संबंध में नगड़ी थाना सन्हा सं0–19/2025, दिनांक–15.12.2025 दर्ज कर इनकी खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता व्यक्ति कहीं मिलता/दिखता है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

**Email ID(rnc-dcb@jhpolice.gov.in)**
पुलिस उपाधीक्षक, मु0, द्वितीय, राँची। – 9431706142
थाना प्रभारी नगड़ी, राँची। – 9431706176

वरीय पुलिस अधीक्षक,
राँची।

PR 369107 Police(25-26)D



ଫର୍ମ ନଂ.-୧୩
**ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଇଜିଲାସ୍**
ସି-୭୧, ସେକ୍ଟର-୭, ସି.ଡ଼ି.ଏ, କଟକ, ଓଡ଼ିଶା
ଓ.ଏ. ନଂ.-୪୦୧/୨୦୨୫

**ବ୍ୟାଙ୍କ ଅଫ୍ ଇଣ୍ଡିଆ** .....ଆବେଦନକାରୀ

ବନାମ

**ଶ୍ରୀ ରମାକାନ୍ତ ମହାପାତ୍ର,** ପିତା: ଶ୍ରୀ ଗୋବିନ୍ଦ ଚନ୍ଦ୍ର ତରାଇ, ସା: ପ୍ଲଟ୍ ନଂ.: ୧୬୪୨/୭୧, ଗଣ୍ଡମୁଣ୍ଡା, ପୋ/ଥାନା: ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦, **ଅନ୍ୟ ଠିକଣା-** କ୍ୱାର୍ଟର ନଂ.: ଜେସି ୮୬, ପୋ: ମଧୁବନ, ଥାନା: ପାରାଦୀପ, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା-୭୫୪୧୪୨ .....ପ୍ରତିବାଦୀ

ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ
ଖବରକାଗଜ ପ୍ରକାଶନ ଦ୍ୱାରା ସମନ୍

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି ଆବେଦନକାରୀ ଓ.ଏ. ନଂ.-୪୦୧/୨୦୨୫ ଦ୍ୱାରା **ଟ.୩୫,୨୯,୭୪୪/-** (ପଞ୍ଚତିରିଶ ଲକ୍ଷ ଅଣତିରିଶ ହଜାର ସାତ ଶହ ଚଉରାଳିଶ ଟଙ୍କା ମାତ୍ର) ଋଣ ରାଶି ଓ ତତ୍‌ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ମାନ୍ୟବର ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଇଜିଲାସ୍‌ରେ ଏକ ମୋକଦ୍ଦମା ରୁଜୁ କରିଅଛନ୍ତି। ତେଣୁ ଏତଦ୍‌ଦ୍ୱାରା ଉପରିଲିଖିତ ପ୍ରତିବାଦୀଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି ଏହି ନୋଟିସ୍‌ର ଖବରକାଗଜ ପ୍ରକାଶନର **ତିରିଶ ଦିନ** ମଧ୍ୟରେ କିମ୍ବା **ତା୨୫.୦୨.୨୦୨୬ରିଖ ପୂର୍ବାହ୍ନ ୧୦:୩୦ ଘଟିକା** ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ତାଙ୍କର ପକ୍ଷ ରଖିପାରିବେ।

ଏହି ନୋଟିସ୍ ମାଧ୍ୟମରେ ଅବଗତ କରାଇ ଦିଆଯାଉଅଛି କି ଯଦି ଆପଣ ଏଥିରେ ଖିଲାପ କରନ୍ତି, ତେବେ ଆପଣଙ୍କର ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ।

ଏହି ପ୍ରାଧିକରଣର ସହି ମୋହର ସହ ଏବଂ ମୋ ଦ୍ୱାରା ଅଦ୍ୟ ଦିନାଙ୍କ **୧୦ ଡିସେମ୍ବର, ୨୦୨୫**ରେ ଆଦିଷ୍ଟ।

ସ୍ୱା/- (ଜିତେନ୍ଦ୍ର ନାଥ ପତି)
ରେଜିଷ୍ଟ୍ରାର (ଭାରପ୍ରାପ୍ତ)



**ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ**
ପ୍ଲଟ୍ ନଂ ୪, ଚୁନକୋଲି, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୭୫୧୦୨୧, ଇ-ମେଲ୍ : orierc@odisha.gov.in, orierc@gmail.com Web : www.orerc.org

**ସାଧାରଣ ବିଜ୍ଞପ୍ତି**
**କେସ୍ ନଂ ୧୩୩/୨୦୨୫**

**ଓଇଆରସି (ହୁଇଲିଂ ଟାରିଫ ଏବଂ ରିଟେଲ ସପ୍ଲାଏ ଟାରିଫ ତାରିଫ ନିର୍ଦ୍ଧାରଣ ପାଇଁ ସର୍ତ୍ତ ଓ ବ୍ୟବସ୍ଥାବଳୀ)ନିୟାମକ ୨୦୨୨ ପାଠ ସହ ଅନ୍ୟାନ୍ୟ ନିୟମ ଓ ନିୟାମକ ଏବଂ ଓଇଆରସି (ବ୍ୟବସାୟ ପରିଚାଳନା) ନିୟାମକ ୨୦୦୪ (ର ସଂପୃକ୍ତ ବ୍ୟବସ୍ଥାବଳୀର ପାଠ ବିଦ୍ୟୁତ ଅଧିନିୟମ ୨୦୦୩ର ଧାରା ୬୨ ଓ ୮୬ (୧) ଅନୁଯାୟୀ ଆର୍ଥିକ ବର୍ଷ ୨୦୨୩-୨୪ ଓ ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ଟ୍ରୁଇଅପ୍‌ର ଅନୁମୋଦନ ଉଦ୍ଦେଶ୍ୟରେ ଟିପିଏସଓଡିଏଲର ଆବେଦନ ଶୁଣାଣି**

ଟିପିଏସଓଡିଏଲ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗଙ୍କ ଠାରେ ୨୯.୧୧.୨୦୨୫ ରେ ଆର୍ଥିକ ବର୍ଷ ୨୦୨୩-୨୪ ଓ ଆର୍ଥିକ ବର୍ଷ ୨୦୨୪-୨୦୨୫ ପାଇଁ ଟ୍ରୁଇଅପ ଅନୁମୋଦନ ଲାଗି ଆବେଦନ ଦାଖଲ କରିଛି, ଯାହା **କେସ ନଂ.୨୦୨୫ ର ୧୩୩**ରେ ପଞ୍ଜିକୃତ ହୋଇଅଛି। ଏହି ଆବେଦନଟି ଓଇଆରସି (ହୁଇଲିଂ ଟାରିଫ ଓ ରିଟେଲ ସପ୍ଲାଏ ଟାରିଫ ନିର୍ଦ୍ଧାରଣ ଲାଗି ସର୍ତ୍ତ ଓ ବ୍ୟବସ୍ଥା) ଓଇଆରସି ସହ ବିଦ୍ୟୁତ ଅଧିନିୟମ ୨୦୦୩ର ଧାରା ୬୨ ଓ ୮୬ (୧) ତଥା ଅନ୍ୟାନ୍ୟ ବ୍ୟବସ୍ଥାବଳୀ ଅନୁସାରେ ରହିଛି। ଆୟୋଗ ଏହି କେସଟିକୁ ଜନ ଶୁଣାଣି ଜରୀଆରେ ସମାଧାନ କରିବାକୁ ନିଷ୍ପତ୍ତି ନେଇଛନ୍ତି ଯାହା **କେସ ନଂ ୨୦୨୫ ର ୧୩୨** ଏଆରଆର ଓ ଆରଏସଟି ଆବେଦନ ଅଟେ।

ଏହି ପରିପ୍ରେକ୍ଷୀରେ ମେସର୍ସ ଟିପିଏସଓଡିଏଲ ଦ୍ୱାରା ପିଟିସନ ସହ ସମସ୍ତ ଆନେକ୍ସର ଦାଖଲ କରାଯାଇଛି ଏହା ଟିପିଏସଓଡିଏଲ ର ୱେବସାଇଟ **www.tpsouthernodisha.com** ଏବଂ ଆୟୋଗଙ୍କ ୱେବସାଇଟ **www.orierc.org** ରେ ଉପଲବ୍ଧ ହୋଇପାରିବ। ବର୍ତ୍ତମାନର ପିଟିସନ ଉପରେ ଆଗ୍ରହୀ ବ୍ୟକ୍ତି/ସଂସ୍ଥା ଯେଉଁମାନେ ପୂର୍ବ ବର୍ଷର ପ୍ରୋସିଡିଂ ଅର୍ଥାତ ୨୦୨୩-୨୪ ଓ ଆର୍ଥିକ ବର୍ଷ ୨୦୨୪-୨୫ ଉପରୋକ୍ତ କାର୍ଯ୍ୟକ୍ରମରେ ଭାଗନେବାକୁ ଚାହାନ୍ତି ସେମାନେ ନିଜର ପ୍ରତିବାଦ/ମତାମତକୁ ଯଦିକିଛି ଥାଏ ତାହାକୁ **୧୬.୦୧.୨୦୨୬** ସୁଦ୍ଧା ଟିପିଏସଓଡିଏଲକୁ ଏକ କପି ପଠାଇପାରିବେ। ଟିପିଏସଓଡିଏଲ ଏହି ପ୍ରତିବାଦ/ମତାମତ ସମ୍ବଳିତ ରିଜଏଣ୍ଡରକୁ **୨୭.୦୧.୨୬** ସୁଧା ପ୍ରତିବାଦି ଙ୍କୁ କପି ପ୍ରଦାନ କରି ଫାଇଲ କରିବ। ଯେଉଁମାନେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଏହି ଜନଶୁଣାଣିରେ ଭାଗ ନେବାକୁ ଚାହାନ୍ତି ସେମାନେ ମଧ୍ୟ ଆୟୋଗଙ୍କୁ ଓଇଆରସି ଇମେଲ **oerc.vc@gmail.com** ତାଙ୍କର ଇମେଲ ଠିକଣା ଓ ମୋବାଇଲ ନମ୍ବରକୁ ଯଥାକ୍ରମେ ପ୍ରଦାନ କରିବା ଆବଶ୍ୟକ।

ତା୧୭.୧୨.୨୦୨୫

ଆଦେଶକ୍ରମେ
ସଚିବ



**COURT NOTICE**

NATIONAL CONSUMER DISPUTES REDRESSAL COMMISSION (Constituted under Consumer Protection Act 1986)
UPBHOKTA NYAY BHAWAN, F Block, General Pool Office Complex INA, New Delhi-23

**REVISION PETITION NO. 1761 OF 2022**
(Against the order dated 14.09.2022 in First Appeal No. 394 of 2016
Of the State Consumer Disputes Redressal Commission, Orrisa)

International Cars & Motors Limited &Anr.,
...Petitioner
Vs.
Sri Partap Kumar Pattnaik & Ors.,
...Respondent
To

1. Sri Pratap Kumar Pattnaik s/o Late Naba Kishore Pattnaik r/o Village Bhagbanpanur , Plot No 216/1561, PO Patrapada, PS Khandagiri, Bhubaneswar, Distt Khordha.
2. M/s Ananta International Cars & Motors, Plot No 94, Pahal, Bhubaneswar, Distt Khordha. Represented through Director Shri B.Raj Sekhar Subudhi.
3. M/s Maa Bhagabati Auto Centre, Authorised Service Centre Sonalika International Car & Motors Pvt Ltd, Plot No 26 Pahil, Bhubaneswar, Distt Khordha.

**NOTICE**

**WHEREAS International Cars & Motors Limited** has filed a Revision Petition No 1761 OF 2022 against the order dated 14.09.2022 in First Appeal No. 394 of 2016 of the State Commission, Orissa. The above mentioned Revision Petition is pending before the National Commission, New Delhi wherein you have been arrayed as Respondent.
**WHEREAS** this Commission has ordered vide order dated 18.03.2024 to effect service upon you by this Publication
**NOW, THEREFORE, TAKE NOTICE** that you are hereby directed to appear before this Commission in person or through your counsel/authorised representative on **26.12.2025.** at 10.30 a.m., failing which the Petition will be disposed of ex-parte on merits.

**Dated this the18 th March, 2024.**

SECTION OFFICER


# ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା ଯୁବକଂଗ୍ରେସ



ଭୁବନେଶ୍ୱର,୨୦।୧୨(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହ ବିଭାଗ ଚଳାଇବାରେ ସମ୍ପୂର୍ଣ୍ଣ ଅସମର୍ଥ ହୋଇଥିବା ଅଭିଯୋଗକରି ପ୍ରଦେଶ ଯୁବକଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ନେତୃତ୍ୱରେ ଶନିବାର ଶତାଧିକ କର୍ମୀ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ କରିଛନ୍ତି। ଯୁବ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି, ଓଡ଼ିଶା ସରକାରଙ୍କ ୪୪ଟି ମୁଖ୍ୟ ବିଭାଗ ମଧ୍ୟରୁ ଗୃହ ବିଭାଗଟି ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ଅନିୟନ୍ତ୍ରିତ ଅପରାଧ ପାଇଁରାଜ୍ୟବାସୀ ତ୍ରାହିତ୍ରାହିଡାକୁଛନ୍ତି। ମାତ୍ର ଓଡ଼ିଶାର ମୁଖ୍ୟମନ୍ତ୍ରୀ ନିଦକ, ନିଶ୍ଚଳ, ନିଦାବିଷ୍ଟ ଓ ଅପ୍ରଭାବିତ ହୋଇ ବସିଛନ୍ତି। ରାଜ୍ୟବାସୀଙ୍କ ଯନ୍ତ୍ରଣା ମୁଖ୍ୟମନ୍ତ୍ରୀଙ୍କ ବିବେକ ଓ ହୃଦୟକୁ ପ୍ରଭାବିତ କରିପାରୁ ନାହିଁ ବୋଲି ଅଭିଯୋଗ କରିଛନ୍ତି। ରଞ୍ଜିତ କହିଛନ୍ତି, ଧଉଳିଗିରିରେ ନାବାଳିକା ବଳାତ୍କାର ଘଟଣା ଓଡ଼ିଶାରେ ପର୍ଯ୍ୟଟନସ୍ଥଳଗୁଡ଼ିକରେ ମହିଳା ନିରାପତ୍ତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଧଉଳି ପାହାଡ଼ ତଳେ ଥାନା ଏବଂ ସେଠାରୁ ଯଦି ଜଣେ ମହିଳାଙ୍କୁ ଭିଡ଼ି ନେଇ ଗଣବଳାତ୍କାର କରାଯାଉଛି ତେବେ ମାଲକାନଗିରି ଓ ମୟୂରଭଞ୍ଜର ପର୍ଯ୍ୟଟନ ସ୍ଥଳରେ ମହିଳାଙ୍କର ସୁରକ୍ଷା ବ୍ୟବସ୍ଥା କ'ଣ ଥିବ ତାହା ଚିନ୍ତାର ବିଷୟ। ଭୁବନେଶ୍ୱର କଂଗ୍ରେସ ସାଂସଦ ପ୍ରାର୍ଥୀ ୟାସିର ନୱାଜ କହିଛନ୍ତି, ଭାଜପା ରାମଙ୍କୁ ଜପକରି ରାବଣର ପକ୍ଷ ନେଉଛି। ଏବେ ଓଡ଼ିଶା ରାବଣ, ଦୁଃଶାସନ, ଦୁର୍ଯ୍ୟୋଧନ, ମହିଷାସୁରଙ୍କ ଚରାଭୂଇଁ ପାଲଟିଛି ବୋଲି ସେ କହିଛନ୍ତି। ଏହି ସମୟରେ ପୋଲିସ ଓ ଯୁବ କଂଗ୍ରେସ କର୍ମକର୍ତ୍ତାଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ବହୁ ସମୟ ପର୍ଯ୍ୟନ୍ତ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାପରେ ପୋଲିସ ଯୁବ କଂଗ୍ରେସ କର୍ମୀଙ୍କୁ ସେଠାରୁ ଭ୍ୟାନ ଯୋଗେ ଉଠାଇ ନେଇଥିଲା।

# ୨୩ରେ ମାଲକାନଗିରି ଯିବେ ଭକ୍ତ

ଭୁବନେଶ୍ୱର,୨୦।୧୨(ସୁନିତ୍ ମିଶ୍ର)

ମାଲକାନଗିରି ହିଂସାକୁ ୨ ସପ୍ତାହ ପୂରିବାକୁ ବସିଲାଣି। ହେଲେ ଶାନ୍ତି ଫେରିନାହିଁ। ଉକ୍ତ ଅଞ୍ଚଳରେ ଶାନ୍ତି ଫେରାଇବା ପ୍ରୟାସରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ପକ୍ଷରୁ ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆସନ୍ତା ୨୩ରେ ମାଲକାନଗିରି ଗସ୍ତ କରିବ। ପ୍ରତିନିଧି ଦଳରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା, ଅବିଭକ୍ତ କୋରାପୁଟ ଜିଲାର ସବୁ ଦଳୀୟ ବିଧାୟକ, ପୂର୍ବତନ ଏମ୍‌ପି ଓ ବିଧାୟକ, ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତି, ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ, ଆଇନଜୀବୀ ନିଶିକାନ୍ତ ମିଶ୍ର, ଲଲାଟେନ୍ଦୁ ଦାସ ଓ ମନୋଜ ନାୟକଙ୍କ ଏକ ପ୍ରତିନିଧି ଦଳ ପ୍ରମୁଖ ପ୍ରଭାବିତ ଏମ୍‌ଭି-୨୬ ଅଞ୍ଚଳ ଗସ୍ତ କରିବେ ବୋଲି ପିସିସି ପକ୍ଷରୁ ସୂଚନା ଦିଆଯାଇଛି।

# ସେବାଶ୍ରମରେ ଛାତ୍ରଙ୍କ ଅସ୍ୱାଭାବିକ ମୃତ୍ୟୁ

ନୂଆପଡ଼ା/କୋମନା,୨୦।୧୨
(ମକାରୁ ବେମାଲ/ମହେଶ ବାଗ)

ନୂଆପଡ଼ା ଜିଲା କୋମନା ବ୍ଲକ ସୋସେଙ୍ଗ ସେବାଶ୍ରମରେ ଶନିବାର ଜଣେ ପ୍ରଥମଶ୍ରେଣୀ ଛାତ୍ରଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ଅଡାର ଗାଁର ଜଳସିଂ ମାଝୀଙ୍କ ୭ବର୍ଷର ପୁଅ ପବିତ୍ର ସେବାଶ୍ରମରେ ରହି ପଢୁଥିଲେ। ଗତ ୧୧ରେ ସ୍ୱାସ୍ଥ୍ୟ ଖରାପ ହେବାରୁ ସ୍କୁଲ କର୍ତ୍ତୃପକ୍ଷ ତାଙ୍କୁ ଭେଳା ଡାକ୍ତରଖାନା ନେଇଥିଲେ। ପରେ କଟକ ଶିଶୁଭବନ ସ୍ଥାନାନ୍ତର କରାଯାଇଥିବାବେଳେ ୧୮ ତାରିଖରେ ମୃତ୍ୟୁ ଘଟିଛି।

# ୧୧ଜଣ ଛାତ୍ରଙ୍କ ବୟାନ ରେକର୍ଡ

## କିସ୍‌ରେ ନବମ ଶ୍ରେଣୀ ଛାତ୍ର ହତ୍ୟା ଘଟଣା

ଭୁବନେଶ୍ୱର,୨୦।୧୨(ତ୍ରିନାଥ ମହାନ୍ତି)

କିସ୍‌ର ନବମ ଶ୍ରେଣୀ ଛାତ୍ର ଶିବ ମୁଣ୍ଡା ହତ୍ୟା ମାମଲାରେ ଶନିବାର ୧୧ ଛାତ୍ରଙ୍କ ବୟାନ ରେକର୍ଡ ବିଏନ୍ଏସ୍ ୧୮୩ ଧାରା ଅନୁସାରେ କରାଯାଇଛି। ଏମାନଙ୍କ ମଧ୍ୟରେ ୭ଜଣ ପ୍ରତ୍ୟକ୍ଷଦର୍ଶୀ ଥିବା ଜଣାପଡ଼ିଛି। କିଭଳି ଶିବଙ୍କୁ ଟର୍ଣ୍ଣିଟିପି ହତ୍ୟା କରାଯାଇଥିଲା ସେମାନେ ମାଜିଷ୍ଟ୍ରେଟଙ୍କ ସାମ୍ନାରେ ବୟାନ ଦେଇଛନ୍ତି। ପରେ ଛାତ୍ରମାନଙ୍କୁ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଆଗକୁ ଆହୁରି ଅଧିକ ପିଲାଙ୍କ ବୟାନ ରେକର୍ଡକରାଯିବ ବୋଲି ସୂଚନା ମିଳିଛି। ଏହି ମାମଲାରେ ବୁଧବାର ଇନ୍‌ଫୋସିଟି ଥାନା ପୋଲିସ ୮ଜଣ କର୍ମଚାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେହିପରି ସମ୍ପୃକ୍ତ ୩ ନାବାଳକ ଛାତ୍ରଙ୍କୁ ବାଳସୁଧାର ଗୃହକୁ ପଠାଯାଇଥିଲା। ବାଥରୁମ୍‌ରେ ବାଲ୍‌ଟି ନ ଦେବାରୁ ଶିବଙ୍କ ଟର୍ଣ୍ଣିଟିପି ସହପାଠୀମାନେ ହତ୍ୟା କରିଥିଲେ ବୋଲି ପୋଲିସ କହିଥିଲା।

# ପୁନଃ ସଂଗଠିତ ହେବ ମୁଖ୍ୟମନ୍ତ୍ରୀ ବସ୍ ସେବା ରୁଟ୍

## ରାଜ୍ୟସ୍ତରୀୟ ଷ୍ଟିୟରିଂ କମିଟି ବୈଠକ



ସମୀକ୍ଷା ବୈଠକରେ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ସହ ଅନ୍ୟ ଅଧିକାରୀମାନେ।

ଭୁବନେଶ୍ୱର, ୨୦।୧୨(ବନ୍ଦନା ସେଠୀ)

ମୁଖ୍ୟମନ୍ତ୍ରୀ ବସ୍ ସେବା (ଏମ୍‌ବିଏସ) ସମ୍ପର୍କିତ ରାଜ୍ୟସ୍ତରୀୟ ଷ୍ଟିୟରିଂ କମିଟି ବୈଠକ ଶନିବାର ଖାରବେଳ ଭବନରେ ଅନୁଷ୍ଠିତ ହୋଇଯାଇଛି। ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ରାଜ୍ୟ ସାର୍ବଜନୀନ ପରିବହନ ପ୍ରଣାଳୀକୁ ଅଧିକ ସୁଦୃଢ଼ କରିବା ପାଇଁ ଜାରି ରହିଥିବା ସଂସ୍କାର ପ୍ରକ୍ରିୟା ଓ ଆଗାମୀ ପର୍ଯ୍ୟାୟର ରୂପରେଖ ଉପରେ ସମୀକ୍ଷା କରାଯାଇଥିଲା। ଜିଲାସ୍ତରରୁ ଆସୁଥିବା ପ୍ରସ୍ତାବ ଆଧାରରେ ବସ୍ ରୁଟ୍‌ଗୁଡ଼ିକୁ ପୁନଃସଂଗଠିତ କରି ବିଦ୍ୟାଳୟ, ଚିକିତ୍ସାଳୟ ଓ ଅନ୍ୟାନ୍ୟ ଆବଶ୍ୟକ ସାର୍ବଜନିକ ସ୍ଥାନ ସହ ସଂଯୋଗ ସୁଦୃଢ଼ କରିବା ଉପରେ ପ୍ରମୁଖ ସଚିବ ଜୋର୍ ଦେଇଥିଲେ। ମିଶନ ଶକ୍ତି ଓ ମହିଳା ଏସଏଚ୍‌ଜିଙ୍କ ଅଧିକ ସକ୍ରିୟ ସଂଲଗ୍ନତା ଉପରେ ମଧ୍ୟ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ବସ୍ ସେବା ଓଡ଼ିଶାର ସହଜ, ସୁରକ୍ଷିତ ଓ ସ୍ଥାୟୀ ସାର୍ବଜନିକ ପରିବହନ ଦୃଷ୍ଟିକୋଣର ଏକ ମୁଖ୍ୟ ଆଧାର ବୋଲି ସେ କହିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ବସ୍ ସେବାର କାର୍ଯ୍ୟଦକ୍ଷତା ଓ ଆଗାମୀ କାର୍ଯ୍ୟ ଯୋଜନା ଉପରେ ସମୀକ୍ଷା କରାଯାଇ ସାର୍ବଜନୀନ ପରିବହନକୁ ନିର୍ଭରଯୋଗ୍ୟ, ସମାବେଶୀ ଓ ଲୋକକୈନ୍ଦ୍ରିକ ଗତିଶୀଳତା ସମାଧାନ ଭାବେ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସହର ଓ ଗ୍ରାମାଞ୍ଚଳରେ ମୁଖ୍ୟମନ୍ତ୍ରୀ ବସ୍ ସେବା କ୍ଷମତା ବୃଦ୍ଧି, ସହଜ ଓ ଶସ୍ତା ପରିବହନ ସୁନିଶ୍ଚିତ କରିବା ସହ ଶେଷ ମାଇଲ ସଂଯୋଗ ସୁଦୃଢ଼ କରିବାକୁ ଲକ୍ଷ୍ୟ କରି ବିଭିନ୍ନ ନୀତିଗତ ଓ ପରିଚାଳନାତ୍ମକ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଓପିଏଚ୍ ଏବଂ ଡବ୍ଲ୍ୟୁସି ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ପରିବହନ ଆୟୁକ୍ତ ଅମିତାଭ ଠାକୁର, ଓଏସ୍ଆର୍‌ଟିସି ସିଏମ୍‌ଡି ଏନ୍‌ବିଏସ୍ ରାଜପୁତ, ମିଶନ ଶକ୍ତି ବିଭାଗ କମିଶନର-କମ୍-ସଚିବ ଗିରିଶ ଏସ୍.ଏନ୍, ଓଏସ୍ଆର୍‌ଟିସି ଜିଏମ୍ ସଞ୍ଜୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



ହାଇଦ୍ରାବାଦସ୍ଥିତ ଷ୍ଟାଚ୍ୟୁ ଅଫ୍ ଇକ୍ୱାଲିଟି ପରିଦର୍ଶନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

# ଷ୍ଟାଚ୍ୟୁ ଅଫ୍ ଇକ୍ୱାଲିଟି ପରିଦର୍ଶନକଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୦।୧୨(ଅନୁରାଧା ମହାରଣା)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହାଇଦ୍ରାବାଦସ୍ଥିତ ଷ୍ଟାଚ୍ୟୁ ଅଫ୍ ଇକ୍ୱାଲିଟି ପରିଦର୍ଶନକରି ଜଗତ୍‌ଗୁରୁ ରାମାନୁଜାଚାର୍ଯ୍ୟଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ରାଜ୍ୟ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ତ୍ରିଦଣ୍ଡି ଚିନ୍ନା ଶ୍ରୀମନ୍ତ ନାରାୟଣ ରାମାନୁଜ ଜୀୟାର ସ୍ୱାମିଜୀଙ୍କୁ ଭେଟିଥିଲେ। ଏହି ଅବସରରେ ଶ୍ରୀ ଶ୍ରୀ ତ୍ରିଦଣ୍ଡି ଅହୋବିଳ ରାମାନୁଜ ଜୀୟାର ସ୍ୱାମିଜୀଙ୍କ ଦ୍ୱାରା ରାମାନୁଜାଚାର୍ଯ୍ୟଙ୍କ ଉପରେ ଲିଖିତ ଓଡ଼ିଆ ଭଜନକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ।

# ଶୈଳବାଳା କଲେଜ କ୍ୟାମ୍ପସ୍‌ରେ ହେବ ମଧୁବାବୁ ସ୍ମାରକୀ ସଂଗ୍ରହାଳୟ

ଭୁବନେଶ୍ୱର,୨୦।୧୨(ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶୈଳବାଳା ମହିଳା ସ୍ୱୟଂ ଶାସିତ ମହାବିଦ୍ୟାଳୟ କ୍ୟାମ୍ପସ୍‌ରେ ନିର୍ମାଣ ହେବ ମଧୁବାବୁ ସ୍ମାରକୀ ସଂଗ୍ରହାଳୟ। ଶନିବାର ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ବିଭାଗୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ନାରୀଶିକ୍ଷାର ବିକାଶ ଦିଗରେ ଉତ୍କଳ ଗୌରବ ମଧୁସୂଦନ ଦାସ ଓ ତାଙ୍କ ଝିଅ ଶୈଳବାଳା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ଶିକ୍ଷାର ବିକାଶ, ବିଶେଷକରି ଆମ ଛାତ୍ରୀମାନେ ଯେପରି ଗୁଣାତ୍ମକ ଶିକ୍ଷା ଲାଭ କରି ଏକ ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରିପାରିବେ, ସେଥିପାଇଁ ୧୯୫୨ ମସିହାରେ ଶୈଳବାଳା ନିଜ ପିତା ମଧୁସୂଦନଙ୍କ ବାସଭବନ ଓ ନିଜ ବାସଭବନ 'ମଧୁମନ୍ଦିର'କୁ ମହିଳା ମହାବିଦ୍ୟାଳୟ ପରିଚାଳନା ପାଇଁ ଦାନ କରିଥିଲେ। ମଧୁବାବଙ୍କ ଅବଦାନ ଓ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ମଧୁବାବୁ ସ୍ମାରକୀ ସଂଗ୍ରହାଳୟର ନିର୍ମାଣ ଯୁବପିଢ଼ିଙ୍କୁ ନିଶ୍ଚିତ ଭାବରେ ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରେରିତ କରିବ ବୋଲି ସେ ମତ ପ୍ରକାଶ କରିଥିଲେ।

ବୈଠକରେ ଉଚ୍ଚଶିକ୍ଷା ବିଭାଗ କମିଶନର ଅରବିନ୍ଦ ଅଗ୍ରୱାଲ, ସଂସ୍କୃତି ବିଭାଗ ସଚିବ ବିଜୟ କେତନ ଉପାଧ୍ୟାୟ, ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର, ରାଷ୍ଟ୍ରପତିଙ୍କ ଅତିରିକ୍ତ ପ୍ରେସ୍ ସଚିବ ବିଜୟ କୁମାର ନାୟକ, ଶୈଳବାଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଜୀବନ ବଲ୍ଲଭ ଜେନା ପ୍ରମୁଖ ଉପସ୍ଥିତ ରହି ଏନେଇ ଆଲୋଚନା କରିଥିଲେ। ଶେଷରେ ମହାବିଦ୍ୟାଳୟ ପରିସରରେ ଥିବା ଏକ ସ୍ଥାନ (ଯେଉଁଠାରେ ମଧୁବାବୁଙ୍କ ସମୟରେ ମଧୁବାବୁଙ୍କ ସିରସ୍ଥା ରହିଥିଲା ଏବଂ ମଧୁବାବୁଙ୍କ ସମ୍ମିଳନୀ କକ୍ଷ ଓ ଆବାସିକ କାର୍ଯ୍ୟାଳୟ ପରିଚାଳିତ ହେଉଥିଲା)କୁ ମଧୁବାବୁ ସ୍ମାରକୀ ସଂଗ୍ରହାଳୟରେ ପରିଣତ କରିବା ପାଇଁ ନିଷ୍ପତ୍ତି ହୋଇଛି।

# ଫାଇନାଲରେ ବାରଙ୍ଗ ବାୟାର, ତଣ୍ଡିକଣା, ଗୋଠପୁର, ପ୍ରତାପନଗରୀ

## ସର୍ବଭାରତୀୟ ଗଣ୍ଡରପୁର ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ବାରଙ୍ଗ,୨୦।୧୨(ଲିଙ୍ଗରାଜ ରାଉତ)

ବାରଙ୍ଗସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଚାଲିଥିବା ୨୩ତମ ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ମ୍ୟାଚ୍ ଶନିବାର ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳର ପ୍ରଥମ ସେମିଫାଇନାଲ ମ୍ୟାଚ୍ ବାରଙ୍ଗ ବାୟାର ୬/୪ ଟାଇବ୍ରେକରରେ ଜୟଦୁର୍ଗା କ୍ଲବ ଆମଣକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଦ୍ୱିତୀୟ ମ୍ୟାଚ୍ କୃଷକ ବନ୍ଧୁ କ୍ଲବ ତଣ୍ଡିକଣା ୨/୦ ଗୋଲରେ କଟକ ସିଆର୍‌ଆର୍‌ଆଇକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ତୃତୀୟ ମ୍ୟାଚ୍ ମା' ମଙ୍ଗଳା କ୍ଲବ ଗୋଠପୁର ୧/୦ ଗୋଲରେ ଜୟଜଗନ୍ନାଥ କ୍ଲବ ମୁଣ୍ଡୁମାଣକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ସେହିପରି ଚତୁର୍ଥ ମ୍ୟାଚ୍‌ରେ ପ୍ରତାପନଗରୀ ପ୍ରତାପ କ୍ଲବ ୧/୦ଗୋଲରେ ସର୍ଣ୍ଣଦେବୀ କ୍ଲବ ବାଉଲକୁଦକୁ ହରାଇ ଫାଇନାଲରେ ପ୍ରବେଶ କରିଛି।

# 'ଫେଣା ମହୁ ଉତ୍ପାଦନ ବୃଦ୍ଧି ପାଇଁ ଚାଷୀ ଗୁରୁତ୍ୱ ଦିଅନ୍ତୁ'

ଭୁବନେଶ୍ୱର,୨୦।୧୨(ସୁଚିସ୍ମିତା ସାହୁ)

ବର୍ତ୍ତମାନ ସମୟରେ ବସ୍ତୁର ଉତ୍ତମ ଗୁଣବତ୍ତାକୁ ହିଁ ଗ୍ରାହକମାନେ ପ୍ରାଥମିକତା ଦେଉଛନ୍ତି। ବଜାରରେ ଶୁଦ୍ଧତା ପରିବର୍ତ୍ତେ ଅପମିଶ୍ରିତ ପଦାର୍ଥର ବିକ୍ରି ବଢ଼ୁଛି। ଏହାକୁ ଏଡ଼ାଇବା ପାଇଁ ଫେଣା ମହୁ ଉତ୍ପାଦନ ଉପରେ ଗୁରୁତ୍ୱଦେବା ଉଦ୍ଦେଶ୍ୟରେ ଓୟୁଏଟିରେ ଏଆଇସିଆର୍‌ପି ଅନ୍ ହନିବିଜ୍ ଏବଂ ପଲିନେଟର୍ସ, କୀଟତତ୍ତ୍ୱ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଶନିବାର ବିଜୁ ପଟ୍ଟନାୟକ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଯୋଗଦେଇ ମହୁ ଭଳି ଏକ ଅମୂଲ୍ୟ ପ୍ରାକୃତିକ ଦ୍ରବ୍ୟର ଶୁଦ୍ଧତା ବଜାୟ ରଖିବାକୁ ଅନୁରୋଧ କରିଛନ୍ତି। ଫେଣା ମହୁ ସମ୍ପୂର୍ଣ୍ଣ ରୂପେ ଶୁଦ୍ଧ ହୋଇଥିବା ବେଳେ ଏଥିରେ କୌଣସି ପ୍ରକ୍ରିୟାକରଣ, ଅପମିଶ୍ରଣ, ଶୋଧନ ଓ ମୂଲ୍ୟଯୁକ୍ତ କରିବାର ସମ୍ଭାବନା ନ ଥାଏ। ଜାତୀୟ ଓ ଅନ୍ତର୍ଜାତୀୟ ବଜାରରେ ଚାହିଦା ଅଧିକ ଥିବାରୁ ଫେଣା ମହୁ ଉତ୍ପାଦନ ବୃଦ୍ଧି ଦିଗରେ ଚାଷୀମାନେ ଆଧୁନିକ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ଉପରେ ଗୁରୁତ୍ୱ ଦେବାକୁ ପ୍ରଫେସର ରାଉଳ ଆହ୍ୱାନ ଦେଇଥିଲେ।

ମୁଖ୍ୟବକ୍ତା ଭାବେ ପୂର୍ବତନ ଏମେରିଟସ୍ ବୈଜ୍ଞାନିକ ଡ. ସି.ଆର୍. ଶତପଥୀ ଯୋଗଦେଇ ଫେଣା ମହୁର ଔଷଧୀୟ ଗୁଣବତ୍ତା ଉପରେ ଆଲୋକପାତ କରିବା ସହ ବଜାର ଓ ଉତ୍ତମ ପ୍ୟାକେଜିଂ ଉପରେ ଗୁରୁତ୍ୱ ଦେଇଥିଲେ। କୃଷି ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ମହାପାତ୍ର ଚାଷୀ ଓ ଲୋକଙ୍କ ମଧ୍ୟରେ ଫେଣା ମହୁର ପ୍ରଚଳନ ଉପରେ ଅଧିକରୁ ଅଧିକ ସଚେତନତା ସୃଷ୍ଟି ଲାଗି କହିଥିଲେ। ଏହି ଅବସରରେ ମହୁମାଛି ଚାଷରୁ ପରିବାର ଆୟବୃଦ୍ଧି ନିମନ୍ତେ ଫେଣା ମହୁ ଉତ୍ପାଦନ ଉପରେ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ଗବେଷଣା ଅଧ୍ୟକ୍ଷ ପ୍ରଫେସର ନିରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଏଆଇସିଆର୍‌ପି ଓୟୁଏଟିର ପ୍ରକଳ୍ପ ମୁଖ୍ୟ ଡ. ପ୍ରଭାସିନୀ ବେହେରା ଧନ୍ୟବାଦ ଦେଇଥିଲେ ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ତହେର



@ ସନ୍ତୋଷ



@ ରାଧେଶ୍ୟାମ



@ ରାଜେଶ



@ ତନ୍ମୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶାସ୍ତ୍ରୀୟ ସଙ୍ଗୀତ ସମାରୋହ, ଶିଳ୍ପୀ ସମ୍ବର୍ଦ୍ଧନା ଉତ୍ସବ

ଭୁବନେଶ୍ୱର,୨୦।୧୨ (ସୌମ୍ୟରଞ୍ଜନ ରାଉତ)

ସଙ୍ଗୀତ ସାଧକ ପରିଷଦ ପକ୍ଷରୁ ସୂଚନା ଭବନଠାରେ ଶନିବାର ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ଓ ଶିଳ୍ପୀ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବିଧାୟକ ଓମ୍ ପ୍ରକାଶ ମିଶ୍ର, ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ଡ. ଅରୁଣା ମହାନ୍ତି, ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ଶାସନ ସଚିବ ଅରୁଣ କୁମାର ବିଶ୍ୱାଳ, ସାହିତ୍ୟିକା ଡ. ପ୍ରବୀଣା ମହାନ୍ତି, ସାମାଜିକ କର୍ମୀ ସଂଗ୍ରାମ କେଶରୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶାରେ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଂଗୀତର ପ୍ରଚାରପ୍ରସାର ଓ ଶିକ୍ଷାଦାନ କ୍ଷେତ୍ରରେ ଅଗ୍ରୀଣ ଭୂମିକା ଗ୍ରହଣ କରିଥିବା ୧୧ଜଣ ଶାସ୍ତ୍ରୀୟ ସଙ୍ଗୀତଜ୍ଞ ଗୁରୁମାନଙ୍କୁ 'ଶ୍ରେଷ୍ଠ ସଙ୍ଗୀତ ସାଧକ' ସମ୍ମାନ ଓ ଜାତୀୟ ସ୍ତରରେ ପ୍ରସିଦ୍ଧି ଲାଭ କରିଥିବା ୫ଜଣ ଯୁବ ସଙ୍ଗୀତ ଶିଳ୍ପୀଙ୍କୁ 'ରାଷ୍ଟ୍ରୀୟ ଯୁବ ପ୍ରତିଭା' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ସମାଜସେବା ଏବଂ ଶିକ୍ଷା କ୍ଷେତ୍ରରେ ଆଜୀବନ ସମର୍ପିତ ୨ଜଣ ବ୍ୟକ୍ତିତ୍ୱ ନିମାଇଁ ଚରଣ ରାୟ ଓ ବାଞ୍ଛାନିଧି ମଲ୍ଲିକଙ୍କୁ 'ପଣ୍ଡିତ ଦୁର୍ଯ୍ୟୋଧନ ଶତପଥୀ ସମାଜସେବା ସମ୍ମାନ' ଓ ଆଦର୍ଶ ଶିକ୍ଷୟିତ୍ରୀଶିକ୍ଷକ ଦମ୍ପତି ଭାବେ ପ୍ରଭାତୀ ପଟ୍ଟନାୟକ ଓ ପ୍ରାଣନାଥ ପଟ୍ଟନାୟକଙ୍କୁ 'ପ୍ରଭାରୀ-ପ୍ରାଣନାଥ ଆଦର୍ଶ ଶିକ୍ଷା ସମାଜସେବା' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ୧୧ଜଣ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ସାଧକଙ୍କୁ 'ଶ୍ରେଷ୍ଠ ଶାସ୍ତ୍ରୀୟ ସଙ୍ଗୀତ ସାଧକ' ସମ୍ମାନ ଓ ଅନ୍ୟାନ୍ୟ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଶିଳ୍ପୀମାନଙ୍କୁ ସମ୍ମାନିତ କରାଯାଇଥିଲା। ପରେ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତଜ୍ଞ ଗୁରୁ ପଣ୍ଡିତ ଦେବେନ୍ଦ୍ର ନାରାୟଣ ଶତପଥୀଙ୍କ ପରିଚାଳନା ଓ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ର ପ୍ରଥମେ ରାଗ 'ଭୈରବ'ରେ ବୃନ୍ଦଗାନ ପରିବେଷଣ କରିଥିଲେ। ଛାତ୍ରୀଛାତ୍ରମାନେ 'ସାଇ ଭଜନ' ଗାନକରି ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିବାବେଳେ ଅନ୍ୟ ଶିଳ୍ପୀମାନେ ମଧ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ 'କଲ୍ୟାଣ ରାଗର ବୃନ୍ଦଗାନ' ଏବଂ କଣ୍ଠଶିଳ୍ପୀ ଗୁରୁ କୃଷ୍ଣା ଶତପଥୀଙ୍କ ମୀରା ଭଜନ ଗାୟନ ପରେ ବିଶିଷ୍ଟ ଯୁବ ଶାସ୍ତ୍ରୀୟ କଣ୍ଠଶିଳ୍ପୀ ଡ. ରୋହନ କୁମାର ବିଶାଳ ରାଗ 'ଭିନ୍ନ ଷଡଜ' ଏବଂ ପ୍ରସିଦ୍ଧ ଠୁମରି ସଙ୍ଗୀତ 'ୟାଦ ପିୟାକି ଆୟେ' ପରିବେଷଣକରି ସମସ୍ତଙ୍କୁ ବିଭୋର କରିଦେଇଥିଲେ। ଅନୁଷ୍ଠାନର ସମ୍ପାଦିକା ଗୁରୁ କୃଷ୍ଣା ଶତପଥୀଙ୍କ ବିବରଣୀ ପାଠ ଓ ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଶାସ୍ତ୍ରୀୟ ସଙ୍ଗୀତ ସମାରୋହରେ ଅତିଥିଙ୍କ ଗହଣରେ ସମ୍ମାନିତ ଗୁରୁ ଓ ଶିଳ୍ପୀମାନେ।

# ଜଳବାୟୁ ପରିବର୍ତ୍ତନରେ ମହିଳା ଅଧିକ ପ୍ରଭାବିତ

## ଓଡ଼ିଶା ପରିବେଶ କଂଗ୍ରେସର ୧୬ତମ ଅଧିବେଶନ

ଭୁବନେଶ୍ୱର,୨୦।୧୨ (ସୁଚିସ୍ମିତା ସାହୁ)




ସମ୍ମିଳନୀରେ ଅତିଥିମାନେ ପରିବେଶ କଂଗ୍ରେସ ପୁସ୍ତିକାକୁ ଉନ୍ମୋଚନ କରୁଛନ୍ତି।

ଲିଙ୍ଗଗତ ନ୍ୟାୟ ବିନା ପରିବେଶ ସୁରକ୍ଷା ଓ ଜଳବାୟୁ ସମସ୍ୟାର ସମାଧାନ ଅସମ୍ଭବ। ପରିବେଶ ଅସନ୍ତୁଳନ ଓ ଜଳବାୟୁ ପରିବର୍ତ୍ତନରେ ପୁରୁଷଙ୍କ ତୁଳନାରେ ମହିଳାମାନେ ଅଧିକ ପ୍ରଭାବିତ। କିନ୍ତୁ ପ୍ରଚଳିତ ନାରୀ-ପୁରୁଷଙ୍କ ଭିତରେ ଅସମାନତା ଏହି ସମସ୍ୟାକୁ ଅଧିକ ଘନୀଭୂତ କରୁଛି ବୋଲି ମୁଖ୍ୟବକ୍ତା ଭାବେ ଯୋଗଦେଇ କେରଳ ସରକାରଙ୍କ ପୂର୍ବତନ ମୁଖ୍ୟ ବନ ସଂରକ୍ଷକ ପ୍ରକୃତି ଶ୍ରୀବାସ୍ତବ କହିଛନ୍ତି। ଓଡ଼ିଶା ପରିବେଶ କଂଗ୍ରେସର ୧୬ତମ ବାର୍ଷିକ ଅଧିବେଶନ ଶନିବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଅଧିବେଶନରେ 'ପରିବେଶ ଓ ନାରୀ' ବିଷୟବସ୍ତୁ ଉପରେ ଆଲୋଚନାକରି ଶ୍ରୀବାସ୍ତବ କହିଲେ, ଦେଶରେ ସାମ୍ପ୍ରତିକ ୩୧୦୦ଜଣ ଆଇଏଫ୍ଏସ୍ ପଦାଧିକାରୀ ଥିବାବେଳେ ସେମାନଙ୍କ ମଧ୍ୟରେ ୨୮୪ଜଣ ମହିଳା ଅଛନ୍ତି। ଦେଶରେ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ସଂଖ୍ୟା ୨ଲକ୍ଷ ୫୦ହଜାର ଥିବା ବେଳେ ସେଥିରୁ ମହିଳାଙ୍କ ସଂଖ୍ୟା ମାତ୍ର ୫ହଜାର ରହିଛି। ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ ମହିଳାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଥିବାବେଳେ ଜଙ୍ଗଲ ଅଧିକାରୀ ଓ କର୍ମଚାରୀଙ୍କ ଭିତରେ ଏହି ଲିଙ୍ଗଗତ ଅସମାନତା ଅତ୍ୟନ୍ତ ଉଦ୍‌ବେଗର ବିଷୟ ବୋଲି ସେ କହିଛନ୍ତି। ପରିବେଶ କଂଗ୍ରେସର ଅଧ୍ୟକ୍ଷ ଡ. ଅରବିନ୍ଦ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ପରିବେଶ ଓ ବିକାଶ ଭିତରେ ସନ୍ତୁଳନ ନ ରହିବା ଯୋଗୁ ଆମେ ଭୟଙ୍କର ବିପର୍ଯ୍ୟୟର ସମ୍ମୁଖୀନ ହେଉଛୁ।

ରମାଦେବୀ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ପଦ୍ମଜା ମିଶ୍ର, କସ୍ତୁରବା ଟ୍ରଷ୍ଟର ସର୍ବଭାରତୀୟ ଉପସଭାପତି ଗାୟତ୍ରୀ ଦାସ, ବିଜେଡି ନେତା ଭୃଗୁ ବକ୍ସିପାତ୍ର, ଓଇଏସ୍‌ର ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। କୁଳପତି ଡ. ଚଣ୍ଡୀଚରଣ ରଥ ସଭାପତିତ୍ୱ କରିଥିବାବେଳେ ପରିବେଶ କଂଗ୍ରେସର ସାଙ୍ଗଠନିକ ସମ୍ପାଦକ ସୁଦର୍ଶନ ଦାସ ସ୍ୱାଗତ ଭାଷଣ ଓ ପ୍ରଫେସର ସୁଚେତା ପ୍ରିୟବାଦିନୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୫୪ଟି ପ୍ରବନ୍ଧକୁ ନେଇ ଏକ ନିବନ୍ଧ ସଂକଳନ ଉନ୍ମୋଚିତ ହୋଇଥିଲା। ଏଥିସହ ଦୁଇଟି ବୈଷୟିକ ଅଧିବେଶନରେ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଅନ୍ନପୂର୍ଣ୍ଣା ପାଣ୍ଡେ, ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଶିବପ୍ରସାଦ ଅଧିକାରୀ, କୋରାପୁଟ ସେଣ୍ଟ୍ରାଲ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ଶରତ ପାଲିତା, ଏଫ୍ଇଏସ୍‌ର ନିର୍ଦ୍ଦେଶକ ସ୍ୱପ୍ନା ଷଡ଼ଙ୍ଗୀଙ୍କ ସମେତ ୯ଜଣ ଗବେଷକ ପ୍ରବନ୍ଧ ପାଠ କରିଥିଲେ।

## ଗାଡ଼ି ଧକ୍କାରେ ପରିବା ବ୍ୟବସାୟୀ ମୃତ

ତିଗିରିଆ,(ଜାଫର ଖାଁ): ତିଗିରିଆ ଥାନା ବିନ୍ଧାଣିମା ବାଇପାସ ମଙ୍ଗଳା ମନ୍ଦିର ନିକଟ କଟକ ନରସିଂହପୁର ୬୫ ନଂ ରାଜ୍ୟ ରାଜପଥରେ ଜଣେ ପରିବା ବ୍ୟବସାୟୀଙ୍କ ଗାଡି ଶନିବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଥିବା ବେଳେ ଧକ୍କା ଦେଇ ଫେରାର ହୋଇଯାଇଛି। ମୃତକ ହେଲେ ବାଙ୍କୀ ଥାନା ବାଉଁଶପୁଟ ଗ୍ରାମର ଛବି ଦଳେଇ(୪୫)। ଛବି ପରିବା ବ୍ୟବସାୟ କରିବା ପାଇଁ ଗାଡ଼ିରେ ଯାଉଥିଲେ। ଭୋର ପ୍ରାୟ ୪ ଟାରେ ବିନ୍ଧାଣିମା ବାଇପାସ ମଙ୍ଗଳା ମନ୍ଦିର ନିକଟରେ କୌଣସି ଏକ ଗାଡ଼ି ତାଙ୍କ ଗାଡ଼ିକୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଆଠଗଡ଼ ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଛବିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ବନ କର୍ମଚାରୀଙ୍କୁ ଆକ୍ରମଣ ମାମଲା: ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ

ଆଠଗଡ଼,୨୦।୧୨(ସତ୍ୟ ପ୍ରସାଦ ରଥ): ନରସିଂହପୁର ବନାଞ୍ଚଳରେ କାର୍ଯ୍ୟରତ କର୍ମଚାରୀଙ୍କୁ ୨୦୨୨ ମସିହାରେ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ଅଭିଯୁକ୍ତଙ୍କୁ ୩ ବର୍ଷ ୮ ମାସ ଜେଲ ଦଣ୍ଡାଦେଶ ହୋଇଛି। ସେ ହେଲେ ଏହି ଅଞ୍ଚଳର ରିଜାୁଲମ୍ ମହମ୍ମଦ। ୨୦୨୨ ଅକ୍ଟୋବର ୨୦ରେ ଏହି ଘଟଣା ଘଟିଥିଲା। ନରସିଂହପୁର ବନାଞ୍ଚଳ କର୍ମଚାରମାନେ ଘଟଣା ଦିନ କାର୍ଯ୍ୟରତ ଥିବାବେଳେ ରିଜାୁଲମ୍ ସେମାନଙ୍କୁ ମାଡ଼ ମାରିବା ସହ ଅସମ୍ମାନ କରି କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ଏନେଇ ନରସିଂହପୁର ଥାନାରେ ଅଭିଯୋଗ ହୋଇଥିଲା। ଆଠଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ରାଜକୁମାର ଦାସ ଏହି ମାମଲାର ବିଚାର କରି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି।

### ୧୯୨୫ ଲିଟର ମଦ ଜବତ

ତିଗିରିଆ,୨୦।୧୨(ଜାଫର ଖାଁ):

ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ତିଗିରିଆ ଥାନା ଅନ୍ତର୍ଗତ ଭିରୁଡ଼ା ପଞ୍ଚାୟତର ଭିରୁଡ଼ା(ଉପରଗଡ, ଗରପଡ଼ା ଶବର ସାହି, ପାଇକସାହି), ପଣସ ପାଟଣା ଗ୍ରାମ ଏବଂ ସଂରକ୍ଷିତ ଜଙ୍ଗଲରେ ଶନିବାର ଚଢ଼ାଉ କରାଯାଇଛି। ଏହି ସମୟରେ ୧୯୨୫ ଲିଟର ଦେଶୀମଦ ଜବତ କରାଯିବା ସହ ୧୪,୪୨୦ ଲିଟର ଗୁଡ଼ ପୋଚ ନଷ୍ଟ କରାଯାଇଛି। ଏନେଇ ୫ଟି ମାମଲା ରୁଜୁ କରା ଯାଇଥିବା ବେଳେ ଅଦ୍ୟାବଧି କେହି ଗିରଫ ହୋଇ ନ ଥିବା ଜଣାପଡ଼ିଛି।

ଆଠଗଡ଼ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା ଏବଂ ଜିଲା ମୋବାଇଲ ୟୁନିଟ୍ ସହଯୋଗରେ ଏହି ମିଳିତ ଚଢ଼ାଉ କରାଯାଇଥିଲା। ଏଥିରେ ଆଠଗଡ଼ ଅବକାରୀ ନିରୀକ୍ଷକ ରବି ନାରାୟଣ ପ୍ରଧାନ, ଜିଲା ମୋବାଇଲ ୟୁନିଟ୍ ଅବକାରୀ ଉପନିରୀକ୍ଷକ ଅକ୍ଷୟ କୁମାର ଜେନାଙ୍କ ସମେତ ଆଠଗଡ଼ ଓ ବାଙ୍କୀ ଅବକାରୀ ଥାନା କର୍ମଚାରୀ ଉପସ୍ଥିତଥିଲେ।

### ପୁରାତନ ଛାତ୍ର ସମ୍ମିଳନୀ

ସାଲେପୁର,୨୦।୧୨(ଅରବିନ୍ଦ ଭୂୟାଁ): ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ଇଂରାଜୀ ବିଭାଗ ପକ୍ଷରୁ ପୁରାତନ ଛାତ୍ର ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପକ ମଣ୍ଟନ କୁମାର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅନେକ ପୁରୁଣା ଛାତ୍ରୀଛାତ୍ର ଯୋଗଦେଇ ନିଜର ଅଭିଜ୍ଞତା ଓ ଛାତ୍ର ଜୀବନର ପୁରୁଣା ସ୍ମୃତିକୁ ବଖାଣି ଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ତଥା ପୁରୁଣା ଛାତ୍ର ଶେଖ ଅବ୍ରାର ଅହମ୍ମଦ ସଂଯୋଜନା କରିଥିବା ବେଳେ, ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ଥିଲେ। ଅଧ୍ୟାପିକା ଡ. ଆର୍ଯ୍ୟପୁତ୍ରୀ ସ୍ଥିତପ୍ରଜ୍ଞା ଧନ୍ୟବାଦ ଅର୍ପଣ କରିଥିଲେ।

# ଅସ୍ତ୍ରୋପଚାରକୁ ଅପେକ୍ଷାକରି ରୋଗୀ ହନ୍ତସନ୍ତ

**ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ର**

- ମିଳୁନି ବେଡ୍, ମେଡିକାଲ ବାରଣ୍ଡା ପାଲଟିଛି ସାହାରା

କଟକ,୨୦।୧୨(ଶିଲ୍ପା ପ୍ରିୟଦର୍ଶିନୀ)


ଡାକ୍ତରଖାନା ବାରଣ୍ଡାରେ ରୋଗୀମାନେ ଶୋଇଛନ୍ତି।

ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରେ ଅସ୍ତ୍ରୋପଚାର ପାଇଁ ହଟହଟା ରୋଗୀ। ଡାକ୍ତର ପରାମର୍ଶ ପରେ ପ୍ରାୟ ଏକ ବର୍ଷ ହେବ ରୋଗୀ ମେଡିକାଲ ଆସି କେମୋ ଓ ଡାକ୍ତର ଦେଖାଇ ଫେରୁଛନ୍ତି। ଏପରିକି ଏବେ ଅସ୍ତ୍ରୋପଚାର ପାଇଁ ରୋଗୀ ମେଡିକାଲ ଆସିଥିବାବେଳେ ପ୍ରାୟ ଏକ ସପ୍ତାହ ହେବ ମେଡିକାଲରେ ଭର୍ତ୍ତି ହେବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି, ହେଲେ ବେଡ୍ ମିଳିପାରିନାହିଁ। ଫଳରେ ରୋଗୀ ମେଡିକାଲ ପରିସରରେ ଥିବା ଏକ ମନ୍ଦିର ବାରଣ୍ଡାରେ ଆଶ୍ରୟ ନେଉଥିବା ଶନିବାର ଦେଖିବାକୁ ମିଳିଛି। ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରରୁ ଦୂରଦୂରାନ୍ତରୁ ରୋଗୀ ଚିକିତ୍ସା ପାଇବା ଆଶା ନେଇ ଆସୁଥିବାବେଳେ ଏଠାରେ ଏଭଳି ଅବ୍ୟବସ୍ଥା ରୋଗୀଙ୍କ ମନୋବଳ ଭାଙ୍ଗି ଦେଉଥିବା ଭଳି ମନେହେଉଛି।

ସୂଚନା ଅନୁଯାୟୀ, ଢେଙ୍କାନାଳ ଅଞ୍ଚଳର ଅନିତା ମଲ୍ଲିକ (୩୬) ଆଜକୁ ଏକ ବର୍ଷ ହେବ ସ୍ତନ କର୍କଟ ରୋଗରେ ପୀଡିତ ହୋଇ କର୍କଟ କେନ୍ଦ୍ରରେ ଚିକିତ୍ସା କରାଉଛନ୍ତି। ପ୍ରଥମେ ତାଙ୍କର କର୍କଟ କେନ୍ଦ୍ରରେ ସମସ୍ତ ପରୀକ୍ଷା କରାଯାଇଥିଲା। ଡାକ୍ତର ତାଙ୍କୁ ଅସ୍ତ୍ରୋପଚାର ପାଇଁ କହିବା ସହ କେମୋ ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ। ପରାମର୍ଶ ଅନୁଯାୟୀ ୪ଟି କୋମୋ ଅନିତା ନେଇସାରିବା ପରେ ଦୁଇଥର ମେଡିକାଲ ଆସି ଅସ୍ତ୍ରୋପଚାର କରାଇବାକୁ କେବଳ ଅପେକ୍ଷା କରି ଫେରିଛନ୍ତି। ହେଲେ ମଧ୍ୟ ନିରାଶ ନ ହୋଇ ପୁନର୍ବାର ଏକ ସପ୍ତାହ ହେବ ମେଡିକାଲକୁ ଡାକ୍ତରଙ୍କୁ ଦେଖାଇବାକୁ ଆସିଛନ୍ତି ଏବଂ ତାଙ୍କୁ ଭର୍ତ୍ତି କରାଇବାକୁ ଡାକ୍ତର କହିଛନ୍ତି। ଏପରିକି ଭର୍ତ୍ତି କରାଇବା ପାଇଁ ନାମ ପଞ୍ଜୀକରଣ କରିବା ପରେ ମଧ୍ୟ ଶଯ୍ୟା ନ ମିଳିବାରୁ ଅନିତା ଓ ତାଙ୍କ ସ୍ୱାମୀ ମେଡିକାଲ ପରିସରସ୍ଥ ଏକ ମନ୍ଦିରର ବାରଣ୍ଡାରେ ଆଶ୍ରୟ ନେଉଛନ୍ତି। ତେବେ କର୍କଟ କେନ୍ଦ୍ରରେ ସ୍ତନ କର୍କଟ ଚିକିତ୍ସା ଅଙ୍କୋ ସର୍ଜରି ବିଭାଗରେ କରାଯାଇଥାଏ। ମେଡିକାଲରୁ ମିଳିଥିବା ତଥ୍ୟ ମୁତାବକ, ଏହି ଅଙ୍କୋ ସର୍ଜରି ବିଭାଗରେ ମାତ୍ର ୫୨ଟି ଶଯ୍ୟା ରହିଛି। ଏଥିରେ ଦୁଇଟି ଡାକ୍ତରୀ ୟୁନିଟ୍ କାର୍ଯ୍ୟ କରୁଛନ୍ତି। ତେବେ ମେଡିକାଲର ଏହି ବିଭାଗରେ ରୋଗୀସଂଖ୍ୟା ଅଧିକ ଥିବାବେଳେ ଏଠାରେ ଶଯ୍ୟା ସଂଖ୍ୟା ବୃଦ୍ଧି କରା ନ ଯିବାରୁ ଏଭଳି ସ୍ଥିତି ଉପୁଜୁଛି। ଫଳରେ କିଏ ମେଡିକାଲ ବାରଣ୍ଡା ଓ ଆଶ୍ରୟସ୍ଥଳରେ ଚିକିତ୍ସା ପାଇଁ ଅପେକ୍ଷା କରି ରହୁଛନ୍ତି। ଅନିତା କହିଛନ୍ତି, ଚିକିତ୍ସା ପାଇଁ ସଂଘର୍ଷ କରୁଛି। ଚିକିତ୍ସା ଅପେକ୍ଷା ଯନ୍ତ୍ରଣା ଅଧିକ କଷ୍ଟଦାୟକ ରହିଛି। ଏ ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ଅତିରିକ୍ତ ବିଦ୍ୟୁତ୍ ସୁରକ୍ଷା ରାଶି ଜମା ଉଚ୍ଛେଦ ଦାବି


ଉପଭୋକ୍ତା ସଂଘ ପକ୍ଷରୁ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଉଛି।

ଆଠଗଡ଼,୨୦।୧୨ (ସତ୍ୟ ପ୍ରସାଦ ରଥ):

**ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦାବିପତ୍ର ଦେଲା ବିଦ୍ୟୁତ୍ ଉପଭୋକ୍ତା ସଂଘ**

ରାଜ୍ୟରେ ବିଦ୍ୟୁତ୍ ଉପଭୋକ୍ତାମାନଙ୍କ ଉପରେ ଅତିରିକ୍ତ ବିଦ୍ୟୁତ୍ ସିକ୍ୟୁ ରିଟି ଲାଗୁ କରିବା ପାଇଁ ଟିପିସିଓଡିଏଲ ମେସେଜ ମାଧ୍ୟମରେ ଜଣାଯାଇଥିବା ବେଳେ ଏହାକୁ ବିଦ୍ୟୁତ୍ ଉପଭୋକ୍ତାମାନେ ବିରୋଧ କରିଛନ୍ତି। ଏନେଇ ଆଠଗଡ ବିଦ୍ୟୁତ୍ ଉପଭୋକ୍ତା ସଂଘର ସଦସ୍ୟମାନେ ଶନିବାର ଟିପିସିଓଡିଏଲ୍ ଅଫିସକୁ ଯାଇ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଭେଟି ଅତିରିକ୍ତ ବିଦ୍ୟୁତ୍ ସୁରକ୍ଷା ରାଶି ଜମାକୁ ଉଚ୍ଛେଦ କରିବା ପାଇଁ ଦାବି କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆଠଗଡ ବିଦ୍ୟୁତ୍ ଉପଭୋକ୍ତା ସଂଘ ସଭାପତି ଆଇନ୍‌ଜୀବୀ ମୃତ୍ୟୁଞ୍ଜୟ ମହାପାତ୍ର, ସମ୍ପାଦକ ଆଇନ୍‌ଜୀବୀ ଶ୍ୟାମାନନ୍ଦ ମହାରଣା, ଆବାହକ ଲଲାଟେନ୍ଦୁ ସେନାପତି, ଉପସଭାପତି ସୁରେଶ ଚନ୍ଦ୍ର ପରିଡା, ଆଠଗଡ ବୁଦ୍ଧିଜୀବୀ ସଂଘ ସଭାପତି ଶିବ ପ୍ରସାଦ ପଣ୍ଡା, ଶରତ ଚନ୍ଦ୍ର ସାମନ୍ତ, ଗିରିଶ କୁମାର ମିଶ୍ର, ନବ କିଶୋର ରାଉତ,ଧରଣୀଧର ମହାପାତ୍ର, ବୀରକିଶୋର ମହାପାତ୍ର, ପ୍ରଭାତ କୁମାର ମିଶ୍ର, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଆସନ୍ତା ପନ୍ଦର ଦିନ ମଧ୍ୟରେ ଏହାର ସମାଧାନ ନ ହେଲେ ଆଠଗଡ ବିଦ୍ୟୁତ୍ ଉପଭୋକ୍ତା ଟିପିସିଓଡିଏଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି।

## ଆଇନଜୀବୀଙ୍କ ପରଲୋକ

ଆଠଗଡ଼,୨୦।୧୨(ସତ୍ୟପ୍ରସାଦ ରଥ):

ବରିଷ୍ଠ ଆଇନଜୀବୀ ଆଠଗଡ଼ ଓକିଲ ସଂଘର ପୂର୍ବତନ ସଭାପତି ଅଦ୍ୱୈତ ଚରଣ ପଣ୍ଡା(୭୮)ଙ୍କ କଟକସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲରେ ଶନିବାର ପରଲୋକ ଘଟିଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ପଣ୍ଡା ଓକିଲ ସଂଘ ବ୍ୟତୀତ ସାହିତ୍ୟ ସମାଜ, ରାସରସିକପୁରସ୍ଥିତ ମା' ସରସ୍ୱତୀ ଶିଶୁ ମନ୍ଦିର ପରି ବହୁ ଅନୁଷ୍ଠାନରେ ସାମିଲ ଥିଲେ। ଅପରାହ୍ନରେ ତାଙ୍କ ମୃତଦେହ ଗାନ୍ଧୀ ମାର୍ଗସ୍ଥିତ ବାସଭବନରେ ପହଞ୍ଚିବା ପରେ ଆଠଗଡ ଉପଖଣ୍ଡ ଓକିଲ ସଂଘର ସଭାପତି ଫଣୀ ଭୂଷଣ ରଥ, ବରିଷ୍ଠ ଆଇନଜୀବୀ ପ୍ରାଣକୃଷ୍ଣ ଦାଶ, ଆଠଗଡ ଓକିଲ ସଂଘର ସଭାପତି ଜଗଦାନନ୍ଦ ତ୍ରିପାଠୀ, ସମ୍ପାଦକ ବନବିହାରୀ ସାହୁ, ସହସମ୍ପାଦକ ଶ୍ରୀନିବାସ ଦାସ, ଶରତ କୁମାର ଦାଶ, ପୂର୍ବତନ ସଭାପତି ସତ୍ୟେନ ପଣ୍ଡା, ବିନୟ କୁମାର ଶୁକ୍ଳା, ସାହିତ୍ୟ ସମାଜର ସଭାପତି ଲଲାଟେନ୍ଦୁ ସେନାପତି, ବିଶିଷ୍ଟ ସାହିତ୍ୟିକ ନାରାୟଣ ପଣ୍ଡା, ସରସ୍ୱତୀ ଶିଶୁ ମନ୍ଦିର ସମ୍ପାଦକ ଶରତ କୁମାର ସାମନ୍ତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ସନ୍ଧ୍ୟାରେ ଏନ୍‌ଏସି ବୀରକିଶୋରପୁରସ୍ଥିତ ଶ୍ମଶାନରେ ଶେଷ କୃତ୍ୟ ସଂପନ୍ନ ହୋଇଥିଲା। ତାଙ୍କ ପୁତ୍ର ତଥା ଆଇନଜୀବୀ ଅଚ୍ୟୁତାନନ୍ଦ ମୁଖାଗ୍ନି ଦେଇଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ତହେର


@ ସନ୍ତୋଷ


@ ରାଧେଶ୍ୟାମ


@ ରାଜେଶ


@ ତନ୍ମୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶୈଳବାଳା କଲେଜ କ୍ୟାମ୍ପସ୍‌ରେ ହେବ ମଧୁବାବୁ ସ୍ମାରକୀ ସଂଗ୍ରହାଳୟ

ଭୁବନେଶ୍ୱର,୨୦।୧୨] (ସୌମ୍ୟରଞ୍ଜନ ରାଉତ):

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶୈଳବାଳା ମହିଳା ସ୍ୱୟଂ ଶାସିତ ମହାବିଦ୍ୟାଳୟ କ୍ୟାମ୍ପସ୍‌ରେ ନିର୍ମାଣ ହେବ ମଧୁବାବୁ ସ୍ମାରକୀ ସଂଗ୍ରହାଳୟ। ଶନିବାର ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ବିଭାଗୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ନାରୀଶିକ୍ଷାର ବିକାଶ ଦିଗରେ ଉତ୍କଳ ଗୌରବ ମଧୁସୂଦନ ଦାସ ଓ ତାଙ୍କ ଝିଅ ଶୈଳବାଳା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ଶିକ୍ଷାର ବିକାଶ, ବିଶେଷକରି ଆମ ଛାତ୍ରୀମାନେ ଯେପରି ଗୁଣାତ୍ମକ ଶିକ୍ଷା ଲାଭ କରି ଏକ ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରିପାରିବେ, ସେଥିପାଇଁ ୧୯୫୨ ମସିହାରେ ଶୈଳବାଳା ନିଜ ପିତା ମଧୁସୂଦନଙ୍କ ବାସଭବନ ଓ ନିଜ ବାସଭବନ 'ମଧୁମନ୍ଦିର'କୁ ମହିଳା ମହାବିଦ୍ୟାଳୟ ପରିଚାଳନା ପାଇଁ ଦାନ କରିଥିଲେ। ମଧୁବାବଙ୍କ ଅବଦାନ ଓ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ମଧୁବାବୁ ସ୍ମାରକୀ ସଂଗ୍ରହାଳୟର ନିର୍ମାଣ ଯୁବପିଢ଼ିଙ୍କୁ ନିଶ୍ଚିତ ଭାବରେ ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରେରିତ କରିବ ବୋଲି ସେ ମତ ପ୍ରକାଶ କରିଥିଲେ।

ବୈଠକରେ ଉଚ୍ଚଶିକ୍ଷା ବିଭାଗ କମିଶନର ଅରବିନ୍ଦ ଅଗ୍ରୱାଲ, ସଂସ୍କୃତି ବିଭାଗ ସଚିବ ବିଜୟ କେତନ ଉପାଧ୍ୟାୟ, ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର, ରାଷ୍ଟ୍ରପତିଙ୍କ ଅତିରିକ୍ତ ପ୍ରେସ୍ ସଚିବ ବିଜୟ କୁମାର ନାୟକ, ଶୈଳବାଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଜୀବନ ବଲ୍ଲଭ ଜେନା ପ୍ରମୁଖ ଉପସ୍ଥିତ ରହି ଏନେଇ ଆଲୋଚନା କରିଥିଲେ। ଶେଷରେ ମହାବିଦ୍ୟାଳୟ ପରିସରରେ ଥିବା ଏକ ସ୍ଥାନ (ଯେଉଁଠାରେ ମଧୁବାବୁଙ୍କ ସମୟରେ ମଧୁବାବୁଙ୍କ ସିରସ୍ଥା ରହିଥିଲା ଏବଂ ମଧୁବାବୁଙ୍କ ସମ୍ମିଳନୀ କକ୍ଷ ଓ ଆବାସିକ କାର୍ଯ୍ୟାଳୟ ପରିଚାଳିତ ହେଉଥିଲା)କୁ ମଧୁବାବୁ ସ୍ମାରକୀ ସଂଗ୍ରହାଳୟରେ ପରିଣତ କରିବା ପାଇଁ ନିଷ୍ପତ୍ତି ହୋଇଛି।

# 'ଯନ୍ତ୍ରପାତିରେ ଚାଷକଲେ ଲାଭବାନ୍ ହେବେ ଚାଷୀ


କୃଷି ଯନ୍ତ୍ରପାତି ମେଳାର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥିମାନେ ଶ୍ରେଷ୍ଠ ଷ୍ଟଲ୍‌କୁ ପୁରସ୍କୃତ କରୁଛନ୍ତି।

ବାଙ୍କୀ,୨୦।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର):

**ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ**

ବି.କେ. ବିଦ୍ୟାପୀଠ ଖେଳପଡ଼ିଆରେ ୩ ଦିନ ଧରି ଚାଲିଥିବା ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସମୁଦାୟ କୃଷି, ମତ୍ସ୍ୟପାଳନ, ଉଦ୍ୟାନ କୃଷି ଏବଂ ବିଭିନ୍ନ ଯନ୍ତ୍ରପାତିର ୩୦ଟି ଷ୍ଟଲ୍ ପ୍ରଦର୍ଶିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସଭାରେ ମୁଖ୍ୟ ଅତିଥି ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ କୃଷକମାନେ ଯନ୍ତ୍ରପାତି ଦ୍ୱାରା ଚାଷକାର୍ଯ୍ୟ କଲେ କମ୍ ଖର୍ଚ୍ଚରେ ଅଧିକ ଲାଭବାନ୍ ହୋଇପାରିବେ ବୋଲି ମତ ପ୍ରକାଶ କରିଥିଲେ। ଅନ୍ୟତମ ବିଶିଷ୍ଟ ଅତିଥିଭାବେ କଟକ ଜିଲା ପରିଷଦ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର ଯୋଗଦେଇ ଉପଖଣ୍ଡସ୍ତରୀୟ ଏଭଳି ମେଳାରେ ଚାଷୀମାନେ ଲାଭବାନ୍ ହେବା ସହ ସରକାରଙ୍କ ବିଭିନ୍ନ ରିହାତିମୂଳକ ଯନ୍ତ୍ରପାତି ବିଷୟରେ ସୂଚନା ଦେଇଥିଲେ। ସେହିପରି ସମ୍ମାନୀୟ ଅତିଥି ଭାବେ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଆଶିଷ କୁମାର ସାହୁ, ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ, କେନ୍ଦ୍ରୀୟ ଜୋନ୍ ଜିଲା ପରିଷଦ ସଦସ୍ୟା ମିନତି ମହାପାତ୍ର, କୃଷି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ଜେନା, ଆଠଗଡ଼ ଜିଲା କୃଷି ଅଧିକାରୀ ଶିବାଶିଷ ମିଶ୍ର, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଶିଶିର କୁମାର ସାହୁ ଯୋଗଦେଇ କୃଷି ଯନ୍ତ୍ରପାତି ମେଳା ଦ୍ୱାରା ଚାଷୀମାନେ ଉପକୃତ ହେବା ସହ କିପରି ସେମାନେ ରିହାତି ମୂଲ୍ୟରେ କୃଷି ଯନ୍ତ୍ରପାତି କ୍ରୟ କରିପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ କୃଷି ଜିଲା ଅଧିକାରୀ ରୋଜାଲିନ୍ ନାୟକ ସଭାପତିତ୍ୱ କରିଥିବା ବେଳେ ବାଙ୍କୀ ବ୍ଲକ କୃଷକସାଥୀ ସଭାପତି ଜୟପ୍ରକାଶ ମିଶ୍ର ସଭା ପରିଚାଳନା କରିଥିଲେ। ସହକାରୀ କୃଷି ଅଧିକାରୀ ପ୍ରିୟା ପ୍ରିୟଦର୍ଶିନୀ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ। ଏହି ମେଳାର ସରକାରୀ ଷ୍ଟଲ୍‌ରେ ଓଡ଼ିଶା ଆଗ୍ରୋ ଇଣ୍ଡଷ୍ଟ୍ରିଜ୍ ଓ ବେସରକାରୀ ଷ୍ଟଲ୍‌ରେ ବିକ୍ରମ ଇଞ୍ଜିନିୟରିଂ ପ୍ରଥମ ସ୍ଥାନ ଅଧିକାରକରି ଅତିଥିମାନଙ୍କଠାରୁ ପୁରସ୍କୃତ ହୋଇଛନ୍ତି। ଡମପଡ଼ା ବ୍ଲକ ସହକାରୀ କୃଷି ଅଧିକାରୀ ଶ୍ରୀନିବାସ ଦାସ ଏଥିରେ ସହଯୋଗ କରିଥିଲେ।

# ଜୀବନାଶକର ନିରାପଦ ବ୍ୟବହାର ସମ୍ପର୍କିତ ତାଲିମ

ତିଗିରିଆ,୨୦।୧୨(ଜାଫର ଖାଁ):


ତାଲିମ ଶିବିରରେ କୃଷି ଅଧିକାରୀ ଓ ଚାଷୀମାନେ।

ତିଗିରିଆ ବ୍ଲକ୍ ଅନ୍ତର୍ଗତ ନିଜିଗଡ଼ସ୍ଥିତ ବ୍ଲକ କୃଷି କାର୍ଯ୍ୟାଳୟଠାରେ ଶୁକ୍ରବାର ଏକ ଦିନିକିଆ ଜୀବନାଶକର ଠିକ୍ ଓ ନିରାପଦ ବ୍ୟବହାର ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଶିବିରକୁ ତିଗିରିଆ ବ୍ଲକ ଆତ୍ମା କମିଟି ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଶିବିରରେ ତିଗିରିଆ ବ୍ଲକର ସମସ୍ତ କୃଷକସାଥୀ, ଅଗ୍ରଣୀ ଚାଷୀ ଓ ଆତ୍ମା କମିଟିରେ ଥିବା ସମସ୍ତ ଚାଷୀଙ୍କୁ ବିଭିନ୍ନ ଫସଲ ଯଥା ଧାନ, ପନିପରିବା ଆଦି ଫସଲରେ ଘାସମରା ଏବଂ ରୋଗପୋକ ଦାଉରୁ ରକ୍ଷା ପାଇଁ ବ୍ୟବହାର କରାଯାଉଥିବା ଜୀବନାଶକର ଠିକ୍ ଓ ନିରାପଦ ବ୍ୟବହାର ଉପରେ ଆଠଗଡ଼ ବ୍ଲକ କୃଷି ଅଧିକାରୀ ପ୍ରିୟନାଥ ପାତ୍ର ଓ ତିଗିରିଆ ବ୍ଲକ କୃଷି ଅଧିକାରୀ ସନାତନ ବେହେରା ତାଲିମ ପ୍ରଦାନ କରିଥିଲେ। ଏହି ଶିବିରରେ ରଶ୍ମିରଞ୍ଜନ ନାୟକ, ସତ୍ୟବ୍ରତ ମହାରଥ, ସୁଶାନ୍ତ ସାହୁ, ଭାରତ ଚନ୍ଦ୍ର ବେହେରା, ନିରୁପମା ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ବୋଲଗଡ଼,୨୦।୧୨(ଦେବବ୍ରତ ହୋତା)

ରାଜସୁନାଖଳାସ୍ଥିତ ଏକ ହୋଟେଲ ସମ୍ମୁଖ ୫୭ନମ୍ବର ଜାତୀୟ ରାଜପଥରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ ବୋଲଗଡ଼ ଥାନା ବଡ଼କୁମାରୀ ପଞ୍ଚାୟତ ପାନନଗର ଗ୍ରାମର ଶୁଭମ ମହାନ୍ତି। ଗୁରୁତର ରଞ୍ଜନ ତାରେନିଆଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଶୁକ୍ରବାର ରାତିରେ ପାନନଗର ଗ୍ରାମର ଶୁଭମ ଏବଂ ରଞ୍ଜନ ବାଇକ୍‌ରେ ଗ୍ରାମକୁ ଫେରୁଥିବା ବେଳେ ରାଜସୁନାଖଳାସ୍ଥିତ ଏକ ହୋଟେଲ ସମ୍ମୁଖ ଜାତୀୟ ରାଜପଥରେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଶୁଭମଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ରଞ୍ଜନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

### ମାଙ୍କଡ଼ା ପଥର ବୋଝେଇ ଟ୍ରାକ୍ଟର ଜବତ, ଚାଳକ ଗିରଫ

ବେଗୁନିଆ,୨୦।୧୨
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଥାନା ପୋଲିସ ପକ୍ଷରୁ ଶନିବାର ବେଆଇନ ଖଣି ଖାଦାନରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ବେଆଇନ ଭାବେ ମାଙ୍କଡ଼ା ପଥର ବୋଝେଇ କରି ନେଇ ଯାଉଥିବା ଏକ ଟ୍ରାକ୍ଟରକୁ ଜାମୁସାହି ଗ୍ରାମ ନିକଟରୁ ଜବତ କରାଯାଇଛି। ଏହି ଘଟଣାରେ ଚାଳକଙ୍କୁ ଗିରଫ କରାଯାଇଛି। ସେ ହେଲେ ଜଙ୍କିଆ ଥାନା ଅନ୍ତର୍ଗତ ଓଳସିଂହ ଗ୍ରାମର ଅଜୟ କୁମାର ପରିଡ଼ା। ଏନେଇ ପୋଲିସ ଏକ ମାମଲା (ନଂ.୩୧୭/୨୫) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

### ବାଇକ୍-ସ୍କୁଟି ଧକ୍କା, ୨ ଗୁରୁତର

ନିରାକାରପୁର,୨୦।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ଲେଣ୍ଡୋ ମଧ୍ୟବର୍ତ୍ତୀ ଅଞ୍ଚଳ ନୂଆଜଗନ୍ନାଥ ସଡ଼କ ମାଲୁଣି ପୋଖରୀ ନିକଟରେ ଶନିବାର ବାଇକ୍-ସ୍କୁଟି ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଉଭୟ ଗାଡ଼ିର ଚାଳକ ଆହତ ହୋଇଛନ୍ତି। ସ୍ଥାନୀୟଲୋକଙ୍କ ଠାରୁ ଖବରପାଇ ପୋଲିସ ପହଞ୍ଚି ଉଭୟ ଆହତଙ୍କୁ ଚିକିତ୍ସା ପାଇଁ ମେଡିକାଲ ପଠାଇଥିଲା। ଏଥିସହ ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରିଛି। ରିପୋର୍ଟ ଲେଖା ହେବା ଯାଏ ଆହତଙ୍କ ପରିଚୟ ମିଳିପାରି ନାହିଁ।

### ତଣ୍ଡାଳରେ ସାହିତ୍ୟ ସଭା, କବିତା ପାଠୋତ୍ସବ

ବେଗୁନିଆ,୨୦।୧୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ତଣ୍ଡାଳ ଗ୍ରାମସ୍ଥିତ ଶ୍ରୀବିଶ୍ୱନାଥ ଦେବଙ୍କ ମନ୍ଦିର ପରିସରରେ ଶନିବାର ସାହିତ୍ୟ ସଭା ଏବଂ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା ସମିତି ଆନୁକୂଲ୍ୟରେ ଆୟୋଜିତ ସଭାରେ ଶିକ୍ଷାବିତ୍ କୈଳାସ ନାଥ ସୁବୁଦ୍ଧି ଅଧ୍ୟକ୍ଷତା କରିଥିଲେ। 'କରୁଣା କାରୁଣ୍ୟ' ଶୀର୍ଷକ ଆଲୋଚନାଚକ୍ରରେ ବିଶିଷ୍ଟ ସାହିତ୍ୟିକ ଡ.ନିର୍ମଳ ଚନ୍ଦ୍ର ଶୁରଦେଓ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବକ୍ତାଭାବେ ନାଟ୍ୟକାର ତଥା ସୁସାହିତ୍ୟିକ ଶରତ ଚନ୍ଦ୍ର ଆଚାର୍ଯ୍ୟ ଏବଂ ବରିଷ୍ଠ ରସାୟନବିତ ଡ.ହରିପ୍ରସାଦ ଦାସ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଦୟା, କରୁଣା, ସହାନୁଭୂତି, କ୍ଷମା ଓ ସରଳତା ବିନା ସମାଜରେ ତିଷ୍ଠି ରହିବା ଅସମ୍ଭବ। ମହାବୀର ଜୈନ, ବୁଦ୍ଧ, ନାନକ, ଯୀଶୁ ଏବଂ ଗାନ୍ଧୀଙ୍କ ତତ୍ତ୍ୱ, ବିଚାରଧାରା ଏବେବି ଉଦ୍‌ବୁଦ୍ଧ କରୁଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବସନ୍ତ କୁମାର ଦାସ ମଙ୍ଗଳା ଚରଣ ପାଠ କରିବା ପରେ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେବା ସହ ସ୍ୱରଚିତ ଆବାହନୀ ସଙ୍ଗୀତ ଗାନ କରିଥିଲେ। ପରେ କବି ଲୁଣ୍ଡୁ ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠରେ ଅଞ୍ଚଳର ବହୁ କବୟିତ୍ରୀ, କବି ଓ ସାହିତ୍ୟିକ ଯୋଗ ଦେଇଥିଲେ। ଗାୟକ ହରିହର ମହାପାତ୍ର ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ଶିକ୍ଷାବିତ୍ ଶରତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ପର୍ଯ୍ୟଟନସ୍ଥଳରେ ଜମିଲାଣି ବଣଭୋଜି

ଖୋର୍ଦ୍ଧା,୨୦।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳରେ ପର୍ଯ୍ୟଟକଙ୍କ ଭିଡ଼ ଜମିବାରେ ଲାଗିଛି। ପର୍ଯ୍ୟଟନସ୍ଥଳ ବୁଲିବା ସହ ବଣଭୋଜିର ମଜା ଉଠାଉଛନ୍ତି। ବରୁଣେଇ ପୀଠରେ ବର୍ଷସାରା ଭିଡ଼ ଲାଗିଥାଏ। ବିଶେଷକରି ଡିସେମ୍ବର, ଜାନୁଆରୀରେ ଚାରିଆଡେ ବଣଭୋଜିର ଆୟୋଜନ ହୋଇଥାଏ। ରାଜ୍ୟର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକମାନେ ଆସିଥାନ୍ତି। ଏଠାରେ ମା'ବରୁଣେଇ, କରୁଣେଇଙ୍କ ଦର୍ଶନସହ ପାହାଡ ଚଢ଼ି ପ୍ରାକୃତିକ ମନୋରମ ଦୃଶ୍ୟର ମଜା ଉଠାଇଥାନ୍ତି। ପର୍ଯ୍ୟଟକମାନେ ବଣଭୋଜିର ମଜା ନେଇଥାନ୍ତି। ପାହାଡ଼ ଶୀର୍ଷରେ ରହିଥିବା ଐତିହ୍ୟ କୀର୍ତ୍ତିରାଜିଦର୍ଶନ ଏବଂ ମନଲୋଭା ସବୁଜମୟ ପରିବେଶ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ପାହାଡ଼ର ନାଭି ଦେଶରୁ ପ୍ରବାହିତ ଝରଣା, ପାଇକ ବିଦ୍ରୋହର ମୂକସାକ୍ଷୀ ହେଉଛି ବରୁଣେଇ ପାହାଡ଼। ଏହାର ନିକଟରେ ରହିଛି ଐତିହ୍ୟ ଗଡ଼ଖୋର୍ଦ୍ଧା ଓ



ସ୍ମାର୍ଟ ପାର୍କ। ବରୁଣେଇ ପୌର ପ୍ରଶାସନ ପକ୍ଷରୁ ପିଲାଙ୍କ ଲାଗି ଏକ ଶିଶୁଉଦ୍ୟାନ ବ୍ୟବସ୍ଥା ରହିଛି। ବରୁଣେଇ ପାଦ ଦେଶରେ ପର୍ଯ୍ୟଟକଙ୍କ ଭିଡ଼ ଜମିଲାଣି। ସବୁଠି ବଣଭୋଜିର ଆସର ଚାଲିଛି।

ଶୀତର ପ୍ରକୋପ ବୃଦ୍ଧି ପାଇଥିବା ବେଳେ ନୀଳାମ୍ବୁ ଚିଲିକାକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ବଢ଼ିଛି। ୧୦୦ରୁ ଉର୍ଦ୍ଧ୍ୱ ପ୍ରଜାତିର ୫ ଲକ୍ଷ ବିଦେଶାଗତ ପକ୍ଷୀଙ୍କ ସମାଗମ ହୋଇଛି। କିଚିରିମିଚିରି କଳରାବରେ ଫାଟିପଡୁଛି ଚିଲିକା। ବିଦେଶାଗତ ପକ୍ଷୀଙ୍କ ଆଗମନରେ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରୁଛି। ମଙ୍ଗଳାଯୋଡିକୁ ପକ୍ଷୀଙ୍କ ଭୂସ୍ୱର୍ଗ ବୋଲି କୁହାଯାଏ। ଫଳରେ ଏହି ସ୍ଥାନରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ଚିଲିକାର ମନୋରମ ଦୃଶ୍ୟ ସହ ବିଭିନ୍ନ ରଙ୍ଗବେରଙ୍ଗ ପକ୍ଷୀଙ୍କ ସମାଗମ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ନୀଳ ଜଳରାଶିରେ ପକ୍ଷୀଙ୍କ ଉଡ଼ନ୍ତା ଦୃଶ୍ୟ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। ପର୍ଯ୍ୟଟକମାନେ ଚିଲିକାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ କାଳିଜାଇ ପୀଠରେ ମା'କାଳିଜାଇଙ୍କ ଦର୍ଶନ କରିଥାନ୍ତି।

ସେହିପରି ଗଡମାଣିତ୍ରୀ ଏବଂ ମା'ଉଗ୍ରତାରାଙ୍କ ପୀଠରେ ମଧ୍ୟ ପର୍ଯ୍ୟଟକଙ୍କ ଭିଡ଼ ଜମିଲାଣି। ଉଭୟ ପୀଠର ମା'ଙ୍କ ମହିମା ପର୍ଯ୍ୟଟକଙ୍କୁ ଟାଣି ଆଣିଥାଏ। ସେହିପରି ଅତ୍ରିସ୍ଥିତ ଉଷ୍ମ ପ୍ରସ୍ରବଣରେ ପର୍ଯ୍ୟଟକଙ୍କ ଭିଡ଼ ଜମିଲାଣି। ଉଷ୍ମ ପ୍ରସ୍ରବଣ କୁଣ୍ଡ(କୁଆକୁଣ୍ଡ)ରେ ଗରମ ଜଳର ଉବୁକା ଦର୍ଶନ ଭକ୍ତ, ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଶ୍ରଦ୍ଧାଳୁମାନେ କୁଣ୍ଡରେ ମୁଦ୍ରା, ଚାଉଳ, ପୁଷ୍ପ, ଚନ୍ଦନ ଦୂବ ତୁଳସୀ ବରକୋଳି ପତ୍ର ପ୍ରଭୃତି ନିକ୍ଷେପ କରିଥାନ୍ତି। ଏହାର ଜଳ ପ୍ରଭୁ ହଟ୍ଟକେଶ୍ୱରଙ୍କୁ ସମର୍ପଣ କରାଯାଏ। ଉଷ୍ମ ଜଳରେ ସ୍ନାନ କଲେ ଚର୍ମରୋଗ ଆରୋଗ୍ୟ ହୋଇଥାଏ ବୋଲି କୁହାଯାଏ। ଉଷ୍ମ ପ୍ରସ୍ରବଣରେ ସ୍ନାନ ସାରି ଏକାଦଶ ରୁଦ୍ର ହଟ୍ଟକେଶ୍ୱରଙ୍କୁ ଦର୍ଶନ କଲେ ଅଶେଷପୂର୍ଣ୍ଣ ମିଳେ ବୋଲି ବିଶ୍ୱାସ ରହିଛି।

# 'ଯୁବଶକ୍ତିକୁ ଜାଗ୍ରତ କରାଇବାରେ ମୂଳମନ୍ତ୍ର କ୍ରୀଡ଼ା'

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ବାର୍ଷିକ କ୍ରୀଡ଼ା ଉତ୍ସବରେ ମଞ୍ଚାସୀନ ଅତିଥି।

ବେଗୁନିଆ,୨୦।୧୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ରମାମଣି ମହାବିଦ୍ୟାଳୟ ପକ୍ଷରୁ ତିନିଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ନାରାୟଣ ବନ୍ଧୁ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ଭାବେ ବେଗୁନିଆ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ଯୋଗଦେଇଥିଲେ। ପୂର୍ବତନ ଖେଳଶିକ୍ଷକ ବିଜୟ କୁମାର ପଟ୍ଟନାୟକ, ଅଧ୍ୟାପକ ବଟକୃଷ୍ଣ ମହାପାତ୍ର, ଦିଲୀପ କୁମାର ସାଥୁଆ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଯୁବ ଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜ ଭିତରେ ଥିବା ଯୁବଶକ୍ତିକୁ ଉଲ୍ଲସିତ କରନ୍ତି। ଯାହାଦ୍ୱାରା ଦେଶ, ଜାତି ଏବଂ ରାଷ୍ଟ୍ର ପାଇଁ ସେମାନଙ୍କର ଜୀବନ ଗରିୟାନ ହୋଇଥାଏ ବୋଲି ଅତିଥି ସୁବୁଦ୍ଧି ମତବ୍ୟକ୍ତ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଯୁକ୍ତ ୩ର ଛାତ୍ରୀ ରୋଜାଲିନ ନାୟକ ଓ ଛାତ୍ର ଜଗନ୍ନାଥ ସେଠୀ ଚାମ୍ପିୟନ ହୋଇଛନ୍ତି। ସେହିପରି ଯୁକ୍ତ ୨ର ଛାତ୍ରୀ କବିତା ନାୟକ ଓ ଛାତ୍ର ସତ୍ୟଜିତ ବେହେରା ଚାମ୍ପିୟନ ହୋଇଛନ୍ତି। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ନେଇ ଦୌଡ଼, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ଡିସକସ ଥ୍ରୋ, ଜାଭେଲିନ ଥ୍ରୋ, କବାଡି ଆଦି ଖେଳ ହୋଇଥିଲା। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀମାନେ ପ୍ରତିଯୋଗିତାରେ ସହଯୋଗ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ପଟ୍ଟନାୟକ କ୍ରୀଡ଼ା ପତାକା ଅବତରଣ କରିବା ପରେ ଖେଳ ଶିକ୍ଷକଙ୍କୁ ଅର୍ପଣ କରିଥିଲେ। ଶେଷରେ ଅଧ୍ୟାପକ ପ୍ରତାପ କୁମାର ମେହେର ଧନ୍ୟବାଦ ଦେଇଥିଲେ।

### ବିଦ୍ୟାଳୟ ପରିଚାଳନା ପରିଷଦର ନୂତନ ସଭ୍ୟ ଚୟନ

ବେଗୁନିଆ,୨୦।୧୨(ସନ୍ଧ୍ୟାରାଣୀ ମିଶ୍ର)

ପିଏମଶ୍ରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ବେଗୁନିଆର ବିଦ୍ୟାଳୟ ପରିଚାଳନା ପରିଷଦର ନୂତନ ସଭ୍ୟ ଚୟନ ହୋଇଯାଇଛି। ଶନିବାର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ଆବାହକତ୍ୱ ଏବଂ ପୌରୋହିତ୍ୟରେ ବରିଷ୍ଠ ଶିକ୍ଷୟିତ୍ରୀ ସ୍ମୃତିସ୍ମିତା ବେହେରାଙ୍କ ସଂଯୋଜନାରେ ପିତାମାତା-ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମ୍ମିଳନୀ ହୋଇଥିଲା। ସୁଜାତା ରଥ, ନମିତା ପ୍ରଧାନ ଓ ଜାନକୀ ନାୟକଙ୍କୁ ନୂତନ ସଭ୍ୟା ଏବଂ ଉମ୍ବରୁଧର ସାହୁ, ଲୋକନାଥ ଜେନାଙ୍କୁ ନୂତନ ସଭ୍ୟ ଭାବେ ଚୟନ କରାଯାଇଛି। ପୁଷ୍ପଲତା ଜୟସିଂହ ପିତାମାତାଙ୍କୁ ସ୍ୱାଗତ କରିଥିବା ବେଳେ କ୍ରୀଡ଼ା ଶିକ୍ଷକ ପ୍ରଭାତ କୁମାର ନିଶଙ୍କ ଧନ୍ୟବାଦ ଅର୍ପଣ କରିଥିଲେ।

### ଶିକ୍ଷକମାନେ ଏକ୍‌ଜୁଟ ହେବାକୁ ଆହ୍ୱାନ

ବେଗୁନିଆ,୨୦।୧୨(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡିହ କ୍ଲଷ୍ଟରର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଏକ ବନ୍ଧୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଗତ ରବିବାର ବାଙ୍କୀ ବ୍ଲକ ଅନ୍ତର୍ଗତ ସରଣ୍ଡାଗଡସ୍ଥିତ ଅଂଶୁପାର ପ୍ରକୃତି ଉଦ୍ୟାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। କ୍ଲଷ୍ଟରର ସଂଯୋଜକ ଦାଶରଥି ପ୍ରଧାନଙ୍କ ଆବାହକତ୍ୱରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ଓ କନିଷ୍ଠ ସହାୟକ ବିରଞ୍ଚି ନାରାୟଣ ମହାପାତ୍ର ଅତିଥିଭାବେ ଯୋଗଦେଇ ପ୍ରତ୍ୟେକ କ୍ଷେତ୍ରରେ ଶିକ୍ଷକମାନେ ଏକଜୁଟ ହୋଇ ପରସ୍ପର ସହ ଭାବର ଆଦାନ ପ୍ରଦାନ କଲେ ଶିକ୍ଷା ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହୋଇପାରିବ ବୋଲି କହିଥିଲେ। ଶିକ୍ଷକନେତା ରବୀନ୍ଦ୍ର କୁମାର ସାହୁ, ଶିକ୍ଷକ ସୁରେଶ ଚନ୍ଦ୍ର ସେଠୀ, ରବୀନ୍ଦ୍ର ମହାପାତ୍ର, ବଟକୃଷ୍ଣ ମଲ୍ଲିକ, ରାଜେଶ ମହାରଣା, ନୀଳମଣି ପ୍ରଧାନ, ପଠାଣୀ କୁମାର ସାହୁ, ସମୀର ଚିନରା, ସନ୍ତୋଷ ମହାପାତ୍ର, ଶିକ୍ଷୟିତ୍ରୀ ପ୍ରତିଭା ରାଣୀ ମହାପାତ୍ର, ରେଣୁବାଳା ମିଶ୍ର, ସଞ୍ଜୁକ୍ତା ପଣ୍ଡା, ସ୍ନେହଲତା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# କ୍ଲଷ୍ଟରସ୍ତରୀୟ ମାସିକ ବୈଠକ

ଖୋର୍ଦ୍ଧା,୨୦।୧୨(ପ୍ରଭାତ ପାଣିଗ୍ରାହୀ)



କୁରାଡ଼ମଲ୍ଲ ଅଧୀନ ସରକାରୀ ପ୍ରାଥମିକ ବିଦ୍ୟାଳୟ ଛତ୍ରମାଗଡ଼ଠାରେ ୬ଷ୍ଠ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଦ୍ୟାଳୟର ପ୍ରଧାନ ଗୁରୁଜୀ ରାମ ଚନ୍ଦ୍ର ବ୍ରହ୍ମା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସିଆର୍‌ସିସି ମନୋଜ ଦାଶ ବୈଠକ ପରିଚାଳନା କରିଥିଲେ। ମୋଟ୍ ୧୦ ବିଦ୍ୟାଳୟରୁ ୧୮ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ଶିଶୁବାଟିକାଠାରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଡିସେମ୍ବର ମାସର ଶୈକ୍ଷିକ କ୍ୟାଲେଣ୍ଡର ଉପରେ ଆଲୋଚନା କରାଯାଇଥିଲା। ଭେନ୍ୟୁ ବିଦ୍ୟାଳୟ ପରିଦର୍ଶନ ଓ ଆଲୋଚନା, ଶିକ୍ଷଣ ସୋପାନ ରେଜିଷ୍ଟର, ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ପରୀକ୍ଷାର ନୂତନ ମୂଲ୍ୟାୟନ ଢାଞ୍ଚା କିପରି କରାଯିବ ଏହା ଉପରେ ସିଆର୍‌ସିସି ଦାଶ ଏବଂ କ୍ଲଷ୍ଟର ସମ୍ବଳ ଶିକ୍ଷକ ରବି ନାରାୟଣ ସାହୁ ବୈଠକରେ ଉପସ୍ଥାପନା କରିଥିଲେ। ଉକ୍ତ ବୈଠକରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଖୋର୍ଦ୍ଧାର ସହ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ତଥା ବିଆର୍‌ସିସି ସନ୍ଧ୍ୟାବତୀ ଲେଙ୍କା ଏବଂ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭରତ ଚନ୍ଦ୍ର ପ୍ରଧାନ ଉପସ୍ଥିତ ରହି ମାସିକ କ୍ଲଷ୍ଟରସ୍ତରୀୟ ବୈଠକର ଗୁରୁତ୍ୱ ଏବଂ ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ପରୀକ୍ଷାର ନୂତନ ମୂଲ୍ୟାୟନ ଢାଞ୍ଚାର ଦିଗ ଉପରେ ଆଲୋକପାତ କରିଥିଲେ। ଶିବ ପ୍ରସାଦ ମହାପାତ୍ର, ପ୍ରସନ୍ନ କୁମାର ମହାପାତ୍ର, ଅନନ୍ୟା ହରିଚନ୍ଦନ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଯୁଧିଷ୍ଠିର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଜାନକୀ ପାଢ଼ୀ ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

# ଏଜେ କ୍ଲବ୍ ପାଇକତିଗିରିଆ ଚାମ୍ପିୟନ

ବୋଲଗଡ଼, ୨୦।୧୨ (ଦେବବ୍ରତ ହୋତା)




ଅତିଥିଙ୍କଠାରୁ ଚାମ୍ପିୟନ ଟିମ୍‌ର ଖେଳାଳିମାନେ କପ୍ ଗ୍ରହଣ କରୁଛନ୍ତି।

ବୋଲଗଡ଼ ଫ୍ରେଣ୍ଡସ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଜାନକୀ ପାଢ଼ୀ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଏଜେ କ୍ଲବ୍ ପାଇକତିଗିରିଆ ଚାମ୍ପିୟନ ହୋଇଛି। ସ୍ଥାନୀୟ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଶନିବାର ଫାଇନାଲ ମ୍ୟାଚ୍ ଏଜେ କ୍ଲବ୍ ପାଇକତିଗିରିଆ ଏବଂ ନୟାଗଡ଼ ଇଟାମାଟିର ଯଦୁମଣି କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ୩-୧ ଗୋଲ ବ୍ୟବଧାନରେ ଏଜେ କ୍ଲବ୍ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ମୁଖ୍ୟ ରେଫରି ଭାବେ ଏମ୍.ଏସ୍ ବେଗ ପରିଚାଳନା କରିଥିବା ବେଳେ ଲାଇନ୍ସରେ ଲକ୍ଷ୍ମୀଧର ଚୌଧୁରୀ, ସଞ୍ଜୟ ଫତେସିଂ ଏବଂ ଚତୁର୍ଥ ରେଫରିଭାବେ ବୈକୁଣ୍ଠ ମହାପାତ୍ର ଦାୟିତ୍ୱ ତୁଲାଇଥିଲେ। ଗୋଲ ଜଜ୍‌ଭାବେ ଲଲାଟେନ୍ଦୁ କେଶରୀ ସିଂ ଏବଂ ପ୍ରମୋଦ ଜେନ ଦାୟିତ୍ୱ ନିର୍ବାହ କରିଥିଲେ। ମହୋତ୍ସବ କମିଟି ସମ୍ପାଦକ ବୀର ଦାସଙ୍କ ପରିଚାଳନାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଦୀପ କୁମାର ସାହୁ, ସମ୍ମାନିତ ଅତିଥିଭାବେ ବିଜେଡି ବ୍ଲକ ସଭାପତି ବାନାମ୍ବର ମାଝି ଏବଂ ଅନ୍ୟମାନେ ଉପସ୍ଥିତ ରହି ଚାମ୍ପିୟନ ଟିମ୍‌କୁ ଆଶା ମେମୋରିଆଲ କପ୍ ସହ ୫ ହଜାର ଟଙ୍କା ଓ ରନର୍ସଅପ୍ ଟିମକୁ କପ୍ ସହ ୩ ହଜାର ଟଙ୍କା ପ୍ରଦାନ କରିଥିଲେ। ଫ୍ରେଣ୍ଡସ କ୍ଲବ୍ ସମ୍ପାଦକ ଭଞ୍ଜକିଶୋର ଯତି ବାର୍ଷିକ ବିବରଣୀ ପାଠ କରିଥିଲେ। ୫ଜଣ ରେଫରିଙ୍କୁ ସ୍ୱତନ୍ତ୍ର ଉପହାର ପ୍ରଦାନ କରାଯାଇଥିଲା। ଲଟେରି ମାଧ୍ୟମରେ ଅନେକ ଦର୍ଶକଙ୍କୁ ଉପହାର ମଧ୍ୟ ପ୍ରଦାନ କରାଯାଇଥିଲା। ସନାତନ ପାଟ୍ଟଶାଣୀ, ଅଶିନୀ ପଟ୍ଟନାୟକ, ମନୋଜ ପଣ୍ଡା, ରାକେଶ ମହାପାତ୍ର, ଜିତେନ୍ଦ୍ର ମାର୍ଥା, ବାବୁ ସିଂ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ତହେର



@ ସନ୍ତୋଷ



@ ରାଧେଶ୍ୟାମ



@ ରାଜେଶ



@ ତନ୍ମୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପୁରସ୍କାର ବିତରଣ ଉତ୍ସବ

ଟାଙ୍ଗୀ,୨୦।୧୨(ରଘୁନାଥ ସାହୁ)

କୁହୁଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସତ୍ୟଭାମା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ କୁମାର ରାଉତ, ମୁଖ୍ୟ ବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ସମ୍ମାନିତ ଅତିଥି ଆତ୍ମରକ୍ଷା କୌଶଳ ପ୍ରଶିକ୍ଷିକା ରଞ୍ଜୁବାଳା ଚମ୍ପତିରାୟ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ସମରେଶ ବେହେରା ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଶୈଳବାଳା ମହାରଣା, ସୁଚିତ୍ରା ରାଉତରାୟ, ନିରୁପମା ବେହେରା, ସସ୍ମିତା ଦଳବେହେରା, କଳ୍ପନା ରାଉତରାୟ, ତନୁଜା ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଶିକ୍ଷକ କାହ୍ନୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଅରିଶଳ, ଯଦୁପୁର ବିଜୟୀ

ଯାଁଳା,୨୦।୧୨(ବୁଲା ବାରିକ)

ରାଜଧାନୀ ଉପକଣ୍ଠ ଭଗବାନପୁର ସ୍ପୋର୍ଟ୍ସ ଆଣ୍ଡ କଲ୍‌ଚରାଲ ଆସୋସିଏଶନ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଶନିବାର ଅରିଶଳ ଏବଂ ଗଙ୍ଗପଡ଼ା ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା।

ଟସ୍ ଜିତି ଅରିଶଳ ଟିମ୍ ବୋଲିଂ ନିଷ୍ପତ୍ତି ନେଇଥିଲା। ଗଙ୍ଗପଡ଼ା ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ଓଭରରେ ୬ଉଇକେଟ ବିନିମୟରେ ୧୫୬ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଦିଲୀପ ୧୦୧ରନ କରିଥିଲେ। ଜବାବରେ ଅରିଶଳ ଟିମ୍ ନିର୍ଦ୍ଧାରିତ ଓଭରରେ ୫ଉଇକେଟ୍ ବିନିମୟରେ ୧୫୭ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଶୁଭେନ୍ଦୁ ପ୍ରଧାନ ୫୩ ରନ ଏବଂ ୩ ଓଭର ବୋଲିଂ କରି ୨ଟି ଉଇକେଟ ନେଇ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସୁଦୀପ୍ତ ମହାନ୍ତି ଏବଂ ବିକ୍ରମ ପାଟଶାଣୀ ମ୍ୟାଚ୍ ପରିଚାଳନା କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ ଗୁରୁଜଙ୍ଗ ଏବଂ ଯଦୁପୁର ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଗଙ୍ଗପଡ଼ା ଟିମ୍ ବୋଲିଂ ନିଷ୍ପତ୍ତି ନେଇଥିଲା। ଯଦୁପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୭ ଉଇକେଟ ବିନିମୟରେ ୧୮୭ରନ ସଂଗ୍ରହ କରିଥିଲା। ଜବାବରେ ଗଙ୍ଗପଡ଼ା ଟିମ୍ ୧୫ ଓଭରରେ ୮ଉଇକେଟ ବିନିମୟରେ ୧୫୧ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଯଦୁପୁର ଟିମ୍‌ର ମହମ୍ମଦ ତବ୍ରିଜ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆଦିତ୍ୟ ପଟ୍ଟନାୟକ ଏବଂ ବୀରେନ କୁମାର ବେହେରା ମ୍ୟାଚ୍ ପରିଚାଳନା କରିଥିଲେ।

# ଉଠାଦୋକାନ ଉଚ୍ଛେଦ, ପୋଲିସ-ଉଠାଦୋକାନୀ ମୁହାଁମୁହିଁ

**ପୁରୀ,୨୦।୧୨(ଅଜିତ୍ କୁମାର ମହାନ୍ତି)**

ପ୍ରଶାସନ ପକ୍ଷରୁ ଶନିବାର ବଡ଼ଶଙ୍ଖଠାରେ ଥିବା ଉଠାଦୋକାନ ସହ ପରିବା ଓ ଫଳ ଦୋକାନଗୁଡ଼ିକ ଉଚ୍ଛେଦ କରାଯାଇଛି। ଖ୍ରୀଷ୍ଟମାସ ଓ ନୂଆବର୍ଷକୁ ଦୃଷ୍ଟିରେରଖି ଆକ୍ସନ ମୋଡ୍‌ରେ ପୁରୀ ପୌରପାଳିକା ଏବଂ ପୋଲିସ ପ୍ରଶାସନ। ବଡ଼ଶଙ୍ଖ ନିକଟରେ ଥିବା ଅନେକ ଦୋକାନ ରାସ୍ତା ଅବରୋଧ କରୁଥିବା ନେଇ ଅଭିଯୋଗ ଆସିଥିଲା। ଏହାକୁ ଆଧାର କରି ପ୍ରଶାସନ ପକ୍ଷରୁ ଅନେକ ଦୋକାନ ଉଚ୍ଛେଦ କରାଯାଇଛି। ଉଚ୍ଛେଦ କରାଯିବା ନେଇ ପ୍ରଶାସନ ପକ୍ଷରୁ ଦୋକାନୀଙ୍କୁ ମାଇକ୍ ଯୋଗେ ପୂର୍ବରୁ ସୂଚନା ଦିଆଯାଇଥିବା ସତ୍ତ୍ୱେ ଦୋକାନୀମାନେ ଶନିବାର ଦୋକାନ ଖୋଲିଥିଲେ।



ଉଠା ଦୋକାନୀ ଓ ପୋଲିସ ମୁହାଁମୁହିଁ ପରିସ୍ଥିତି ।

ଅପରପକ୍ଷରେ ପ୍ରଶାସନର ଏପରି ଉଚ୍ଛେଦକୁ ବିରୋଧ କରିଛନ୍ତି ଦୋକାନୀ। ଏହାକୁ ନେଇ ପ୍ରଶାସନ ଏବଂ ଉଠାଦୋକାନୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଦେଖିବାକୁ ମିଳିଥିଲା। ପ୍ରଶାସନର ଉଚ୍ଛେଦକୁ ଦୋକାନୀମାନେ ବିରୋଧ କରିବା ସହ ଆଗ ଥଇଥାନ ପରେ ଉଚ୍ଛେଦ ଦାବିରେ ରାସ୍ତାରୋକୋ କରି ଆନ୍ଦୋଳନ କରିଥିଲେ। ବିନା ନୋଟିସ୍‌ରେ ଉଚ୍ଛେଦ ହେଉଥିବାରୁ ଏହାର ପ୍ରତିବାଦରେ ଟାୟାର ଜାଳି ଦୀର୍ଘ ସମୟ ଧରି ରାସ୍ତା ଅବରୋଧ କରିଥିଲେ। ଫଳରେ ପୋଲିସ ଓ ଉଠାଦୋକାନୀଙ୍କ ମଧ୍ୟରେ ଝଗଡ଼ା ପରିସ୍ଥିତି ସୃଷ୍ଟି ହୋଇଥିଲା। କୌଣସି ଅଘଟଣକୁ ଏଡ଼ାଇବା ନିମନ୍ତେ ଘଟଣାସ୍ଥଳରେ ଅତିରିକ୍ତ ଏସ୍‌ପିଙ୍କ ସହ ପୋଲିସ ନିୟୋଜିତ ରହିଥିଲେ। ପ୍ରଶାସନ ପକ୍ଷରୁ ଦୋକାନୀଙ୍କ ସହ ଆଲୋଚନା କରାଯିବା ପରେ ଦୋକାନୀମାନେ ଆନ୍ଦୋଳନରୁ ହଟିଥିଲେ। ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା କହିଛନ୍ତି, ରାସ୍ତା ଉପରେ ବେଆଇନ ଭାବେ ଦୋକାନ କରି ବ୍ୟବସାୟ କରୁଥିବା ଦୋକାନୀଙ୍କ ଯୋଗୁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଲାଇନ୍ ମଧ୍ୟରେ ରହି ବ୍ୟବସାୟ କରିବାକୁ କୁହାଯାଉଥିଲେ ମଧ୍ୟ ସେମାନେ ବାହାରେ ଆସି ଦୋକାନ କରୁଥିବାରୁ ସମସ୍ୟା ସୃଷ୍ଟି ହେଉଛି। ତେଣୁ ନିୟମ ଉଲ୍ଲଂଘନ କରୁଥିବା ଦୋକାନୀଙ୍କ ଦୋକାନ ଉଚ୍ଛେଦ କରାଯାଉଛି। ଟ୍ରାଫିକ ସମସ୍ୟା ଦୂର କରିବା ସହ ଯାତାୟାତରେ ଯେଭଳି କୌଣସି ବାଧା ସୃଷ୍ଟି ନ ହେବ ସେଥିପାଇଁ ବ୍ୟବସ୍ଥା କରାଯାଉଛି। ସିଟି ଡିଏସ୍‌ପି ପ୍ରଶାନ୍ତ ସାହୁ କହିଛନ୍ତି, ବଡ଼ଦିନ ଓ ନୂଆବର୍ଷରେ ଭକ୍ତ ଓ ପର୍ଯ୍ୟଟକଙ୍କ ଆଗମନକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି। ପ୍ରଥମେ ଶ୍ରୀମନ୍ଦିରଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱ ଜବରଦଖଲକୁ ଉଚ୍ଛେଦ କରାଯାଉଛି। ଏଥିସହ କଚେରି, ସମୁଦ୍ରକୂଳ ଓ ସିଟି ରୋଡ୍ ରାସ୍ତାର ଜବରଦଖଲକୁ ଉଚ୍ଛେଦ କରାଯାଇଛି। କେବଳ ବଡ଼ଶଙ୍ଖ ଅଞ୍ଚଳ ନୁହେଁ, ପୁରୀ ସହରର କୌଣସି ସ୍ଥାନରେ ମଧ୍ୟ ରାସ୍ତା ଅବରୋଧ କରି ଦୋକାନ ପକାଇପାରିବେ ନାହିଁ। ଯଦି ଆଇନ ଅବମାନନା କରନ୍ତି ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସିଟି ଡିଏସ୍‌ପି ସାହୁ କହିଛନ୍ତି। ଉଠା ଦୋକାନୀ ଓ ପ୍ରଶାସନ ମଧ୍ୟରେ ହୋଇଥିବା ଆଲୋଚନାରେ କୌଣସି ସମାଧାନ ହୋଇ ନ ଥିବାରୁ ରବିବାର ବଡଶଙ୍ଖ ମାର୍କେଟ ବନ୍ଦ ରହିବ ବୋଲି ନିଷ୍ପତ୍ତି ହୋଇଛି ।



ଉଠା ଦୋକାନୀମାନେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୦।୧୨।୨୦୨୫

| ୬,୭୪,୪୦୧ ଟଙ୍କା | |
|---|---|
| ସୁନା | ୨.୨୩୦ ଗ୍ରାମ୍ |
| ରୁପା | ୩୬.୩୦୦ ଗ୍ରାମ୍ |

# ବାଲ୍ୟବିବାହ ଏକ ସାମାଜିକ ବ୍ୟାଧି

**ପୁରୀ,୨୦।୧୨(ଅଜିତ୍ କୁମାର ମହାନ୍ତି)**

**ଜିଲାସ୍ତରୀୟ ବାଲ୍ୟ ବିବାହ ମୁକ୍ତ କର୍ମଶାଳା**

ବାଲ୍ୟ ବିବାହ ଏକ ସାମାଜିକ ବ୍ୟାଧି। ଏହା ନାବାଳିକାର ଶାରୀରିକ, ମାନସିକ ଓ ଆର୍ଥିକ ସ୍ଥିତିକୁ ନଷ୍ଟ କରିଦିଏ। ତେଣୁ ବାଲ୍ୟ ବିବାହକୁ ନା କହି ଏକ ସମୃଦ୍ଧ, ସୁସ୍ଥ ଓ ସୁରକ୍ଷିତ ଭାରତ ଗଠନରେ ଆମେ ସମସ୍ତେ ସାମିଲ ହେବାକୁ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଆହ୍ୱାନ ଦେଇଛନ୍ତି। ଶନିବାର ଅପରାହ୍ନରେ ସର୍କିଟ୍ ହାଉସ ସମ୍ମିଳନୀ କକ୍ଷରେ ଜିଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ବାଲ୍ୟବିବାହ ମୁକ୍ତ ଭାରତ ସମ୍ପର୍କରେ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗଦେଇ ଉପନିର୍ଦ୍ଦେଶକ ସେଠୀ ବାଲ୍ୟ ବିବାହକୁ କେବଳ ସରକାର ବା ପ୍ରଶାସନ ରୋକିପାରିବ ନାହିଁ। ଏଥିପାଇଁ ଅନେକ ଆଇନ ରହିଛି। ବ୍ୟାପକ ସଚେତନତା ଦ୍ୱାରା ଏହାର ନିରାକରଣ ସମ୍ଭବ।

ବାଲ୍ୟବିବାହମୁକ୍ତ ଭାରତ ଅଭିଯାନ ଏକ ୧୦୦ଦିନିଆ ସଚେତନତା କାର୍ଯ୍ୟକ୍ରମ। ନଭେମ୍ବର ୨୭ରୁ ୨୦୨୬ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ଏହି ଅଭିଯାନ ମାଧ୍ୟମରେ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର, ପଞ୍ଚାୟତ ପ୍ରତିନିଧି, ବିଭିନ୍ନ ଧାର୍ମିକସ୍ଥଳର ପୂଜକଙ୍କୁ ସଚେତନ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି କହିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଏସ୍‌ସିଏସ୍ ଜୁନିୟର କଲେଜର ଅଧ୍ୟାପକ ନିରଞ୍ଜନ ନାୟକ, ସରକାରୀ ମହିଳା ମହାବିଦ୍ୟାଳୟର ପ୍ରଫେସର ଡ. ପ୍ରଦୀପ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇ ବାଲ୍ୟ ବିବାହର କୁପରିଣତି, ଏହାର କାରଣ ଓ ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଏଥିରେ ଅଧ୍ୟକ୍ଷତା କରିବା ସହ ବାଲ୍ୟବିବାହ ମୁକ୍ତ ଭାରତ ଅଭିଯାନର ଲକ୍ଷ୍ୟ, ଉଦ୍ଦେଶ୍ୟ, ଏହାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ସିଡିପିଓ, ଅଙ୍ଗନୱାଡି କର୍ମୀ, ସୁପରଭାଇଜର୍ ବାଲ୍ୟ ବିବାହ ସମ୍ପର୍କରେ ସେମାନଙ୍କ ଅନୁଭବ ଓ ଅଭିଜ୍ଞତା ସମ୍ପର୍କରେ ମତ ରଖିଥିଲେ। ପ୍ରାରମ୍ଭରେ ସମସ୍ତଙ୍କୁ ବାଲ୍ୟ ବିବାହକୁ ପ୍ରତିହତ ପାଇଁ ଶପଥ ପାଠ କରାଯିବା ସହ ସଚେତନତା ପ୍ରଚାର ପତ୍ର ପ୍ରଦର୍ଶନ କରାଯାଇଥିଲା। ଏଥିରେ ଶିକ୍ଷା ବିଭାଗର ମହେନ୍ଦ୍ର କୁମାର ବିଶ୍ୱାଳ, ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ, ବାଲ୍ୟବତୀ ମହାନ୍ତି, ସିଡିପିଓ, ସୁପରଭାଇଜର୍, ଅଙ୍ଗନୱାଡି କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ରାଉନ୍‌ସୁଗାର ଜବତ, ବ୍ୟବସାୟୀ ଗିରଫ

**ନିମାପଡ଼ା, ୨୦।୧୨(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ଅବକାରୀ ରେଞ୍ଜ ପକ୍ଷରୁ ଶନିବାର ଖଡ଼ିଶ ଗ୍ରାମ ପେଟ୍ରୋଲ ପମ୍ପ ନିକଟରେ ଅଚାନକ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ବେଳେ ଜଣେ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତାଙ୍କଠାରୁ ପୋଲିସ ୭୭ଗ୍ରାମ ବ୍ରାଉନସୁଗାର, ନଗଦ ୧୧ଶହ ଟଙ୍କା ଜବତ କରିଛି। ଜବତ ଚୋରା ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ପ୍ରାୟ ୮ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ରେଞ୍ଜ ଇନ୍ସପେକ୍ଟର ପ୍ରଭାକର ସେଠୀ କହିଛନ୍ତି। ଗିରଫ ବ୍ରାଉନସୁଗାର ବ୍ୟବସାୟୀ ନିମାପଡ଼ା ଥାନା ଅନ୍ତର୍ଗତ ପାଟପୁର ଗ୍ରାମର ସୃଷ୍ଟି ନାୟକ (୩୪)। ବ୍ୟବସାୟୀଙ୍କ ବିରୋଧରେ ନିମାପଡ଼ା ଅବକାରୀ ରେଞ୍ଜ ପକ୍ଷରୁ କେସ୍ ନଂ ୮୧/୨୫-୨୬ରେ ଏକ ମାମଲା ରୁଜୁ କରାଯାଇଛି। ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ରେଞ୍ଜ ଇନ୍ସପେକ୍ଟର ପ୍ରଭାକର ସେଠୀ, ଏଏସ୍‌ଆଇ ସନ୍ତୋଷ କୁମାର ମହାରଣା, ଏସ୍.କେ. ୱାରିଶ, ତପନ ପ୍ରଧାନ, ଫିରୋଜ ମହାନନ୍ଦିଆ,ସ୍ୱାଗତିକା ଘଡ଼େଇ ପ୍ରମୁଖ ସଦଳବଳ ଏହି ଚଢ଼ାଉରେ ସାମିଲ ହୋଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ତହେର



@ ସନ୍ତୋଷ



@ ରାଧେଶ୍ୟାମ



@ ରାଜେଶ



@ ତନ୍ମୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।




ପୁରୀ ୟୁଥ ହଷ୍ଟେଲ ପରିସରରେ ମାହେଶ୍ୱରୀ ସଂସ୍କୃତି ପରିଷଦ ପକ୍ଷରୁ ଡୁମାଲ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ ।

## ସଂକ୍ଷେପରେ

### ଅଗ୍ନିକାଣ୍ଡ ଘଟି ୨ ଗୋରୁ ଜୀବନ୍ତ ଦଗ୍ଧ

**ପିପିଲି,୨୦।୧୨(ଦୁର୍ଗାମାଧବ ମିଶ୍ର)**

ପିପିଲି ତହସିଲ ଅଧୀନ ତେଇଶିପୁର ପଞ୍ଚାୟତ ଅନ୍ତର୍ଗତ ସାନସରଗାଇଲୋ ଗ୍ରାମରେ ରବି ରଞ୍ଜନ ବରାଳଙ୍କ ଗୁହାଳଘରେ ନିଆଁ ଲାଗିଯାଇଥିଲା। ନିଆଁର ପ୍ରକୋପ ଏତେ ଭୟଙ୍କର ଥିଲା ଯେ ନିମିଷକେ ସବୁ ଜଳିପୋଡ଼ି ପାଉଁଶ ହୋଇଥିଲା। ସେହି ଗୁହାଳଘରେ ଦୁଇଟି ଗୋରୁ ଜୀବନ୍ତ ଦଗ୍ଧ ହୋଇଯିବା ସହ ଘରର ସମସ୍ତ ଆସବାବପତ୍ର ଜଳିଯାଇଥିବା ଜଣାପଡ଼ିଛି। ପିପିଲିରୁ ଦମକଳ ବାହିନୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରିଥିଲା। ନିଆଁ ଲାଗିବାର କାରଣ ଜଣାପଡ଼ି ନ ଥିବାବେଳେ ଧୂଆଁରୁ ନିଆଁ ଲାଗିଥିବା ଅନୁମାନ କରାଯାଇଛି। ଘଟଣାସ୍ଥଳରେ ତେଇଶିପୁର ଆର୍‌ଆଇ ପହଞ୍ଚି ସରଜମିନ ତଦନ୍ତ କରି କ୍ଷୟକ୍ଷତିର ଆକଳନ କରିଛନ୍ତି। ଅନ୍ୟପଟେ ଅଗ୍ନିବିପନ୍ନଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

### ୨୪ରୁ ରାଜ୍ୟସ୍ତରୀୟ ଲଙ୍କେଶ୍ୱରୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

**ବଳଙ୍ଗା,୨୦।୧୨(କେଦାରେଶ୍ୱର ନନ୍ଦ)**

ବଳଙ୍ଗା ମିନି ଷ୍ଟାଡିୟମ୍‌ରେ ଆସନ୍ତା ୨୪ରୁ ରାଜ୍ୟସ୍ତରୀୟ ମା' ଲଙ୍କେଶ୍ୱରୀ ଫୁଟବଲ କପ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ୮ଟି ଦଳ ଅଂଶଗ୍ରହଣ କରିବେ। ୩୦ରେ ଫାଇନାଲ୍ ମ୍ୟାଚ ଖେଳାଯିବ। ସ୍ପୋର୍ଟସ କ୍ଲବ, ନୟାଗଡ଼ ଓ ସିଜିୟୁ ଭୁବନେଶ୍ୱର (ନାଇଜର -୧୧) ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହେବ। ୨୫ରେ ଆୟୋଜକ ଲଙ୍କେଶ୍ୱରୀ ସ୍ପୋର୍ଟସ କ୍ଲବ ବଳଙ୍ଗା ସହିତ ଜଗା ୟୁନାଇଟେଡ୍ ଭୁବନେଶର, ୨୬ରେ ଫ୍ରେଣ୍ଡସ ପାରାଡାଇଜ୍, ଜଟଣୀ ଓ ସେଞ୍ଚୁରିଅନ ୟୁନିଭର୍ସିଟି ଭୁବନେଶ୍ୱର, ୨୭ରେ ୟୁନାଇଟେଡ୍ କ୍ଲବ ଗଣ୍ଡରପୁର ଓ ଭଞ୍ଜନଗର ଫୁଟ୍‌ବଲ କ୍ଲବ, ଘାଟିକିଆ ମଧ୍ୟରେ ଅନୁଷ୍ଠିତ ହେବ। ୨୮ ଓ ୨୯ରେ ସେମି ଫାଇନାଲ୍ ମ୍ୟାଚ ଖେଳାଯିବ।

# ଧାନ ଜମିକୁ କେନ୍ଦ୍ରକରି ସଂଘର୍ଷ, ୧୧ ଗିରଫ

**ଯୋଗେଶ୍ୱରପୁର,୨୦।୧୨(ରଶ୍ମିରଞ୍ଜନ ସାହୁ)**

ନୟାହାଟ ନିକଟସ୍ଥ ନିଭରଣ ପଞ୍ଚାୟତର ନିଭରଣ ଗ୍ରାମରେ ମଠ ଜାଗାରୁ ଧାନକଟାକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ସଂଘର୍ଷ ଘଟି ୧୫ ଆହତ ହୋଇଛନ୍ତି। ଆହତ ବ୍ୟକ୍ତିମାନେ କଟକ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଏହି ଘଟଣାରେ ୧୧ଜଣ ଗିରଫ ହୋଇଛନ୍ତି। ପ୍ରକାଶ ଯେ, ଭାରଡ଼ା ପାଟଣା ମଠ ଜମିକୁ ବେହେରା ଜାତିର ଦୁଇ ଗୋଷ୍ଠୀ ଚାଷ କରିବା ପାଇଁ ଚାହୁଁଥିଲେ, ଗୋଟିଏ ଗୋଷ୍ଠୀ ଧାନ ଚାଷ କରି ଘରକୁ ନେବା ସମୟରେ ଅନ୍ୟ ଗୋଷ୍ଠୀ ଭାଗ ମାଗି ଆକ୍ରମଣ କରିଥିଲେ। ଉକ୍ତ ଗଣ୍ଡଗୋଳ ଘଟଣାଟି କଟକ ଓ ପୁରୀ ଜିଲା ସୀମାନ୍ତ ହୋଇଥିବାରୁ ଦୁଇଟି ଥାନାରେ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ୧୧ ଜଣ ଗିରଫ ହୋଇଛନ୍ତି। ନିଆଳି ଓ କାକଟପୁର ପୋଲିସ ଘଟଣାର ତଦନ୍ତ କରୁଛନ୍ତି।

# ନିରାଶ୍ରୟ, ଅସହାୟଙ୍କୁ ପୁନର୍ବାସ ସୁବିଧା ଦିଆଯିବ

**ପୁରୀ,୨୦।୧୨(ଅଜିତ୍ କୁମାର ମହାନ୍ତି)**

ଆସନ୍ତା ପର୍ଯ୍ୟଟନ ଋତୁକୁ ଦୃଷ୍ଟିରେ ରଖି ବଡ଼ଦାଣ୍ଡ ଅଞ୍ଚଳରେ ଥିବା ନିରାଶ୍ରୟ, ଅସହାୟ ଓ ଭିକ୍ଷୁକ ବ୍ୟକ୍ତିଙ୍କର କଲ୍ୟାଣ, ସୁରକ୍ଷା, ଉଦ୍ଧାର ଏବଂ ପୁନର୍ବାସ ସମ୍ପର୍କିତ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଶନିବାର ପୁରୀ ପୋଲିସ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ସମନ୍ୱୟ ବୈଠକ ଏସ୍‌ପି ପ୍ରତୀକ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଶୀଲ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବୀ ପ୍ରତାପ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସଚିନ ପଟେଲ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୌମ୍ୟରଞ୍ଜନ ମଲ୍ଲିକ, ଡିଏସ୍‌ପି ସିଟି ପ୍ରଶାନ୍ତ ସାହୁ, ଟ୍ରାଫିକ୍ ଡିଏସ୍‌ପି ରାଜକୁମାର ପରିଡ଼ା, ସହରର ସମସ୍ତ ଥାନା ଭାରପ୍ରାପ୍ତ ଅଧିକାରୀ ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନମିତା ଚାନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା ଓ ସାମାଜିକ କର୍ମୀଙ୍କ ପ୍ରତିନିଧିମାନେ ମଧ୍ୟ ବୈଠକରେ ଯୋଗ ଦେଇଥିଲେ। ଏସ୍‌ପି ସିଂହ କହିଥିଲେ ଯେ, ପୁରୀ ହେଉଛି ଏକ ଅନ୍ତର୍ଜାତୀୟ ଧାର୍ମିକ ଓ ପର୍ଯ୍ୟଟନ କ୍ଷେତ୍ର। ଏଠାକୁ ଆସୁଥିବା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ସୁରକ୍ଷା ସହିତ ସ୍ଥାନୀୟ ଅସହାୟ ଲୋକଙ୍କ ମର୍ଯ୍ୟାଦା ଓ ମାନବିକ ଅଧିକାର ସୁରକ୍ଷା କରିବା ସମସ୍ତଙ୍କର ମୁଖ୍ୟ ଦାୟିତ୍ୱ। ଆସନ୍ତା ଦିନଗୁଡ଼ିକରେ ନିୟମିତ ଭାବେ ସମନ୍ୱିତ ଅଭିଯାନ ଚାଲିବ, ଯାହା ମାଧ୍ୟମରେ ନିରାଶ୍ରୟ ଓ ଅସହାୟ ବ୍ୟକ୍ତିଙ୍କୁ ଆଶ୍ରୟ ଗୃହ, ଚିକିତ୍ସା ସୁବିଧା, ପରାମର୍ଶ ଓ ପୁନର୍ବାସନ ସୁବିଧା ମିଳିପାରିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।



ପୋଲିସ ପ୍ରଶାସନ ମଧ୍ୟରେ ଆଲୋଚନା ଚାଲିଛି।

# ପୁରୀ କୋର୍ଟ କମ୍ପ୍ଲେକ୍ସ ନିର୍ମାଣକୁ ବିରୋଧକରି ରାସ୍ତାରୋକୋ

**ପୁରୀ,୨୦।୧୨(ଅଜିତ୍ କୁମାର ମହାନ୍ତି)**

ବାଲୁଖଣ୍ଡ ଅଭୟାରଣ୍ୟଠାରେ ମଧୁର ଜଳ ଅଞ୍ଚଳରେ ପୁରୀ କୋର୍ଟ କମ୍ପ୍ଲେକ୍ସ ନିର୍ମାଣକୁ ବିରୋଧ କରି ଓକିଲ ସଂଘ ପକ୍ଷରୁ ଶନିବାର ପୁରୀର ପ୍ରବେଶ ପଥ ଅଠରନଳାଠାରେ ରାସ୍ତାରୋକୋ ଆନ୍ଦୋଳନ କରାଯାଇଥିଲା। ଫଳରେ କିଛି ସମୟ ପାଇଁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଶତାଧିକ ଓକିଲ ପୁରୀ ଅଠରନଳା ରାସ୍ତାରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ପ୍ଲାକାର୍ଡ, ବ୍ୟାନର୍ ଧରି ରାସ୍ତାରୋକୋ କରିଥଲେ।

ଏନେଇ ଓକିଲ ସଂଘ ପକ୍ଷରୁ ଦର୍ଶାଯାଇଥିଲା ଯେ, ଅଦାଲତ କୋଠା ୧୬୨ ବର୍ଷ ତଳର ଐତିହ୍ୟ ପାଲଟିଛି। ପୁରୀ କୋର୍ଟରେ ମଧୁବାବୁ, ଗୋପବନ୍ଧୁ, ସୁଭାଷ ବୋଷଙ୍କ ବାପା, ବିଜୁ ପଟ୍ଟନାୟକଙ୍କ ବାପାଙ୍କ ଭଳି ଯୋଗଜନ୍ମା ଓକିଲାତି କରୁଥିଲେ। ପୁରୀ ସହରର ଏକ ପ୍ରମୁଖ ସ୍ଥଳରେ ଥାଇ ଗୋଟିଏ ସ୍ଥାନରେ କଚେରି ଓ ଅଦାଲତର କାର୍ଯ୍ୟ ଲୋକେ ସହଜରେ କରିପାରୁଛନ୍ତି। ଜିଲାପାଳଙ୍କ ଅଫିସଠାରୁ ଅଦାଲତକୁ ଅଲଗା କରିବା ଓ କୋର୍ଟକୁ ଅନ୍ୟଜାଗାକୁ ନେବା ପାଇଁ ପ୍ରସ୍ତାବକୁ ସରକାର ଆଇନ ବିଭାଗକୁ ବାଲୁଖଣ୍ଡ ଅଭୟାରଣ୍ୟର ମଧୁର ଜଳ ଅଞ୍ଚଳ ଓ ସିଆର୍‌ଜେଡ୍ ଅଞ୍ଚଳରେ ଜମି ଦେଲେ, ଯାହାକି ସମସ୍ତ କଟକଣା ରହିଛି। ପୁରୀର ସ୍ଥାନୀୟ ଅଧିବାସୀ, ପର୍ଯ୍ୟଟକ, ଯାତ୍ରୀଙ୍କ ପାଇଁ ଏକ ମାତ୍ର ଜଳ ଉତ୍ସ। ତାକୁ ସୁରକ୍ଷିତ ରଖିବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ଏହାକୁ ବିରୋଧ କରି ଓକିଲ ସଂଘ ପକ୍ଷରୁ ୨୮୫ ଦିନ ଧରି ସତ୍ୟାଗ୍ରହ ଜାରି ରହିଛି। ବାଲୁଖଣ୍ଡ ଅଭୟାରଣ୍ୟ ସ୍ଥଳରେ ଯେଉଁଠି କଟକଣା ଥିବା ଜମି କୋର୍ଟ ପାଇଁ ନେଇଛନ୍ତି, ସେହି ଜମି ହସ୍ତାନ୍ତରକୁ ବାତିଲ୍ କରିବା ପାଇଁ ଦାବି କରିଛନ୍ତି। ବର୍ତ୍ତମାନ ସ୍ଥାନରେ ଥିବା କୋର୍ଟ ସହ ତହସିଲ୍, ଡିଆର୍‌ଡିଓ, ଉପଜିଲାପାଳ ଅଫିସ ଜମିକୁ ମିଶାଇ କୋର୍ଟ କମ୍ପ୍ଲେକ୍ସ କରିବାକୁ ଅନୁରୋଧ କରାଯାଇଛି। ଲୋକଙ୍କ ହିତ ଦୃଷ୍ଟିରୁ ବର୍ତ୍ତମାନ ସ୍ଥାନରେ କୋର୍ଟ କମ୍ପ୍ଲେକ୍ସ ତିଆରି କରାଯାଉ ବୋଲି ସଂଘ ସରକାର ଓ ବିଚାର ବିଭାଗକୁ ନିବେଦନ କରିଆସୁଛି। ୯ମାସ ବିତିଯାଇଥିଲେ ମଧ୍ୟ କୌଣସି ସମାଧାନ ହୋଇ ନ ଥିବାରୁ ସଂଘ ଉଦ୍‌ବେଗ ପ୍ରକାଶ କରିବା ସହ ଆଜି ରାସ୍ତାରୋକୋ କରିଥିଲା। ସଭାପତି ପ୍ରେମାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ, ଉପସଭାପତି ବିଭୁଦତ୍ତ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଅନିଲ ସାହୁ, ସମୀର ଘୋଷ, ଭାଗବତ ପଟ୍ଟନାୟକ, କର୍ଣ୍ଣବୀର ମହାପାତ୍ର, ତାପସ ବଳିଆର୍‌ସିଂହ, ମନୋରଞ୍ଜନ ସାହୁ, ଜ୍ୟୋତି ପ୍ରକାଶ ପାଇକରାୟ, ରାଜେଶ ମହାନ୍ତି ପ୍ରମୁଖ ନେତୃତ୍ୱ ନେଇଥିଲେ। ଯଦି ସରକାର ଦାବି ମାନି ନ ନିଅନ୍ତି ଆନ୍ଦୋଳନ ଜୋର୍‌ଦାର କରାଯିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।




ଓକିଲମାନଙ୍କର ଆନ୍ଦୋଳନ ଜାରି ।

# ଓବିଡିଏନ୍ସ ଆଣ୍ଡ ଆଗିଲିଟି ଶୋ'ରେ ଲାବ୍ରାଡର 'ସ୍ୱିଟି' ବିଜୟୀ

ଭୁବନେଶ୍ୱର, ୨୦।୧୨ (ବନ୍ଦନା ସେଠୀ)

## ଆଜି 'ଅଲ୍ ବ୍ରିଡ୍ସ ଚାମ୍ପିୟନଶିପ୍ ଡଗ୍ ଶୋ'



ଟ୍ରଫି ଜିତିଥିବା ମଞ୍ଜୁନାଥ ଏବଂ ଟ୍ରେନର ସୁରଜ ଶର୍ମାଙ୍କ ୮ବର୍ଷୀୟ ଲାବ୍ରାଡର 'ସ୍ୱିଟି' । (ଫଟୋ: ବିକାଶ ନାୟକ)

ଓଡ଼ିଶା କେନେଲ କ୍ଲବ୍ (ଓକେସି) ପକ୍ଷରୁ ଓୟୁଏଟି ଭେଟେରିନାରି କଲେଜ ଖେଳପଡ଼ିଆରେ ଚାଲିଥିବା ଡଗ୍ ଶୋ'ର ଶନିବାର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମକୁ ଭେଟେରିନାରି ଡିନ୍ ଡା. ସୁସେନ୍ ପଣ୍ଡା ଉଦ୍‌ଘାଟନ କରିଥିଲେ। ପରେ 'ଡ. ଏସ୍.କେ ରାୟ ମେମୋରିଆଲ ଅଲ୍ ବ୍ରିଡ୍ସ ଶୋ' ଏବଂ ଓବିଡିଏଣ୍ଟ୍ ଟ୍ରାଏଲ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଲ୍ ବ୍ରିଡ୍ ଶୋ'ରେ କୁକୁରଙ୍କ ଶାରୀରିକ ଗଠନ, ଚାଲିଚଳଣ, ବ୍ୟବହାର, ଉତ୍ସାହ, ବ୍ରିଡ୍ ଷ୍ଟାଣ୍ଡାର୍ଡ ଆଦି ବିଭିନ୍ନ ଦିଗକୁ ଧ୍ୟାନ ଦିଆଯାଇଥିଲା। ସେହିପରି ଓବିଡିଏଣ୍ଟ୍ ଟ୍ରାଏଲ୍ସରେ କୁକୁରମାନେ ମାଲିକଙ୍କ କଥା ମାନି ବସ୍ ଉଠ୍ ହେବା ସହ ବିଭିନ୍ନ ଆଦେଶକୁ ପାଳନ କରିଥିଲେ। ଏଥିସହ ପ୍ରାୟ ୩ ରୁ ୪ ମିନିଟ୍ ପର୍ଯ୍ୟନ୍ତ ସେମାନଙ୍କୁ ଚୁପ୍ ହୋଇ କେବଳ ବସିବାକୁ ପଡିଥିଲା। ତେବେ ଓବିଡିଏନ୍ସ ଆଣ୍ଡ ଆଗିଲିଟି ଶୋ'ରେ ମଞ୍ଜୁନାଥ ଏବଂ ଟ୍ରେନର ସୁରଜ ଶର୍ମାଙ୍କ ୮ବର୍ଷୀୟ ଲାବ୍ରାଡର 'ସ୍ୱିଟି' ବିଜେତା ହୋଇଛି। ଅଲ୍ ବ୍ରିଡ୍ସ ଶୋ'ର ବିଚାରକ ଭାବେ ରୁଷିଆର ଡ. ଏଲିନା ମାଟ୍‌ଭେବା ଏବଂ ଓବିଡିଏଣ୍ଟ୍ ଟ୍ରାଏଲ୍ସରେ ସି.ଆର୍. ପଟ୍ଟନାୟକ ବିଚାରକ ରହିଥିଲେ। ଏହା ଓପନ୍ କାଟେଗୋରି ହୋଇଥିବାରୁ ଏଥିରେ ଇଣ୍ଡିଆନ୍ ବ୍ରିଡ୍ସ, ଜର୍ମାନ୍ ସେଫର୍ଡ, ଗ୍ରେଡେନ୍, ୱିପେଟ୍, ପୋମେରାନିୟନ୍, ମୁଡ୍‌ହଲ୍ ହାଉଣ୍ଡ, ପାଗ୍, ଗୋଲ୍ଡେନ୍ ରେଟ୍ରିଭର୍, ବକ୍ସର, ସାଇବେରିଆନ୍ ହସ୍କି ଭଳି ୩୦ରୁ ଅଧିକ ବ୍ରିଡ୍‌ର କୁକୁର ଅଂଶଗ୍ରହଣ କରିଥିଲେ। ରବିବାର ମୁଖ୍ୟ କାର୍ଯ୍ୟକ୍ରମ 'ଅଲ୍ ବ୍ରିଡ୍ସ ଚାମ୍ପିୟନଶିପ୍ ଡଗ୍ ଶୋ' ଅନୁଷ୍ଠିତ ହେବ। ଏଥିରେ ରୁଷିଆର ଜଜ୍ ଇଗୋର୍ ଭାୟୋଗଜଭ୍ ଏବଂ ଓଲେଗ୍ ଭାସିଲେଭ୍ ଯୋଗଦେଇ ବିଜେତା ଚୟନ କରିବେ ବୋଲି କ୍ଲବ୍ ସଭାପତି ସୁବ୍ରତ ପୃଷ୍ଟି ସୂଚନା ଦେଇଛନ୍ତି।



ଲାସା ବ୍ରିଡର 'ଟିଲି'



ପାଗ ବ୍ରିଡର କୁକୁର



## 'ବୁ'କୁ ଦେଖିବାକୁ ଭିଡ଼

ଭୁବନେଶ୍ୱର ପଟିଆରୁ ଆସିଥିବା ରାହୁଲ ଦାସଙ୍କ କୁକୁର 'ବୁ'କୁ ଦେଖିବାକୁ ବେଶ୍ ଭିଡ଼ ଜମୁଛି। ପୋମେରାନିୟନ୍ ବ୍ରିଡ୍‌ର ଏହି କୁକୁରର ବୟସ ହେଉଛି ୭ବର୍ଷ। ପୂର୍ବରୁ ଥାଇଲାଣ୍ଡ ଏବଂ ଅନ୍ୟ ରାଜ୍ୟରେ ଚାମ୍ପିୟନ ହୋଇସାରିଥିବା 'ବୁ' ଅଲ୍ ବ୍ରିଡ୍ ଶୋ'ରେ ଭାଗ ନେଇଛି। 'ବୁ' ସାଧାରଣତଃ ଡଗ୍ ଫୁଡ୍ ଏବଂ ଭାତ ଚିକେନ୍ ଖାଇଥାଏ।



## ଭାଗନେଲେ ଇଣ୍ଡିଆନ୍ ବ୍ରିଡ୍

ଡଗ୍ ଶୋ'ରେ ଇଣ୍ଡିଆନ୍ ବ୍ରିଡ୍‌ର ପ୍ରାୟ ୫ରୁ ୬ଟି କୁକୁର ଅଂଶଗ୍ରହଣ କରିଥିଲେ। ବିଭିନ୍ନ ବ୍ରିଡ୍‌ର କୁକୁର ଏଥିରେ ଭାଗ ନେଉଥିବାବେଳେ ଇଣ୍ଡିଆନ୍ ବ୍ରିଡ୍‌କୁ ପ୍ରୋତ୍ସାହିତ କରିବା ପାଇଁ ଚଳିତଥର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଏପରିକି ସେମାନଙ୍କ ପାଇଁ ଏଣ୍ଟ୍ରି ଫି' ମଧ୍ୟ ହ୍ରାସ କରାଯାଇଥିବା ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏମାନେ ଓବିଡିଏଣ୍ଟ୍ ଟ୍ରାଏଲ୍ସରେ ଭାଗ ନେଇ ଦକ୍ଷତା ପ୍ରଦର୍ଶନ କରିଥିଲେ।

## ଫଟୋ ପାଇଁ ଡିମାଣ୍ଡରେ ଗ୍ରେଡେନ୍

'ଗ୍ରେଡେନ୍' ବ୍ରିଡ୍‌ର କୁକୁରଙ୍କ ସହ ଫଟୋ ଉଠାଇବାକୁ ଲୋକଙ୍କ ମଧ୍ୟରେ ବେଶ୍ ଆଗ୍ରହ ଦେଖିବାକୁ ମିଳିଥିଲା। ଏହି କୁକୁରଙ୍କ ଅଧିକ ଉଚ୍ଚତା ପାଇଁ ବିଶେଷକରି ଛୋଟପିଲାମାନେ ଏହାକୁ ବେଶି ପସନ୍ଦ କରୁଛନ୍ତି। ଭୁବନେଶ୍ୱରର ବାସିନ୍ଦା ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ଏହି ବ୍ରିଡ୍‌ର ଦୁଇଟି କୁକୁର ଡଗ୍ ଶୋ'ରେ ଅଂଶଗ୍ରହଣ କରିଛନ୍ତି। ଜଣଙ୍କର ବୟସ ମାତ୍ର ୧୭ମାସ ହୋଇଥିବାବେଳେ ଆଉ ଜଣଙ୍କର ବୟସ ୩ବର୍ଷ। ଏହି ଶୋ'ରେ ଏମାନେ ପ୍ରଥମକରି ଭାଗନେଇଥିବାବେଳେ ପୂର୍ବରୁ ଜାମ୍‌ଶେଦପୁର, ପଞ୍ଜାବ ଭଳି ବିଭିନ୍ନ ରାଜ୍ୟରେ ହୋଇଥିବା ପ୍ରତିଯୋଗିତାରେ ଅଂଶଗ୍ରହଣକରି ବିଜେତା ହୋଇଛନ୍ତି।







## ୩ କୋଟିର କୁକୁର 'ରେଶମ୍'

ଡଗ୍ ଶୋ'ରେ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା କୋଲକାତାର ବିପାଶା ମଜୁମ୍‌ଦାରଙ୍କ 'ଲାସା' ଏବଂ ସିଡ୍‌ଜୁ ବ୍ରିଡ୍‌ର କୁକୁର 'ଟିଲି' ଓ 'ରେଶମ୍'। ସବୁଠୁ ଆଶ୍ଚର୍ଯ୍ୟ କଥା ହେଲା ରେଶମ୍‌ର ବଜାର ମୂଲ୍ୟ ଅଢ଼େଇ କୋଟିରୁ ୩କୋଟି ଟଙ୍କା ରହିଛି। ସେହିଭଳି 'ଟିଲି'ର ମୂଲ୍ୟ ୨ରୁ ୩ ଲକ୍ଷ ଟଙ୍କା ମଧ୍ୟରେ ରହିଛି। ରେଶମ୍‌କୁ ଚାଇନାରୁ ୩ଲକ୍ଷ ଟଙ୍କାରେ କିଣିଥିଲେ ବିପାଶା। ବର୍ତ୍ତମାନ ତାକୁ ୪ବର୍ଷ ବୟସ। ଏହି ୨ କୁକୁର ଦିନକୁ ୨ଥର କେବଳ ଡ୍ରାଏଫ୍ରୁଟ୍‌ସ ଖାଇଥାନ୍ତି ଏବଂ ଖାଦ୍ୟ ବାବଦରେ ମାସକୁ ୭୦ହଜାର ଟଙ୍କା ଖର୍ଚ୍ଚ ହୋଇଥାଏ। ସେହିପରି ଏହି ଶୋ'ରେ ରେଶମ୍‌ର ହେୟାର ଷ୍ଟାଇଲ ଏବଂ ତା'ର ପରିଚାଳନା କରିବାକୁ ଥାଇଲାଣ୍ଡରୁ ଟ୍ରେନର କାଇଙ୍କୁ ଡକାଯାଇଛି।



'ରେଶମ୍'

## ଆକୃଷ୍ଟ କରୁଛି ସାଇବେରିଆନ୍ ହସ୍କି ବ୍ରିଡ୍ 'ବ୍ଲୁ'

ଶୋ'ରେ ଅନ୍ୟତମ ଆକର୍ଷଣ ସାଜିଛି ଭୁବନେଶ୍ୱରରୁ ଆସିଥିବା ସାଇବେରିଆନ ହସ୍କି ବ୍ରିଡ୍‌ର କୁକୁର 'ବ୍ଲୁ'। ଏହାର ଦୁଇ ଆଖି ଏବଂ ମୁହଁକୁ ଦେଖିଲେ ହଠାତ୍ ସିଂହ ଭଳି ଭ୍ରମ ସୃଷ୍ଟି ହେଉଛି। ଆଖିର ରଙ୍ଗ ପାଇଁ ତାହାର ନାମ ବ୍ଲୁ ରଖାଯାଇଥିବା ମାଲିକ ଦିଲ୍ଲୀପ କୁମାର ଦାସ କହିଛନ୍ତି। ସେ ଏହାକୁ ବିଶାଖାପାଟଣାରୁ ପ୍ରାୟ ୮୦ ହଜାର ଟଙ୍କାରେ କିଣିଥିଲେ। ବ୍ଲୁ ପୂର୍ବରୁ ୩ଥର ଏହି ଶୋ'ରେ ଭାଗନେଇ ପୁରସ୍କୃତ ହୋଇଥିବା ସେ କହିଛନ୍ତି।



# ସଚିବାଳୟ ଲେଖକ ପରିଷଦର ସାରସ୍ୱତ ଆସର

ଭୁବନେଶ୍ୱର,୨୦।୧୨ (ସୌମ୍ୟରଞ୍ଜନ ରାଉତ)



ଓଡ଼ିଶା ସଚିବାଳୟ ଲେଖକ ପରିଷଦର ଡିସେମ୍ବର ମାସର ସାରସ୍ୱତ ଆସର ଲୋକସେବା ଭବନଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗତ ଆସରରେ ପ୍ରଖ୍ୟାତ କବି ରାଜେନ୍ଦ୍ର କିଶୋର ପଣ୍ଡା ଓ ପରିଷଦର ପୂର୍ବତନ ସଭାପତି ସ୍ୱର୍ଗତ ସୁକାନ୍ତ ସୁବୁଦ୍ଧିଙ୍କ ସ୍ମୃତିରେ ହୋଇଥିବା କବିତା ପାଠର ସମ୍ପାଦିତ ଭିଡିଓ ଲୋକାର୍ପଣ କରାଯାଇଥିଲା। ଏଥିସହ ପରିଷଦର ୟୁଟ୍ୟୁବ ପତ୍ରିକା 'ପାହାଚ'ର ପ୍ରିମିୟର ହୋଇଥିଲା। ପୂର୍ବତନ ଯୁଗ୍ମ ଶାସନ ସଚିବ ବନ୍ଦିତା ଦାଶ, ଉପ ସଭାପତି କମଳିନୀ ମଲ୍ଲିକ, ପୁଷ୍ପାଞ୍ଜଳି ବିଶୋୟୀ, ସଞ୍ଜୟ ଆନନ୍ଦ କୁମାର ତ୍ରିପାଠୀ, ବିଜନବାଳା ପାଟଜୋଷୀ, ସୁଶାନ୍ତ ଧର, ମୌସୁମୀ ଦାସ ସ୍ୱରଚିତ କବିତା ପାଠ କରିଥିଲେ। କବିତା ପାଠ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ମୌସୁମୀ ଦାସ। ଆସରରେ ସଭାପତିତ୍ୱ କରିଥିଲେ ପରିଷଦ ଉପସଭାପତି କମଳିନୀ ମଲ୍ଲିକ। ଅନୀଲ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଓପନ୍ ଡୋର୍ ବ୍ୟାଡ୍‌ମିଣ୍ଟନ

ବାଲିଅନ୍ତା,୨୦।୧୨(ନୀଳମାଧବ ସାହୁ): ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜ୍‌ମେଣ୍ଟ ପକ୍ଷରୁ ଓପନ୍ ଡୋର୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା 'ସଟଲ ସ୍ମାସର୍ସ - ୨୦୨୫' ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଶ୍ରୀ ପଞ୍ଚମୁଖୀ ଏଜୁକେଶନାଲ ଚାରିଟେବଲ ଟ୍ରଷ୍ଟ ଚେୟାରମ୍ୟାନ ରୋଟାରିଆନ ବିଜୟ ପାତ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଆସ୍ଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସମ୍ପାଦକ ଡ. ବଙ୍କିମ ମହାନ୍ତି, ଆସ୍ଥା ସ୍କୁଲ୍ ଅଧ୍ୟକ୍ଷା ପ୍ରଫେସର ଡ. ଶର୍ମିଳା ସୁବ୍ରମଣ୍ୟମ୍, ପ୍ରଫେସର ଅଶୋକ ପଣ୍ଡା, ଜିନାଶିଷ ମହାନ୍ତି, ଦିପନ କୁମାର ଯୋଗଦେଇଥିଲେ।

# ଯୁବନେତା ଇତିଶ ପ୍ରଧାନଙ୍କୁ ଗିରଫ ପରେ ଜାମିନ

## ଅଶ୍ଳୀଳ ଭିଡ଼ିଓ ଭାଇରାଲ ମାମଲା

ଭୁବନେଶ୍ୱର,୨୦।୧୨(ତ୍ରିନାଥ ମହାନ୍ତି)

ଯୁବନେତା ଇତିଶ ପ୍ରଧାନଙ୍କୁ ଗିରଫ ପରେ କୋର୍ଟରେ ହାଜର ପରେ ଜାମିନ ପାଇଛନ୍ତି। ଭାଇରାଲ ଭିଡ଼ିଓ ମାମଲାରେ ତାଙ୍କୁ ଶନିବାର ଅପରାହ୍ନରେ ଉଠାଇ ନେଇଥିଲା ଲକ୍ଷ୍ମୀସାଗର ଥାନା ପୋଲିସ। ସନ୍ଧ୍ୟାରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ହେଲେ ଭାଇରାଲ ମାମଲାର ସଜା ୭ବର୍ଷ ତଳକୁ ଥିବାରୁ କୋର୍ଟ ତାଙ୍କୁ ଜାମିନ୍ ଦେଇଥିଲେ।

ସୂଚନା ଅନୁସାରେ, ଅମରେଶ ଜେନାଙ୍କର ଏକ ଅଶ୍ଳୀଳ ଫଟୋ ଏବଂ ଭିଡିଓକୁ ଇତିଶ ଭାଇରାଲ କରିଥିବା ନେଇ ଗତ ଜୁଲାଇ ମାସରେ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୁଲିସ ମାମଲା ରୁଜୁ କରି କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲା। ଇତିଶ ଗିରଫଦାରିକୁ ଏଡ଼ାଇବା ଲାଗି ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ହାଇକୋର୍ଟ ତାଙ୍କୁ ତଳ କୋର୍ଟରେ ଆତ୍ମସମର୍ପଣ କରିବାକୁ କହିଥିଲେ। ପରବର୍ତ୍ତୀ ସମୟରେ ଇତିଶଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଥିଲା। ଫଳରେ ଲକ୍ଷ୍ମୀସାଗର ପୋଲିସ ତାଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ କୋର୍ଟ ଚାଲାଣ କରିଥିଲା।

## ନିଷ୍ଟ ପବ୍ଲିକ ସ୍କୁଲର ଦ୍ୱାଦଶ ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୨୦।୧୨ (ବନ୍ଦନା ସେଠୀ)– ଜରିପାଟଣାସ୍ଥିତ ନିଷ୍ଟ ପବ୍ଲିକ ସ୍କୁଲର ଦ୍ୱାଦଶ ବାର୍ଷିକ ଉତ୍ସବ 'ମାନବତା– ଦି ହାର୍ଟ ଅଫ୍ ଏଜୁକେଶନ' ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରାଂଶୁ ଶେଖର ପାଢ଼ୀ ଉତ୍ସବରେ ସଭାପତିତ୍ୱ କରି କହିଲେ, ଶିକ୍ଷାର ମୂଳମନ୍ତ୍ର ହେଉଛି ମାନବତା। ଏହା ମଣିଷର ମଣିଷତ୍ୱକୁ ଚିହ୍ନାଇ ଥାଏ। ମୁଖ୍ୟ ଅତିଥି ଭାବେ ଭାଜପା ନେତା ଗୋଲକ ପ୍ରସାଦ ମହାପାତ୍ର ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଦୁର୍ଗା ପ୍ରସାଦ ନାୟକ, ନିରଞ୍ଜନ ମିଶ୍ର, ମୁଖ୍ୟବକ୍ତା ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାନବତାର ଗୁରୁତ୍ୱ ବୁଝାଇଥିଲେ। ଶିକ୍ଷା କିପରି ମଣିଷକୁ ମାର୍ଜିତ, ଶୃଙ୍ଖଳିତ, ଏବଂ ସମନ୍ୱିତ ଜୀବନଯାପନ ପ୍ରତି ସଚେତନ କରିଥାଏ ସେ ସମ୍ପର୍କରେ ମତ ପ୍ରକାଶ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ଡ. ପ୍ରଜ୍ଞା ପାରମିତା ପାଢ଼ୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଚିନ୍ତାମଣିଶ୍ୱର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨୦।୧୨(ସୁଚିସ୍ମିତା ସାହୁ)

ଚିନ୍ତାମଣିଶ୍ୱର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୫ତମ ବାର୍ଷିକ ଉତ୍ସବ ଶନିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ମଣ୍ଡଳ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ, ଭାଜପା ନେତା ଜଗନ୍ନାଥ ପ୍ରଧାନ, ୪୫ନଂ ୱାର୍ଡର କର୍ପୋରେଟର ଅମରେଶ ଜେନା, ଭାଜପା ଉପସଭାପତି ରଶ୍ମିରଞ୍ଜନ ମହାପାତ୍ର, ଖଣ୍ଡଗିରି ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ କବିତା ଦଣ୍ଡପାଟ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ସାହୁ ସଭାପତିତ୍ୱ କରିଥିବାବେଳେ ସଂସ୍କୃତ ଶିକ୍ଷୟିତ୍ରୀ କବିତା ବେହୁରା ଅତିଥି ପରିଚୟ ସହ ଧନ୍ୟବାଦ ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ଦିବସରେ ଏକାମ୍ର ଭୁବନେଶ୍ୱରର ବିଧାୟକ ବାବୁ ସିଂ ଓ ଖଣ୍ଡଗିରି ହାଇସ୍କୁଲର କ୍ରୀଡା ଶିକ୍ଷକ ଶଙ୍କର୍ଷଣ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାର୍ଥୀଙ୍କୁ ଉତ୍ସାହିତ କରିଥିଲେ।



ଚିନ୍ତାମଣିଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥିମାନେ।

# ପ୍ରବାସୀ ଓଡ଼ିଆଙ୍କ ପାଇଁ ପ୍ରସ୍ତୁତ ହେଉଛି ବିସ୍ତୃତ ଡାଟାବେସ୍

ଭୁବନେଶ୍ୱର,୨୦।୧୨(ସୁଚିସ୍ମିତା ସାହୁ)



ଆଲୋଚନାଚକ୍ରରେ ରାଜ୍ୟ ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ ଓ ଅନ୍ୟ ଅତିଥି।

'ଓଡ଼ିଶାରେ ପ୍ରବାସ ପ୍ରକ୍ରିୟାରେ ଆଞ୍ଚଳିକ ବୈଷମ୍ୟ, ଏଥି ସମ୍ପର୍କିତ ଅନୁକୂଳ ଆଚରଣ ଏବଂ ସୁସ୍ଥତା' ପ୍ରସଙ୍ଗ ଉପରେ ଏକ ଆଲୋଚନାଚକ୍ର ଶନିବାର ଭୁବନେଶ୍ୱରସ୍ଥିତ ନବକୃଷ୍ଣ ଚୌଧୁରୀ ବିକାଶ ଅଧ୍ୟୟନ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ପରାମର୍ଶକ୍ରମେ ଆୟୋଜିତ ଏହି ଆଲୋଚନାଚକ୍ରରେ ରାଜ୍ୟ ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ ଯୋଗଦେଇ ପ୍ରବାସୀମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ସକ୍ରିୟ ପଦକ୍ଷେପଗୁଡ଼ିକ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଲେ, ଆମେ ପ୍ରବାସକୁ ସୁରକ୍ଷିତ ଏବଂ ଅଧିକ ଫଳପ୍ରଦ କରିବା ପାଇଁ କାମ କରୁଛୁ। ଏଥିପାଇଁ ଏକ ସହାୟତା ନମ୍ବର ୧୮୦୦୩୪୫୬୭୦୩ ଜାରି କରାଯାଇଛି। ପ୍ରବାସୀମାନେ ଯେଉଁ ଗନ୍ତବ୍ୟ ରାଜ୍ୟକୁ ଯାଉଛନ୍ତି, ସେଠାରେ ସହାୟତା କେନ୍ଦ୍ର ବ୍ୟବସ୍ଥା କରାଯାଉଛି। ପ୍ରବାସୀଙ୍କ ପାଇଁ ଏକ ବିସ୍ତୃତ ଡାଟାବେସ୍ ପ୍ରସ୍ତୁତ କରାଯାଉଛି ବୋଲି ସେ କହିଛନ୍ତି। ଅନ୍ତର୍ଜାତୀୟ ପ୍ରବାସ ଏବଂ ବିକାଶ ସଂସ୍ଥାର ଅଧ୍ୟକ୍ଷ ପ୍ରଫେସର ଇରୁଦୟ ରାଜନ ଯୋଗଦେଇ ପ୍ରବାସୀଙ୍କ କଲ୍ୟାଣ ପାଇଁ ନୀତି ନିର୍ଦ୍ଧାରଣ ଲାଗି ବ୍ୟାପକ ତଥ୍ୟର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ମୁମ୍ବାଇର ଅନ୍ତର୍ଜାତୀୟ ଲୋକସଂଖ୍ୟା ବିଜ୍ଞାନ ସଂସ୍ଥାର ପ୍ରଫେସର ଉଦୟ ଶଙ୍କର ମିଶ୍ର ଯୋଗଦେଇ କହିଲେ, ପ୍ରବାସୀମାନେ ଯାଉଥିବା ସ୍ଥାନ ଓ ଗନ୍ତବ୍ୟ ସ୍ଥାନର ବିକାଶକୁ ସଂଯୋଜିତ କରିଥାଏ ପ୍ରବାସ। ସେମାନଙ୍କ ପାଇଁ ଲାଭଦାୟକ ହେଉଥିବା ନୀତିର ଆବଶ୍ୟକତା ଓ କାର୍ଯ୍ୟକାରିତା ସମ୍ପର୍କରେ ସେ କହିଥିଲେ। ଏନ୍‌ସିଡିଏସ ଓଡ଼ିଶାର ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣରେ କହିଲେ, ସ୍ଥାନାନ୍ତର ସମସ୍ୟା ସମାଧାନ କରିବାରେ ନୁହେଁ, ବରଂ, ଏହା ଜୀବନରେ ଉନ୍ନତି ଆଣିବା, ସାମାଜିକ ସୁରକ୍ଷା ବୃଦ୍ଧି ଓ ପରିବାରକୁ ସଶକ୍ତ କରିବାର ଏକ ସୁଯୋଗ। ବୟସ୍କ ବ୍ୟକ୍ତି ଏବଂ ପଛରେ ରହିଯାଇଥିବା ପିଲାମାନେ ସମ୍ମୁଖୀନ ହେଉଥିବା ନୀରବ ଆହ୍ୱାନ ଏବଂ ବାଧ୍ୟତାମୂଳକ ସ୍ଥାନାନ୍ତରଣର ଢାଞ୍ଚାଗତ ପ୍ରକୃତି ଉପରେ ସେ ଆଲୋକପାତ କରିଥିଲେ। ଏନ୍‌ସିଡିଏସ୍‌ର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫେସର ଡ. ସନ୍ଧ୍ୟାରାଣୀ ମହାପାତ୍ର ତୃଣମୂଳସ୍ତରରୁ ପ୍ରବାସୀଙ୍କ ସମ୍ପର୍କିତ ଅନୁସନ୍ଧାନଭିତ୍ତିକ ଗବେଷଣା ସହ ଆର୍ଥିକ ଅବସ୍ଥା ସୁଧୁରିବା, ସାମାଜିକ, ମାନସିକ ଓ ସ୍ୱାସ୍ଥ୍ୟଗତ କାରଣ ଆଦି ବିଭିନ୍ନ ଦୃଷ୍ଟିରୁ ସ୍ଥାନାନ୍ତରକୁ ଏକ ବହୁମୁଖୀ ଆବଶ୍ୟକତା ପ୍ରସଙ୍ଗ ଭାବରେ ଉପସ୍ଥାପନ କରିଥିଲେ।

# ଜଳବାୟୁ ପରିବର୍ତ୍ତନରେ ମହିଳା ଅଧିକ ପ୍ରଭାବିତ

## ଓଡ଼ିଶା ପରିବେଶ କଂଗ୍ରେସର ୧୬ତମ ଅଧିବେଶନ

**ଭୁବନେଶ୍ୱର,୨୦।୧୨(ସୁଚିସ୍ମିତା ସାହୁ)**

ଲିଙ୍ଗଗତ ନ୍ୟାୟ ବିନା ପରିବେଶ ସୁରକ୍ଷା ଓ ଜଳବାୟୁ ସମସ୍ୟାର ସମାଧାନ ଅସମ୍ଭବ। ପରିବେଶ ଅସନ୍ତୁଳନ ଓ ଜଳବାୟୁ ପରିବର୍ତ୍ତନରେ ପୁରୁଷଙ୍କ ତୁଳନାରେ ମହିଳାମାନେ ଅଧିକ ପ୍ରଭାବିତ। କିନ୍ତୁ ପ୍ରଚଳିତ ନାରୀ-ପୁରୁଷଙ୍କ ଭିତରେ ଅସମାନତା ଏହି ସମସ୍ୟାକୁ ଅଧିକ ଘନୀଭୂତ କରୁଛି ବୋଲି ମୁଖ୍ୟବକ୍ତା ଭାବେ ଯୋଗଦେଇ କେରଳ ସରକାରଙ୍କ ପୂର୍ବତନ ମୁଖ୍ୟ ବନ ସଂରକ୍ଷକ ପ୍ରକୃତି ଶ୍ରୀବାସ୍ତବ କହିଛନ୍ତି। ଓଡ଼ିଶା ପରିବେଶ କଂଗ୍ରେସର ୧୬ତମ ବାର୍ଷିକ ଅଧିବେଶନ ଶନିବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଅଧିବେଶନରେ 'ପରିବେଶ ଓ ନାରୀ' ବିଷୟବସ୍ତୁ ଉପରେ ଆଲୋଚନାକରି ଶ୍ରୀବାସ୍ତବ କହିଲେ, ଦେଶରେ ସାମ୍ପ୍ରତିକ ୩୧୦୦ଜଣ ଆଇଏଫ୍‌ଏସ୍ ପଦାଧିକାରୀ ଥିବାବେଳେ ସେମାନଙ୍କ ମଧ୍ୟରେ ୨୮୪ଜଣ ମହିଳା ଅଛନ୍ତି। ଦେଶରେ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ସଂଖ୍ୟା ୨ଲକ୍ଷ ୫୦ହଜାର ଥିବା ବେଳେ ସେଥିରୁ ମହିଳାଙ୍କ ସଂଖ୍ୟା ମାତ୍ର ୫ହଜାର ରହିଛି। ଜଙ୍ଗଲ ସୁରକ୍ଷା କ୍ଷେତ୍ରରେ ମହିଳାମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଥିବାବେଳେ ଜଙ୍ଗଲ ଅଧିକାରୀ ଓ କର୍ମଚାରୀଙ୍କ ଭିତରେ ଏହି ଲିଙ୍ଗଗତ ଅସମାନତା ଅତ୍ୟନ୍ତ ଉଦ୍‌ବେଗର ବିଷୟ ବୋଲି ସେ କହିଛନ୍ତି। ପରିବେଶ କଂଗ୍ରେସର ଅଧ୍ୟକ୍ଷ ଡ. ଅରବିନ୍ଦ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ପରିବେଶ ଓ ବିକାଶ ଭିତରେ ସନ୍ତୁଳନ ନ ରହିବା ଯୋଗୁ ଆମେ ଭୟଙ୍କର ବିପର୍ଯ୍ୟୟର ସମ୍ମୁଖୀନ ହେଉଛୁ। ରମାଦେବୀ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ପଦ୍ମଜା ମିଶ୍ର, କସ୍ତୁରବା ଟ୍ରଷ୍ଟର ସର୍ବଭାରତୀୟ ଉପସଭାପତି ଗାୟତ୍ରୀ ଦାସ, ବିଜେଡି ନେତା ଭୃଗୁ ବକ୍ସିପାତ୍ର, ଓଇଏସ୍‌ର ସମ୍ପାଦକ ଇଂ. ମନୋରଞ୍ଜନ ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। କୁଳପତି ଡ. ଚଣ୍ଡୀଚରଣ ରଥ ସଭାପତିତ୍ୱ କରିଥିବାବେଳେ ପରିବେଶ କଂଗ୍ରେସର ସାଙ୍ଗଠନିକ ସମ୍ପାଦକ ସୁଦର୍ଶନ ଦାସ ସ୍ୱାଗତ ଭାଷଣ ଓ ପ୍ରଫେସର ସୁଚେତା ପ୍ରିୟବାଦିନୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ୫୪ଟି ପ୍ରବନ୍ଧକୁ ନେଇ ଏକ ନିବନ୍ଧ ସଂକଳନ ଉନ୍ମୋଚିତ ହୋଇଥିଲା। ଏଥିସହ ଦୁଇଟି ବୈଷୟିକ ଅଧିବେଶନରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଅନ୍ନପୂର୍ଣ୍ଣା ପାଣ୍ଡେ, ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଶିବପ୍ରସାଦ ଅଧିକାରୀ, କୋରାପୁଟ ସେଣ୍ଟ୍ରାଲ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ଶରତ ପାଲିତା, ଏଫ୍‌ଇଏସ୍‌ର ନିର୍ଦ୍ଦେଶକ ସ୍ୱପ୍ନା ଷଡ଼ଙ୍ଗୀଙ୍କ ସମେତ ୯ଜଣ ଗବେଷକ ପ୍ରବନ୍ଧ ପାଠ କରିଥିଲେ।



ସମ୍ମିଳନୀରେ ଅତିଥିମାନେ ପରିବେଶ କଂଗ୍ରେସ ପୁସ୍ତିକାକୁ ଉନ୍ମୋଚନ କରୁଛନ୍ତି।

# ଭଡ଼ାଘରେ ଚାଲିଛି ସରକାରୀ କାର୍ଯ୍ୟାଳୟ

**ବେଗୁନିଆ,୨୦।୧୨(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋ ପଞ୍ଚାୟତ ବେଗୁନିଆଠାରୁ ୨୫କିମି ଦୂରରେ ଅବସ୍ଥିତ। ଜନସାଧାରଣଙ୍କ ସେବା ପାଇଁ ଏହି ଅଞ୍ଚଳରେ ଖୋଲିଥିବା ବିଭିନ୍ନ ସରକାରୀ ଅନୁଷ୍ଠାନ ଭଡ଼ାଘରେ ଚାଲିଛି। ସରକାରୀ, ଗୋଚର ଏବଂ ଅନାବାଦି ଜମିକୁ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ନିଜ ଅକ୍ତିଆରରେ ରଖିଛନ୍ତି। ଏନେଇ ସାମାଜିକ କର୍ମୀ ସଞ୍ଜୟ କୁମାର ବାହୁବଳେନ୍ଦ୍ର ସ୍ଥାନୀୟ ବିଡିଓ, ତହସିଲଦାର ଏବଂ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ସୁଫଳ ମିଳିଲା ନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ଏଠାରେ ୧୯୪୯ ମସିହାରୁ ସ୍ଥାପିତ ଡାକଘର ଦୀର୍ଘ ୭୬ବର୍ଷ ହେବ ଭଡ଼ାଘରେ ଚାଲିଛି। ଡାକଘରେ କୌଣସି ବୋର୍ଡ ଲଗାଯାଇ ନ ଥିବାରୁ କାର୍ଯ୍ୟାଳୟଟି କେଉଁଠାରେ ଅବସ୍ଥିତ ତାହା ଜାଣିବାରେ ଅସୁବିଧା ହେଉଛି। ସେହିପରି ପୋଲିସ ଫାଣ୍ଡି ୧୯୯୫ମସିହାରୁ ଏଠାରେ ଖୋଲିଥିବାବେଳେ ପ୍ରଥମ ଦୁଇବର୍ଷ ବଙ୍ଗଳାରେ ଚାଲିଥିଲା। ଏହା ପରଠାରୁ ଏପର୍ଯ୍ୟନ୍ତ ଭଡ଼ାଘରେ ଚାଲିଛି। ୨୦୧୫ ମସିହାରୁ ଫାଣ୍ଡି ଗୃହ ନିର୍ମାଣ ପାଇଁ ୨୫ଲକ୍ଷ ଟଙ୍କା ସରକାରୀ ଅନୁଦାନ ଆସିଥିବା ବେଳେ ଏପର୍ଯ୍ୟନ୍ତ ଫାଣ୍ଡି ପାଇଁ ସ୍ଥାନ ନିରୂପଣ ହୋଇ ନ ପାରିବା ଯୋଗୁ ଗୃହ ନିର୍ମାଣ ହୋଇ ପାରୁନାହିଁ। ଫଳରେ ଉକ୍ତ ଅନୁଦାନ ରାଶି ଫେରିଯିବାର ଆଶଙ୍କା ପ୍ରକାଶ ପାଇଛି। ଏ ସମ୍ପର୍କରେ ସିକୋ ଫାଣ୍ଡି ଅଧିକାରୀ ପୂର୍ଣ୍ଣଚନ୍ଦ୍ର ରେଡି କହିଛନ୍ତି ଯେ, ତହସିଲଦାରଙ୍କୁ ଜଣାଇବା ପରେ ସେ ଜିଲାପାଳଙ୍କୁ ଜଣାଇବେ ଏବଂ ଜିଲାପାଳଙ୍କ ଅନୁମୋଦନ ମିଳିବା ପରେ ନୂତନ ଗୃହ ନିର୍ମାଣ ହେବ। ସେହିପରି ଏଠାରେ ଥିବା ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ୧୯୮୦ମସିହାରୁ ଖୋଲିଥିବା ବେଳେ ବର୍ତ୍ତମାନ ସୁଦ୍ଧା ବ୍ୟାଙ୍କ ଭଡାଘରେ ଚାଲିଛି। ସରକାର ଭଡ଼ା ବାବଦରେ ଲକ୍ଷାଧିକ ଟଙ୍କା ଦେଉଥିବା ବେଳେ ଏଠାରେ ଜାଗା ଥାଇ ଉକ୍ତ ଅର୍ଥରେ ସରକାରୀ କାର୍ଯ୍ୟାଳୟର ନିଜସ୍ୱ ଗୃହ କାହିଁକି ନିର୍ମାଣ କରାଯାଉ ନାହିଁ ବୋଲି ସାମାଜିକକର୍ମୀ ସଞ୍ଜୟ କୁମାର ବାହୁବଳେନ୍ଦ୍ର ଅଭିଯୋଗ ଆଣିଛନ୍ତି।

# 'ଫେଣା ମହୁ ଉତ୍ପାଦନ ବୃଦ୍ଧି ପାଇଁ ଚାଷୀ ଗୁରୁତ୍ୱ ଦିଅନ୍ତୁ'

**ଭୁବନେଶ୍ୱର,୨୦।୧୨(ସୁଚିସ୍ମିତା ସାହୁ)**

ବର୍ତ୍ତମାନ ସମୟରେ ବସ୍ତୁର ଉତ୍ତମ ଗୁଣବତ୍ତାକୁ ହିଁ ଗ୍ରାହକମାନେ ପ୍ରାଥମିକତା ଦେଉଛନ୍ତି। ବଜାରରେ ଶୁଦ୍ଧତା ପରିବର୍ତ୍ତେ ଅପମିଶ୍ରିତ ପଦାର୍ଥର ବିକ୍ରି ବଢ଼ୁଛି। ଏହାକୁ ଏଡ଼ାଇବା ପାଇଁ ଫେଣା ମହୁ ଉତ୍ପାଦନ ଉପରେ ଗୁରୁତ୍ୱଦେବା ଉଦ୍ଦେଶ୍ୟରେ ଓୟୁଏଟିର ଏଆଇସିଆର୍‌ପି ଅନ୍ ହନିବିଜ୍ ଏବଂ ପଲିନେଟର୍ସ, କୀଟତତ୍ତ୍ୱ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଶନିବାର ବିଜୁ ପଟ୍ଟନାୟକ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଯୋଗଦେଇ ମହୁ ଭଳି ଏକ ଅମୂଲ୍ୟ ପ୍ରାକୃତିକ ଦ୍ରବ୍ୟର ଶୁଦ୍ଧତା ବଜାୟ ରଖିବାକୁ ଅନୁରୋଧ କରିଛନ୍ତି। ଫେଣା ମହୁ ସମ୍ପୂର୍ଣ୍ଣ ରୂପେ ଶୁଦ୍ଧ ହୋଇଥିବା ବେଳେ ଏଥିରେ କୌଣସି ପ୍ରକ୍ରିୟାକରଣ, ଅପମିଶ୍ରଣ, ଶୋଧନ ଓ ମୂଲ୍ୟଯୁକ୍ତ କରିବାର ସମ୍ଭାବନା ନ ଥାଏ। ଜାତୀୟ ଓ ଅନ୍ତର୍ଜାତୀୟ ବଜାରରେ ଚାହିଦା ଅଧିକ ଥିବାରୁ ଫେଣା ମହୁ ଉତ୍ପାଦନ ବୃଦ୍ଧି ଦିଗରେ ଚାଷୀମାନେ ଆଧୁନିକ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ଉପରେ ଗୁରୁତ୍ୱ ଦେବାକୁ ପ୍ରଫେସର ରାଉଳ ଆହ୍ୱାନ ଦେଇଥିଲେ।

ମୁଖ୍ୟବକ୍ତା ଭାବେ ପୂର୍ବତନ ଏମେରିଟସ୍ ବୈଜ୍ଞାନିକ ଡ. ସି.ଆର୍. ଶତପଥୀ ଯୋଗଦେଇ ଫେଣା ମହୁର ଔଷଧୀୟ ଗୁଣବତ୍ତା ଉପରେ ଆଲୋକପାତ କରିବା ସହ ବଜାର ଓ ଉତ୍ତମ ପ୍ୟାକେଜିଂ ଉପରେ ଗୁରୁତ୍ୱ ଦେଇଥିଲେ। କୃଷି ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାଲ ମହାପାତ୍ର ଚାଷୀ ଓ ଲୋକଙ୍କ ମଧ୍ୟରେ ଫେଣା ମହୁର ପ୍ରଚଳନ ଉପରେ ଅଧିକରୁ ଅଧିକ ସଚେତନତା ସୃଷ୍ଟି ଲାଗି କହିଥିଲେ। ଏହି ଅବସରରେ ମହୁମାଛି ଚାଷରୁ ପରିବାର ଆୟବୃଦ୍ଧି ନିମନ୍ତେ ଫେଣା ମହୁ ଉତ୍ପାଦନ ଉପରେ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ଗବେଷଣା ଅଧ୍ୟକ୍ଷ ପ୍ରଫେସର ନିରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଏଆଇସିଆର୍‌ପି ଓୟୁଏଟିର ପ୍ରକଳ୍ପ ମୁଖ୍ୟ ଡ. ପ୍ରଭାସିନୀ ବେହେରା ଧନ୍ୟବାଦ ଦେଇଥିଲେ ।

# ଶାରୀରିକ, ବୌଦ୍ଧିକ ବିକାଶରେ ସହାୟକ ହୁଏ କ୍ରୀଡ଼ା



ଅତିଥିଙ୍କ ଗହଣରେ କୁନି ଛାତ୍ରୀଛାତ୍ର।

**ନିରାକାରପୁର, ୨୦।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)**

ଆର୍ଯ୍ୟବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ତ୍ରିଂଶତମ ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପ୍ରଦୀପ କୁମାର ସାହୁ ଏବଂ ସମ୍ମାନିତ ଅତିଥିଭାବେ ରବୀନ୍ଦ୍ର କୁମାର ମଲ୍ଲିକ ଯୋଗଦେଇଥିଲେ। କ୍ରୀଡ଼ା ମାଧ୍ୟମରେ ଶିଶୁର ଶାରୀରିକ ଓ ମାନସିକ ବିକାଶ ଘଟିଥାଏ ବୋଲି ଅତିଥିମାନେ କହିଥିଲେ। ବିଦ୍ୟାଳୟର ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ, ପ୍ରଧାନ ଆଚାର୍ଯ୍ୟା ନଳିନୀ ରଥ, ଷ୍ଟେଟ ବ୍ରିଗେଡ଼ ସ୍କୁଲ ଭୂଷଣ୍ଡପୁର ସମ୍ପାଦକ ବ୍ରଜବନ୍ଧୁ ସେଠୀ ଓ ପ୍ରଧାନ ଆଚାର୍ଯ୍ୟା କୁଇନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଶାରୀରିକ, ବୌଦ୍ଧିକ ବିକାଶରେ ସହାୟକ ହୁଏ କ୍ରୀଡ଼ା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ନିହାର ଗୁରୁଜୀ ଅତିଥିଙ୍କ ପରିଚୟ ପ୍ରଦାନ ଏବଂ ବିନୋଦ ଗୁରୁଜୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାରେ ଚାରୋଟି ବିଭାଗରେ ୪୮ ଇଭେଣ୍ଟରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ମେଡାଲ ପ୍ରଦାନ କରାଯାଇଛି। ଏହି କ୍ରୀଡ଼ା ଉତ୍ସବରେ କନିଷ୍ଠ ବିଭାଗରେ ରୀତିପର୍ଣ୍ଣା ସାମନ୍ତରାୟ ଓ ଉପବରିଷ୍ଠ ବିଭାଗର ଓମ୍ ପ୍ରୟାସ ଦାସ ଚାମ୍ପିୟନ ହୋଇଥିଲେ। ପ୍ରମୋଦ କୁମାର ଦାସ, ଶରତ ଚନ୍ଦ୍ର ଛୋଟରାୟ, ଆଶିଷ କୁମାର ବିଶ୍ୱାଳ ଓ ଅବିନାଶ ପଟ୍ଟନାୟକ ପରିଚାଳନା କରିଥିଲେ। ସଞ୍ଜୟ କୁମାର ସେଠୀ, ପବିତ୍ର କୁମାର ରାଉତରାୟ, କୃଷ୍ଣ ଚନ୍ଦ୍ର ଛୋଟରାୟ, ଅକ୍ଷୟ କୁମାର ମହାପାତ୍ର, ମନୋରଞ୍ଜନ ଦାସ, ଜିତେନ୍ଦ୍ର କୁମାର ପୃଷ୍ଟି, ଶକ୍ତି ପ୍ରସାଦ ଚାଓ ପଟ୍ଟନାୟକ, ସନ୍ଧ୍ୟାରାଣୀ ବାହିନିପତୀ, ରଶ୍ମିପ୍ରଭା ପୁରୋହିତ, ସୁଜାତା ଶ୍ରୀଚନ୍ଦନ, ବୀଣାପାଣି ଦାସ, କବିତା ଜଗଦେବ, ପ୍ରିୟଦର୍ଶିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ



ବାର୍ଷିକ କ୍ରୀଡ଼ା ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**ବେଗୁନିଆ,୨୦।୧୨(ସନ୍ଧ୍ୟାରାଣୀ ମିଶ୍ର)**

ବେଗୁନିଆ ମହାବିଦ୍ୟାଳୟରେ ଦୁଇଦିନ ଧରି ଚାଲିଥିବା ୪୭ତମ ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ସବିତାଞ୍ଜଳି ସେନାପତି ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡା ସଂସଦର ଉପସଭାପତି ଅଧ୍ୟାପିକା ବିଜୟଲକ୍ଷ୍ମୀ ସୁବୁଦ୍ଧିଙ୍କ ନେତୃତ୍ୱରେ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ଲୋହିତାକ୍ଷ ମେହେର, ଦିବ୍ୟଜିତ ରାୟ, ନବକିଶୋର ବିଶୋୟୀ, ସୂର୍ଯ୍ୟମଣି ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ପପୁଲାର କ୍ଲବ ଢେଙ୍କାନାଳ ସେମିଫାଇନାଲରେ



ଅତିଥିଙ୍କ ଠାରୁ ଖେଳାଳି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

**ଯାଁଲା,୨୦।୧୨(ବୁଲା ବାରିକ)**

ଜଟଣୀ ବ୍ଲକ ମଦନପୁର ହାଇସ୍କୁଲ ଖେଳପଡ଼ିଆରେ ନବଜ୍ୟୋତି କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୪ତମ ମଦନପୁର ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଶନିବାର ଟ୍ରାଇବ୍ରେକରରେ ସ୍ପୋର୍ଟ୍ସ ହଷ୍ଟେଲ ଫୁଲବାଣୀକୁ ୫-୪ ଗୋଲରେ ହରାଇ ପପୁଲାର କ୍ଲବ ଢେଙ୍କାନାଳ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଶ୍ରେଷ୍ଠ ଖେଳାଳିଭାବେ ପୁପୁଲାର କ୍ଲବର ମୁନା ନାୟକ ହୋଇଥିଲେ। ଅତିଥିଭାବେ ବିଡିଓ ବସନ୍ତ ହାତୀ, ପ୍ରଫେସର ପ୍ରଶାନ୍ତ କୁମାର ବଳ, ରଶ୍ମି ରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସୁଜିତ୍ କୁମାର ପାତ୍ର, ସୁଜିତ ପାଇକରାୟ, ଶିବ ଦେହୁରି, ଶିବ ସାମନ୍ତରାୟ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ରବିବାର ପପୁଲାର କ୍ଲବ ଢେଙ୍କାନାଳ ଏବଂ ଭଞ୍ଜନଗର ଫୁଟ୍‌ବଲ ଏକାଡେମୀ ମଧ୍ୟରେ ମ୍ୟାଚ୍ ହେବ।

# ସ୍କାଉଟ୍ସ ଆଣ୍ଡ ଗାଇଡ୍ସର ଜିଲା କ୍ୟାମ୍ପୋରି ଉଦ୍‌ଯାପିତ

**ଭୁବନେଶ୍ୱର,୨୦।୧୨(ସୌମ୍ୟରଞ୍ଜନ ରାଉତ)**

ଭୁବନେଶ୍ୱର ଜିଲା ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସର ୩୩ତମ ଜିଲା କ୍ୟାମ୍ପୋରି ଶନିବାର କ୍ୟାପିଟାଲ ହାଇସ୍କୁଲଠାରେ ଉଦ୍‌ଯାପିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜ୍ୟ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ମୁଖ୍ୟ କମିଶନର ଡ. କାଳିପ୍ରସାଦ ମିଶ୍ର, ଯୁଗ୍ମ ସମ୍ପାଦକ ମିହିର ରଞ୍ଜନ ପଟ୍ଟନାୟକ, ରାଜ୍ୟ କୋଷାଧ୍ୟକ୍ଷ ଭବାନୀ ପ୍ରସାଦ ମିଶ୍ର, ବିଏମ୍‌ସି ୱାର୍ଡ ନମ୍ବର ୩୫ର କର୍ପୋରେଟର ରଞ୍ଜୁବାଳା ରାୟ, ଖୋର୍ଦ୍ଧା ଏଡିଇଓ ଡ. ପ୍ରଜ୍ଞା ପାରମିତା ଜେନା ପ୍ରମୁଖ ଯୋଗଦେଇଥିଲେ। ମହାନଗର ନିଗମ ସହ ବାଲିଅନ୍ତା, ବାଲିପାଟଣା, ଭୁବନେଶ୍ୱର ବ୍ଲକ୍ ଅନ୍ତର୍ଗତ ୨୩୫ଟି ବିଦ୍ୟାଳୟର ୧୫୨୬ଜଣ ସ୍କାଉଟ, ଗାଇଡ୍, ସ୍କାଉଟ ମାଷ୍ଟର ଓ ଗାଇଡ୍ କ୍ୟାପ୍‌ଟେନ ଏହି କ୍ୟାମ୍ପୋରିରେ ଯୋଗଦେଇଥିଲେ। ପ୍ରଦର୍ଶନୀ, ଗ୍ରାମ୍ୟମେଳା, ମାର୍ଚ୍ଚପାଷ୍ଟ, ଶିବିରାଗ୍ନି, ଲୋକକଳା ପ୍ରଦର୍ଶନୀ, ଲୋକଗୀତ, ଲୋକନୃତ୍ୟ, ହସ୍ତକଳା, କୁଇଜ, ପ୍ରାଥମିକ ଚିକିତ୍ସା, ଶିବିର ହସ୍ତକର୍ମ, ଦେଶାତ୍ମବୋଧକ ସଙ୍ଗୀତ, ନଟିଙ୍ଗ, ସର୍ବଧର୍ମ ପ୍ରାର୍ଥନା ସଭା, ଶାନ୍ତି ଶୋଭାଯାତ୍ରା ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କୃତୀ ପ୍ରତିଯୋଗୀ ଓ ବିଦ୍ୟାଳୟଗୁଡ଼ିକୁ ପୁରସ୍କୃତ କରାଯାଇଥିଲା। କ୍ୟାମ୍ପୋରି ଆୟୋଜନରେ ସୁଶାନ୍ତ କୁମାର ସାମଲ, ପ୍ରଦୀପ କୁମାର ପଣ୍ଡା, ସନ୍ତୋଷ କୁମାର ବେହେରା, ଶ୍ରୀକାନ୍ତ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ। ୟୁନିଟ୍-୧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଜିଲା ଗାଇଡ୍ ସଂଗଠନ କମିଶନର ରାଣୀବାଳା ସୁନ୍ଦରାୟ ସ୍ୱାଗତ ଭାଷଣ ଦେଇଥିଲେ। କ୍ୟାପିଟାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ଦାସ ବିବରଣୀ ପ୍ରଦାନ ଓ ଜିଲା ସ୍କାଉଟ କମିଶନର ଅମ୍ବିକା ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ରାଜ୍ୟ ସ୍କାଉଟ୍ସ ଆଣ୍ଡ ଗାଇଡ୍ସର ମୁଖ୍ୟ କମିଶନର ଡ. କାଳିପ୍ରସାଦ ମିଶ୍ରଙ୍କ ସହ ଅନ୍ୟ ଅତିଥିମାନେ।

# ବିଦ୍ୟୁତ୍ କର୍ମଚାରୀ ମହାସଂଘର ବାର୍ଷିକ ସମ୍ମିଳନୀ




**ଟାଙ୍ଗୀ,୨୦।୧୨(ରଘୁନାଥ ସାହୁ)**

ଓଡ଼ିଶା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ମହାସଂଘ ବାଲୁଗାଁ ଡିଭିଜନ ପକ୍ଷରୁ ଟାଙ୍ଗୀସ୍ଥିତ ମା'ରତ୍ନମାଳୀ ଦେବୀଙ୍କ ପୀଠରେ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ କର୍ମଚାରୀମାନେ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ମହାସଂଘର ସାଧାରଣ ସମ୍ପାଦକ ଅମର କୁମର ପ୍ରତାପ ସିଂ ସଭାପତିତ୍ୱ କରିଥିଲେ। ସର୍ବସମ୍ମତିକ୍ରମେ ୨୦୨୫- ୨୬ ବର୍ଷ ନିମନ୍ତେ ବିଭିନ୍ନ ପଦାଧିକାରୀଙ୍କୁ ମନୋନୀତ କରାଯାଇଛି। ବାଲୁଗାଁ ଡିଭିଜନର ସମ୍ପାଦକ ଭାବେ ପ୍ରସନ୍ନ କୁମାର ବଳବନ୍ତରାୟ, ସହ ସମ୍ପାଦକ ତପନ କୁମାର ଦଳେଇ, ମିଡ଼ିଆ ସେଲ ସମ୍ପାଦକ ଧନଞ୍ଜୟ ବେହେରା, ଟାଙ୍ଗୀ ସବଡିଭିଜନର ଅର୍ଗାନାଇଜର ପ୍ରଫୁଲ୍ଲ କୁମାର ମାଛୁଆ, କୋଷାଧ୍ୟକ୍ଷଭାବେ ବେଣୁଧର ସାହୁଙ୍କୁ ମନୋନୀତ କରାଯାଇଛି। ଏଥିସହ ସଂଘର ବାର୍ଷିକ ଆୟବ୍ୟୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଦ୍ୟୁତ୍ ଉପଭୋକ୍ତାଙ୍କୁ କିଭଳି ବିଦ୍ୟୁତ୍ ସେବା ନିରବଚ୍ଛିନ୍ନ ଭାବେ ଯୋଗାଇ ଦିଆଯାଇପାରିବ ସେ ନେଇ ସମସ୍ତ ସଦସ୍ୟ ଶପଥ ଗ୍ରହଣ କରିଥିଲେ। ବରିଷ୍ଠ ସଦସ୍ୟ ସୁକାନ୍ତ କୁମାର ସୁନ୍ଦରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ଲଷ୍ଟରସ୍ତରୀୟ ମାସିକ ବୈଠକ



**ଟାଙ୍ଗୀ,୨୦।୧୨(ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଉଜ୍ଜ୍ୱଳା ଗୋପୀନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ମୁକ୍ତେଶ୍ୱରଦେବ କ୍ଲଷ୍ଟରସ୍ତରୀୟ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରିୟଙ୍କା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିଲା ଶିକ୍ଷା ପ୍ରତିଷ୍ଠାନ ଖୋର୍ଦ୍ଧାର ଶିକ୍ଷକ ପ୍ରଶିକ୍ଷିକା ଆୟେଶା ତନଓ୍ୱିର ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଦ୍ୟାଳୟର ଶିକ୍ଷଣ ପରିବେଶ ଦେଖି ଖୁସି ପ୍ରକଟ କରିଥିଲେ। ଏଥିସହିତ ପ୍ରତ୍ୟେକ ବିଦ୍ୟାଳୟରେ ଏଭଳି ସୁନ୍ଦର ଶିକ୍ଷଣୀୟ ପରିବେଶ ସୃଷ୍ଟି କଲେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପ୍ରତି ଆକୃଷ୍ଟ ହେବେ। ଏହାଦ୍ୱାରା ଉପସ୍ଥାନ ବୃଦ୍ଧି ପାଇବ ବୋଲି ମତବ୍ୟକ୍ତ କରିଥିଲେ। ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ର, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସତ୍ୟନାରାୟଣ ପ୍ରଧାନ, କବିତା ମହାପାତ୍ର, ଦୀପୁନ ପରିଡ଼ା, ମାନତୀ ନାୟକ, ପ୍ରକାଶ ବେହେରା, ପ୍ରଥମ ଓଡ଼ିଶା ଏଜୁକେସନ ଫାଉଣ୍ଡେଶନ ଜିଲା ସଂଯୋଜକ ରାକେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷକ ସନ୍ତୋଷ ଦାସ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ସଞ୍ଜୁକ୍ତା ବେହେରା, ଜ୍ୟୋସ୍ନାରାଣୀ ସିଂ ପ୍ରମୁଖ ସଂଖ୍ୟାଜ୍ଞାନ ଏବଂ ସାକ୍ଷରତା ବିଷୟରେ ଆଦର୍ଶ ଶିକ୍ଷାଦାନ ଦେଇଥିଲେ। ବୈଠକରେ ପୂର୍ବ ବୈଠକର ବିବରଣୀ, ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ, ପଞ୍ଚମ ଏବଂ ଅଷ୍ଟମ ଶ୍ରେଣୀ ପରୀକ୍ଷା, ବିଦ୍ୟାଳୟ ପରିଦର୍ଶନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଶିକ୍ଷୟିତ୍ରୀ ମୋନାଲିସା ବେହେରା, ରଶ୍ମିତା ସେଠୀ, ଦୀପିକା ମଣ୍ଡଳ, କାଦମ୍ବିନୀ ବେହେରା, ଶ୍ରେୟା ଦେଇ, ବୀଣାପାଣି ବେହେରା, ଯଶୋଦା ବେହେରା, ମନୋରମା ସାହୁ, ମିନାକ୍ଷୀ ବେହେରା, ଜ୍ୟୋସ୍ନାରାଣୀ ସେଠୀ, ଅନସୂୟା ବିଶ୍ୱାଳ, ବଂଶୀଧର ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବାବୁରାମ ବେହେରା, ଜିତେନ୍ଦ୍ର ସ୍ୱାଇଁ, ଚିତ୍ତରଞ୍ଜନ ସ୍ୱାଇଁ, କାଦମ୍ବିନୀ ବେହେରା, ଉଷାରାଣୀ ସାହୁ, ସରୋଜିନୀ ସାହୁ, ମମତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନୟାଗଡ଼ କ୍ରୀଡ଼ା ଛାତ୍ରାବାସ ସେମିଫାଇନାଲରେ

## ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

**ଟାଙ୍ଗୀ,୨୦।୧୨(ରଘୁନାଥ ସାହୁ)**

କୁହୁଡ଼ି ଜନତା ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଶନିବାର ଚେନ୍ନାଇ ପୋଲିସ ଏବଂ ନୟାଗଡ଼ କ୍ରୀଡ଼ା ଛାତ୍ରାବାସ ମଧ୍ୟରେ ମ୍ୟାଚ୍ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଗୋଲଦେଇ ନ ପାରିବାରୁ ଟ୍ରାଇବ୍ରେକର ସହାୟତା ନିଆଯାଇଥିଲା। ୪-୧ ଗୋଲରେ ନୟାଗଡ଼ କ୍ରୀଡ଼ା ଛାତ୍ରାବାସ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଅତିଥିଭାବେ ରତନପୁର ସରପଞ୍ଚ ଗୁରୁବନ୍ଧୁ ବେହେରା, କୁହୁଡ଼ି ପୂର୍ବତନ ସରପଞ୍ଚ ବିପିନ ଉଦୟ ସିଂ, ଉପସଭାପତି ରାଜ କିଶୋର ବୈରିଗଞ୍ଜନ, ପୂର୍ବତନ ସଭାପତି ହୃଷିକେଶ ପ୍ରଧାନ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ନୟାଗଡର ଗୋଲ କିପର ରିତେଶ ପାତ୍ର ଏବଂ ଚେନ୍ନାଇର ଗଣେଶ ମୁରଠୁଙ୍କୁ ବିଭୂତି ରାଉତରାୟ ସ୍ମାରକୀ ଶ୍ରେଷ୍ଠ ଖେଳାଳିଭାବେ ସମ୍ମାନିତ କରାଯାଇଥିଲା। ଗୋପାଳ ସାମନ୍ତରାୟ ମ୍ୟାଚ୍ ପରିଚାଳନା କରିଥିବା ବେଳେ ସରୋଜ ମହାରଣା, ଶେଖାଓ୍ୱତ ଖାଁ ଏବଂ ବିଜୟ ମଙ୍ଗରାଜ ସହଯୋଗ କରିଥିଲେ। କମିଟି ସଦସ୍ୟ କେଦାର ପାତାଳ ସିଂ, ରତ୍ନାକର ସାମନ୍ତରାୟ, କେଦାର ଦାସ, ଲକ୍ଷ୍ମୀଧର ଦଳେଇ ପ୍ରମୁଖ ସହଯୋଗ କରିଥିଲେ। ରବିବାର ଇମ୍ଫାଲ ମଣିପୁର ଏବଂ ବକ୍ସର ବିହାର ମଧ୍ୟରେ ମ୍ୟାଚ୍ ହେବ ବୋଲି ସମ୍ପାଦକ ମନୋଜ ମାନସିଂହ ସୂଚନା ଦେଇଛନ୍ତି।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

## ସଂକ୍ଷେପରେ

### ରାସ୍ତା ଖୋଳି ଠିକାଦାର ଛୁ, ଗ୍ରାମବାସୀ ହନ୍ତସନ୍ତ

ଅସ୍ତରଙ୍ଗ,୨୦।୧୨(ମମତା ଜେନା)

ଅସ୍ତରଙ୍ଗ ବ୍ଲକ ହାରାଦେଇପୁର କେନାଲ ରାସ୍ତାରେ ଯାତାୟାତ କରି ୫ଟି ପରିବାର ସ୍ଥାୟୀ ଘର କରି ଦୀର୍ଘଦିନ ଧରି ବସବାସ କରି ଆସୁଛନ୍ତି। ଏହି ରାସ୍ତା ପାର୍ଶ୍ୱରେ ଠିକାଦାର ପାଣି ପାଇପ୍ ପକାଇ ରାସ୍ତାକୁ ଖୋଳି ନଷ୍ଟ କରିଦେବା ଦ୍ୱାରା ଚାରିଚକିଆ ଯାନ ଘରୁ ୧ ମାସରୁ ଊର୍ଦ୍ଧ୍ୱ ସମୟ ହେଲାଣି ଘରୁ ବାହାରି ପାରୁନାହିଁ, ଯାହାଦ୍ୱାରା ଗାଡ଼ି ମାଲିକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନ ପାଇଁ ଉକ୍ତ ପରିବାର ଲୋକେ ଅସ୍ତରଙ୍ଗ ପ୍ରେସ କ୍ଲବକୁ ଅବଗତ କରିଥିଲେ। ଏ ସମ୍ପର୍କରେ ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ବିଜ୍ଞାପ କୁମାର ରାଉଙ୍କୁ ପ୍ରେସ କ୍ଲବ ଅବଗତ କରିବା ପରେ ସାଇଡ୍ ୱାଲ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏ ସମ୍ପର୍କରେ ପାଟଳଦା ସରପଞ୍ଚ ଯଶୋବନ୍ତ ନାୟକ କହିଛନ୍ତି, ପଞ୍ଚାୟତ ପକ୍ଷରୁ ୨ ଲକ୍ଷ ୫୦ ହଜାର ବ୍ୟୟବରାଦ ହୋଇସାରିଛି, ବହୁ ଜଲଦି କାର୍ଯ୍ୟ ଆରମ୍ଭ କରାଯିବ।

### ଦୁଇ ସପ୍ତାହରେ ଡ୍ରଗ୍ସ ବିଭାଗର ୨ଥର ଚଢ଼ାଉ

- କୋକୁଆ ଭୟରେ ନକଲି ଔଷଧ ଦୋକାନୀ

କାକଟପୁର/ଅସ୍ତରଙ୍ଗ,୨୦।୧୧
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ସ୍ୱାସ୍ଥ୍ୟ ବିଭାଗ, ପ୍ରଶାସନର ନୀରବତା ପାଇଁ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଛତୁ ଫୁଟିଲା ଭଳି ନକଲି ଓ ନିମ୍ନମାନର ଔଷଧ ଦୋକାନ ଖୋଲିଛି। ବାରମ୍ବାର ଖବର ପ୍ରକାଶିତ ପରେ ଦୁଇ ସପ୍ତାହ ମଧ୍ୟରେ ଡ୍ରଗ୍ସ ବିଭାଗର ବାରମ୍ବାର ଗସ୍ତ ନକଲି ଔଷଧ କାରବାର କିମ୍ବା ବିନା ଲାଇସେନ୍ସରେ କରିଥିବା ଔଷଧ ବ୍ୟବସାୟୀଙ୍କ ମନରେ ଛନକା ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ, ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ପ୍ରତି ଗାଁରେ ଛତୁ ଫୁଟିଲା ଭଳି ଖୋଲିଛି ଔଷଧ ଦୋକାନ। ଏଥିରେ ବିଭିନ୍ନ କମ୍ପାନୀର ନକଲି ଔଷଧ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଏ ନେଇ ଖବର ପ୍ରକାଶିତ ପରେ ଦୁଇ ସପ୍ତାହ ମଧ୍ୟରେ ଦୁଇ ଥର ଡ୍ରଗ୍ସ ବିଭାଗର ଗସ୍ତ ଯୋଗୁ ବ୍ୟବସାୟୀଙ୍କ ମଧ୍ୟରେ ଛନକା ପଶିଛି। ଗସ୍ତ ସମୟରେ ପୁରୀ ଅତିରିକ୍ତ ଭେଷଜ ନିୟନ୍ତ୍ରକ ଡ. ସୁଦର୍ଶନ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ପୁରୀ ଭେଷଜ ନିରୀକ୍ଷକ ଜ୍ଞାନଦା ଶୁଭଦର୍ଶନୀ ନନ୍ଦ, ପୁରୀ ରେଞ୍ଜ ୨ ଭେଷଜ ନିରୀକ୍ଷକ ହିତେଶ କୁମାର ବେହେରା, ଖୋର୍ଦ୍ଧା ଭେଷଜ ନିରୀକ୍ଷକ ଅର୍ଦ୍ଧେନ୍ଦୁ ଶେଖର ମାନସିଂ ଉପସ୍ଥିତ ଥିଲେ। ଏ ନେଇ ଡ୍ରଗ୍ସ ବିଭାଗ ଅଧିକାରୀ କହିଛନ୍ତି, ଆଗାମୀ ଦିନରେ ସ୍ୱତନ୍ତ୍ର ଟିମ୍, ପୋଲିସ ଓ ତହସିଲଦାରଙ୍କ ଉପସ୍ଥିତିରେ ଦୋକାନ ଯାଞ୍ଚ ସହ ସିଲ୍ ମଧ୍ୟ କରାଯିବ।

### କଣାସ ବଜାରରୁ ଭଙ୍ଗାଗଲା ଦୋକାନ ଗୃହ

କଣାସ,୨୦।୧୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବଜାର ବାଲିଘାଇ ଛକଠାରୁ ଗୋଲାବଜାର ପର୍ଯ୍ୟନ୍ତ ସରକାରୀ ଜାଗାକୁ ମଡ଼ାଇ ଅନେକ ବ୍ୟବସାୟୀ ଦୋକାନ ଘର ନିର୍ମାଣ କରିଛନ୍ତି। ଫଳରେ ରାସ୍ତାଗୁଡ଼ିକ ସଂକୀର୍ଣ୍ଣ ହୋଇ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଏହି ଘର ଭାଙ୍ଗିବା ପାଇଁ କଣାସ ତହସିଲଦାର ହିମାଂଶୁ ଶେଖର ଗିରି ଦୁଇମାସ ତଳେ ନୋଟିସ୍ ଦେବା ସହିତ ବାରମ୍ବାର ଡାକବାଜି ଯନ୍ତ୍ର ସାହାଯ୍ୟରେ ନିବେଦନ କରିଥିଲେ। ଗତ ୧୪ତାରିଖ ଦିନ କଣାସ ବାଲିଘାଇ ଛକଠାରେ କଣାସ କୁଞ୍ଜେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ସରକାରୀ ଜାଗାକୁ ବଢ଼ିଥିବା ଦୋକାନ ଘରଗୁଡ଼ିକ ଭାଙ୍ଗି ଦେଇଥିଲେ। ଶନିବାର ପୁନଶ୍ଚ କୁଞ୍ଜେଶ୍ୱରୀ ମନ୍ଦିରଠାରୁ ବସ୍‌ଷ୍ଟାଣ୍ଡ, ଗୋଲାବଜାର ପର୍ଯ୍ୟନ୍ତ ସରକାରୀ ଜମିରେ ଥିବା ଦୋକାନ ଗୃହଗୁଡ଼ିକ ଜେସିବ୍ ଲଗାଇ ଭାଙ୍ଗି ଦେଇଛନ୍ତି। ଏହି ସମୟରେ ତହସିଲଦାର ହିମାଂଶୁ ଶେଖର ଗିରି, ଅତିରିକ୍ତ ତହସିଲଦାର ଉପେନ୍ଦ୍ର କୁମାର ସେଠୀ, କଣାସ ଆଇଆଇସି ପ୍ରଶନ୍ନ କୁମାର ନାୟକ, ଦମକଳ ବାହିନୀର କର୍ମଚାରୀ ଓ ପୋଲିସ୍ ଫୋର୍ସ ଉପସ୍ଥିତ ଥିଲେ।

### ଦୁଇଦିନିଆ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

କଣାସ,୨୦।୧୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକର ଚଳିତବର୍ଷ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ନିମିତ୍ତ ଦଶମ ଶ୍ରେଣୀର ଏ୧ ପ୍ରତ୍ୟାସୀ ଛାତ୍ରୀଛାତ୍ରଙ୍କ ପାଇଁ ଏକ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, କଣାସ ବ୍ଲକ ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରା, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଓମ୍ ପ୍ରକାଶ ମିଶ୍ର, ବିଦ୍ୟାଳୟର ପ୍ରତିଷ୍ଠାତା ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାଶ ମହାରାଜ, ଶିକ୍ଷାବିତ୍ ବିଭୂତି ଭୂଷଣ ପଟ୍ଟନାୟକ, ପରୀକ୍ଷିତ ବଡ଼ଜେନା, ଶିଶୁ ସାହିତ୍ୟିକ ଡ. ହେମନ୍ତ କୁମାର ଛୋଟରାୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# ଐତିହ୍ୟ, ପରମ୍ପରାର ମହାକୁମ୍ଭ ପୁରୀ ମହୋତ୍ସବ



ବେଳାଭୂମିଠାରେ ଅନୁଷ୍ଠିତ ପୁରୀ ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ଉପସ୍ଥିତ ଅତିଥିମାନେ ।

ପୁରୀ,୨୦।୧୨(ଅଜିତ୍ କୁମାର ମହାନ୍ତି)

ଶ୍ରୀକ୍ଷେତ୍ର ବିକାଶ ମଞ୍ଚ ପକ୍ଷରୁ ସ୍ୱର୍ଗଦ୍ୱାର ବେଳାଭୂମି ଠାରେ ବିଭିନ୍ନ କାର୍ଯ୍ୟକ୍ରମ ସହ ଭବ୍ୟ ଆୟୋଜନ ମଧ୍ୟରେ ଶନିବାର ସନ୍ଧ୍ୟାରେ ପୁରୀ ମହୋତ୍ସବ-୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ମୁଖ୍ୟ ଅତିଥି ଭାବେ ମଧ୍ୟପ୍ରଦେଶର ରାଜ୍ୟସଭା ସଦସ୍ୟ ଉମେଶ ନାଥ ମହାରାଜ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବଚରଣ ସାହୁ, ପୌରସଂସ୍ଥା କାର୍ଯ୍ୟନିର୍ବାହ ଅଧିକାରୀ ଅଭିମନ୍ୟୁ ବେହେରା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ସଭାପତି ବିନୋଦ ପଣ୍ଡା, ସାଧାରଣ ସମ୍ପାଦକ ଲକ୍ଷ୍ମୀନାରାୟଣ ପୃଷ୍ଟି, ସଦସ୍ୟ କୃଷ୍ଣଚନ୍ଦ୍ର ପଣ୍ଡା, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଶ୍ରୀକ୍ଷେତ୍ର ମାଟିର କଳା, ସଂସ୍କୃତି ଓ ଐତିହ୍ୟ, ପରମ୍ପରାର ନିଖୁଣତା ବର୍ଷ ବର୍ଷ ଧରି ଦେଶ ଓ ବିଦେଶରେ ଆଦୃତ ହୋଇଆସିଛି। ପ୍ରତ୍ୟେକ ମଣିଷ ନିଜ ନିଜର ଆତ୍ମସମୀକ୍ଷା କରିବା ସହିତ ଜିଲା ପ୍ରତି ନିଜର ଯୋଗଦାନ ସୁନିଶ୍ଚିତ କରିବାର ଆବଶ୍ୟକତା ରହିଛି। ପୁରୀ ମହୋତ୍ସବ ଏକ ଉତ୍ସବ ନୁହେଁ ବରଂ କଳା, ସଂସ୍କୃତି, ଐତିହ୍ୟ ଏବଂ ପରମ୍ପରାର ମହାକୁମ୍ଭ ବୋଲି ଅନୁଷ୍ଠିତ ପୁରୀ ମହୋତ୍ସବର ଉଦ୍‌ଘାଟନୀ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସଭାକାର୍ଯ୍ୟ ପରେ ପରେ ଓଡ଼ିଶୀ, ମାହାରି, ଗୋଟିପୁଅ, ମାଲଖମ୍ବ ସମେତ ଶ୍ରୀକ୍ଷେତ୍ରର ସାହିଯାତ ଆଦି ପ୍ରଦର୍ଶିତ ହୋଇଥିଲା। ସେହିପରି ଅପରାହ୍ନରେ ବେଳାଭୂମିଠାରେ କ୍ରୀଡ଼ାବିତ୍‌ମାନଙ୍କ ଦ୍ୱାରା ଟଗ୍ ଅଫ ୱାର ଓ ବୋଟ୍ ରେସ୍ ଅନୁଷ୍ଠିତ ହୋଇଥିଲା। ଏହାକୁ ପୁରୀବାସୀଙ୍କ ସମେତ ପୁରୀକୁ ଆସିଥିବା ପର୍ଯ୍ୟଟକମାନେ ବେଶ୍ ଉପଭୋଗ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଶ୍ରୀକ୍ଷେତ୍ର ବିକାଶ ମଞ୍ଚର ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରୀମନ୍ଦିରରେ ବଉଳ ଅମାବାସ୍ୟା ନୀତି ସମ୍ପନ୍ନ

ପୁରୀ,୨୦।୧୨(ଅଜିତ୍ କୁମାର ମହାନ୍ତି)

ପୌଷ ଅମାବାସ୍ୟା ତିଥିରେ ଶ୍ରୀମନ୍ଦିରର ସ୍ୱଳିପି ଅନୁଯାୟୀ ଶ୍ରୀମନ୍ଦିରରେ ବଉଳ ବା ବଉଳ ଅମାବାସ୍ୟା ନୀତି ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହଙ୍କୁ ବଉଳ ଗଇଁଠା ଭୋଗ କରାଯାଇଛି। ପରମ୍ପରା ଅନୁଯାୟୀ, ପୌଷ ଅମାବାସ୍ୟାରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଅବକାଶ ନୀତି ପରେ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଗୋଟିଏ ଆଜ୍ଞାମାଳ ଲାଗି ହୋଇଥିଲା। ପରେ ମହାପ୍ରଭୁଙ୍କ ସକାଳଧୂପ ଉଠିବା ସମୟରେ ରୋଷଘରୁ ବଉଳ ଗଇଁଠା ଟାଟ ଭୋଗ ନିମନ୍ତେ ଶ୍ରୀମନ୍ଦିର ଗର୍ଭଗୃହକୁ ଆସିଥିଲା। ପରେ ଶ୍ରୀବିଗ୍ରହଙ୍କୁ ପ୍ରସାଦ ଲାଗିହେବା ପରେ ସକାଳଧୂପ ପୂଜା ଅନୁଷ୍ଠିତ ହୋଇଥିଲା। ଭୋଗ ପରେ ଟାଟ ଥାଇ ବନ୍ଦାପନା ଓ ପ୍ରସାଦ ଲାଗି ହୋଇଥିଲା। ପୁଦିଉନ୍ତ ବଡ଼ଠାକୁରଙ୍କ ବାଡ଼ରେ, ପୂଜାପଣ୍ଡା ମହାପ୍ରଭୁଙ୍କ ବାଡ଼ରେ ଏବଂ ପତି ମହାପାତ୍ର ମା' ସୁଭଦ୍ରାଙ୍କ ବାଡ଼ରେ ବନ୍ଦାପନା ନୀତି ସମ୍ପନ୍ନ କରିଥିଲେ। ବନ୍ଦାପନା ନୀତି ସମ୍ପନ୍ନ ହେବା ପରେ ଟାଟ ମହାପ୍ରସାଦ ବାହାର କରାଯାଇଥିଲା। ପାଣି ପଡ଼ିବା ପରେ ଅମାବାସ୍ୟା ନାରାୟଣଙ୍କୁ ସିଂହାସନକୁ ବିଜେ କରିଥିଲେ। ଆଜ୍ଞାମାଳ ପାଇ ଅମାବାସ୍ୟା ନାରାୟଣ ପାଲିଙ୍କିରେ ସାଗର ଅଭିମୁଖେ ବିଜେ କରିଥିଲେ।

## ପିଏମ୍ ନୟାହାଟ ଉଚ୍ଚ ବିଦ୍ୟାଳୟରେ ବାର୍ଷିକୋତ୍ସବ




ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିମାନେ ।

ଯୋଗେଶ୍ୱରପୁର,୨୦।୧୨(ରଶ୍ମିରଞ୍ଜନ ସାହୁ)

ଗୋପ ବ୍ଲକ ଅନ୍ତର୍ଗତ ପିଏମ୍ ନୟାହାଟ ଉଚ୍ଚ ବିଦ୍ୟାଳୟରେ ପ୍ରଥମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜ୍ଞାନ, ସାହିତ୍ୟ ଉପରେ ଯୋଗ ଦେଇଥିବା ଅତିଥିମାନେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଙ୍ଗଲବୋରୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଣୟ କୁମାର ସାହୁ, ମୁଖ୍ୟବକ୍ତା ଭାବେ ବାସୁଦେବ ସାହୁ, ସମ୍ମାନିତ ଅତିଥି ଭାବେ ଧୂମାଳ ସରପଞ୍ଚ ମୋନାଲିସା ସିଂହ ଓ ଗୋପ ବ୍ଲକ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ସମ୍ରାଟ ଭଞ୍ଜ ଭୋଇ, ବିଦ୍ୟାଳୟର ସଭାପତି ପ୍ରମୋଦ କୁମାର ମହାନ୍ତି, ପ୍ରଧାନଶିକ୍ଷକ ଅଶୋକ କୁମାର ମହାନ୍ତି ସଭାପତିତ୍ୱ କରିଥିବା ବେଳେ ଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରକାର ଷ୍ଟଲ୍ ଓ ବିଜ୍ଞାନଭିତ୍ତିକ ପ୍ରଦର୍ଶନୀର ଆୟୋଜନ କରିଥିଲେ।

## ପିଏମ୍‌ଶ୍ରୀ ଉତ୍ସବ ଭାରତ ସରକାରଙ୍କ ଏକ ଅଭିନବ ପରିକଳ୍ପନା




ସମାରୋହରେ ମଞ୍ଚାସୀନ ଅତିଥି ବୃନ୍ଦ।

ନିମାପଡ଼ା,୨୦।୧୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ପ୍ରଥମଥର ପାଇଁ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏହି ଉତ୍ସବର ଲକ୍ଷ୍ୟ, ଉଦ୍ଦେଶ୍ୟ, ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ସମାରୋହରେ ଅତିଥି ଭାବେ ନିମାପଡ଼ା ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ, ବିଶିଷ୍ଟ ଶିକ୍ଷାବିତ ସଂଯୁକ୍ତା ମହାନ୍ତି, ନାରାୟଣ ମିଶ୍ର, ହୃଦାନନ୍ଦ ତ୍ରିପାଠୀ, କାଉନ୍‌ସିଲର ଧନୁର୍ଦ୍ଧର ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସମୀମା ବେଗ୍‌ମ, ଉପସଭାପତି ସରିତା ମହାପାତ୍ର, ସାମାଜିକ କର୍ମୀ ରାମଚନ୍ଦ୍ର ସାହୁ, ମହେନ୍ଦ୍ର ସିଂ ଭାଟିଆ ପ୍ରମୁଖ ଯୋଗଦେଇ ଏହି ପିଏମ୍‌ଶ୍ରୀ ଯୋଜନା ତଥା ଉତ୍ସବ ଭାରତ ସରକାରଙ୍କର ଏକ ଅଭିନବ ପ୍ରୟାସ ଓ ପରିକଳ୍ପନା, ୨୦୩୬ମସିହାରେ ମୋ ଓଡ଼ିଶା ବିକଶିତ ଓଡ଼ିଶା ଗଠନ ପରିପ୍ରେକ୍ଷୀରେ ଆଜିର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଥିବା ସୃଜନଶୀଳତା, ଅନ୍ତର୍ନିହିତ ଗୁଣ, ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା, କ୍ରୀଡ଼ାଙ୍ଗନ, ସାହିତ୍ୟ ସୃଜନୀ, ଜିଜ୍ଞାସା, କୌଶଳୀ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ ଓ ଆକୃଷ୍ଟ କରିବା, କ୍ରୀଡ଼ା ମାଧ୍ୟମରେ ଜୀବନ, କୌଶଳ ଶିକ୍ଷା ଲାଭ, ବ୍ୟବସାୟ ବାଣିଜ୍ୟ, କ୍ରୟବିକ୍ରୟ, କମ୍ପ୍ୟୁଟର ଶିକ୍ଷା ଦିଗରେ ସଚେତନତା ସୃଷ୍ଟି କରିବା, ଜ୍ଞାନର ବିକାଶ ପାଇଁ ତତ୍ପର ହେବା ଏହି ଉତ୍ସବ ଓ କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ବୋଲି ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ବରିଷ୍ଠ ଶିକ୍ଷକ ଦୁର୍ଗାପ୍ରସାଦ ବାରିକ, ରଣଜିତ୍ କେଶରୀ ନାୟକ, ଜ୍ୟୋତିରଞ୍ଜନ ରଥ, ପ୍ରଦୀପ ବେହେରା, ଅକ୍ଷୟ ମହାନ୍ତି, ପ୍ରତାପ ପ୍ରଧାନ, କାଦମ୍ବିନୀ ମଲ୍ଲିକ, ବୀଣାପାଣି ଆଚାର୍ଯ୍ୟ ପ୍ରମୁଖ ଉତ୍ସବ ଓ କାର୍ଯ୍ୟକ୍ରମର ସଂଯୋଜନା ଓ ପରିଚାଳନା କରିଥିଲେ। ସମାରୋହରେ ବହୁ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଯୋଗଦେଇଥିଲେ। ଉତ୍ସବ ସ୍ଥଳରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ କ୍ରୀଡ଼ାଙ୍ଗନ, ସାହିତ୍ୟ, କୌଶଳୀ, ବ୍ୟବସାୟ ବାଣିଜ୍ୟ ସମ୍ପର୍କିତ ୫ଟି ଷ୍ଟଲ୍ ଖୋଲାଯାଇଥିଲା।

## ଶିକ୍ଷା ନିର୍ଦ୍ଦେଶିକାଙ୍କ ନିର୍ଦ୍ଦେଶକୁ ଅଣଦେଖା

ଯୋଗେଶ୍ୱରପୁର,୨୦।୧୨
(ରଶ୍ମିରଞ୍ଜନ ସାହୁ)

ନୟାହାଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଛାତ୍ରୀଛାତ୍ରଙ୍କୁ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ବିନାନୁମତିରେ ପିକ୍‌ନିକ୍ ନେବା ଘଟଣାକୁ ଚପାଇ ଦିଆଯିବା ପାଇଁ ଉଦ୍ୟମ ଚାଲିଛି। ଭୁବନେଶ୍ୱରସ୍ଥିତ ଶିକ୍ଷା ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ ଏହି ଘଟଣାର ତଦନ୍ତ ପାଇଁ ପୁରୀ ଉପଜିଲାପାଳଙ୍କୁ ଚିଠି ମାଧ୍ୟମରେ ଜଣାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଫଳରେ ଶିକ୍ଷା ନିର୍ଦ୍ଦେଶିକାଙ୍କ ନିର୍ଦ୍ଦେଶକୁ ଅଣଦେଖା କରାଯାଉଛି। ଏନେଇ ଶିକ୍ଷାବିତ୍ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଡିସେମ୍ବର ୩ରେ ସରକାରୀ ଅନୁମତି ବିନା କେତେଜଣ ଛାତ୍ରୀଛାତ୍ରଙ୍କୁ ଧରି ଅଧ୍ୟକ୍ଷ ଯାଜପୁର ଜିଲାକୁ ପିକ୍‌ନିକ୍ କରିବାକୁ ଯାଇଥିଲେ। ସେଦିନ କଲେଜ୍ ବନ୍ଦ ରହିବା ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ ଅଧ୍ୟକ୍ଷ ଷ୍ଟଡି ଟୁର୍ ଯାଇଥିବା ନେଇ କହିବା ପରେ ଭୁବନେଶ୍ୱରସ୍ଥିତ ସିଏଚ୍‌ଏସ୍‌ଇ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପରିଡ଼ା କହିଥିଲେ, ଯୁକ୍ତ୨ ପିଲାଙ୍କ ଷ୍ଟଡି ଟୁର୍ ନାହିଁ ଯୁକ୍ତ୩ କିମ୍ବା ପିଜି ପିଲା ଯାଇପାରିବେ। ପରେ ଶିକ୍ଷା ନିର୍ଦ୍ଦେଶିକା ଗତ ୫ତାରିଖରେ ଚିଠି ନମ୍ବର ୧୬୪୯୩ରେ ପୁରୀ ଉପଜିଲାପାଳ ରାଜକିଶୋର ଜେନାଙ୍କୁ ସାତଦିନ ମଧ୍ୟରେ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ କହିଥିଲେ। ତେବେ ଉପଜିଲାପାଳ ଅଦ୍ୟାବଧି ଘଟଣାର ତଦନ୍ତ କରିବାକୁ କଲେଜକୁ ଆସିନାହାନ୍ତି। ଏସମ୍ପର୍କରେ ଉପଜିଲାପାଳଙ୍କୁ ପଚାରିବାରେ ସେ କହିଛନ୍ତି, ମୁଁ ବାହାରେ ଅଛି। ଶିକ୍ଷା ନିର୍ଦ୍ଦେଶିକାଙ୍କ ଚିଠି ଆସିଥିବ, ମୁଁ ଦେଖିନାହିଁ।

## କ୍ରୀଡ଼ାର ଅନ୍ୟ ନାମ ଶିକ୍ଷା



କ୍ରୀଡ଼ା ଉତ୍ସବରେ ଉପସ୍ଥିତ ଅତିଥି ଓ ପିଲାମାନେ ।

**ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଏକାଦଶତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ**

ଗୋପ,୨୦।୧୨(ଭାରତୀ ଭୂଷଣ ଉପାଧ୍ୟାୟ)

କ୍ରୀଡ଼ା ଓ ଶିକ୍ଷା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପରିବର୍ତ୍ତନ କରିଥାଏ। କ୍ରୀଡ଼ା ସହିତ ଶିକ୍ଷା ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ଖେଳପଡ଼ିଆରେ ଆୟୋଜିତ ଗୋପ ପ୍ରଧାନସାହି ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨ଦିନିଆ ଏକାଦଶତମ ବାର୍ଷିକ କ୍ରୀଡ଼ା ଉତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷାବିତ୍ ବିଭୂତି ଭୂଷଣ ପଟ୍ଟନାୟକ ଉପସ୍ଥିତ କୁନିକୁନି ଛାତ୍ରୀଛାତ୍ରଙ୍କୁ ଏପରି ସୂଚନା ଦେଇଥିଲେ।

ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ଅନିଲ ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ରବୀନ୍ଦ୍ର ସିଂ, ବିବେକାନନ୍ଦ ଶିକ୍ଷା କେନ୍ଦ୍ରର ସମ୍ପାଦକ କାଳୁରାମ ଜେନା ଯୋଗଦେଇ କ୍ରୀଡ଼ାର ଆବଶ୍ୟକତା ସହିତ ଶିକ୍ଷାଦାନର ମହତ୍ ଉଦ୍ଦେଶ୍ୟରେ ମତବ୍ୟକ୍ତ କରିଥିଲେ। ପ୍ରବେଶ ଶ୍ରେଣୀରୁ ଅଷ୍ଟମ ପର୍ଯ୍ୟନ୍ତ ଅଧ୍ୟୟନରତ ୨୫୦ ଜଣ ଛାତ୍ରୀଛାତ୍ର ଦୌଡ଼, ଲମ୍ଫ ଡିଆଁ, ମ୍ୟୁଜିକ ଚେୟାର, ଉଚ୍ଚ ଡିଆଁ, ଚକୋଲେଟ ଡ୍ରେସ ସହିତ ଅନ୍ୟାନ୍ୟ ଖେଳ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବିଦ୍ୟାଳୟରେ ଅଧ୍ୟୟନରତ ଶିକ୍ଷୟିତ୍ରୀମାନେ ଏହି ସବୁ ଖେଳକୁଦ ପ୍ରତିଯୋଗିତା କରାଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ସିଲ୍ଡ କପ୍ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ୨ଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବକୁ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ମିଶ୍ର, ବିଷ୍ଣୁପ୍ରିୟା ସେନାପତି, ମାନିନୀ ପ୍ରଧାନ, ଚିତ୍ରଲେଖା ସେନ, ସୌଦାମିନୀ ସ୍ୱାଇଁ, ସଙ୍ଗୀତା ବେହେରା, ମାମୁନି ମୁଦୁଲି ପ୍ରମୁଖ ପରିଚାଳନା କରିଥିଲେ।

## କାର୍ଯ୍ୟକର୍ତ୍ତା ସଚେତନତା ଶିବିର ଉଦ୍‌ଘାଟିତ

ପୁରୀ,୨୦।୧୨(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ଦୁଇଦିନିଆ କାର୍ଯ୍ୟକର୍ତ୍ତା ସଚେତନତା ଶିବିର ଶନିବାର ଶରଧାବାଲିସ୍ଥିତ ରାଧାବଲ୍ଲଭ ମଠ ସତ୍‌ସଙ୍ଗ ସଭାଗୃହ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଶିବିରକୁ ପ୍ରତିଷ୍ଠାନ କେନ୍ଦ୍ରୀୟ କାର୍ଯ୍ୟକାରୀ ସଭାପତି ରାମକୃଷ୍ଣ ଦାସ ମହାରାଜ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାସଚିବ ଡ. ନରେଶ ଚନ୍ଦ୍ର ଦାଶ, କେନ୍ଦ୍ରୀୟ ଉପ ସଭାପତି ସୁଦର୍ଶନ ନାୟକ ଓ ସଂଗଠନ ସମ୍ପାଦକ ଡ. କରୁଣାକର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ମୋଟ ୭ଟି ଅଧିବେଶନରେ ସତ୍ୟାନନ୍ଦ ଦାସ ମହାରାଜ, ଡ. ଭାସ୍କର ମିଶ୍ର, ଡ. ନରେଶ ଚନ୍ଦ୍ର ଦାଶ, ଡ. ଅସିତ ମହାନ୍ତି, ଶରଣାରବିନ୍ଦ ଓଝା, ସୁଦର୍ଶନ ନାୟକ ଓ ଡ. ଗୌତମ ମହାରଣା ପ୍ରଶିକ୍ଷଣ ଦେଇଥିଲେ। ରବିବାର ଅପରାହ୍ନରେ ବାକିଥିବା ଅଧିବେଶନ ଅନୁଷ୍ଠିତ ହେବା ସହ ଶିବିରକୁ ସମାପନ କରାଯିବ। କାର୍ଯ୍ୟକ୍ରମରେ ପୂର୍ଣ୍ଣଚନ୍ଦ୍ର ଗୋଛିକାର, ମାଧବ ମହାପାତ୍ର, ହରେକୃଷ୍ଣ ପ୍ରତିହାରୀ, ସ୍ୱାମୀ ମାଧବାନନ୍ଦ ସରସ୍ୱତୀ, ଡ. କରୁଣାକର ପ୍ରଧାନ ଏବଂ ଡ. ଆଶୁତୋଷ ମିଶ୍ର ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ସନ୍ଧ୍ୟାରେ ହଲିଡେ ରିସୋର୍ଟ ଠାରେ ପ୍ରତିଷ୍ଠାନର ବାର୍ଷିକ ସାଧାରଣ ସଭା ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ଶ୍ରୀଜଗନ୍ନାଥ ଗବେଷକ, ପ୍ରଚାରକ, ସଂଗଠନ ଓ ପ୍ରତିଭା ସମ୍ମାନ ପ୍ରଦାନ କରିବେ। କାର୍ଯ୍ୟକ୍ରମରେ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ବ୍ଲକ୍ ସଭାପତି ପାଇଁ ୪ ନାମ ସୁପାରିସ

**କଂଗ୍ରେସର ସାଙ୍ଗଠନିକ ବୈଠକ**

ଡେଲାଙ୍ଗ,୨୦।୧୨(ରଶ୍ମିରଞ୍ଜନ ପ୍ରଧାନ)

ମା' କେନ୍ଦ୍ରେଶ୍ୱରୀ ପୀଠରେ ଡେଲାଙ୍ଗ ବ୍ଲକ କଂଗ୍ରେସର ସାଙ୍ଗଠନିକ ବୈଠକ ବ୍ଲକ କଂଗ୍ରେସ ସଂଯୋଜକ ନିର୍ମଳ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲା ସଭାପତି ଇଂ. ରାଜେଶ ମିଶ୍ର, ପିସିସି ସମ୍ପାଦିକା ତଥା ପର୍ଯ୍ୟବେକ୍ଷକ ଶିଳ୍ପାଶ୍ରୀ ହରିଚନ୍ଦନ, ମହିଳାନେତ୍ରୀ ନିରୁପମା ପାତ୍ର, କଂଗ୍ରେସ ନେତା ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ଗୁଣନିଧି ପ୍ରଧାନ, ପ୍ରକାଶ ପ୍ରଧାନ, ମାନସ ଆଚାର୍ଯ୍ୟ, ପ୍ରହଲ୍ଲାଦ ପ୍ରଧାନ, ଜବାହରଲାଲ୍ ବିଶ୍ୱାଳ, ସନ୍ତୋଷ ପଣ୍ଡା, ଯୁବନେତା ବିଶ୍ୱରଞ୍ଜନ ବଳବନ୍ତରାୟ ପ୍ରମୁଖ କଂଗ୍ରେସ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ରଖିଥିଲେ। ଏହି ସମାବେଶରେ ଡେଲାଙ୍ଗ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ କଂଗ୍ରେସକର୍ମୀ ଉପସ୍ଥିତ ରହି ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳକୁ ସୁଦୃଢ଼ କରିବା ଓ ସଙ୍ଗଠନକୁ ସଜାଡ଼ିବା ନେଇ ବିଭିନ୍ନ ମତ ଉପସ୍ଥାପନ କରିଥିଲେ।

ଡେଲାଙ୍ଗ ଅଞ୍ଚଳରେ କଂଗ୍ରେସକୁ ମଜଭୁତ କରିବାକୁ ହେଲେ ସର୍ବପ୍ରଥମେ ବ୍ଲକ ସଭାପତିଙ୍କ ଚୟନର ଆବଶ୍ୟକତା ରହିଛି ବୋଲି ଉପସ୍ଥିତ କର୍ମୀମାନେ ବକ୍ତବ୍ୟ ରଖିଥିଲେ। କର୍ମୀମାନଙ୍କ ପ୍ରସ୍ତାବକୁ ଜିଲା ସଭାପତି ଇଂ. ମିଶ୍ର ଗ୍ରହଣ କରିବା ସହିତ ସଭାପତି ଚୟନ ପାଇଁ ମତ ସଂଗ୍ରହ କରିଥିଲେ। ତେବେ ବ୍ଲକ ସଭାପତି ପଦ ନିମନ୍ତେ ୪ ଜଣଙ୍କ ନାମ ସୁପାରିସ ହୋଇଥିଲା। ସୁପାରିସ୍ ହୋଇଥିବା ନାମଗୁଡ଼ିକୁ ନେଇ ଜିଲା ସଭାପତି ପିସିସିଙ୍କୁ ଅବଗତ କରାଇବେ ଓ କଂଗ୍ରେସ ରାଜ୍ୟ ସଭାପତିଙ୍କ ଅନୁମୋଦନକ୍ରମେ ବ୍ଲକ ସଭାପତିଙ୍କ ନାମ ଖୁବ୍‌ଶୀଘ୍ର ଘୋଷଣା କରାଯିବ ବୋଲି ସେ ବୈଠକରେ ମତବ୍ୟକ୍ତ କରିଥିଲେ। ବରିଷ୍ଠ କଂଗ୍ରେସ କର୍ମୀ କ୍ଷେତ୍ରମୋହନ ସାହୁ, ଅନ୍ତର୍ଯ୍ୟାମୀ ଦୀକ୍ଷିତ୍, ମାନସ ସ୍ୱାଇଁ, ଅନନ୍ତ ପ୍ରଧାନ, ପ୍ରତାପ କୁମାର ସେନାପତି, ସୁବାସ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଭଲ ବିଦ୍ୟାର୍ଥୀ ସମାଜର ଦିଗ ପରିବର୍ତ୍ତନରେ ସହାୟକ ହେବେ

**ବିଦ୍ୟାଳୟ ଗୌରବ ବୃଦ୍ଧି ପାଇଁ ପରାମର୍ଶ ଦେଲେ 'ଜେଜେମା, ଜେଜେବାପା**

ସାକ୍ଷୀଗୋପାଳ,୨୦।୧୨(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ଭଲ ବିଦ୍ୟାର୍ଥୀମାନେ ସମାଜର ଦିଗ ପରିବର୍ତ୍ତନ କରିବାରେ ବିଶେଷ ସହାୟକ ହେବେ। ପାଠରେ ସର୍ବୋଚ୍ଚ ନମ୍ବର ରଖି ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରୁଥିବା ଛାତ୍ର ଜଣେ ଭଲ ବିଦ୍ୟାର୍ଥ ହୋଇପାରିବ, ତାହା ଯଥାର୍ଥ ନୁହେଁ। ସଂସ୍କାରିତ, ଆଧ୍ୟାତ୍ମିକ ଓ ବୌଦ୍ଧିକ ଜ୍ଞାନ ଆହରଣ ସହ ବିଦ୍ୟାକ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଛାତ୍ର ହିଁ ଜଣେ ଭଲ ବିଦ୍ୟାର୍ଥୀ ହୋଇପାରିବ। ଶନିବାର ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ବାସୁକେରା ସାକ୍ଷୀଗୋପାଳ ପରିସରରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷାଧିକାରୀ ତଥା ଉକ୍ତ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜୟନ୍ତ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ମତ ରଖିଥିଲେ।




କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ ।

କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଦ୍ୱତ୍ ପରିଷଦ ପ୍ରମୁଖ ତଥା ଶିକ୍ଷାବିତ୍ ପ୍ରଣବ କୁମାର ମିଶ୍ର, ଅନ୍ୟତମ ଅତିଥି ଭାବେ ବୁଦ୍ଧିଜୀବୀ ସୁବାସ ମିଶ୍ର, ଶିକ୍ଷାବିତ୍ ଶରତ ଚନ୍ଦ୍ର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ଦେବ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଦୀର୍ଘ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ଏହି ପୁରାତନ ଶିକ୍ଷାନୁଷ୍ଠାନ ଚଳିତବର୍ଷ ଦଶମ ଶ୍ରେଣୀ ନିମନ୍ତେ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଦ୍ୱାରା ସ୍ୱୀକୃତି ପାଇବା ସହ ଭଲ ବିଦ୍ୟାର୍ଥୀ ସୃଷ୍ଟି କରିବାରେ ସତ୍ୟବାଦୀ ପ୍ରମୁଖ ଅଂଶଗ୍ରହଣ କରିଛି ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଉତ୍ସବରେ ୨୦୨୪-୨୫ ଶିକ୍ଷାବର୍ଷରେ ଏହି ଅନୁଷ୍ଠାନରୁ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷାରେ ସଫଳତା ପାଇଥିବା ଅଙ୍କିତା ପ୍ରିୟଦର୍ଶିନୀ ପାତ୍ର, ଶୁଭଶ୍ରୀ ବିଶ୍ୱାଳ, ଭାରତୀକୃଷ୍ଣ ସାହୁ, ପ୍ରିୟାଂଶୁ ପ୍ରଧାନ, ଅଭିପ୍ସା ପ୍ରଧାନ, ଚିନ୍ମୟ କୁମାର ମହାରଣା, ହିମାଂଶୁ ଶେଖର ଦାଶ, ସାଇ ଶୁଭମ୍ ମିଶ୍ର ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ଉପସ୍ଥିତ ଅତିଥିମାନେ ମାନପତ୍ର ଦେଇ ଉତ୍ସାହିତ କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ବିଦ୍ୟାର୍ଜନ କରୁଥିବା ଛାତ୍ରୀଛାତ୍ରଙ୍କ ଜେଜେମା, ଜେଜେବାପା ସମ୍ମିଳନୀ ମାଧ୍ୟମରେ ଅନ୍ୟୁନ ଶତାଧିକ ଜେଜେମା, ଜେଜେବାପା ଯୋଗଦେଇ ବିଦ୍ୟାଳୟର ଗୌରବ ବୃଦ୍ଧି ନିମନ୍ତେ ସେମାନଙ୍କ ମୂଲ୍ୟବାନ୍ ପରାମର୍ଶ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଦେବ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

## ୭୨ ସଂକୀର୍ତ୍ତନ ମଣ୍ଡଳୀର ସର୍ବାଧିକାରୀଙ୍କୁ ଶାନ୍ତି କମିଟିର ଶୁଭେଚ୍ଛା

କଟକ,(ଶିଳ୍ପା ପ୍ରିୟଦର୍ଶିନୀ): କଟକସହରର ବହୁପୁରାତନ ଧାର୍ମିକ ସଙ୍ଗଠନ ୭୨ ସଂକୀର୍ତ୍ତନ ମଣ୍ଡଳୀର ସର୍ବାଧିକାରୀ ଭାବେ ଦେବେନ୍ଦ୍ରନାଥ ସାହୁ ସର୍ବସମ୍ମତକ୍ରମେ ମନୋନୀତ ହୋଇଥିବାବେଳେ କଟକ ମହାନଗର ଶାନ୍ତି କମିଟି ପକ୍ଷରୁ ସାଧାରଣ ସମ୍ପାଦକ ଭିକାରୀ ଦାସଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଛନ୍ତି। ସ୍ୱର୍ଗତ ସମୀର ଦେ'ଙ୍କ ଦେହାନ୍ତ ପରେ ଉକ୍ତ ପଦବୀ ଅନେକ ଦିନ ଧରି ପୂରଣ ହୋଇ ନ ଥିଲା। ତେବେ ଦେବେନ୍ଦ୍ର ସାହୁ ୧୭୬ ମଣ୍ଡପକୁ ନେଇ ଗଠିତ କଟକ ମହାନଗର ଶାନ୍ତି କମିଟି ସଭାପତି ଭାବେ ଦୀର୍ଘ ୧୫ ବର୍ଷ ଧରି ଦକ୍ଷତାର ସହ ନିଜର ଦାୟିତ୍ୱ ସମ୍ପାଦନ କରି ଆସୁଥିଲେ। ସେ ଜଣେ ଦକ୍ଷ ସଙ୍ଗଠକ, ତାଙ୍କ ଦକ୍ଷତା ଫଳରେ ସଙ୍ଗଠନକୁ ଆହୁରି ସୁଦୃଢ଼ ଓ ସଙ୍ଗଠିତ କରି ଗଢ଼ିତୋଳିବେ ବୋଲି କମିଟି ସାଧାରଣ ସମ୍ପାଦକ ଭିକାରୀ ଦାସ ଆଶାବ୍ୟକ୍ତ କରିଛନ୍ତି।

# ଚଳିତବର୍ଷ ୨୦୦ ମାମଲା ରୁଜୁ, ୨୯୯ ଗିରଫ

କଟକ,୨୦।୧୨(କାର୍ତ୍ତିକ ସାହୁ)

### ରେଲୱେ ପୋଲିସ ଜବତ କରିଛି ୩୩୫୨ କେଜି ଗଞ୍ଜେଇ

ରେଳପଥ ମାଧ୍ୟମରେ ବେଆଇନ ନିଶାଦ୍ରବ୍ୟ ଚୋରାଚାଲାଣକାରୀଙ୍କ ବିରୋଧରେ ସରକାରୀ ରେଲୱେ ଥାନା ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଚଳିତ ବର୍ଷ ରେଲୱେ ପୋଲିସ ୩୩୫୨ କେଜିରୁ ଅଧିକ ଗଞ୍ଜେଇ ଜବତ କରିଛି। ଏନ୍‌ଡିପିଏସ ମାମଲା ନିୟମ ଅନୁଯାୟୀ ଅଦ୍ୟାବଧି ମୋଟ ୨୦୦ଟି ମାମଲା ରୁଜୁ ହୋଇଥିବା ବେଳେ ୨୯୯ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

ସୂଚନାନୁସାରେ, ଚଳିତବର୍ଷ କଟକ ରେଲୱେ ପୋଲିସ ୮୭ ଟି ମାମଲା ରୁଜୁ କରି ୧୪୮୯ କେଜିରୁ ଅଧିକ ଗଞ୍ଜେଇ ଜବତ ସହ ୧୧୬ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେହିପରି ରାଉରକେଲା ରେଲୱେ ପୋଲିସ ୧୧୩ଟି ମାମଲା ରୁଜୁ କରି ୧୮୬୩ କେଜିରୁ ଅଧିକ ଗଞ୍ଜେଇ ଜବତ କରିଛି। ଏଥିସହ ଚୋରାଚାଲାଣରେ ସମ୍ପୃକ୍ତ ୧୮୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେହିପରି ୨.୬୧ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି। ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତ ଝାଡ଼ଖଣ୍ଡ, ବିହାର, ଉତ୍ତର ପ୍ରଦେଶ, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, କେରଳ, ମହାରାଷ୍ଟ୍ର ଏବଂ ଗୁଜରାଟର ବୋଲି ତଦନ୍ତ ସମୟରେ ପୋଲିସ ଜାଣିବାକୁ ପାଇଛି। ସମସ୍ତ ମାମଲାର ତଦନ୍ତ ଜାରି ରହିଛି ଏବଂ ଏହା ପଛରେ ଥିବା ଚୋରାଚାଲାଣ ନେଟୱର୍କକୁ ଭାଙ୍ଗିବା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ରେଳପଥକୁ ମାଦକ ଚୋରାଚାଲାଣରୁ ମୁକ୍ତ ରଖିବା ପାଇଁ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ଓ ସରକାରୀ ରେଲୱେ ପୋଲିସ (ଜିଆର୍‌ପି) ପକ୍ଷରୁ ମିଳିତ ଭାବେ ଯାଞ୍ଚ ଓ ନିରୀକ୍ଷଣ କରାଯାଉଛି। ରାଜ୍ୟର ବହୁ ଗୁରୁତ୍ୱପୂର୍ଣ୍ଣ ରେଳଷ୍ଟେଶନ ଭୁବନେଶ୍ୱର, କଟକ, ସମ୍ବଲପୁର, ପୁରୀ, ରାଉରକେଲା ଆଦିରେ ମିଳିତ ଚଢ଼ାଉ ଅଭିଯାନ କରାଯାଉଛି। ଟ୍ରେନରେ ସନ୍ଦେହଜନକ ଲାଗୁଥିବା ବ୍ୟାଗ/ପାର୍ସଲ ତନ୍ନ ତନ୍ନ ଭାବେ ଯାଞ୍ଚ କରାଯାଇ ଆବଶ୍ୟକ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଉଛି। ବିଭିନ୍ନ ସମୟରେ ସନ୍ଧାନୀ କୁକୁର ଦ୍ୱାରା ଷ୍ଟେଶନ ଓ ଟ୍ରେନ ବଗି ମଧ୍ୟରେ ଯାଞ୍ଚ କରାଯାଉଛି। ସାଧାରଣ ଲୋକମାନଙ୍କୁ ମାଦକ ବିରୋଧୀ ଅଭିଯାନରେ ସହଯୋଗ କରିବା ଓ ସନ୍ଦେହଜନକ ଘଟଣା ସମ୍ପର୍କରେ ତୁରନ୍ତ ପୋଲିସକୁ ଜଣାଇବାକୁ ଅନୁରୋଧ କରାଯାଇଛି। ନିଶାମାଫିଆଙ୍କ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ ଗ୍ରହଣ କରାଯାଉଛି ଏବଂ ଅପରାଧରେ ଜଡ଼ିତ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ସୂଚନା ଦେଇଛନ୍ତି।


ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ବି ଗ୍ରୁପ୍ କଳାକାରଙ୍କ ଦ୍ୱାରା ଶନିବାର ମଞ୍ଚସ୍ଥ ନାଟକ 'ପ୍ରେମ ଉପତ୍ୟକାରେ ଝଡ଼'। (ଫଟୋ: ରାଜକିଶୋର ମହାନ୍ତି)

## ସଂକ୍ଷେପରେ

### ପାନୀୟଜଳ ପ୍ରକଳ୍ପର ଉଦ୍‌ଘାଟନ କଲେ ବିଧାୟିକା ସୋଫିଆ

କଟକ,୨୦।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ଚହଟା ଲେନ୍ ନଂ-୩ସ୍ଥିତ ଗ୍ରାମଦେବୀ ମନ୍ଦିର ନିକଟରେ ସର୍ବସାଧାରଣଙ୍କ ନିମନ୍ତେ ଏକ ଥଣ୍ଡା ଓ ସ୍ୱଚ୍ଛ ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟନ କରାଯାଇଛି। ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ପ୍ରକଳ୍ପ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଗ୍ରୀଷ୍ମ ଦିନରେ ଥଣ୍ଡା ଓ ସ୍ୱଚ୍ଛ ପାନୀୟ ଜଳ ଯୋଗାଇବ ବୋଲି ବିଧାୟିକା କହିଛନ୍ତି। ଏପରି ଜନହିତକର ପଦକ୍ଷେପ ପାଇଁ ସ୍ଥାନୀୟ ଲୋକମାନେ ବିଧାୟିକାଙ୍କୁ ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଗ୍ରାମ ମହାନ୍ତି, ଗଙ୍ଗାଧର ସାମଲ, ଏସ୍.କେ ରଥ, ଅଜୟ ନାୟକ, ପ୍ରଦୀପ ଶତପଥୀ, ପଞ୍ଚାନନ ମିଶ୍ର, ଗିରି ବାବୁ, ନରନ ସାହୁ, ନେତ୍ରମଣି ସାହୁ, ବିକ୍ରମ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

### ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ଫୁଲନଖରା,୨୦।୧୨(ସତ୍ୟରଞ୍ଜନ ଦାସ ମହାପାତ୍ର)

ପ୍ରାଚୀ ଜଳସେଚନ ବିଭାଗ କଟକ ପ୍ରତାପନଗରୀସ୍ଥିତ ଜଳସେଚନ ଉପ ନିର୍ବାହୀ ଯନ୍ତ୍ରୀଙ୍କ ଅଧୀନ ଗୁଆଳୀ ମାଇନରରେ ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ହୋଇଯାଇଛି। ଏହି ଅବସରରେ କେନାଲ ରାସ୍ତାକୁ ନିଆଳୀ ବିଧାୟକ ଇଂ. ଛବି ମଲ୍ଲିକ ଶିଳାନ୍ୟାସ କରିଥିଲେ। ଏହି ରାସ୍ତା କାର୍ଯ୍ୟ ପାଇଁ ୨୦ ଲକ୍ଷ ବ୍ୟୟ ଅଟକଳ ହୋଇଛି। ଶିଳାନ୍ୟାସ ଉତ୍ସବରେ ପ୍ରାଚୀ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ଇଂ. ରଘୁନାଥ ସ୍ୱାଇଁ, ପ୍ରତାପନଗରୀ ଜଳସମ୍ପଦ ବିଭାଗ ଉପନିର୍ବାହୀ ଯନ୍ତ୍ରୀ ଇଂ. ଅଜୟ କୁମାର ବେହେରା, ମହିଧରପଡ଼ା ଜଳସେଚନ କନିଷ୍ଠ ଯନ୍ତ୍ରୀ ଆର୍ଯ୍ୟ ପଡ଼ିଆରୀ, ସହକାରୀ ଯନ୍ତ୍ରୀ ପ୍ରସନ୍ନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ଉଲ୍ଲାରଠାରୁ ରାୟପୁର ରାସ୍ତା ଉନ୍ନତୀକରଣ, ଯାହାର ଅଟକଳ ମୂଲ୍ୟ ୨ କୋଟି ୪୦ ଲକ୍ଷ ଏବଂ କୁରାଙ୍ଗ ପ୍ରଧାନଠାରୁ ଭିଙ୍ଗାରପୁର ରାସ୍ତାର ଉନ୍ନତୀକରଣ ପାଇଁ ଅଟକଳ ମୂଲ୍ୟ ୪ କୋଟି ୫ ଲକ୍ଷ ଟଙ୍କାର ଶିଳାନ୍ୟାସ ହୋଇଛି। ସୂଚନାଯୋଗ୍ୟ ଯେ, ଏହି ୩ଟି ରାସ୍ତାର ନିର୍ମାଣ ଓ ଉନ୍ନତୀକରଣ ନିମନ୍ତେ ଦୀର୍ଘଦିନରୁ ଦାବି ହୋଇଆସୁଥିଲା। ଅନ୍ୟମାନଙ୍କ ମଧ୍ୟରେ ଧୀରେନ୍ଦ୍ର ବାରିକ, ଏମ୍‌ପି ପ୍ରତିନିଧି ଦିଲ୍ଲୀପ କୁମାର ପାତ୍ର, ବିଜୟ କୁମାର ପ୍ରଧାନ, ଜୟନ୍ତ କୁମାର ଜେନା, ରାଜ କିଶୋର ସ୍ୱାଇଁ, ସୁରେନ୍ଦ୍ର ଛୋଟରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଚେତନତା କାର୍ଯ୍ୟକ୍ରମ

ଖୁଣ୍ଟୁଣୀ,୨୦।୧୨(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ରାଧାନାଥ ରଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ପକ୍ଷରୁ ଶିକ୍ଷାନୁଷ୍ଠାନରେ ଛାତ୍ରୀ ଓ ମହିଳା କର୍ମଚାରୀମାନଙ୍କ ଉପରେ କେତେକ ଶିକ୍ଷାନୁଷ୍ଠାନ ଭିତରେ ହେଉଥିବା ଯୌନ ଉତ୍ପୀଡ଼ନ ଯୋଗୁ ଶିକ୍ଷାନୁଷ୍ଠାନଗୁଡ଼ିକର ମର୍ଯ୍ୟାଦା କ୍ଷୁଣ୍ଣ ହେଉଛି। ଏଥିପାଇଁ ବିଶେଷ ଭାବେ ସଚେତନତାର ଜରୁରୀ ଆଶ୍ୟକତାକୁ ଦୃଷ୍ଟିରେ ରଖି ଏକ ସଚେତନତା କର୍ମଶାଳା କଲେଜ ଅଧ୍ୟକ୍ଷ ରବିନାରାୟଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀ ଓ ମହିଳା କର୍ମଚାରୀମାନେ ତୁରନ୍ତ ନିର୍ଭୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସାହାଯ୍ୟ ନେବାକୁ ଅଧ୍ୟକ୍ଷ ଦାସ ପରାମର୍ଶ ଦେଇଥିଲେ। କମିଟି ସଭାପତି ଅଧ୍ୟାପିକା ଡ. ଶାଶତା ସାହୁ ଦେଶର ପ୍ରଗତିରେ ମହିଳାମାନଙ୍କ ଥିବା ଭୂମିକା ଓ ସେମାନଙ୍କ ନିରାପତ୍ତା ଉପରେ ଆଲୋକପାତ କରି ଆଇସିସିର ନିୟମାବଳୀକୁ ସରଳ ଭାବରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ କମିଟି ସଦସ୍ୟ ବିପିନ ବିହାରୀ ପ୍ରଧାନ, ନୃସିଂହ ଚରଣ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀ ଓ ମହିଳା କର୍ମଚାରୀମାନେ ସଂଯମତା ଓ ଶୃଙ୍ଖଳିତ ଜୀବନ ନିର୍ବାହ କଲେ ଯୌନ ନିର୍ଯାତନା ହ୍ରାସ ପାଇବ ବୋଲି କହିଥିଲେ। ଆଇସିସି କମିଟି ସଦସ୍ୟ ଅଧ୍ୟାପକ ଚିତ୍ତ ରଞ୍ଜନ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପିକା ରାଜଲକ୍ଷ୍ମୀ ପଣ୍ଡା ଧନ୍ୟବାଦ ଦେଇଥିଲେ। କମିଟି ସମସ୍ତ ସଦସ୍ୟାସଦସ୍ୟ, ଶିକ୍ଷାନୁଷ୍ଠାନ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ କର୍ମଶାଳାରେ ଉପସ୍ଥିତ ଥିଲେ।

# 'ଆୟୁର୍ବେଦର ଉନ୍ନତି ପାଇଁ ଚିକିତ୍ସକମାନେ ଚିନ୍ତା କରିବା ଆବଶ୍ୟକ'


ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଆୟୁର୍ବେଦିକ ମହୋତ୍ସବରେ ଯୋଗଦେଇଥିବା ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ।

କଟକ,୨୦।୧୨(କାର୍ତ୍ତିକ ସାହୁ)

### ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଆୟୁର୍ ଫେଷ୍ଟ

ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଶ୍ରୀ ଶ୍ରୀ କଲେଜ ଅଫ୍ ଆୟୁର୍ବେଦିକ ସାଇନ୍ସ ଏଣ୍ଡ ରିସର୍ଚ୍ଚ ହସ୍ପିଟାଲ ପକ୍ଷରୁ ରାଜ୍ୟସ୍ତରୀୟ ଆୟୁର୍ବେଦ ମହୋତ୍ସବ କଳିଙ୍ଗ ଆୟୁର୍ବେଦ ବୈଦ୍ୟ ସମାଗମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟ ଏକାଡେମିକ ଓ ରିସର୍ଚ୍ଚ ଡିନ ପ୍ରଫେସର ଡ. କେଶରୀ ସିଂହ ଯୋଗଦେଇଥିଲେ। ବେଙ୍ଗାଲୁରୁସ୍ଥିତ ଶ୍ରୀ ଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟରୁ ଆସିଥିବା ପ୍ରଫେସର ଡ. ପ୍ରବୀଣ କୁମାର ହୋସକୋଟେ ମାନବ ଶରୀର ବ୍ୟବଚ୍ଛେଦର ଲାଇଭ ଡେମୋ ପ୍ରଦର୍ଶନ କରିଥିଲେ। ଏହାଦ୍ୱାରା ଆୟୁର୍ବେଦ ବିଦ୍ୟାର୍ଥୀମାନେ ମାନବ ଶରୀର ସଂରଚନା ସମ୍ପର୍କରେ ସିଧାସଳଖ ଜାଣିବାରେ ସକ୍ଷମ ହୋଇଥିଲେ। ଦ୍ୱିତୀୟ ଦିବସ ସାଇଣ୍ଟିଫିକ ସେସନରେ ସମ୍ମାନିତ ଅତିଥି ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ କହିଲେ, ଆଗାମୀ ଦିନରେ ଆୟୁର୍ବେଦର ଉନ୍ନତି ପାଇଁ ଚିକିତ୍ସକ ଏବଂ ବିଦ୍ୟାର୍ଥୀମାନେ ଚିନ୍ତା କରିବା ଆବଶ୍ୟକ। ମହାବିଦ୍ୟାଳୟର ଡିନ ପ୍ରଫେସର ଡ. ପ୍ରଦୀପ କୁମାର ପଣ୍ଡା କଳିଙ୍ଗ ଆୟୁର୍ବେଦ ବୈଦ୍ୟ ସମାଗମ ବିଷୟରେ ସୂଚନା ଦେଇଥିଲେ। ଡେପୁଟି ଡିନ ପ୍ରଫେସର ଡ. ଦୁର୍ଗାପ୍ରସାଦ ଦାଶ ଆୟୁର୍ବେଦର ଉନ୍ନତି ପାଇଁ ଦୃଢ଼ ନେତୃତ୍ୱର ଆବଶ୍ୟକତା ଅଛି ବୋଲି କହିଥିଲେ। ମୁଖ୍ୟବକ୍ତା ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ରଫେସର ପରମେଶ୍ୱରପ୍ପା ବ୍ୟାଦଗି ବିଭିନ୍ନ ରୋଗର କାରଣ ଏବଂ ନିରାକରଣ ସହ ଆୟୁର୍ବେଦରେ ବର୍ଣ୍ଣିତ ଆଚାର ରସାୟନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଡେପୁଟି ଡିନ ପ୍ରଫେସର ନଗେନ୍ଦ୍ର ପ୍ରସାଦ ସ୍ୱାଗତ ଭାଷଣ ଓ ପ୍ରଫେସର ଡ. କ୍ଷୀରାବ୍ଧି ତନୟା ରାଉତରାୟ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମୁଖପତ୍ର 'ଅନୁକୃତି' ଉନ୍ମୋଚିତ ହୋଇଥିଲା। ଶୁକ୍ରବାର ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ କୁଳପତି ପ୍ରଫେସର ଡ. ତେଜପ୍ରତାପ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର ବିଜୟୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରଫେସର ଡ. ରବିନାରାୟଣ ତ୍ରିପାଠୀ ଶଲ୍ୟ ଚିକିତ୍ସାର ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ଡାକ୍ତର ଚନ୍ଦ୍ରକାନ୍ତ ଦେଶମୁଖ ବିଦ୍ଧ ଏବଂ ଅଗ୍ନି କର୍ମ ଚିକିତ୍ସାର ଉପଯୋଗିତା ସହ ଚିକିତ୍ସାର ଲାଇଭ ଡେମୋ ପ୍ରଦର୍ଶନ କରିଥିଲେ। ସନ୍ଧ୍ୟାରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରଫେସର ଡ. ରମାକାନ୍ତ ରାଉତ, ପ୍ରଫେସର ଡ. ଅଭୟ କୁମାର ମିଶ୍ର, ପ୍ରଫେସର ଡ. ପଦ୍ମଲୋଚନ ଶଙ୍ଖୁଆ, ପ୍ରଫେସର ଡ. ଲକ୍ଷ୍ମୀ ଦେବୀ, ଡକ୍ଟର ନିଖିଲ କୌଶିକ, ଡ. ଅମରେଶ କର, ପ୍ରଫେସର ଡ. ପ୍ରଭାକର ସାମଲ ପ୍ରମୁଖ ସହଯୋଗ କରିଥିଲେ। ତନିସ ମହାପାତ୍ର, ଶିଳାଦିତ୍ୟ ବେହେରା, ଅଦ୍ୱୈତ ସାୱାଲ, ମିର୍ଜା ସାଦିଆ, ବୈଭବ ମିଶ୍ର ଏବଂ ଇତିଶ୍ରୀ ପଲେଇ ପ୍ରମୁଖ ବିଦ୍ୟାର୍ଥୀ ସ୍ୱେଚ୍ଛାସେବୀ ଦାୟିତ୍ୱ ତୁଲାଇଥିଲେ।

# ୨୦୦ରୁ ଊର୍ଦ୍ଧ୍ୱ ରୋଗୀ, ୭୦ଜଣଙ୍କ ଚକ୍ଷୁ ପରୀକ୍ଷା

ଚୌଦ୍ୱାର,୨୦।୧୨(ଆଶୁତୋଷ ଦାସ)

ଚୌଦ୍ୱାର ଅଞ୍ଚଳର କାର୍ଯ୍ୟରତ ଓ ଅବସରପ୍ରାପ୍ତ ପୋଲିସ କର୍ମଚାରୀମାନଙ୍କ ଦ୍ୱାରା ପ୍ରତିଷ୍ଠିତ ସେବା ଅନୁଷ୍ଠାନ ଆନନ୍ଦମୟ ସଙ୍ଗଠନ ଓ କଟକ ମିଲେନିୟମ ରୋଟାରୀ କ୍ଲବ୍‌ର ମିଳିତ ଆନୁକୂଲ୍ୟରେ ଆଗ୍ରାହାଟରେ ଦାତବ୍ୟ ସ୍ୱାସ୍ଥ୍ୟସେବା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ଆଗ୍ରାହାଟ କାଳୀ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ କାର୍ଯ୍ୟକ୍ରମକୁ ଚୌଦ୍ୱାର ଆଇଆଇସି ଦୀପକ ଖଣ୍ଡାୟତରାୟ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ଚକ୍ଷୁ, ଛାତି, ଦନ୍ତ, ମଧୁମେହ, ରକ୍ତଚାପ ଆଦି ବିଭାଗର ବିଶେଷଜ୍ଞମାନେ ଯୋଗଦେଇ ଅଞ୍ଚଳର ୨୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବିତରଣ କରିଥିଲେ। ସଙ୍ଗଠନ ସଭାପତି ଶୈଳେନ୍ଦ୍ର ମୁଖୀ, ଅଜୟ କୁମାର ମହାପାତ୍ର, ମହେଶ୍ୱର ପଣ୍ଡା, ଅଶ୍ୱିନୀ ଗଡ଼ନାୟକ, ଅନ୍ତର୍ଯ୍ୟାମୀ ନାଥ, ରବୀନ୍ଦ୍ର ବାରିକ, ସାମାଜିକ କର୍ମୀ ସହଦେବ ବରାଳ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଅନୁରୂପ ଭାବେ ପୌରପାଳିକାର ୬ ନଂ. ୱାର୍ଡ଼ ନୁନକିରି ଗ୍ରାମରେ ଦାତବ୍ୟ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିବେକାନନ୍ଦ ପାଠାଗାର ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବରିଷ୍ଠ ନାଗରିକ ରାମଚନ୍ଦ୍ର ନାୟକ ଉଦ୍‌ଘଟନ କରିଥିଲେ। ଏଥିରେ ୭୦ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଡାକ୍ତରୀ ପରାମର୍ଶ ଓ ଔଷଧ ବଣ୍ଟନ କରାଯାଇଥିଲା। ପାଠାଗାର ପରାମର୍ଶଦାତା ସୁରେଶ କୁମାର ରାଉତରାୟ, ସଭାପତି ସଂଜୟ ନାୟକ, ଅମିୟ ଭୂଷଣ ବରାଳ, ପଦ୍ମନାଭ ବରାଳ, ପବିତ୍ର କୁମାର ମହାନ୍ତି, ଅଶୋକ ରାଉତରାୟ, ମନୋରଞ୍ଜନ ନାୟକ, ସମୀର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଓମ୍‌ଫେଡ କାଉଣ୍ଟର, କୃଷକ କୋଠରି ଉଦ୍‌ଘାଟିତ

ଫୁଲନଖରା,୨୦।୧୨(ସତ୍ୟରଞ୍ଜନ ଦାସମହାପାତ୍ର)

ବାରଙ୍ଗ ବ୍ଲକ ଅନ୍ତର୍ଗତ କୁରାଙ୍ଗ ପ୍ରଧାନ ଗ୍ରାମପଞ୍ଚାୟତସ୍ଥିତ ବ୍ରାହ୍ମଣଝରିଲୋଠାରେ ଥିବା ଶ୍ରୀ ଜଗନ୍ନାଥ କୃଷକ ସେବା ସମବାୟ ସମିତିଠାରେ ଶନିବାର ଓମ୍‌ଫେଡ କାଉଣ୍ଟର ଓ କୃଷକ କୋଠରି ଉଦ୍‌ଘାଟିତ ହୋଇଯାଇଛି। ନିଆଳି ବିଧାୟକ ଇଂ. ଛବି ମଲ୍ଲିକ ଓ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଓମଫେଡ କାଉଣ୍ଟର, କୃଷକ ବୈଠକ ଗୃହ, ଥଣ୍ଡା ପାନୀୟ କେନ୍ଦ୍ର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ରେଜିଷ୍ଟ୍ରାର ଶରତ ଚନ୍ଦ୍ର ମଲ୍ଲିକ, ସମିତି ସଭାପତି ଗୋଲେଖ ଚନ୍ଦ୍ର ପାତ୍ର, ସମିତି ସମ୍ପାଦକ ପ୍ରଣୟ କୁମାର ଦାଶ, ସହସମ୍ପାଦକ ରାଧାକାନ୍ତ ପାତ୍ର, କୋଷାଧ୍ୟକ୍ଷ ପ୍ରୀତି କାଜଲ ମହାନ୍ତି, ସମିତି ନିର୍ଦ୍ଦେଶକ ବାବାଜୀ ମହାନ୍ତି, ରାକେଶ ଜେନା, ବିଜୟ ଜେନା, ବିଶ୍ୱରଂଜନ ସାହୁ ଓ ଉପସଭାପତି ସ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସମିତି ମହିଳା ସଦସ୍ୟା ଶୁଭାସିନୀ ଦାସଙ୍କୁ କୁକୁଡ଼ା ଚାଷ କରି ସ୍ୱାବଲମ୍ବୀ ହେବା ନିମନ୍ତେ ସମିତି ପକ୍ଷରୁ ୨୦ ଲକ୍ଷ ଟଙ୍କାର ଚେକ ପ୍ରଦାନ କରାଯାଇଛି।

# ସିଦ୍ଧଗିରି ନୋଡାଲ ବିଦ୍ୟାପୀଠର ବାର୍ଷିକ କ୍ରୀଡ଼ା ଉତ୍ସବ


ବାର୍ଷିକ କ୍ରୀଡ଼ା ଉତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ମଙ୍ଗୁଳି-ଜଗତପୁର,୨୦।୧୨(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଗୋବିନ୍ଦପୁରସ୍ଥିତ ସିଦ୍ଧଗିରି ନୋଡାଲ ବିଦ୍ୟାପୀଠର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ବେହେରାଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଟେଟ୍ରାହେଡ୍ରନ ଶିକ୍ଷାୟତନ ସମୂହର ପ୍ରତିଷ୍ଠାତା ତ୍ରିଦେବ ବେହେରା ଯୋଗଦେଇ ବିଦ୍ୟାଳୟରୁ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇ ଟେଟ୍ରାହେଡ୍ରନକୁ ଗୌରବମଣ୍ଡିତ କରି ଆଜି ଡାକ୍ତର, ଶିକ୍ଷକ ଆଦି ପଦବୀରେ ଅଧିଷ୍ଠିତ ହୋଇଥିବା ଛାତ୍ରୀଛାତ୍ରଙ୍କ ସମ୍ପର୍କରେ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ତଥା ପୁରାତନ ଛାତ୍ର ତଥା କେନ୍ଦ୍ରାପଡା ଏମ୍‌ପିଙ୍କ ପୂର୍ବତନ ପ୍ରତିନିଧି ପ୍ରଫୁଲ୍ଲ କୁମାର ସ୍ୱାଇଁ ଯୋଗଦେଇ ବିଦ୍ୟାଳୟରେ ନିଜର ଛାତ୍ରାବସ୍ଥାର ସ୍ମୃତିଚାରଣ କରିଥିଲେ। ବିଦ୍ୟାଳୟରେ ଏକ ସମ୍ମିଳନୀ କକ୍ଷ ନିର୍ମାଣ ପାଇଁ ସଭାର ଅନୁରୋଧକୁ ସମ୍ମାନ ଜଣାଇ ସେଥିପାଇଁ ନିଶ୍ଚିତ ପ୍ରୟାସ ଜାରି ରଖିବେ ବୋଲି ସ୍ୱାଇଁ କହିଥିଲେ। ମୁଖ୍ୟବକ୍ତା ସ୍ଥାନୀୟ ସରପଞ୍ଚ ସୁଜାତା ହାତୀ ଶିକ୍ଷାର୍ଥୀ-ଶିକ୍ଷକ-ଅଭିଭାବକଙ୍କ ମଧ୍ୟରେ ନିରନ୍ତର ସମ୍ପର୍କର ଆବଶ୍ୟକତା ଉପରେ ମତ ରଖିଥିଲେ। ସମ୍ମାନିତ ଅତିଥି କ୍ଷେତ୍ରବାସୀ ତ୍ରିପାଠୀ ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସ ତଥା ସ୍ପଷ୍ଟବାଦିତାକୁ ଶିକ୍ଷାର ମୂଳ ମନ୍ତ୍ର ରୂପେ ଅଭିହିତ କରିଥିଲେ। ଅତିଥିବୃନ୍ଦ ବିଭିନ୍ନ ବିଭାଗରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଧୁସୂଦନ ପାଲ ଧନ୍ୟବାଦ ଦେଇଥିଲେ।

## ଜନସ୍ୱାସ୍ଥ୍ୟ ବିଭାଗ ଠିକା କର୍ମଚାରୀଙ୍କ ଧାରଣା

ଚୌଦ୍ୱାର,୨୦।୧୨(ଆଶୁତୋଷ ଦାସ)

ଚୌଦ୍ୱାର ଜନସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ ଠିକା କର୍ମଚାରୀମାନେ ସର୍ବନିମ୍ନ ମଜୁରି ଦାବିରେ ବିଭାଗର ଚଷାପଡ଼ାସ୍ଥିତ ଜଳ ଉତ୍ତୋଳନ କେନ୍ଦ୍ର ସମ୍ମୁଖରେ ଶନିବାର ଧାରଣା ଆରମ୍ଭ କରିଥିଲେ। ଧାରଣାକାରୀଙ୍କ ଅଭିଯୋଗ ଅନୁଯାୟୀ, ଅଞ୍ଚଳର ଠିକା କର୍ମଚାରୀମାନେ ଗତ ୮ବର୍ଷ ଧରି କାର୍ଯ୍ୟ କରିଆସୁଥିବାବେଳେ ସେମାନଙ୍କୁ ସର୍ବନିମ୍ନ ମଜୁରିରୁ କମ ବେତନ ପ୍ରଦାନ କରାଯାଉଛି। ଏଥିସହିତ ସେମାନଙ୍କୁ ଇଏସ୍‌ଆଇ ଓ ପିଏଫ୍ ଯୋଜନାରେ ମଧ୍ୟ ସାମିଲ କରାଯାଇନାହିଁ। ସେମାନଙ୍କ ନ୍ୟାଯ୍ୟ ଦାବି ପୂରଣ ହେଉ ନ ଥିବାରୁ ବାଧ୍ୟହୋଇ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇଥିବା ଧାରଣାକାରୀମାନେ କହିଥିଲେ। ଦୀର୍ଘ ସମୟ ପରେ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଘଟଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କୁ ବୁଝାଶୁଝା କରିବା ସହିତ ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ଦେବାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ପ୍ରିମିୟର ଲିଗ୍ କ୍ରିକେଟ: ଚାରିଘରିଆ ଚାମ୍ପିୟନ

ଚୌଦ୍ୱାର,୨୦।୧୨(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ୧୭ନଂ ୱାର୍ଡ ନୂଆସାହି ଖେଳପଡିଆରେ ଚାଲିଥିବା ନୂଆସାହି ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟରେ କଟକ, ଭୁବନେଶ୍ୱର ଓ ଚୌଦ୍ୱାର ଅଞ୍ଚଳର ୧୬ଟି ଟିମ୍ ଯୋଗଦେଇଥିଲା। ଫାଇନାଲ ମ୍ୟାଚ୍ ବିଲତେରୁଆଁର ଏମ୍‌ବିସିସି କ୍ରିକେଟ ଟିମ୍ ଓ ଚୌଦ୍ୱାର ଚାରିଘରିଆ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏମବିସିସି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୪ ଓଭରରେ ୪୭ ରନ କରିଥିଲା। ଜବାବରେ ଚାରିଘରିଆ ୩ ଓଭର ଓ ୪ଟି ବଲରେ ୪୮ରନ କରି ଚାମ୍ପିୟନ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ପୌର ପରିଷଦ ମହାସଂଘର ସାଙ୍ଗଠନିକ ସମ୍ପାଦକ ତଥା ସଂଯୋଜକ ଏବଂ ପୌରା ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ପଟ୍ଟାମୁଣ୍ଡାଇ ପୌରାଧ୍ୟକ୍ଷ ହେମନ୍ତ କୁମାର ସାହୁ, କାଉନସିଲର ଆଶୁତୋଷ ଦାସ, ଯୁବନେତା ବିଷ୍ଣୁ ଚରଣ ପରିଡା, ସୁବାସ ବାରିକ, ଅଜୟ ଶର୍ମା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ରଜତ ପଣ୍ଡା, ଦୁଃଶାସନ ସାହୁ, ଜ୍ଞାନେନ୍ଦ୍ର ବଳ ଖେଳ ପରିଚାଳନା କରିଥିଲେ। ଡାନିଏଲ ପାଢ଼ୀ, ସୁଜିତ୍ କୁମାର ବେହେରା, ସୁଧାନନ୍ଦ ପଣ୍ଡା, ଅମୂଲ୍ୟ ବେହେରା, ଦ୍ୱିତୀ ରଞ୍ଜନ ବେହେରା, ଦୀପ୍ତି ରଞ୍ଜନ ସାମଲ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।


ଚାମ୍ପିୟନ ଚାରିଘରିଆ ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

# 'କ୍ରୀଡ଼ାକୁ ଜୀବନର ଅଂଶବିଶେଷ କରିବା'

କଟକ,୨୦।୧୨(କାର୍ତ୍ତିକ ସାହୁ)

**ସାଂସଦ ଖେଳ ମହୋତ୍ସବ**

ଜିଲା ପ୍ରଶାସନ ପକ୍ଷରୁ ଚାଲିଥିବା ସାଂସଦ ଖେଳ ମହୋତ୍ସବର ଉଦ୍‌ଯାପନୀ ପର୍ଯ୍ୟାୟ ଶନିବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ସତ୍ୟବ୍ରତ ଷ୍ଟାଡିୟମ, ବାରବାଟୀ ଷ୍ଟାଡିୟମ ଓ ନିମପୁର ସ୍ପୋର୍ଟ୍ସ ଗ୍ରାଉଣ୍ଡଠାରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ସତ୍ୟବ୍ରତ ଷ୍ଟାଡିୟମଠାରେ ଫୁଟବଲ ମ୍ୟାଚ୍‌ର ଶୁଭାରମ୍ଭ କରି ଛାତ୍ରୀଛାତ୍ର ତଥା ସାଧାରଣ ଲୋକେ କ୍ରୀଡ଼ାକୁ ନିଜ ଜୀବନର ଅଂଶବିଶେଷ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଅତିରିକ୍ତ ଜିଲାପାଳ ଡ. ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର, ଜିଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ଏବଂ ଜିଲା କ୍ରୀଡ଼ା ଅଧିକାରୀ ଅଜୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିଥିଲେ। ସତ୍ୟବ୍ରତ ଷ୍ଟାଡିୟମଠାରେ ୧୭ ବର୍ଷରୁ କମ ବାଳକ ଫୁଟବଲ ମ୍ୟାଚ୍‌ରେ ବାରବାଟୀ କଟକ ଓ ଖଣ୍ଡପଡ଼ା ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଥିସହ ୧୭ ବର୍ଷରୁ କମ ବାଳିକା ବର୍ଗର ଫାଇନାଲ ମ୍ୟାଚରେ ବାରବାଟୀ କଟକ ବାଙ୍କୀକୁ ୩-୦ ଗୋଲରେ ହରାଇ ଚାମ୍ପିୟନ ହୋଇଛି। ସେହିପରି ୧୭ ବର୍ଷରୁ କମ ଭଲିବଲରେ ବାଙ୍କୀ ଚାମ୍ପିୟନ ଓ ଚୌଦ୍ୱାର-କଟକ ରନର୍‌ଅପ ହୋଇଛି। ୨୫ବର୍ଷରୁ କମ ଭଲିବଲରେ ଖଣ୍ଡପଡ଼ା ଚାମ୍ପିୟନ ଓ କଟକ ସଦର ରନର୍‌ଅପ ହୋଇଛି। ଅନ୍ୟପକ୍ଷରେ ୧୭ ବର୍ଷରୁ କମ ବାଳକ ଖୋ-ଖୋ ବର୍ଗରେ ଆଠଗଡ଼ ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିବାବେଳେ ବଡ଼ମ୍ବା ଓ କଟକ ସଦର ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଖେଳାଯିବ। ତେବେ ୧୭ ବର୍ଷରୁ କମ ବାଳିକା ବର୍ଗରେ ଆଠଗଡ଼ ଓ ବାଙ୍କୀ ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଅନ୍ୟପକ୍ଷରେ ନିମପୁର ଗ୍ରାଉଣ୍ଡରେ ଅନୁଷ୍ଠିତ ୧୭ ବର୍ଷରୁ କମ କ୍ରିକେଟ ମ୍ୟାଚର ଲିଗ ଓ ସେମିଫାଇନାଲ ପର୍ଯ୍ୟାୟ ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟରେ ଅନୁଷ୍ଠିତ ଏହି ମ୍ୟାଚରେ ବଡ଼ମ୍ବା ଓ ଆଠଗଡ଼ ଦଳ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଆସନ୍ତା ୨୫ ତାରିଖରେ ଫାଇନାଲ ମ୍ୟାଚ ଖେଳାଯିବ। ତେବେ ୨୩ରେ ୧୭ବର୍ଷରୁ ୨୫ବର୍ଷ ଓ ୨୫ ବର୍ଷରୁ ଊର୍ଦ୍ଧ୍ୱ ଟିମ ଖେଳିବେ। ସେହିପରି ବାରବାଟୀ କବାଡି କମ୍ପ୍ଲେକ୍ସରେ ଅନୁଷ୍ଠିତ କବାଡି ପ୍ରତିଯୋଗିତାରେ ୧୭ ବର୍ଷରୁ କମ ବାଳକ ବର୍ଗରେ ନରସିଂହପୁର ଚାମ୍ପିୟନ ଓ ବାଙ୍କୀ ରନର୍‌ଅପ ହୋଇଛି ଓ ୧୭ ବର୍ଷରୁ କମ ବାଳିକା କବାଡି ବର୍ଗରେ ନରସିଂହପୁର ଦଳ ଚାମ୍ପିୟନ ଓ କଟକ ସଦର ରନର୍ ଅପ ହୋଇଛି।


ସାଂସଦ ଖେଳ ମହୋତ୍ସବରେ ବାରବାଟୀ ଷ୍ଟାଡିୟମ କବାଡି କମ୍ପ୍ଲେକ୍ସରେ ମହିଳା ବିଭାଗରେ ଅନୁଷ୍ଠିତ କବାଡ଼ି ପ୍ରତିଯୋଗିତା।

# ବିଦ୍ୟୁତ୍ ଆଘାତରେ ଦର୍ଶନ ସାରି ଫେରିବାବେଳେ ଦୁର୍ଘଟଣା, ୩ ମୃତ

**ପାରଳାଖେମୁଣ୍ଡି,୨୦।୧୨ (ଗିରିଧାରୀ ପରିଚ୍ଛା)**

ଠାକୁରଙ୍କୁ ଦର୍ଶନ କରି ଫେରୁଥିବା ସମୟରେ ଦୁର୍ଘଟଣା ଘଟି ଗୋଟିଏ ପରିବାରର ୩ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ପି. କାନ୍ତାରାଓ, ସ୍ତ୍ରୀ ସନ୍ଧ୍ୟା ଓ ଝିଅ ମହେଶ୍ୱରୀ। ଗଜପତି ଜିଲା ଗୋଷାଣି ବ୍ଲକ ଅନ୍ତର୍ଗତ ଏମ୍ଏନ୍ ପେଟା ଗ୍ରାମରେ ସେମାନଙ୍କ ଘର।

ଖବରରୁ ଜଣାପଡ଼ିଛି, କାନ୍ତାରାଓ ଗତ କିଛି ବର୍ଷ ହେଲା ବିଶାଖାପାଟଣାରେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ସେଠାରୁ ସେ ଶୁକ୍ରବାର ସିଂହାଚଳମ୍ ଭଗବାନଙ୍କୁ ଦର୍ଶନ ପାଇଁ ସ୍ତ୍ରୀ ଓ ଝିଅକୁ ଧରି ବାଇକ୍ ଯୋଗେ ଯାଇଥିଲେ। ଠାକୁରଙ୍କ ଦର୍ଶନ ସାରି ଫେରିବା ବେଳେ ସିଂହାଚଳମ ପାହାଡ଼ ପାଦ ଦେଶରେ ଥିବା ଗୋଶାଳା ଛକ ନିକଟରେ ଏକ ଗାଡ଼ିକୁ ଅତିକ୍ରମ କରିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ। ଫଳରେ ଘଟଣା ସ୍ଥଳରେ କାନ୍ତା ରାଓଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ସ୍ତ୍ରୀ ସନ୍ଧ୍ୟା ଓ ଝିଅ ମହେଶ୍ୱରୀଙ୍କୁ ହସ୍ପିଟାଲ ନେବା ସମୟରେ ରାସ୍ତାରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ସୌଭାଗ୍ୟବଶତଃ ପରିବାର ସହ ପୁଅ ଗୁରୁନାଥ (୧୧) ଯାଇ ନ ଥିଲେ। ଘଟଣାର ତଦନ୍ତ ଆନ୍ଧ୍ର ପ୍ରଦେଶର ପେନ୍ଦୁର୍ତ୍ତି ଥାନା ପୋଲିସ କରୁଥିବା ଜଣାପଡିଛି। ଶନିବାର ୩ ମୃତକଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଖବର ପାଇବା ପରେ ଏମ୍ଏନ୍ ପେଟା ଗ୍ରାମରେ ଶୋକର ଛାୟା ଖେଳିଯାଇଛି।


ପି. କାନ୍ତାରାଓ, ସ୍ତ୍ରୀ ସନ୍ଧ୍ୟା ଓ ଝିଅ ମହେଶ୍ୱରୀ

# ହାତୀଛୁଆ ମୃତ

## ବ୍ୟବଚ୍ଛେଦ ପରେ ପୋତି ଦିଆଗଲା

**ଓଡ଼ାପଡ଼ା,୨୦।୧୨(ରଞ୍ଜିତ୍ ନାୟକ)**



ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ଗଦାଶିଳା ସେକ୍ସନ ଅଧୀନ ମହାଦିଆ ଗ୍ରାମଠାରେ ଶୁକ୍ରବାର ରାତିରେ ବିଦ୍ୟୁତ୍ ଆଘାତରେ ଏକ ହାତୀଛୁଆର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ହାତୀପଲ ଧାନ ଫସଲ ଖାଇବା ଉଦ୍ଦେଶ୍ୟରେ ମଠରଗଡ଼ି ଜଙ୍ଗଲରୁ ବାହାରି ଯିବା ସମୟରେ ମହାଦିଆ ଗ୍ରାମରେ ଫସଲ ରକ୍ଷା ପାଇଁ ଚାଷଜମି ଚାରିପଟେ ଦିଆଯାଇଥିବା ସୋଲାର କରେଣ୍ଟରେ ଲାଗି ଯାଇଥିଲା। ଫଳରେ ଛୁଆହାତୀଟି ମୁକୁଳି ନ ପାରି ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ସୋଲାର ସହ ବିଦ୍ୟୁତ୍ ସଂଯୋଗ ହୋଇଥିବା କିମ୍ବା ହାଇଭୋଲ୍ଟ ପାଇଁ ହାତୀଛୁଆ ମରିଥିବା ସନ୍ଦେହ କରାଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ଜଣାପଡିବ ବୋଲି ବନ ବିଭାଗ କର୍ମଚାରୀ କହିଛନ୍ତି। ତେବେ ମା' ହାତୀଛୁଆଟିକୁ କିଛି ସମୟ ଜଗିରହିବା ପରେ ଗୋଡ଼ରେ ଠେଲିଠେଲି କିଛି ବାଟ ମହାଦିଆ ଆମତୋଟା ଜଙ୍ଗଲ ଆଡ଼କୁ ନେଇ ତୋଟା ଭିତରେ ଛୁଆକୁ ଛାଡି କେଉଁଆଡେ ଛପି ରହିଥିବା ଜଣାପଡିଥିଲା। ଘଟଣାସ୍ଥଳରେ ବନ ବିଭାଗ କର୍ମଚାରୀ ଜଗି ରହି ମା' ହାତୀର ଗତିବିଧି ଉପରେ ନଜର ରଖିଥିଲେ। ଶନିବାର ଅପରାହ୍ନରେ ଢେଙ୍କାନାଳ ଜିଲା ବନଖଣ୍ଡ ଅଧିକାରୀ ସୁମିତ କରଙ୍କ ସହ ଅନ୍ୟାନ୍ୟ ବନ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତ ହାତୀଛୁଆକୁ ବ୍ୟବଚ୍ଛେଦ କରି ସେଠାରେ ପୋତି ଦେଇଥିବା ଜଣାପଡ଼ିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବନ ବିଭାଗ ଅଧିକାରୀଙ୍କ ଠାରୁ ଜଣାପଡ଼ିଛି।

# ଜାନୁଆରୀ ୯ରେ ଆଦର୍ଶ ବିଦ୍ୟାଳୟର ପ୍ରବେଶିକା ପରୀକ୍ଷା

## ଡିସେମ୍ବର ୩୦ରୁ ମିଳିବ ଆଡ୍‌ମିଟ୍ କାର୍ଡ

**କଟକ,୨୦।୧୨(କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟରେ ନାମ ଲେଖା ନିମନ୍ତେ ପ୍ରବେଶିକା ପରୀକ୍ଷା ଆସନ୍ତା ଜାନୁଆରୀ ୯ରେ ଅନୁଷ୍ଠିତ ହେବ। ସମଗ୍ର ରାଜ୍ୟରେ ଦୁଇଟି ସିଟିଂରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ଷଷ୍ଠ ଶ୍ରେଣୀ ନିମନ୍ତେ ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ଯାଏ ଏବଂ ସପ୍ତମ, ଅଷ୍ଟମ, ନବମ ଶ୍ରେଣୀ ନିମନ୍ତେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ପରୀକ୍ଷା ହେବ। ଷଷ୍ଠ ଶ୍ରେଣୀ ପରୀକ୍ଷାର୍ଥୀମାନେ ପୂର୍ଣ୍ଣାଙ୍କ ୬୦ରେ ୬୦ଟି ବହୁ ବିକଳ୍ପ ପ୍ରଶ୍ନର ଉତ୍ତର ଲେଖିବେ। ସେହିପରି ସପ୍ତମ, ଅଷ୍ଟମ, ନବମ ଶ୍ରେଣୀ ପରୀକ୍ଷାର୍ଥୀମାନେ ପୂର୍ଣ୍ଣାଙ୍କ ୧୦୦ରେ ୧୦୦ଟି ବହୁ ବିକଳ୍ପ ପ୍ରଶ୍ନର ଉତ୍ତର ଲେଖିବେ। ଏହି ପରୀକ୍ଷା ନିମନ୍ତେ ଆସନ୍ତା ୩୦ ତାରିଖରୁ ଆଡ୍‌ମିଟ୍ କାର୍ଡ ବୋର୍ଡ ୱେବ୍‌ସାଇଟ୍ www.bseodisha.ac.inରେ ଉପଲବ୍ଧ ହେବ। ପରୀକ୍ଷାର୍ଥୀମାନେ ସେମାନଙ୍କ ନାମ, ପିତାଙ୍କ ନାମ ଓ ଶ୍ରେଣୀ ତଥ୍ୟ ପ୍ରଦାନ କରି ଆଡ୍‌ମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ ବୋଲି ବୋର୍ଡ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ ଶନିବାର ସୂଚନା ଦିଆଯାଇଛି।


# ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଅଧିସୂଚନା

**No.RDM-LAA-BLS-0006-2025-22168/** **R&DM, Dated 19 JUN 2025**

No. III-08: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ତ୍ରିଭଙ୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ ଏବଂ ଓଡାଙ୍ଗି ମାଇନର ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା: ବିଗାପଦା, ଥାନା: ବାଲେଶ୍ୱର ସଦର, ନଂ. ୪୩, ତହସିଲ: ରେମୁଣା, ଜିଲ୍ଲା: ବାଲେଶ୍ୱରରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୧.୬୪ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍‌ଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ରେ ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏତଦ୍‌ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଓଡ଼ିଶା ବିଷୟରେ କୌଣସି ଆପତ୍ତି ଥାଏ, ସେ ଏହ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ତ୍ରିଭଙ୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ ଏବଂ ଓଡାଙ୍ଗି ମାଇନର ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ଅଧୀକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ - ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସନଙ୍କ ବିବରଣୀ - ଉପ ଜିଲ୍ଲାପାଳ, ବାଲେଶ୍ୱର।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ବାଲେଶ୍ୱର | ରେମୁଣା | ବିଗାପଦା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୭.୯୫ | ଏ. ୧.୬୪ | ଏଥି ସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୨୧ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।
ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ନଂ.୧, ବାରିପଦା, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ସୁରଞ୍ଜନ ପ୍ରଧାନ
ଅତିରିକ୍ତ ଶାସନ ସଚିବ

### ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା-୫୦/୨୦୨୨
ଏ.୧.୬୪ ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ତ୍ରିଭଙ୍ଗାପୁର ଡିଷ୍ଟ୍ରିବ୍ୟୁଟାରୀ ଏବଂ ଓଡାଙ୍ଗି ମାଇନର ନିମନ୍ତେ ମୌଜା-ବିଗାପଦା, ଥାନା-ବାଲେଶ୍ୱର ସଦର,ନଂ.-୪୩, ତହସିଲ-ରେମୁଣା, ଜିଲ୍ଲା-ବାଲେଶ୍ୱର**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆବଶ୍ୟକ ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୨ | ୫୨ | ୦.୩୩ | ୦.୧୪ | ଶାରଦ ଦୁଇ | ଅପର୍ତ୍ତି ରାଉତ, ପି:କୃଷ୍ଣ ରାଉତ, ଜା:ଖଣ୍ଡାୟତ, ବା:ନିଜଗାଁ |
| ୮ | ୪୭ | ୦.୫୫ | ୦.୧୩ | ଶାରଦ ଦୁଇ | ଉଦୟ ଚରଣ ମହାପାତ୍ର, ପି:କପିଳ ଚରଣ ମହାପାତ୍ର, ଜା:ଖଣ୍ଡାୟତ, ବା:ନିଜଗାଁ |
| | ୫୬ | ୦.୦୨ | ୦.୦୨ | ଶାରଦ ଦୁଇ | |
| | ୪୮/୭୦୦ | ୦.୦୬ | ୦.୦୩ | ଶାରଦ ଦୁଇ | |
| ୯ | ୧୧୩ | ୧.୦୩ | ୦.୨୫ | ଶାରଦ ଦୁଇ | ଉମାକାନ୍ତ ବିଶ୍ୱାଳ, ପି:ନେତ୍ରାନନ୍ଦ ବିଶ୍ୱାଳ, ଜା:ଖଣ୍ଡାୟତ,ବା:ନିଜଗାଁ |
| ୧୧ | ୪୮ | ୧.୦୬ | ୦.୦୨ | ଶାରଦ ଦୁଇ | କରୁଣାକର ପରିଡା, ପି:ନନ୍ଦ କିଶୋର ପରିଡା, ଜା:ଖଣ୍ଡାୟତ,ବା:ନିଜଗାଁ |
| ୧୩ | ୪୬ | ୦.୮୮ | ୦.୦୧ | ଶାରଦ ଦୁଇ | ଗଣେଶ କୁମାର ରାଉତ, ଅଶୋକ କୁମାର ରାଉତ, ପି:ଅପର୍ତ୍ତି ରାଉତ, ଜା:ଖଣ୍ଡାୟତ, ବା:ନିଜଗାଁ |
| | ୫୧ | ୦.୧୦ | ୦.୦୧ | ଶାରଦ ଦୁଇ | |
| ୩୦ | ୫୯/୮୬୭ | ୦.୪୩ | ୦.୧୧ | ଶାରଦ ଦୁଇ | ଭରତ ପରିଡା, ଶତ୍ରୁଘ୍ନ ପରିଡା, ଅର୍ଜୁନ ପରିଡା, ଛାମା ପରିଡା, ପି: କୃଷ୍ଣ ପରିଡା, ଜା: ଖଣ୍ଡାୟତ, ବା:ନିଜଗାଁ |
| ୩୨ | ୪୯ | ୦.୩୫ | ୦.୦୧ | ଶାରଦ ଦୁଇ | ମାଳତୀ ରାଉତ, ସ୍ୱା:ଶ୍ରୀଧର ରାଉତ, ଜା:ଖଣ୍ଡାୟତ, ବା:ନିଜଗାଁ |
| | ୫୩ | ୦.୧୧ | ୦.୦୧ | ଶାରଦ ଦୁଇ | |
| ୪୧ | ୪୬/୧୯୮ | ୦.୦୯ | ୦.୦୯ | ଶାରଦ ଦୁଇ | ଗୁଣ୍ଡିଚା ପରିଡା, ପି:ଗଙ୍ଗାଧର ପରିଡା, ଜା:ଖଣ୍ଡାୟତ ବା:ନିଜଗାଁ |
| ୫୧ | ୮୭ | ୦.୩୨ | ୦.୦୫ | ଶାରଦ ଦୁଇ | ଶ୍ରୀହରି ମହାନ୍ତି, ପି:ରଘୁନାଥ ମହାନ୍ତି, ଜା:କରଣ, ବା:ଭଗବତ୍ପୁର |
| ୫୪ | ୫୭ | ୦.୨୪ | ୦.୦୩ | ଶାରଦ ଦୁଇ | ସୋମନାଥ ମହାପାତ୍ର, ପି:ତ୍ରିନାଥ ମହାପାତ୍ର, ଜା:ଖଣ୍ଡାୟତ, ବା:ନିଜଗାଁ |
| | ୧୧୦ | ୦.୫୨ | ୦.୦୧ | ଶାରଦ ଦୁଇ | |
| ୫୮/୬ | ୫୨/୩୩୦ | ୦.୩୨ | ୦.୧୪ | ଶାରଦ ଦୁଇ | ମନୋରଞ୍ଜନ ରାଉତ, ଚିତ୍ତରଞ୍ଜନ ରାଉତ, ପି:ଶ୍ରୀଧର ରାଉତ, ଜା:ଖଣ୍ଡାୟତ, ବା:ନିଜଗାଁ |
| ୫୮/୧୨ | ୪୭/୨୨୫ | ୦.୫୦ | ୦.୧୨ | ଶାରଦ ଦୁଇ | ଉଦୟ ନାରାୟଣ ମହାପାତ୍ର, ପି:ନାଗେନ ଚରଣ ମହାପାତ୍ର, ଜା:ଖଣ୍ଡାୟତ, ବା:ନିଜଗାଁ, ଥା:ବାଲେଶ୍ୱର, ଜି:ବାଲେଶ୍ୱର |
| ୫୮/୩୨ | ୬୩/୨୫୦ | ୦.୧୫ | ୦.୧୧ | ଶାରଦ ଦୁଇ | ନିରଞ୍ଜନ ପରିଡା, ପି:ମୋତିଲାଲ ପରିଡା, ଜା:ଖଣ୍ଡାୟତ, ବା:ବିଗାପଦା, ଥା:ସଦର, ଜି:ବାଲେଶ୍ୱର |
| ୫୮/୩୬ | ୬୩/୨୬୩ | ୦.୧୫ | ୦.୦୪ | ଶାରଦ ଦୁଇ | ଅନନ୍ତ କୁମାର ପରିଡା, ପି:ମୋତିଲାଲ ପରିଡା, ଜା:ଖଣ୍ଡାୟତ, ବା:ବିଗାପଦା,ଥା:ସଦର, ଜି:ବାଲେଶ୍ୱର |
| ୫୮/୩୮ | ୪୨ | ୦.୦୩ | ୦.୦୨ | ଶାରଦ ଦୁଇ | ସୁବଳ କୁମାର ପରିଡା, ପି:ଜହରଲାଲ ପରିଡା, ଜା:ଖଣ୍ଡାୟତ, ବା:ବିଗାପଦା, ଥା:ସଦର, ଜି:ବାଲେଶ୍ୱର |
| | ୮୪/୨୨୭ | ୦.୨୧ | ୦.୦୨ | ଶାରଦ ଦୁଇ | |
| ୫୮/୩୯ | ୬୩ | ୦.୨୫ | ୦.୦୭ | ଶାରଦ ଦୁଇ | ସୁବଳ କୁମାର ପରିଡା, ପି:ଜହରଲାଲ ପରିଡା, ଜା:ଖଣ୍ଡାୟତ, ବା:ବିଗାପଦା, ଥା:ସଦର, ଜି:ବାଲେଶ୍ୱର |
| | | | | | **ଗୋଚର ପ୍ରତିବଦଳ** |
| ୧୩ | ୧୧୮ | ୦.୦୪ | ୦.୦୪ | ଶାରଦ ତିନି | ଗଣେଶ କୁମାର ରାଉତ, ଅଶୋକ କୁମାର ରାଉତ, ପି: ଅପର୍ତ୍ତି ରାଉତ, ଜା:ଖଣ୍ଡାୟତ, ବା:ନିଜଗାଁ |
| ୪୧ | ୧୧୭ | ୦.୧୭ | ୦.୧୭ | ଶାରଦ ତିନି | ଗୁଣ୍ଡିଚା ପରିଡା, ପି:ଗଙ୍ଗାଧର ପରିଡା, ଜା:ଖଣ୍ଡାୟତ, ବା:ନିଜଗାଁ |
| ମୋଟ | ୨୪ ପ୍ଲଟ | ଏ. ୭.୯୫ ଡେ.ମି. | ଏ. ୧.୬୪ ଡେ.ମି. | | |

| Sd./- AMIN, Baripada Zone | Sd./- REV-INSPECTOR ZONE-I, BARIPADA | Sd./- Zone Officer-1 cum-L.A. Collector, S.J.P. Baripada Zone | Sd./- Spl.Land Acquisition Officer S.I.P. Baripada |
|---|---|---|---|

OIPR-24001/14/0233/2526



# ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଘୋଷଣା

**No. RDM-LAA-MBJ-0010-2024-17218** **R&DM, Dated 08.05.2025**

No.XXI-33: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା- ଗୁରେଇ, ଥାନା-ବୈଶିଙ୍ଗା, ନଂ.୨୧୭, ତହସିଲ-ରାସଗୋବିନ୍ଦପୁର, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ ସାପଗାଡିଆ ମାଇନର ଏବଂ ସବ୍-ମାଇନର, ତୋଟାପୋଡା ସବ୍-ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୩୮୮, ତା.୦୧.୧୦.୨୦୨୪ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ଗୁରେଇ, ଥାନା-ବୈଶିଙ୍ଗା, ନଂ.୨୧୭, ତହସିଲ-ରାସଗୋବିନ୍ଦପୁର, ଜିଲ୍ଲା-ମୟୂରଭଞ୍ଜରେ ନିମ୍ନସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

ଜିଲ୍ଲା-ମୟୂରଭଞ୍ଜ ତହସିଲ-ରାସଗୋବିନ୍ଦପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗୁରେଇ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏକର ୧୯.୫୪ | ଏକର ୫.୬୯ | ଏଥିସହିତ ସଂଲଗ୍ନ |

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

ଜିଲ୍ଲା-ମୟୂରଭଞ୍ଜ ତହସିଲ-ରାସଗୋବିନ୍ଦପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୦୭.୧୧.୨୦୨୪ ।

### ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା-୧୦୬/୨୦୨୩
ଏ.୫.୬୯ ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ, ସାପଗାଡିଆ ମାଇନର ଏବଂ ସବ୍-ମାଇନର୍ ତୋଟାପୋଡା ସବ୍-ମାଇନର ନିମନ୍ତେ ମୌଜା-ଗୁରେଇ, ଥାନା-ବୈଶିଙ୍ଗା, ନଂ-୨୧୭, ତହସିଲ-ରାସଗୋବିନ୍ଦପୁର, ଜିଲ୍ଲା-ମୟୂରଭଞ୍ଜ**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ | ମୋଟ ରକବା | ଆବଶ୍ୟକ ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| 7 | 67/574 | 0.07 | 0.01 | ଶାରଦ ଦୁଇ | ଉଷା ପଣ୍ଡା, ଶ୍ରୀନିବାସ ପଣ୍ଡା, ପି:ପୁରୁଷୋତ୍ତମ ପଣ୍ଡା, ଶ୍ରୀବତ୍ସ ପଣ୍ଡା, ସର୍ବେଶ୍ୱର ପଣ୍ଡା, ଶ୍ରୀକାନ୍ତ ପଣ୍ଡା, ପି:ଜଗନ୍ନାଥ ପଣ୍ଡା, ଜା:ବ୍ରାହ୍ମଣ, ବା:ନିଜଗାଁ |
| 9 | 208 | 0.20 | 0.02 | ଶାରଦ ଦୁଇ | ଜଗବୃତି ଭୋଇ, ପି:ଜିକାରୀ ଭୋଇ, ଜା:ଖଣ୍ଡାୟତ, ବା:ନିଜଗାଁ |
| 10 | 110 | 0.45 | 0.13 | ଶାରଦ ଦୁଇ | କାରୁ ମାଝୀ, ପି:ଚରଣ ମାଝୀ, ଜା:ସାନ୍ତାଳ, ବା:ହାଟସାହି |
| 11 | 402 | 0.27 | 0.08 | ଶାରଦ ଦୁଇ | କାଳି ଚରଣ ମାଝୀ, ପି:ଚରଣ ମାଝୀ, ଜା:ସାନ୍ତାଳ, ବା:ଗୁରୁଗୁଡ଼ଖଣି |
| 12 | 112 | 1.43 | 0.25 | ଶାରଦ ଦୁଇ | କାଳି ଚରଣ ମାଝୀ, ଦୁଖରାଜ ମାଝୀ, ପି:ଚରଣ ମାଝୀ, ଜା:ସାନ୍ତାଳ, ବା:ଗୁରୁଗୁଡ଼ଖଣି |
| 17 | 164 | 0.30 | 0.07 | ଶାରଦ ଦୁଇ | କୈଳାସ ଚନ୍ଦ୍ର ମହାନ୍ତି, ରାଧା ଗୋବିନ୍ଦ ମହାନ୍ତି, ପି:ଶ୍ୟାମ ସୁନ୍ଦର ମହାନ୍ତି, ଜା:କରଣ, ବା:ନିଜଗାଁ |
| 32 | 146/544 | 0.26 | 0.01 | ଶାରଦ ଦୁଇ | ଜଗବନ୍ଧୁ ମହାନ୍ତି, ରଘୁନାଥ ମହାନ୍ତି, ଶ୍ୟାମ ସୁନ୍ଦର ମହାନ୍ତି, ପି:ଦାମୋଦର ମହାନ୍ତି, ଜା:କରଣ, ବା:ନିଜଗାଁ |
| | 146/545 | 0.12 | 0.06 | ଶାରଦ ଦୁଇ | |
| | 147 | 0.17 | 0.06 | ଶାରଦ ଦୁଇ | |
| | 391 | 0.34 | 0.06 | ଶାରଦ ଦୁଇ | |
| | 103 | 0.25 | 0.01 | ଶାରଦ ଦୁଇ | |
| 34 | 151 | 0.45 | 0.15 | ଶାରଦ ଦୁଇ | ଜଗଦିଶ ଚନ୍ଦ୍ର ମହାନ୍ତି, ପି:ଭଗବାନ ଚନ୍ଦ୍ର ମହାନ୍ତି, ଜା:କରଣ, ବା:ବାଙ୍କିଶକୋଠି, ଜି-ମେଦିନିପୁର |
| | 162 | 0.42 | 0.01 | ଶାରଦ ଦୁଇ | |
| 37 | 390 | 0.26 | 0.06 | ଶାରଦ ଦୁଇ | ତମନ ବେହେରା, ପି:ବୈଷ୍ଣବ ବେହେରା, ଜା:ମାହେଶ, ବା:କୁକୁଳଖୁଣ, ଜି-ମେଦିନିପୁର |
| 39 | 104 | 0.26 | 0.12 | ଶାରଦ ଦୁଇ | ଦୁଲରୀ ମାଝୀ, ପି:ସମ୍ବୁ ମାଝୀ, ଜା:ସାନ୍ତାଳ, ବା:ହାଟସାହି |
| 41 | 3 | 0.37 | 0.28 | ଶାରଦ ଦୁଇ | ଦାଶରଥି ସିଂ, ପୂର୍ଣ୍ଣଚନ୍ଦ୍ର ସିଂ, ମୁରଲୀ ସିଂ, ପି:କଟି ସିଂ, ଜା:ଭୂମିଜ, ବା:ତୋଟାପଡା |
| 48 | 395 | 0.09 | 0.08 | ଶାରଦ ଦୁଇ | ନବଘନ ମହାନ୍ତି, ନିରଞ୍ଜନ ମହାନ୍ତି, ପି:ରଘୁନାଥ ମହାନ୍ତି, ଜା:କରଣ, ବା:ନିଜଗାଁ |
| | 393 | 0.29 | 0.08 | ଶାରଦ ଦୁଇ | |
| 57 | 187 | 0.53 | 0.17 | ଶାରଦ ଦୁଇ | ପୂର୍ଣ୍ଣଚନ୍ଦ୍ର ଜେନା, ପି:ପଦ୍ମଲି ଜେନା, ଜା:ଖଣ୍ଡାୟତ, ବା:ନିଜଗାଁ |
| 58 | 107 | 0.81 | 0.10 | ଶାରଦ ଦୁଇ | ଭାଗବତ ନାଏକ, ପି:ପୁରୁଷୋତ୍ତମ ନାଏକ, ଜା:ତନ୍ତି, ବା:ନିଜଗାଁ |
| 65 | 105 | 0.24 | 0.14 | ଶାରଦ ଦୁଇ | ବଂଶୀଧର ପ୍ରଧାନ, ଲକ୍ଷ୍ମୀଧର ପ୍ରଧାନ, ଭାଗବତ ପ୍ରଧାନ, ଭାମେଶ୍ୱର ପ୍ରଧାନ, ପି:ବିର ପ୍ରଧାନ, ଜା:ଗୋପାଳ, ବା:ନିଜଗାଁ |
| 93 | 165 | 0.31 | 0.06 | ଶାରଦ ଦୁଇ | ମହେଶ୍ୱର ଜେନା, ସୋମନାଥ ଜେନା, ପି: ମୋହନ ଜେନା, ଜା:ଖଣ୍ଡାୟତ, ବା:ନିଜଗାଁ |
| | 192 | 0.15 | 0.08 | ଶାରଦ ଦୁଇ | |
| | 135 | 0.58 | 0.03 | ଶାରଦ ଦୁଇ | |
| | 190 | 0.68 | 0.09 | ଶାରଦ ଏକ | |
| 94 | 108 | 0.45 | 0.26 | ଶାରଦ ଦୁଇ | ଦୀନବନ୍ଧୁ ଜେନା, ଦେବିତାରା ଜେନା, ବୃନ୍ଦାବନ ଜେନା, ଯଶୋଦା ଜେନା, ଶ୍ରୀମତି ପ୍ରଧାନ, ସୁକାନ୍ତି ମଲ୍ଲିକ, ଜୟନ୍ତୀ ଗିରି, ରେବତୀ ସାମଲ, ପି:ରଘୁନାଥ ଜେନା, ସରୋଜିନୀ ଜେନା, ସ୍ୱା:କୈଳାସ ଜେନା, କାର୍ତ୍ତିକ ଜେନା, ସୁଦାମ ଜେନା, ପଦ୍ମଲୋଚନ ଜେନା, ମନୋଜ ଜେନା, ମାନସ ଜେନା, ଗୀତାଞ୍ଜଳି ଜେନା, ପି:କୈଳାସ ଜେନା, ଜା:ଖଣ୍ଡାୟତ, ବା:ନିଜଗାଁ |
| 97 | 416 | 0.50 | 0.13 | ଶାରଦ ଦୁଇ | ରଘୁନାଥ ମହାନ୍ତି, ପି:ଦାମୋଦର ମହାନ୍ତି, ଜା:କରଣ, ବା:ନିଜଗାଁ |
| 98 | 109 | 0.39 | 0.15 | ଶାରଦ ଦୁଇ | ରଘୁନାଥ ମହାନ୍ତି, ଶ୍ୟାମ ସୁନ୍ଦର ମହାନ୍ତି, ପି:ଦାମୋଦର ମହାନ୍ତି, ଜା:କରଣ, ବା:ନିଜଗାଁ |
| 105 | 193 | 0.36 | 0.02 | ଶାରଦ ଏକ | ବିନବନ୍ଧୁ ଜେନା, ଦେବିତାରା ଜେନା, ବୃନ୍ଦାବନ ଜେନା, ପି:ରଘୁନାଥ ଜେନା, ଜା:ଖଣ୍ଡାୟତ, ବା:ନିଜଗାଁ |
| 117 | 403 | 0.22 | 0.03 | ଶାରଦ ଦୁଇ | ସାରବାମଣି ଲେଙ୍କା, ସ୍ୱା:ମହେଶ୍ୱର ଲେଙ୍କା, ଜା:ଖଣ୍ଡାୟତ, ଦ୍ରୌପଦୀ ନାୟକ, ସ୍ୱା:କିଶୋରୀ ନାୟକ, ଜା:ଗୁଡ଼ୀ, ବା:ପାଇକସାହି |
| 124/12 | 392 | 0.12 | 0.02 | ଶାରଦ ଦୁଇ | କନ୍ଦା ମାଝୀ, ମାନସା ମାଝୀ, ପି:ଚରେନ ମାଝୀ, ଜା:ସାନ୍ତାଳ, ବା:ହାଟସାହି |
| 124/39 | 106 | 0.65 | 0.14 | ଶାରଦ ଦୁଇ | କୃଷ୍ଣ ମାଝୀ, ଶ୍ୟାମ ମାଝୀ, ମୋହନ ମାଝୀ, ପି:ମହାଦାନ ମାଝୀ, ଜା:ସାନ୍ତାଳ, ବା:ହାଟସାହି |
| 124/53 | 64/624 | 0.25 | 0.06 | ଶାରଦ ଦୁଇ | ମଙ୍ଗୁଳି ମହାନ୍ତ, ସ୍ୱା:ଗୋପାଳ ମହାନ୍ତ, ଜା:କୁଡୁମି, ବା:ହାଟସାହି |
| 124/56 | 397 | 0.35 | 0.14 | ଶାରଦ ଦୁଇ | ପ୍ରକାଶ କୁମାର ମହାନ୍ତି, ପି:ବିପିନ ଚନ୍ଦ୍ର ମହାନ୍ତି, ଜା:ଖଣ୍ଡାୟତ, ବା:ବଡ଼ିପୁର |
| 124/63 | 113/630 | 0.90 | 0.12 | ଶାରଦ ଦୁଇ | ସନ୍ତୋଷ ମହାନ୍ତ, ପି:ହାରିରାମ ମହାନ୍ତ, ଜା:କୁଡୁମି, ବା:ଦୁଳକଞ୍ଚାରିଆ |
| 124/64 | 64 | 0.13 | 0.10 | ଶାରଦ ଦୁଇ | ମଙ୍ଗୁଳି ମହାନ୍ତ, ପି:ଗୋପାଳ ଚନ୍ଦ୍ର ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | 65 | 0.40 | 0.16 | ଶାରଦ ଦୁଇ | |
| 124/71 | 163 | 0.32 | 0.07 | ଶାରଦ ଦୁଇ | ଲକ୍ଷ୍ମୀଧର ପାତ୍ର, ପି:ପୂର୍ଣ୍ଣ ଚନ୍ଦ୍ର ପାତ୍ର, ଜା:ଖଣ୍ଡାୟତ, ବା:ହାଟସାହି |
| 124/77 | 156 | 0.68 | 0.14 | ଶାରଦ ଦୁଇ | ପୂର୍ଣ୍ଣଚନ୍ଦ୍ର ଜେନା, ପି:ପଦ୍ମଲି ଜେନା, ଜା:ଖଣ୍ଡାୟତ, ବା:ନିଜଗାଁ |
| 124/82 | 396 | 0.25 | 0.10 | ଶାରଦ ଦୁଇ | ଜଗଧର ନାୟକ, ପି:ଦିବାକର ନାୟକ, ଜା:ଗୁଡ଼ୀ, ବା:ପାଇକସାହି |
| 124/83 | 18 | 0.92 | 0.55 | ଶାରଦ ଦୁଇ | ସୌମ୍ୟକାନ୍ତି ନାୟକ, ପି:ସନାତନ ନାୟକ, ଜା:ତନ୍ତି, ବା:ନିଜଗାଁ |
| 124/85 | 3/542 | 0.47 | 0.34 | ଶାରଦ ଦୁଇ | ହାୟାଦ ହଁସଦାଃ, ପି:ଘସୁ ହଁସଦାଃ, ଜା:ସାନ୍ତାଳ, ବା:ହାଟସାହି |
| 124/95 | 211 | 0.41 | 0.21 | ଶାରଦ ଦୁଇ | ବ୍ରଜମୋହନ ଭୋଇ, ପି:ନରେନ୍ଦ୍ର ଭୋଇ, ଜା:ଖଣ୍ଡାୟତ, ବା:ନିଜଗାଁ |
| 124/100 | 157 | 0.20 | 0.01 | ଶାରଦ ଦୁଇ | ପୂର୍ଣ୍ଣଚନ୍ଦ୍ର ଜେନା, ପି:ପଦ୍ମଲି ଜେନା, ଜା:ଖଣ୍ଡାୟତ, ବା:ନିଜଗାଁ |
| 124/101 | 205 | 0.56 | 0.08 | ଶାରଦ ଦୁଇ | ଗୀତାଞ୍ଜଳି ମହାନ୍ତି, ସ୍ୱା:ସୁଶାନ୍ତ କୁମାର ମହାନ୍ତି,ଜା:କରଣ, ବା:ନିଜଗାଁ |
| | 205/664 | 0.04 | 0.04 | ଘରବାରି | |
| 124/107 | 209 | 0.30 | 0.11 | ଶାରଦ ଦୁଇ | ଚନ୍ଦ୍ରମଣି ଭୋଇ, ସ୍ୱା:ନଟବର ଭୋଇ, ରାଧାଗୋବିନ୍ଦ ଭୋଇ, ପଦ୍ମନାଭ ଭୋଇ, ସତ୍ୟାନନ୍ଦ ଭୋଇ, ପି:ନଟବର ଭୋଇ, ହରିହର ଭୋଇ, ରମେଶ ଚନ୍ଦ୍ର ଭୋଇ, ଉମେଶ ଚନ୍ଦ୍ର ଭୋଇ, ପି:ଜଗନ୍ନାଥ ଭୋଇ, ଜା:ଖଣ୍ଡାୟତ, ବା:ନିଜଗାଁ |
| 124/118 | 111 | 0.23 | 0.05 | ଶାରଦ ଦୁଇ | ପୁଷ୍ପଲ ମଲ୍ଲିକ, ପି:ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଜା:ଖଣ୍ଡାୟତ, ବା:ନିଜଗାଁ |
| 124/126 | 368/580 | 0.18 | 0.05 | ଶାରଦ ଏକ | ରାମଚନ୍ଦ୍ର ଜେନା, ଶ୍ରୀକାନ୍ତ ଜେନା, ଉମାକାନ୍ତ ଜେନା, ପି:ଫକିର ଜେନା, ଜା:ଖଣ୍ଡାୟତ, ବା:ପାଇକସାହି |
| 124/138 | 414/666 /670 | 0.04 | 0.04 | ଘରବାରି | ପଦ୍ମାବତୀ ଧାଉଁଡିଆ, ସ୍ୱା:ମୁରଲୀ ଧାଉଁଡିଆ, ମୁରଲୀ ଧାଉଁଡିଆ, ପି:ପୂର୍ଣ୍ଣଚନ୍ଦ୍ର ଧାଉଁଡିଆ, ଜା:ଗଉଡ, ବା:ଅଗଣାସାହି |
| 124/140 | 414/666 /672 | 0.04 | 0.04 | ଘରବାରି | ଜ୍ୟୋତ୍ସ୍ନା ବିଶ୍ୱାଳ, ସ୍ୱା:ରୁନା ବିଶ୍ୱାଳ, ରୁନା ବିଶ୍ୱାଳ, ପି:ବିଜେ ବିଶ୍ୱାଳ, ଜା:କମାର, ବା:ତୋଟାପଡା |
| 132/7 | 66 | 0.88 | 0.21 | ଶାରଦ ଦୁଇ | ଶ୍ରୀଶ୍ରୀମା ଦେବତୀ ବାସୁଳୀ ଠାକୁରାଣୀ ବିଜେ ହାଟସାହି, ମାର୍ଫତ କପିଳ ଚରଣ ନାୟକ, ପି:ରବିନ୍ଦ୍ର ରାଉତ, ବା:ହାଟସାହି |
| | | | | | **ସମପରିମାଣ ଗୋଚର ପ୍ରତିବଦଳ** |
| 97 | 416 | | 0.05 | ଶାରଦ ଦୁଇ | ରଘୁନାଥ ମହାନ୍ତି, ପି:ଦାମୋଦର ମହାନ୍ତି, ଜା:କରଣ, ବା:ନିଜଗାଁ |
| ମୋଟ | ୫୨ ପ୍ଲଟ | ଏ.୧୯.୫୪ ଡେ.ମି. | ଏ. ୫.୬୯ ଡେ.ମି. | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

OIPR-24001/14/0231/2526

# ବସ୍‌ଷ୍ଟାଣ୍ଡ ପାଇଁ ଗଛକଟାକୁ ବିରୋଧ | କୋଲକାତା ଆଇନଜୀବୀ ହାଇକୋର୍ଟଙ୍କ ଦ୍ୱାରସ୍ଥ

ବାରିପଦା, ୨୦।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପାଲବଣୀଠାରେ ଆନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଚାଲିଥିବା ଗଛକଟାକୁ ତୀବ୍ର ବିରୋଧ କରାଯାଇଛି। ପରିବେଶବିତ୍ ଓ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିବା ସହ ଏହାକୁ ପରିବେଶଗତ ସଙ୍କଟର ସଙ୍କେତ ବୋଲି ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହାକୁ ନେଇ କଲିକତା ହାଇକୋର୍ଟ ଆଇନଜୀବୀ ଆକାଶ ଶର୍ମା ଓଡ଼ିଶା ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କୁ ଏକ ଲେଟର ପିଟିଶନ ପଠାଇ ତୁରନ୍ତ ଗଛକଟା ବନ୍ଦ କରିବାକୁ ଦାବି କରିଛନ୍ତି। ଏହାସହିତ ଓଡ଼ିଶାର ମୁଖ୍ୟ ଶାସନ ସଚିବ, ପ୍ରଧାନ ମୁଖ୍ୟ ବନସଂରକ୍ଷକ, ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ, ମୟୂରଭଞ୍ଜ ଜିଲାପାଳ ଓ ବାରିପଦା ବନଖଣ୍ଡ ଅଧିକାରୀଙ୍କ ନିକଟରେ ମଧ ଅଭିଯୋଗ କରାଯାଇଛି।

ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ୫ ଏକର ଜମି ଚିହ୍ନଟ କରାଯାଇ ବନ ବିଭାଗ ଅନୁମତିକ୍ରମେ ଗଛକଟା ଆରମ୍ଭ ହୋଇଛି। ରିପୋର୍ଟରେ ୧,୭୮୯ ଗଛ ଦର୍ଶାଯାଇଥିବା ବେଳେ ପାଖାପାଖି ୫ ହଜାର ଗଛକଟା ହେବା ଚିନ୍ତାଜନକ ହୋଇଛି। ଅବାଧ ଭାବେ ଗଛକଟାକୁ ନେଇ ଆଇନଜୀବୀ ଶର୍ମା ପ୍ରକଳ୍ପ ପାଇଁ ଅନୁମୋଦିତ ବୃକ୍ଷ ତୁଳନାରେ ଅଧିକ କଟାଯାଇଥିବା ନେଇ ଧରିତ୍ରୀରେ ପ୍ରକାଶିତ ସ୍ୱତନ୍ତ୍ର ରିପୋର୍ଟରୁ ଜାଣିବାକୁ ପାଇଥିଲେ। ଗଛକଟାର ଫଟୋ, ଭିଡିଓ ଏବଂ ସାଟେଲାଇଟ ଚିତ୍ର ମାଧ୍ୟମରେ ତାହାକୁ ପ୍ରମାଣିତ କରିଛି। ୪୦/୫୦ବର୍ଷର ପୁରୁଣା ଗଛକୁ ଦିନରାତି ଏକକରି କାଟିବା ସହିତ ପରିବହନ କରାଯାଉଛି। ଦିନ ବଦଳରେ ରାତିରେ ତରବରିଆ ଭାବେ କାହିଁକି ଗଛ କଟାଯାଉଛି ବୋଲି ଆଇନଜୀବୀ ଶର୍ମା ଅଭିଯୋଗରେ ଦର୍ଶାଇଛନ୍ତି। ଏପରି କି ସତକୁ ଲୁଚାଇବା ପାଇଁ କଟାଯାଇଥବା ଗଛକୁ ଗୁପ୍ତରେ ନିଆଯାଉଛି। ସାଟେଲାଇଟ୍ ଚିତ୍ର(ଗୁଗୁଲ ଆର୍ଥ ପ୍ରୋ) ଅନୁଯାୟୀ ପ୍ରକଳ୍ପ କ୍ଷେତ୍ରଫଳ ସରକାରୀ ସ୍ତରରେ ୫ ଏକର ନୁହେଁ, ବରଂ ସମଗ୍ର ୩୬.୮୩ ଏକର ଅଞ୍ଚଳରେ ଏହା କ୍ରମାଗତ ଭାବେ ବିସ୍ତାରିତ ହେବାର ଆଶଙ୍କା ରହିଛି ବୋଲି ସେ ଦର୍ଶାଇଛନ୍ତି। ଏହି ସବୁଜ ବନାନୀର ବିନାଶ ଯୋଗୁ ବାରିପଦା ସହର ଏକଦା ବିଶ୍ୱର ଉତ୍ତପ୍ତ ସହର ଭାବେ ପରିଗଣିତ ହୋଇଛି। ଚାଷ, ଜୀବନଜୀବିକା ଓ ପରିବେଶ ପ୍ରତି କ୍ଷତି ପହଞ୍ଚିବା ଯୋଗୁ ସାଧାରଣ ଲୋକେ ଏବେ ପ୍ରମାଦ ଗଣୁଛନ୍ତି। ସେହିପରି ଗଛ କାଟିବା ଦ୍ୱାରା ଜଳବାୟୁର ତାପମାତ୍ରା ବୃଦ୍ଧି ପାଇବା ସହ ପ୍ରତିରୋଧ କ୍ଷମତା ହ୍ରାସ ପାଇବ ବୋଲି କ୍ଷୋଭ ପ୍ରକାଶ କରିଛନ୍ତି। ଏପରି କି ପ୍ରକଳ୍ପ ପାଇଁ କୌଣସି ଯଥାର୍ଥ ସ୍ଥାନ ଚିହ୍ନଟ ନ କରିବା, ଜନପରାମର୍ଶ ନ ନେବା, ଆବଶ୍ୟକ ଅନୁମତି ଓ ସ୍ୱଚ୍ଛତା ପ୍ରକାଶ ନ କରିବା ଦୁର୍ଭାଗ୍ୟଜନକ। ସହର ସୀମା ମଧରେ ଏକ ସମ୍ପୂର୍ଣ୍ଣ ଜଙ୍ଗଲ ଅଞ୍ଚଳକୁ ପ୍ରଶାସନ କାହିଁକି ବାଛିଲା, ସେନେଇ କୌଣସି ବିଶ୍ୱସନୀୟ ବାଖ୍ୟା ପ୍ରଦାନ କରାଯାଇନାହିଁ। ଏପରି କି କ୍ଷତିପୂରଣ ବାବଦରେ ୨/୩ଗୁଣା ଚାରାରୋପଣ କରାଯିବା ଅପର୍ଯ୍ୟାପ୍ତ ହେବ। ନୂତନ ଚାରା ଲଗାଇ ବଞ୍ଚାଇବା ହାର କମ୍ ରହିଥିବାବେଳେ ଜୈବବିବିଧତା ହ୍ରାସ ହେବ ବୋଲି ଅଭିଯୋଗରେ ସେ ଦର୍ଶାଇଛନ୍ତି। ଗଛ କାଟିବା ମଣିଷ ହତ୍ୟାଠାରୁ ମଧ ଭୟଙ୍କର ବୋଲି ସୁପ୍ରିମକୋର୍ଟଙ୍କ ଏକ ଟିପ୍ପଣୀକୁ ଆଇନଜୀବୀ ଶର୍ମା ଆବେଦନରେ ଉଲ୍ଲେଖ କରିଛନ୍ତି । ଏହାସହ ପ୍ରଶାସନର ମିଳିତ ଷଡ଼ଯନ୍ତ୍ରକୁ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ତୁରନ୍ତ ଗଛ କାଟିବା ବନ୍ଦ କରିବା, ୩୬.୮୩ ଏକର ସବୁଜ ଅଞ୍ଚଳରେ ସ୍ଥିତି ବଜାୟ ରଖିବା, ସମସ୍ତ ଅନୁମତି ପ୍ରକାଶ କରିବା ଏବଂ ନିରପେକ୍ଷ ତଦନ୍ତ କରିବାକୁ ସେ ଦାବି କରିଛନ୍ତି।


ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଚାଲିଛି ଗଛକଟା

ବାରିପଦା,୧୯।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ପ୍ରଶାସନର ଅନୁମତିକ୍ରମେ ବାରିପଦାସ୍ଥିତ ପାଲବଣୀଠାରେ ଗଛକଟା ଚାଲିଛି।

ଧରିତ୍ରୀରେ ଡିସେମ୍ବର ୨୦ରେ ପ୍ରକାଶିତ ଖବର।

## GOVERNMENT OF ODISHA
## REVENUE AND DISASTER MANAGEMENT DEPARTMENT
### WITHDRAWAL NOTIFICATION

No RDM-LAA-BLS-0005-2023-13873 /R&DM, dated:11.04.2025

In exercise of the powers conferred by Section 93 (1) of the Right to Fair Compensation and Transparency in Land Acquisition, Rehabilitation & Resettlement Act, 2013, the State Government do hereby withdraw an area of **Ac.1.06 dec.** out of the total notified area of Ac.14.496 dec. as per the land schedule attached herewith from acquisition of land in Village-Lachhmankhunta, Tahasil-Basta, P.S-Basta No. 146, District- Balasore covered by Revenue & DM Department Notification No. 4790 dated 21.02.2024 published in the extraordinary issue of the Odisha Gazette No.920 dated 08.04.2024 for construction of Baisinga Branch Canal, Haripur distributary, Kura Minor, Lachhmankhunta sub-minor, Paschimsimilia sub-minor under Subarnarekha Irrigation Project of which possession has not been taken.

### ପ୍ରତ୍ୟାହାର ଭୂମି ଅନୁସୂଚି

ଭୂଅର୍ଜନ ମାମଲା ସଂଖ୍ୟା–୨୧/୨୦୨୨
ଏ ୧.୦୬ ଡେ.ମି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ କୁରା ମାଇନର ନିମନ୍ତେ ମୌଜା–ଲଛମନଖୁଣ୍ଟା, ଥାନା–ବସ୍ତା–୧୪୬, ତହସିଲ–ବସ୍ତା, ଜିଲ୍ଲା–ବାଲେଶ୍ୱର**

| ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | Notified Area | ପ୍ରତ୍ୟାହାର ରକବା | ଅବଶିଷ୍ଟ ରକବା | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ | ମନ୍ତବ୍ୟ |
|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
| ୨୫୦ | ୫୫୭ | ୦.୩୬ | ୦.୧୪ | ଘରବାରି | ୦.୧୪ | ୦.୦୪ | ୦.୧୦ | ମୀର ରୋସେନ ଅଲ୍ଲୀ, ପି: ସୟଦ ମହମ୍ମଦ ଅଲ୍ଲୀ, ଜା:ମୁସଲମାନ, ବା:ନିଜଗାଁ | |
| | ୫୬୧ | ୦.୪୩ | ୦.୦୭ | ଘରବାରି | ୦.୦୭ | ୦.୦୫ | ୦.୦୨ | | |
| ୨୯୩ | ୭୪୬ | ୩.୫୨ | ୦.୩୯ | ଚକ | ୦.୩୯ | ୦.୩୯ | ୦.୦୦ | ସାହେବୁନ ନିଶା ବିବି ସ୍ୱା:ମହମ୍ମଦ ଅବଦୁଲ ଫାରୁକ, ଜା:ମୁସଲମାନ, ବା:ନିଜଗାଁ | |
| ୩୪୧/୯ | ୭୪୬/୧୧୬୨ | ୧.୫୦ | ୦.୨୧ | ଚକ | ୦.୨୧ | ୦.୨୧ | ୦.୦୦ | ଏମାମି ଖାଁ, ପି:ରହେମତ ଖାଁ, ଜା:ମୁସଲମାନ, ବା:ନିଜଗାଁ | |
| ୩୪୧/୧୧ | ୭୪୬/୧୧୫୫ | ୧.୦୧ | ୦.୨୨ | ଚକ | ୦.୨୨ | ୦.୨୨ | ୦.୦୦ | ରସୁଲ ଖାଁ, ପି:ଅମୁଦ ଖାଁ, ଜା:ମୁସଲମାନ, ବା:ଲଛମନଖୁଣ୍ଟା | |
| ୩୪୧/୨୩ | ୭୪୬/୧୧୬୧ | ୧.୦୦ | ୦.୧୫ | ଚକ | ୦.୧୫ | ୦.୧୫ | ୦.୦୦ | ଆକବର ଖାନ, ପି:ଆସଲାମ ଖାନ, ଜା:ମୁସଲମାନ, ବା:ନିଜଗାଁ | |
| ମୋଟ | ୬ | ୭.୮୨ | ୧.୧୮ | | ୧.୧୮ | ୧.୦୬ | ୦.୧୨ | | |

By Order of the Governor
Suranjan Pradhan
Additional Secretary to Government

OIPR-24001/14/0234/2526

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଘୋଷଣା

No. RDM-LAA-MBJ-0018-2024-17719 R&DM, Dated 14.05.2025

No. XXI-32: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା–ଅଶନଖାଲି, ଥାନା–ବୈଶିଙ୍ଗା, ନଂ.୨୧୯, ତହସିଲ–ରାସଗୋବିନ୍ଦପୁର, ଜିଲ୍ଲା–ମୟୂରଭଞ୍ଜରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ, ହାଣ୍ଡିଧୁଆ ଏବଂ ଅଶନଖାଲି ସବ୍–ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୨୭୨୫, ତା.୧୨.୦୭.୨୦୨୪ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ଅଶନଖାଲି, ଥାନା–ବୈଶିଙ୍ଗା, ନଂ.୨୧୯, ତହସିଲ–ରାସଗୋବିନ୍ଦପୁର, ଜିଲ୍ଲା– ମୟୂରଭଞ୍ଜରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ–ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ–କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା–ମୟୂରଭଞ୍ଜ ତହସିଲ–ରାସଗୋବିନ୍ଦପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଅଶନଖାଲି | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏକର ୬୦.୨୨ | ଏକର ୯.୬୩ | ଏଥିସହିତ ସଂଲଗ୍ନ |

ତଫସିଲ–ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା–ମୟୂରଭଞ୍ଜ ତହସିଲ–ରାସଗୋବିନ୍ଦପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ– ୦୧.୧୧.୨୦୨୪

### ଭୂମି ଅନୁସୂଚୀ

ଭୂ–ଅର୍ଜନ ମାମଲା ସଂଖ୍ୟା–୧୧୬/୨୦୨୩
ଏ.୯.୬୩ ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ବୈଶିଙ୍ଗା ବ୍ରାଞ୍ଚ କେନାଲ ଏବଂ କେଶରୀ ଡିଷ୍ଟ୍ରିବ୍ୟୁଟାରୀ, ହାଣ୍ଡିଧୁଆ ସବ୍–ମାଇନର ଏବଂ ଅସନଖାଲି ସବ୍–ମାଇନର–୧ ଏବଂ ୨, ଟେଲ ମାଇନର ନିମନ୍ତେ ମୌଜା–ଅସନଖାଲି, ଥାନା–ବୈଶିଙ୍ଗା ନଂ.–୨୧୯, ତହସିଲ–ରାସଗୋବିନ୍ଦପୁର, ଜିଲ୍ଲା–ମୟୂରଭଞ୍ଜ**

| ଖାତା ନଂ. | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| 10 | 447 | 1.73 | 0.12 | ଶାରଦ ଦୁଇ | ଉମାକାନ୍ତ ଦାସ, ପି.ଗୁରୁ ଅଭିରାମ ପରମହଂସ, ଜା.ବୈଷ୍ଣବ, ବା.ନିଜଗାଁ |
| | 572 | 0.15 | 0.01 | ଶାରଦ ଏକ | |
| | 676 | 1.24 | 0.30 | ଶାରଦ ଏକ | |
| | 681 | 0.96 | 0.06 | ଶାରଦ ଏକ | |
| | 683 | 1.53 | 0.11 | ଶାରଦ ଏକ | |
| | 571/712 | 0.25 | 0.13 | ଶାରଦ ଏକ | |
| 16 | 27 | 1.50 | 0.15 | ଶାରଦ ଏକ | କାଳି ଚରଣ ମାଝୀ, ପି:ବାର୍ସା ମାଝୀ, ଜା:ସାନ୍ତାଳ, ବା:ସାମାନନ୍ଦପୁର |
| 28 | 148 | 0.20 | 0.05 | ଶାରଦ ତିନି | ଗଗନ ବେହେରା, ପି:ଦୈନ ବେହେରା, ଜା:ଗୋଲା, ବା:ନିଜଗାଁ |
| 32 | 353 | 0.48 | 0.23 | ଶାରଦ ଏକ | ଗଜେନ୍ଦ୍ର ମାହାନ୍ତ, ମାଲି ମାହାନ୍ତ, ପି:ମୋଚିରାମ ମାହାନ୍ତ, ସାଦୁ ମାହାନ୍ତ, ସ୍ୱା:ପ୍ରେମ ମାହାନ୍ତ, ଜା:କୁଡୁମି,ବା:ନିଜଗାଁ |
| 34 | 92 | 0.74 | 0.31 | ଶାରଦ ଏକ | ଗଜେନ୍ଦ୍ର ପରିଡା, ପି:ବିଶୋ ପରିଡା, ଜା:ଗୋଲା, ବା:ଶ୍ୟାମାନନ୍ଦପୁର |
| 46 | 425 | 0.83 | 0.12 | ଶାରଦ ଏକ | ଚକ୍ରଧର ନାୟକ, ଗଦାଧର ନାୟକ, ପି:ହରେକୃଷ୍ଣ ନାୟକ, ଜା:ଖଣ୍ଡାୟତ, ବା:ନିଜଗାଁ |
| | 429 | 0.70 | 0.27 | ଶାରଦ ଏକ | |
| | 146 | 0.06 | 0.06 | ଶାରଦ ତିନି | |
| 54 | 571 | 0.22 | 0.13 | ଶାରଦ ଏକ | ଛୋଟରାଏ ମାଝୀ, ପି:କୁଶୁ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 59 | 687 | 1.06 | 0.07 | ଶାରଦ ଏକ | ଜଗଦିଶ ଚନ୍ଦ୍ର ମାହାନ୍ତି, ପି:ଭଗବାନ ଚନ୍ଦ୍ର ମାହାନ୍ତି, ଜା:କରଣ, ବା:ବାଆଁଶକୁଠି |
| 62 | 438 | 1.27 | 0.15 | ଶାରଦ ଏକ | ଜନାର୍ଦ୍ଦନ ପଣ୍ଡା, ପି:ଦୈତାରି ପଣ୍ଡା, ଜା:ବ୍ରାହ୍ମଣ, ବା:ନିଜଗାଁ |
| | 467 | 0.65 | 0.24 | ଶାରଦ ଦୁଇ | |
| | 469 | 0.85 | 0.10 | ଶାରଦ ଦୁଇ | |
| | 472 | 0.13 | 0.07 | ଶାରଦ ଦୁଇ | |
| 63 | 354 | 0.70 | 0.04 | ଶାରଦ ଏକ | ଶ୍ରୀ କଖାରୁଆ ବୈଦ୍ୟନାଥ ମହାଦେବ ବିଜେ ନିଜଗାଁ ମାର୍ଫତ ବା:ଜନାର୍ଦ୍ଦନ ପଣ୍ଡା, ପି:ଦୈତାରୀ ପଣ୍ଡା, ଜା:ବ୍ରାହ୍ମଣ, ବା:ନିଜଗାଁ |
| 64 | 427 | 0.76 | 0.10 | ଶାରଦ ଏକ | ଜଗନ୍ନାଥ ଜେନା, ପି:ଭାଗବତ ଜେନା, ଜା:ଖଣ୍ଡାୟତ, ବା:ନିଜଗାଁ |
| 77 | 149 | 0.48 | 0.07 | ଶାରଦ ତିନି | ଦାମୋଦର ମହାନ୍ତ, ଉମେଶ ମହାନ୍ତ, ପି:ଆହ୍ଲାଦ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | 343 | 0.09 | 0.02 | ଶାରଦ ଏକ | |

| ଖାତା ନଂ. | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| 84 | 569 | 1.25 | 0.26 | ଶାରଦ ଏକ | ଜାନକୀ ନାଏକ, ସ୍ୱା:ନରହରି ନାଏକ, ଜା:ଖଣ୍ଡାୟତ, ବା:ନିଜଗାଁ |
| 89 | 473 | 0.08 | 0.03 | ଶାରଦ ଦୁଇ | ନାରାୟଣ ଧଳ, ପି:ନରସିଂହ ଧଳ, ଜା:ରଜକ, ବା:ଶ୍ୟାମନନ୍ଦପୁର |
| 91 | 442 | 1.00 | 0.15 | ଶାରଦ ଦୁଇ | ନାରାୟଣ ଜେନା, ହରିଶ୍ଚନ୍ଦ୍ର ଜେନା, ପି:ଜଗନ୍ନାଥ ଜେନା, ରାଧାମଣି ପ୍ରଧାନ, ସରସ୍ୱତୀ ପ୍ରଧାନ, ପି:ମହନ ଜେନା, ଜା:ଖଣ୍ଡାୟତ, ବା:ନିଜଗାଁ, ରାଧାମଣି ପ୍ରଧାନ, ସରସ୍ୱତୀ ପ୍ରଧାନ ଅଂଶପକ୍ଷେ ଜବରଦଖଲ, ନାରାୟଣ ଜେନା, ହରିଶ୍ଚନ୍ଦ୍ର ଜେନା, ଖାତା ରୟତ, |
| 92 | 688 | 0.70 | 0.05 | ଶାରଦ ଏକ | ନିରଞ୍ଜନ ବାରିକ, ଗିରିଶ ବାରିକ, ବାସନ୍ତୀ ବାରିକ, ସୁଶାନ୍ତୀ ବାରିକ, ପି:ଗଙ୍ଗାଧର ବାରିକ, ଆସାମଣି ବାରିକ, ସ୍ୱା:ଗଙ୍ଗାଧର ବାରିକ, ଗୋକୁଳି ବାରିକ, ଶ୍ରୀନାଥ ବାରିକ, ପି:ହରି ବାରିକ, ଜା:ଭଣ୍ଡାରୀ, ବା:ପାଇକସାହି |
| 95 | 567 | 0.89 | 0.21 | ଶାରଦ ଏକ | ପରମେଶ୍ୱର ବେହେରା, ପି:ମାଧବ ଚନ୍ଦ୍ର ବେହେରା, ଜା:କୈବର୍ତ୍ତ, ବା:ନିଜଗାଁ |
| | 671 | 0.74 | 0.20 | ଶାରଦ ଏକ | |
| 124 | 342 | 0.78 | 0.01 | ଶାରଦ ଏକ | ବାଇୟା ମାଝୀ, ପି:ସାଉନା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| 129 | 672 | 0.31 | 0.12 | ଶାରଦ ଏକ | ବିରଜାମଣି ପଧାନ, ସ୍ୱା:ପ୍ରଭାକର ପଧାନ, ଜା:ଖଣ୍ଡାୟତ, ବା:ନିଜଗାଁ |
| 140 | 377 | 0.69 | 0.10 | ଶାରଦ ଏକ | ଭଗବାନ ଜେନା, ପି:ଚେମା ଜେନା, ଜା:ଖଣ୍ଡାୟତ, ବା:ଶ୍ୟାମାନନ୍ଦପୁର |
| 144 | 687/733 | 0.84 | 0.02 | ଶାରଦ ଏକ | ଭାଗବତ ସାହୁ, ପି:ଦିନବନ୍ଧୁ ସାହୁ, ଜା:କୁବେର, ବା:ହାଟସାହି |
| 146 | 466 | 1.29 | 0.18 | ଶାରଦ ଦୁଇ | ଭାସ୍କର ରାଉତ, ପି:ବାବୁ ରାଉତ, ଜା:ଖଣ୍ଡାୟତ, ବା:ନିଜଗାଁ |
| 158 | 96 | 0.49 | 0.01 | ଶାରଦ ଏକ | ରମାନାଥ ରାଉଳ, ପି:ପାଣ୍ଡବ ରାଉଳ, ଜା:ଗୋଲା, ବା:ଶ୍ୟାମାନନ୍ଦପୁର |
| 166 | 432 | 0.59 | 0.14 | ଶାରଦ ଏକ | ରାଧାମଣି ପ୍ରଧାନ, ସରସ୍ୱତୀ ପ୍ରଧାନ, ପି:ମହନ ଜେନା, ଜା:ଖଣ୍ଡାୟତ, ବା:ସିଙ୍ଗାରପୁର |
| 176 | 568 | 0.32 | 0.07 | ଶାରଦ ଏକ | ରୁକୁମଣି ଗୁଛାୟତ, ସ୍ୱା:ଭିମ ଗୁଛାୟତ, ଜା:ଖଣ୍ଡାୟତ, ବା:ନିଜଗାଁ |
| 189 | 422 | 0.04 | 0.04 | ଶାରଦ ଏକ | ସନ୍ନ୍ୟାସୀ ପାଣି, ପି:ଭଗବାନ ପାଣି, ଜା:ବ୍ରାହ୍ମଣ, ବା:ମାଣିକପୁର |
| 195 | 692 | 0.20 | 0.06 | ଶାରଦ ଏକ | ଶଶି ଭୁଷଣ ପଣ୍ଡା, ପି:ଜନାର୍ଦ୍ଦନ ପଣ୍ଡା, ଜା:ବ୍ରାହ୍ମଣ, ବା:ନିଜଗାଁ |
| | 693 | 0.11 | 0.05 | ଶାରଦ ଏକ | |
| 196 | 94 | 1.09 | 0.22 | ଶାରଦ ଏକ | ସାଉନା ମାଝୀ, ପି:ବାର୍ଷା ମାଝୀ, କୁଅଁର ମାଝୀ, ପି:ବାସୁ ମାଝୀ, ଜା:ସାନ୍ତାଳ, ବା:ଶ୍ୟାମାନନ୍ଦପୁର |
| 201 | 577 | 0.44 | 0.02 | ଶାରଦ ଏକ | ଶ୍ରୀବତ୍ସ ଦାସ, ପି:ହରେକୃଷ୍ଣ ଦାସ, ଜା:ବ୍ରାହ୍ମଣ, ବା:ନିଜଗାଁ |
| 202 | 575 | 0.41 | 0.03 | ଶାରଦ ଏକ | ଶ୍ରୀବତ୍ସ ଦାସ, ମଧୁସୂଦନ ଦାସ, ଧନଞ୍ଜୟ ଦାସ, ଗୋପାଳ ଦାସ, ପି:ହରେକୃଷ୍ଣ ଦାସ, ଜା:ବ୍ରାହ୍ମଣ, ବା:ନିଜଗାଁ |
| | 576 | 0.71 | 0.08 | ଶାରଦ ଏକ | |
| 204 | 444 | 0.64 | 0.07 | ଶାରଦ ଦୁଇ | ଶ୍ରୀବତ୍ସ ଜେନା, ଶ୍ରୀନିବାସ ଜେନା, ନିନା ଜେନା, କମଳା ଜେନା, ପି:ଅନାଦି ଚରଣ ଜେନା, ଆଶାମଣି ଜେନା, ସ୍ୱା:ଅନାଦି ଚରଣ ଜେନା, ଜା:ଖଣ୍ଡାୟତ, ବା:ନିଜଗାଁ |
| | 446 | 1.60 | 0.11 | ଶାରଦ ଦୁଇ | |
| | 468 | 0.34 | 0.09 | ଶାରଦ ଦୁଇ | |
| 211 | 378 | 0.32 | 0.12 | ଶାରଦ ଏକ | ସୃଷ୍ଟିଧର ବେହେରା, ବାଙ୍ଗୁରୁ ଓରଫ ମଙ୍ଗୁଳି ବେହେରା, ମାଧବ ବେହେରା, ପି:ନରେନ୍ଦ୍ର ବେହେରା, ସରସ୍ୱତୀ ବେହେରା, ସ୍ୱା:ନରେନ୍ଦ୍ର ବେହେରା, ସୁରେନ୍ଦ୍ର ବେହେରା, ଦେବେନ୍ଦ୍ର ବେହେରା, ପି:ଶ୍ୟାମ ବେହେରା, ଜା:କୈବର୍ତ୍ତ, ବା:ହାଣ୍ଡିଧୁଆ |
| | 378/737 | 0.96 | 0.13 | ଶାରଦକ | |
| 216 | 145 | 0.20 | 0.06 | ଶାରଦ ତନି | ହରେକୃଷ୍ଣ ଦାସ, ପି:ଭୋଳାନାଥ ଦାସ, ଜା:ବ୍ରାହ୍ମଣ, ବା:ନିଜଗାଁ |
| | 147 | 0.30 | 0.09 | ଶାରଦ ତନି | |
| | 579 | 0.43 | 0.05 | ଶାରଦ ଏକ | |
| | 581 | 0.45 | 0.16 | ଶାରଦ ଏକ | |
| | 678 | 0.45 | 0.27 | ଶାରଦ ଏକ | |
| | 679 | 0.22 | 0.08 | ଶାରଦ ଏକ | |
| | 684 | 0.30 | 0.08 | ଶାରଦ ଏକ | |
| 227/1 | 367 | 1.59 | 0.05 | ଶାରଦ ଏକ | ଶ୍ରୀ ଶ୍ରୀ ଚୈତନ୍ୟ ଦେବ ମହାପ୍ରଭୁ ବିଜେ ହାଟସାହି ମାର୍ଫତ, ପ୍ରେସିଡେଣ୍ଟ ମେନେଜିଂ ଟ୍ରଷ୍ଟି ବୋର୍ଡ, ହାଟସାହି, ବା: |
| | 674 | 0.50 | 0.01 | ଶାରଦ ଏକ | |
| | 435 | 3.65 | 0.19 | ଶାରଦ ଏକ | |
| 227/9 | 244 | 0.50 | 0.14 | ଶାରଦ ଏକ | କାଳି ଚରଣ ନାୟକ, ରବିନ୍ଦ୍ର ନାୟକ, ପି:ବାଉରିବନ୍ଧୁ ନାୟକ, କୈଳାସ ନାୟକ, ପି:ବନମାଳି ନାୟକ, ଜା:ଖଣ୍ଡାୟତ, ବା:ନିଜଗାଁ |
| 222/11 | 424/728 | 0.06 | 0.06 | ଶାରଦ ଏକ | ମଧୁସୂଦନ ହେମ୍ବ୍ରମ, ତପନ କୁମାର ହେମ୍ବ୍ରମ, ପି.ସିଙ୍ଗରାୟ ହେମ୍ବ୍ରମ, ଜା:ସାନ୍ତାଳ, ବା:ମୁଷାମାରି |
| | 423 | 0.37 | 0.04 | ଶାରଦ ଏକ | |

| ଖାତା ନଂ. | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| 222/15 | 687/732 | 1.07 | 0.05 | ଶାରଦ ଏକ | ରେଖାରାଣୀ ରାଉତ, ସ୍ୱା:ଭାଗବତ ରାଉତ, ଜା:ଖଣ୍ଡାୟତ, ବା:ପାଇକସାହି |
| | 680/762 | 1.47 | 0.46 | ଶାରଦ ଏକ | |
| 222/23 | 687/733 /766 | 0.93 | 0.05 | ଶାରଦ ଏକ | ରଙ୍ଗଲାଲ ମହାନ୍ତ, ପି:ଜାନକି ରାମ ମହାନ୍ତ, ଜା:କୁର୍ମି କ୍ଷତ୍ରିୟ, ବା:ବଇଞ୍ଚଡିହା |
| 222/29 | 108/768 | 0.20 | 0.01 | ଶାରଦ ଦୁଇ | ଘନଶ୍ୟାମ ମାର୍ଣ୍ଡି, ପି:ରୁହ୍ୟା ମାର୍ଣ୍ଡି, ଜା:ସାନ୍ତାଳ, ବା:ଶ୍ୟାମାନନ୍ଦପୁର |
| | 355 | 0.35 | 0.12 | ଶାରଦ ଏକ | |
| 222/31 | 370 | 0.22 | 0.06 | ଶାରଦ ଏକ | ରତ୍ନାକର ସେଠୀ, ପି:ହାଡିବନ୍ଧୁ ସେଠୀ, ଜା:ଧୋବା, ବା:ନିଜଗାଁ |
| 222/37 | 695 | 0.53 | 0.04 | ଶାରଦ ଏକ | ତ୍ରିଲୋଚନ ମହାନ୍ତ, କମଳ ଲୋଚନ ମହାନ୍ତ, ପି:ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଜା:କୁଡୁମି, ବା:ତୋଟାପଡା |
| 222/45 | 158/778 | 0.54 | 0.18 | ଶାରଦ ଦୁଇ | ସୁନାରାମ ମାରାଣ୍ଡି, ପି:ଗୋପିନାଥ ମାରାଣ୍ଡି, ଜା:ସାନ୍ତାଳ, ବା:ନିଜଗାଁ |
| 222/53 | 366/784 | 0.69 | 0.01 | ଶାରଦ ଏକ | ନିରଞ୍ଜନ ବେହେରା, ପି:ଗଙ୍ଗାଧର ବେହେରା, ଜା:କୈବର୍ତ୍ତ, ବା:ବଡଧନାଡି, ଥାନା–ବସ୍ତା, ଜି–ବାଲେଶ୍ୱର |
| 222/62 | 356/790 | 0.33 | 0.08 | ଶାରଦ ଏକ | ସୁରେନ୍ଦ୍ରନାଥ ମହାନ୍ତ, ପି:ବିଶ୍ୱନାଥ ମହାନ୍ତ, ଜା:କୁଡୁମି, ବା:ତୋଟାପଡା |
| 222/65 | 93 | 0.25 | 0.09 | ଶାରଦ ଏକ | ରଂଗଲାଲ ମହାନ୍ତ, ପି:ଜାନକିରାମ ମହାନ୍ତ, ଜା:କୁଡୁମି, ବା:ବଇଁଚାଡିହା |
| 222/70 | 733/798 | 0.50 | 0.07 | ଶାରଦ ଏକ | ବୈକୁଣ୍ଠ ସେଠୀ, ପି:ଭାସ୍କର ସେଠୀ, ଜା:ଧୋବା, ବା:ନିଜଗାଁ |
| 222/74 | 150 | 0.19 | 0.05 | ଶାରଦ ତିନି | ପ୍ରତାପ ଚନ୍ଦ୍ର ପରିଡା, ପି:ଗଜେନ୍ଦ୍ର ପରିଡା, ଜା:ଲକ୍ଷ୍ମୀନାରାୟଣ ଗୋଲା, ବା:ଶ୍ୟାମାନନ୍ଦପୁର |
| | 152 | 0.12 | 0.06 | ଶାରଦ ତିନି | |
| 222/85 | 463/803 | 0.89 | 0.14 | ଶାରଦ ଦୁଇ | ହରିଶ୍ଚନ୍ଦ୍ର ସେଠୀ, ପି:ଭାସ୍କର ସେଠୀ, ଜା:ଧୋବା, ବା:ନିଜଗାଁ |
| 222/87 | 421 | 0.52 | 0.02 | ଶାରଦ ଏକ | ଲମ୍ବୋଦର ପାତ୍ର, ପି:ପୂର୍ଣ୍ଣଚନ୍ଦ୍ର ପାତ୍ର, ଜା:ଖଣ୍ଡାୟତ, ବା:ହାଟସାହି |
| | 424 | 0.32 | 0.01 | ଶାରଦ ଏକ | |
| 222/95 | 689 | 1.00 | 0.05 | ଶାରଦ ଏକ | ତ୍ରିଲୋଚନ ସାହୁ, ପି:ମାଗୁଣି ସାହୁ, ଜା:କୁବେର, ବା:ହାଟସାହି |
| 222/99 | 470 | 0.28 | 0.10 | ଶାରଦ ଦୁଇ | ଗୌରହରି ସେନାପତି, ପି:ହାଡିବନ୍ଧୁ ସେନାପତି, ଜା:ଖଣ୍ଡାୟତ, ବା:ନିଜଗାଁ |
| 222/106 | 344/815 | 0.50 | 0.06 | ଶାରଦ ଏକ | ହରିହର ମହାନ୍ତ, ଶ୍ରୀହରି ମହାନ୍ତ, ପି:ହରିଶ୍ଚନ୍ଦ୍ର ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| 222/117 | 365/785 | 0.69 | 0.24 | ଶାରଦ ଏକ | ସଞ୍ଜୟ କୁମାର ବେହେରା, ପି:ନିରଞ୍ଜନ ବେହେରା, ଜା:କୈବର୍ତ୍ତ, ବା:ହାଣ୍ଡିଧୁଆ |
| 222/123 | 105 | 0.30 | 0.16 | ଶାରଦ ଏକ | ଦୁଃଖିଆ ହେମ୍ବ୍ରମ, ପି:ବଗଲା ହେମ୍ବ୍ରମ, ଜା:ସାନ୍ତାଳ, ବା:ଶ୍ୟାମାନନ୍ଦପୁର |
| | 106/829 | 0.14 | 0.04 | ଶାରଦ ଦୁଇ | |
| 222/143 | 566 | 0.10 | 0.04 | ଶାରଦ ଏକ | କମଳା ନାୟକ, ସ୍ୱା:ରବିନ୍ଦ୍ର ନାୟକ, ଜା:ଖଣ୍ଡାୟତ, ବା:ଅସନଖାଲି |
| 222/146 | 694/837 | 1.00 | 0.06 | ଶାରଦ ଏକ | ରୁଦ୍ରନାରାୟଣ ବେହେରା, ଦିବ୍ୟ ଅର୍ପଣ ବେହେରା, ପି:ଅଜିତ କୁମାର ବେହେରା, ରବିନ୍ଦ୍ର ବେହେରା, ପି:ଜଙ୍ଗେଶ୍ୱର ବେହେରା, ଜା:କୈବର୍ତ୍ତ, ବା:ହାଣ୍ଡିଧୁଆ |
| 222/151 | 569/845 | 0.69 | 0.02 | ଶାରଦ ଏକ | ଦେବକାନ୍ତ ନାୟକ, ଦୁର୍ଗାମାଧବ ନାୟକ, ପି:ବ୍ରଜକିଶୋର ନାୟକ, ଜା:ଖଣ୍ଡାୟତ, ବା:ନିଜଗାଁ |
| 222/152 | 353/846 | 0.48 | 0.04 | ଶାରଦ ଏକ | ବିଷ୍ଣୁପ୍ରିୟା ମହାନ୍ତ, ସ୍ୱା:ଗୌର ମୋହନ ମହାନ୍ତ, ଜା:କୁଡୁମି, ବା:କାପୋଇ |
| 222/181 | 463 | 0.910 | 0.11 | ଶାରଦ ଦୁଇ | ପଦ୍ମାବତୀ ଜେନା, ସ୍ୱା:ପଦ୍ମଲୋଚନ ଜେନା, ପ୍ରବୀର କୁମାର ଜେନା, ଶାନ୍ତନୁ କୁମାର ଜେନା, ପି:ପଦ୍ମଲୋଚନ ଜେନା, ଜା:ଖଣ୍ଡାୟତ, ବା:ନିଜଗାଁ |
| 222/187 | 160 | 0.900 | 0.10 | ଶାରଦ ଦୁଇ | ରତିକାନ୍ତ ବେହେରା, ବରଦା କାନ୍ତ ବେହେରା, ଶ୍ରୀକାନ୍ତ ବେହେରା, ପି:ଦୟାନିଧି ବେହେରା, ଲାବଣ୍ୟ ବେହେରା, ସ୍ୱା:ଦୟାନିଧି ବେହେରା, ଜା:ଗୋଲା, ବା:ଶ୍ୟାମାନନ୍ଦପୁର |
| 222/190 | 158 | 0.760 | 0.21 | ଶାରଦ ଦୁଇ | ତିଳୋତ୍ତମା ବେହେରା, ପି:ଗଗନ ବେହେରା, ଜା:ଗୋଲା, ବା:ଆରୁହା, ଥା:ଜଳେଶ୍ୱର, ଜି–ବାଲେଶ୍ୱର |
| 222/191 | 107 | 0.350 | 0.02 | ଶାରଦ ଦୁଇ | ପଦ୍ମାବତୀ ବେହେରା, ସ୍ୱା:ବ୍ରଜକିଶୋର ବେହେରା, କୁମୁଦିନୀ ଦଳାଇ, ଅଭିମାନୀ ବେହେରା, ବିନୋଦିନୀ ବେହେରା, ପି:ବ୍ରଜକିଶୋର ବେହେରା, ଜା:ଗୋଲା, ବା:ଶ୍ୟାମାନନ୍ଦପୁର |
| 222/192 | 160/888 | 0.55 | 0.12 | ଶାରଦ ଦୁଇ | ଶ୍ୟାମସୁନ୍ଦର ବେହେରା, ପି:ଗଗନ ବେହେରା, ଜା:ଗୋଲା, ବା:ଗନିପୁର, ଥା–ରେମୁଣା, ଜି–ବାଲେଶ୍ୱର |
| | **94** | **60.22** | **9.63** | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./–(ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

OIPR-24001/14/0230/2526

# ଭିଜିଲାନ୍ସ ଜାଲରେ ରାହାମା ବନ ବିଭାଗ ରେଞ୍ଜର

- ୩ କୋଠା, ୫ ପ୍ଲଟ୍, ୮୦ ଲକ୍ଷ ଟଙ୍କାର ଜମାରାଶି ଠାବ
- ୨୫୦ ଗ୍ରାମ୍ ସୁନାଗହଣା, ନଗଦ ୩. ୬୯ ଲକ୍ଷ, କାର୍, ବାଇକ୍ ଜବତ
- ଏକକାଳୀନ ୪ ସ୍ଥାନରେ ଚଢ଼ାଉ

ଜଗତ୍‌ସିଂହପୁର, ୨୦।୧୨ (ପ୍ରମୋଦ କୁମାର ନାୟକ)


ଚାଟରାସ୍ଥିତ ୩ ତଳ ବିଶିଷ୍ଟ କୋଠା।


ରାଜେନ୍ଦ୍ର କୁମାର ସାମନ୍ତରାୟ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଶନିବାର ଜଗତ୍‌ସିଂହପୁର ଜିଲା ରାହାମା ବନ ବିଭାଗ ରେଞ୍ଜର ରାଜେନ୍ଦ୍ର କୁମାର ସାମନ୍ତରାୟ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ତାଙ୍କୁ ଭିଜିଲାନ୍ସ ଟିମ୍ ଅଟକ ରଖି ପଚରାଉଚରା ଜାରି ରଖିଛି। କଟକ ଭିଜିଲାନ୍ସ ସ୍ୱତନ୍ତ୍ର ବିଚାରପତିଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଭିଜିଲାନ୍ସ ପକ୍ଷରୁ ୪ଟି ଦଳ ସାମନ୍ତରାୟଙ୍କ ୪ଟି ସ୍ଥାନରେ ଅର୍ଥାତ୍ ତାଙ୍କ ଜଗତ୍‌ସିଂହପୁର ଚାଟରାସ୍ଥିତ ଘର, ଦୋନ୍ଦୋ ସାମନ୍ତରାପୁରସ୍ଥିତ ପୈତୃକ ଘର, ସାଁପୁରସ୍ଥିତ ଫରେଷ୍ଟ ରେଞ୍ଜ କାର୍ଯ୍ୟାଳୟ ଓ ଜଗତ୍‌ସିଂହପୁର ଫରେଷ୍ଟ ରେଞ୍ଜ ସରକାରୀ କ୍ୱାର୍ଟର୍ସରେ ପୃଥକ୍ ଭାବେ ଏକକାଳୀନ ଚଢ଼ାଉ କରାଯାଇଥିଲା।

ଭିଜିଲାନ୍ସ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସାମନ୍ତରାୟ ୧୯୮୫ ନଭେମ୍ବର ୨୬ରେ ଫରେଷ୍ଟର ଭାବେ ନିଯୁକ୍ତି ପାଇଥିଲେ। ସେତେବେଳେ ତାଙ୍କ ଦରମା ମାସକୁ ମାତ୍ର ୧୫୦୦ ଟଙ୍କା ଥିଲା। ତା'ପରେ ୨୦୨୧ ସେପ୍ଟେମ୍ବର ୧୫ରେ ଡେପୁଟି ରେଞ୍ଜର ପଦବୀକୁ ପଦୋନ୍ନତି ପାଇ ଅନୁଗୋଳ ବନଖଣ୍ଡ ଅଞ୍ଚଳରେ ଯୋଗଦେଇଥିଲେ। ୨୦୨୩ ଅଗଷ୍ଟ ୧ରେ ରେଞ୍ଜର ଭାବେ ପଦୋନ୍ନତି ପାଇ ରାହାମା ଫରେଷ୍ଟ ରେଞ୍ଜରେ ଅଦ୍ୟାବଧି କାର୍ଯ୍ୟରତ ଅଛନ୍ତି। ଚାକିରି କରିବା ଭିତରେ ଅର୍ଥାତ୍ ପାଖାପାଖି ୪ ଦଶନ୍ଧି ଧରି ସେ ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାରେ କାମ କରିଆସୁଛନ୍ତି। କିନ୍ତୁ ସରକାରୀ ଭାବେ ସେ ଯେତିକି ରୋଜଗାର କରିଛନ୍ତି ତାଠାରୁ ଯଥେଷ୍ଟ ଅଧିକ ସମ୍ପତ୍ତି କରିଥିବା ଜଣାପଡ଼ିଛି। ଜଗତ୍‌ସିଂହପୁରର ଚାଟରାରେ ୫୫୦୦ ବର୍ଗଫୁଟ ଜାଗାରେ ୩ ତଳ ବିଶିଷ୍ଟ କୋଠା ଏବଂ ସାମନ୍ତରାପୁରସ୍ଥିତ ନିଜ ଗାଁରେ ୨୫୦୦ ବର୍ଗଫୁଟର ୨ ତଳ ବିଶିଷ୍ଟ କୋଠା ଅଛି। ଏହାବ୍ୟତୀତ ଜଗତ୍‌ସିଂହପୁର ସହରରେ ୩ ଓ କଟକ ସହର ନିକଟରେ ୨ଟି ମୂଲ୍ୟବାନ୍ ପ୍ଲଟ୍ ରହିଛି। ଏଗୁଡ଼ିକର ମୂଲ୍ୟ ଭିଜିଲାନ୍ସ ବୈଷୟିକ ଶାଖା ନିର୍ଦ୍ଧାରଣ କରିବ। ଏହାବାଦ ତାଙ୍କ ଘରୁ ନଗଦ ୩ ଲକ୍ଷ ୬୯ ହଜାର ୬୬୦ ଲକ୍ଷ ଟଙ୍କା, ୨୫୦ ଗ୍ରାମ ସୁନାଗହଣା ସମେତ ବ୍ୟାଙ୍କ, ବୀମା ଓ ପୋଷ୍ଟାଲ ଆଦିରେ ୮୦ ଲକ୍ଷ ୬୮ ହଜାର ୬୬୨ ଟଙ୍କାର ଜମାରାଶି, ଗୋଟିଏ ୪ ଚକିଆ ଓ ୨ଟି ବାଇକ୍ ମିଳିଛି। ଏନେଇ ଅଧିକ ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି। ଏହି ଚଢ଼ାଉରେ ଭିଜିଲାନ୍ସ ବିଭାଗର ୨ ଅତିରିକ୍ତ ଏସ୍‌ପି, ୫ ଡିଏସ୍‌ପି, ୮ ଇନ୍ସପେକ୍ଟରଙ୍କ ସମେତ ଅନ୍ୟ ସହଯୋଗୀ ଅଧିକାରୀ ଓ କର୍ମଚାରୀମାନେ ସାମିଲ ଥିଲେ।

# କାର୍‌ରେ ସିକ୍ରେଟ୍ ଚାମ୍ବର କରି ଗଞ୍ଜେଇ ଚାଲାଣ

## ଧରାପଡ଼ିଲା ଆନ୍ତଃରାଜ୍ୟ ନିଶା ର‌୍ୟାକେଟ୍

ବଲାଙ୍ଗୀର, ୨୦।୧୨ (ବୀରେନ୍ଦ୍ର କୁମାର ଝାଙ୍କର)


ଗଞ୍ଜେଇ ଚାଲାଣରେ ଗିରଫ ଛତିଶଗଡର ୨ ଅଭିଯୁକ୍ତ।


କାର ଡେସବୋର୍ଡରେ ତିଆରି ସିକ୍ରେଟ୍ ଚ୍ୟାମ୍ବରରୁ ଗଞ୍ଜେଇ ପ୍ୟାକେଟ ବାହାର କରାଯାଉଛି।

ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିଲା ଭଳି ବଲାଙ୍ଗୀର ଟାଉନ୍ ପୋଲିସ ସନ୍ଦେହ ପ୍ରକାଶ କରି ଏକ କାରକୁ ତନ୍ନତନ୍ନ କରି ଯାଞ୍ଚ କଲାବେଳେ ଅଭିନବ ଉପାୟରେ କିଭଳି ଆନ୍ତଃରାଜ୍ୟ ଗଞ୍ଜେଇ ଚୋରାଚାଲାଣ ର‌୍ୟାକେଟ୍ ଚାଲିଛି ତା'ର ଏକ ନମୁନା ଦେଖିବାକୁ ମିଳିଛି। ଏହି ଘଟଣା ପୋଲିସ କର୍ମଚାରୀମାନଙ୍କୁ ବି ଚକିତ କରିଛି। ଦାମୀ କାର ଭିତରେ ସିକ୍ରେଟ୍ ଚାମ୍ବର ତିଆରି କରି କିଭଳି ଗଞ୍ଜେଇ ଚୋରାଚାଲାଣ କରାଯାଉଛି ତା'ର ପର୍ଦ୍ଦାଫାଶ ହୋଇଛି।

ବଲାଙ୍ଗୀର ଟାଉନ୍ ଥାନା ପୋଲିସ ପକ୍ଷରୁ ବଲାଙ୍ଗୀର ସହର ଉପକଣ୍ଠ ଟ୍ରକ୍ ଟର୍ମିନାଲ ପାଖରେ ବଲାଙ୍ଗୀର-ବୋରିଗୁମ୍ମା ୨୬ ନମ୍ବର ଜାତୀୟ ରାଜପଥରେ ଶନିବାର ସକାଳୁ ପୋଲିସ ଟିମ୍ ପାଟ୍ରୋଲିଂ କରିବା ସହ ଗାଡି ଯାଞ୍ଚ କରୁଥିଲେ। ଏତିକିବେଳେ ସିନ୍ଧେକେଲା ପଟରୁ ଏକ କ୍ରେଟା ଗାଡି ସିଜି ୦୪ଏଲୟୁ ୦୦୧୧ ବଲାଙ୍ଗୀର ସହର ଅଭିମୁଖେ ଆସୁଥିଲା। ଟ୍ରକ୍ ଟର୍ମିନାଲ ପାଖରେ ପୋଲିସ ଗାଡି ଯାଞ୍ଚ କରୁଥିବା ଦେଖି ଉକ୍ତ ନିର୍ଦ୍ଦିଷ୍ଟ କାରଟି ତତ୍‌କ୍ଷଣାତ୍ ସେଠାରୁ ଆସୁଥିବା ଦିଗକୁ ପୁଣି ଯିବାକୁ ଚେଷ୍ଟା କରିଥିଲା। ଉକ୍ତ କାରର ଏଭଳି ଗତିବିଧି ସନ୍ଦେହଜନକ ମନେକରି ପାଟ୍ରୋଲିଂ କରୁଥିବା ପୋଲିସ ଟିମ୍ ଉକ୍ତ କାରକୁ ପିଛା କରି ଅଟକାଇ ଥିଲେ। ସେଥିରେ ୨ଜଣ ଯୁବକ ବସିଥିଲେ। କାର ଭିତରେ ବାହାରୁ କିଛି ନ ଥିବା ଭଳି ଦେଖାଯାଉଥିଲା। ତେବେ ଉକ୍ତ ୨ଯୁବକଙ୍କ ଗତିବିଧି ସନ୍ଦେହଜନକ ହେବାରୁ ସେମାନଙ୍କୁ ପୋଲିସ ଅଧିକ ପଚରାଉଚରା କରି ଗାଡ଼ି ଯାଞ୍ଚ କରିଥିଲେ। ତନ୍ନତନ୍ନ କରି ଯାଞ୍ଚ କରିବା ପରେ କାରର ସମ୍ମୁଖ ପଟ ଡେକ୍ସବୋର୍ଡ ଭିତରେ ଏବଂ ପଛପଟ ସିଟ୍ ତଳେ ଦୁଇଟି ସିକ୍ରେଟ୍ ଚାମ୍ବର ତିଆରି କରାଯାଇ ସେଥିରେ ସିଲ୍ ଗଞ୍ଜେଇ ପ୍ୟାକେଟ୍ ରଖାଯାଇଥିବା ଜଣାପଡ଼ିଥିଲା। ପୋଲିସ ଅଧିକାରୀମାନେ ମେକାନିକ୍‌କୁ ଡାକି ଉକ୍ତ ସିକ୍ରେଟ୍ ଚାମ୍ବର ଖୋଲି ଗଞ୍ଜେଇ ବାହାର କରିଥିଲେ। କାର ଭିତରୁ ୨୪ କେଜି ଗଞ୍ଜେଇ ଜବତ ହୋଇଥିଲା। ଏଭଳି ଅଭିନବ ଉପାୟରେ ୨ ଯୁବକ ବୌଦ୍ଧ ଜିଲାରୁ ଛତିଶଗଡ଼କୁ ଗଞ୍ଜେଇ ଚାଲାଣ କରୁଥିବା ଜଣାପଡ଼ିଥିଲା। ପୋଲିସ ଗଞ୍ଜେଇ ଓ କାର ଜବତ କରିବା ସହ ୨ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଗିରଫ ଦୁଇ ଅଭିଯୁକ୍ତ ହେଲେ ଛତିଶଗଡର ଚାନ୍ଦିନୀ ଥାନା ଅନ୍ତର୍ଗତ ପାସଲ ଗାଁର ମନୀଶ ବ୍ୟାସ (୧୯) ଓ ଜବାହୀର ସିଂ (୨୪)। ୨ଜଣ ଅଭିଯୁକ୍ତଙ୍କୁ ପୋଲିସ କୋର୍ଟଚାଲାଣ କରିଛି। ସଦର ଏସ୍‌ଡିପିଓ ସରୋଜ ଉପାଧ୍ୟାୟ ଟାଉନ୍ ଥାନାରେ ଖବରଦାତା ସମ୍ମିଳନୀ କରି ଉପରୋକ୍ତ ସୂଚନା ଦେଇଛନ୍ତି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ସେ ସୂଚନା ଦେଇଥିଲେ। ଟାଉନ୍ ଥାନା ଆଇଆଇସି ଅବନୀ ସାହୁ, ସବ୍‌ଇନ୍ସପେକ୍ଟର ଦେବାଶିଷ ଶତପଥୀ, ଏଏସ୍‌ଆଇ ବୈକୁଣ୍ଠନାଥ ଦେହୁରୀ, କେ.ପାଣ୍ଡେ, ବିଡି ଭୋଇ, ହାବିଲଦାର ଯୋଗେଶ୍ୱର ମୁଗୁରି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଓପିଆର୍‌ବି ଏସ୍‌ପିଙ୍କୁ ପଚରାଉଚରା କଲା ସିବିଆଇ

ଭୁବନେଶ୍ୱର,୨୦।୧୨(ତ୍ରିନାଥ ମହାନ୍ତି)

**ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା**

- ସନ୍ଦେହ ଘେରରେ ଓପିଆର୍‌ବି, ଆଉ ୩ ଜଣଙ୍କୁ ହାଜର ନୋଟିସ
- ଶଙ୍କର ପୃଷ୍ଟିଙ୍କ ଜାଲିଆତି ମଡ୍ୟୁଲ୍ ତିଆରି କରିଥିବା ଶିକ୍ଷକଙ୍କୁ ସମନ

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାରେ ସିବିଆଇ ରିମାଣ୍ଡର ଶନିବାର ଦ୍ୱିତୀୟ ଦିନରେ ମାଷ୍ଟରମାଇଣ୍ଡ୍ ତଥା ପଞ୍ଚସଫ୍ଟ ମାଲିକ ଶଙ୍କର ପୃଷ୍ଟି, ସିଲିକନ୍ ଟେକ୍ ଲାବ୍‌ର ମାଲିକ ସୁରେଶ ନାୟକ ଏବଂ ସାଗର ଗୌଡ଼ଙ୍କୁ ୩ଘଣ୍ଟା ମାରାଥନ ଜେରା କରିଛି। ଏଥିସହ ଓଡ଼ିଶା ପୋଲିସ ରିକ୍ରୁଟ୍‌ମେଣ୍ଟ ବୋର୍ଡ (ଓପିଆର୍‌ବି)ର ଏସ୍‌ପିଙ୍କୁ ମଧ୍ୟ ପଚରାଉଚରା କରିଛି। ତାଙ୍କୁ ପରୀକ୍ଷା ପରିଚାଳନା ପାଇଁ ହୋଇଥିବା ଟେଣ୍ଡର ପେପର ଏବଂ ଅନ୍ୟାନ୍ୟ ଦସ୍ତାବିଜ୍ ଆଣିବାକୁ କୁହାଯାଇଥିଲା। ସେ ସମସ୍ତ ଦସ୍ତାବିଜ୍ ସହ ସିବିଆଇ କାର୍ଯ୍ୟାଳୟରେ ହାଜର ହେବା ପରେ ତଦନ୍ତ ଅଧିକାରୀମାନେ ଟେଣ୍ଡର ପକ୍ରିୟା ଏବଂ କିଭଳି ପରୀକ୍ଷା ପରିଚାଳନା କରାଯାଉଥିଲା ଆଦି ଅନେକ ବିଷୟରେ ପଚରାଉଚରା କରିଥିଲେ। ଏପରିକି ସିଲିକନ୍ ଟେକ୍ ଲାବ୍ ମୁଖ୍ୟ ସୁରେଶ ନାୟକଙ୍କ ସହ ଓପିଆର୍‌ବି ଏସ୍‌ପିଙ୍କୁ ମୁହାଁମୁହିଁ ଜେରା କରାଯାଇଥିଲା। କିଭଳି ସିଲିକନ୍ ଟେଣ୍ଡର ପାଇଲା, ପରୀକ୍ଷା ପରିଚାଳନା ନେଇ ଓପିଆର୍‌ବି ମନିଟରିଂ କରୁଥିଲା କି ନାହିଁ, ସବୁକିଛି ଦସ୍ତାବିଜ୍ ଯାଞ୍ଚ କରିଛି ସିବିଆଇ। ଏହି ଆଧାରରେ ସିବିଆଇ ଓପିଆର୍‌ବିର ଆଉ ୩ଜଣ ଅଧିକାରୀଙ୍କୁ ନୋଟିସ୍ କରାଯାଇଛି। ସେମାନେ ସୋମବାର ହାଜର ହେବେ ବୋଲି ଜଣାପଡ଼ିଛି। ଜାଲିଆତିର ମୁଖ୍ୟ ଶଙ୍କର ପୃଷ୍ଟିଙ୍କୁ ସବୁ ପରାମର୍ଶ ଏବଂ ଜାଲିଆତିର ମଡ୍ୟୁଲ କରିଥିବା ଜଣେ ଶିକ୍ଷକ ଏବେ ସିବିଆଇର ସ୍କାନରକୁ ଆସିଛନ୍ତି। ତଦନ୍ତବେଳେ ସିବିଆଇ ତାଙ୍କ ନାମ ଜାଣିବାକୁ ପାଇଥିଲେ। ତେଣୁ ତାଙ୍କୁ ପଚରାଉଚରା କରିବା ପାଇଁ ସିବିଆଇ ସମନ କରିଛି। ସେ ଶଙ୍କରଙ୍କ ରିମାଣ୍ଡ ଶେଷ ପୂର୍ବରୁ ହାଜର ହୋଇ ନିଜ ମତ ରଖିବେ ବୋଲି ଜଣାପଡ଼ିଛି। ଦେଶର ସବୁଠାରୁ ବଡ଼ ନିଯୁକ୍ତି ଜାଲିଆତିରେ ଓପିଆର୍‌ବିର ଭୂମିକା ସନ୍ଦେହ ଘେରକୁ ଆସିଛି। ଓପିଆର୍‌ବି ବିଜ୍ଞାପନରେ ଟେଣ୍ଡର ସମ୍ପର୍କରେ ତଥ୍ୟ ନ ଦେଇ ଲୁଚାଛପା ଭାବେ କୋଲକାତାର ଆଇଟିଆଇ ସଂସ୍ଥାକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦେଇଥିଲା। ଆଇଟିଆଇ ସବ୍ ଟେଣ୍ଡର ଭାବେ ଅଭିଯୁକ୍ତ ସୁରେଶଙ୍କ ସିଲିକନ୍ ଟେକ୍ ଲାବ୍‌କୁ ଦେଇଥିଲେ। ସିଲିକନ୍ ସଂସ୍ଥା ପରୀକ୍ଷା ପରିଚାଳନା ନେଇ ଓପିଆର୍‌ବିକୁ ଡିକ୍ଲରେଶନ ଦେଇଥିଲା। କାରଣ ସିଲିକନ୍ ଟେକ୍ ଲ୍ୟାବ୍ ଏହି ପରୀକ୍ଷାର ସବୁକିଛି ବୁଝୁଥିଲା। ହେଲେ ବଡ଼ ଆଶ୍ଚର୍ଯ୍ୟର କଥା ସିଲିକନ୍ ଟେକ୍ ଲାବ୍ କମ୍ପାନୀ ୨୦୨୩ରେ ପଞ୍ଜୀକରଣ ହୋଇଥିଲା। କିନ୍ତୁ ସିଲିକନ୍‌ର ଅଂଶ ଗତ ମେ' ମାସରୁ ବିକ୍ରି କରି ଦିଆଯାଇଥିଲା। ଶଙ୍କରଙ୍କ ସହଯୋଗୀ ସୁରେଶ ଅନ୍ୟ ଏକ କମ୍ପାନୀ କରିଥିଲେ ମଧ୍ୟ ସେ ସିଲିକନ୍‌ର ନିର୍ଦ୍ଦେଶକ ଥିଲେ। କମ୍ପାନୀର ଅଂଶ ବିକ୍ରି କରିବା ପରେ ଜାଲିଆତି କରିବା ପାଇଁ ନାମକୁ ମାତ୍ର ସୁରେଶ ନିର୍ଦ୍ଦେଶକ ରହିଥିଲେ। ଓପିଆର୍‌ବି ପରୀକ୍ଷା ପରିଚାଳନା ଦାୟିତ୍ୱ ନେଇଥିବା ବେଳେ କିଭଳି ସିଲିକନ୍‌ର ଏପରି କାର୍ଯ୍ୟକଳାପକୁ ମନିଟରିଂ କଲାନା। ସେହିଭଳି ସଂସ୍ଥାର କର୍ମଚାରୀ ଏବଂ ଭିତ୍ତିଭୂମି ଅଭାବ ସତ୍ତ୍ୱେ କିଭଳି ପରୀକ୍ଷା ପରିଚାଳନା ପାଇଁ ସବ୍ ଟେଣ୍ଡର ମିଳିଥିଲା ତାହାକୁ ନେଇ ସନ୍ଦେହ ଘେରରେ ରହିଛନ୍ତି ଓପିଆର୍‌ବିର ବଡ଼ ଅଧିକାରୀ। ସିବିଆଇ ଏବେ ଓପିଆର୍‌ବି କରିଥିବା ତ୍ରୁଟିକୁ ପଦାକୁ ଆଣୁଛି।

# ଶିଶୁକନ୍ୟା ହତ୍ୟାକାରୀ ବାପାଙ୍କୁ ୧୦ ବର୍ଷ ଜେଲ

ଆଠଗଡ଼,୨୦।୧୨(ସତ୍ୟ ପ୍ରସାଦ ରଥ)

କଟକ ଜିଲା ବଡ଼ମ୍ବା ଥାନା ଅନ୍ତର୍ଗତ ରଗଡିପଡା ଗ୍ରାମରେ ୨୦୧୮ ମସିହାରେ ଏକ ଶିଶୁକନ୍ୟାଙ୍କୁ ବାପା ହତ୍ୟା କରିଥିଲେ। ଆଠଗଡ ଅତିରିକ୍ତ ଜିଲା ଦୌରାଜଜ୍ ରାଜ କୁମାର ଦାସ ଏହି ମାମଲାର ବିଚାର କରି ଅଭିଯୁକ୍ତ ସମୀର ନାଏକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ନିଜ ଶିଶୁକନ୍ୟାଙ୍କୁ ହତ୍ୟା ଅଭିଯୋଗରେ ତାଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଏହି ରାଶି ଅନାଦାୟରେ ଅଧିକ ୩ ମାସ କାରାଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ ରହିଛି। ୨୦୧୮ ଜୁଲାଇ ୨୨ରେ ଏହି ଘଟଣା ଘଟିଥିଲା। ସମୀର ତାଙ୍କ ୫ ବର୍ଷର ଶିଶୁକନ୍ୟା କାବେରୀଙ୍କୁ ଏକ ଘରେ ପୂରାଇ ଠେଙ୍ଗାରେ ନିସ୍ତୁକ ମାଡ଼ ମାରି ଗୁରୁତର କରିଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ବଡ଼ମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ କାବେରୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପଡ଼ୋଶୀ କୈଳାସଙ୍କ ଅଭିଯୋଗକ୍ରମେ ବଡ଼ମ୍ବା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ପୋଲିସ ପକ୍ଷରୁ ଥାନାରେ ମାମଲା (ନଂ.୧୨୨/୧୮) ରୁଜୁ କରାଯାଇଥିଲା। ସରକାରଙ୍କ ପକ୍ଷରୁ ଓକିଲ ଶରତ କୁମାର ଦାଶ ଓ ଦେବାଶିଷ ସିଟ ଏହି ମାମଲା ପରିଚାଳନା କରିଥିଲେ।

# ଠକେଇ ମାମଲାରେ ବିଲ୍‌ଡର ଗୟାଧରଙ୍କୁ ୩ବର୍ଷ ଜେଲଦଣ୍ଡ

## ଜମି ଦେବାକୁ କହି ନେଇଥିଲେ ୧୨.୫ଲକ୍ଷ

ଭୁବନେଶ୍ୱର,୨୦।୧୨(ତ୍ରିନାଥ ମହାନ୍ତି)

ଜମି ମାଫିଆ ତଥା ସାରଳା ରିଅଲକନ୍ ବିଲ୍ଡର ସଂସ୍ଥାର ନିର୍ଦ୍ଦେଶ ଗୟାଧର ଜେନାଙ୍କୁ ଜେଲ୍‌ଦଣ୍ଡ ହୋଇଛି। ଶହୀଦନଗର ଥାନାର ଏକ ଠକେଇ ମାମଲାର ଶୁଣାଣି କରି ଜେଏମ୍‌ଏଫ୍‌ସି(ତୃତୀୟ) ଅଭିଯୁକ୍ତ ଗୟାଧର ଜେନାଙ୍କୁ ୩ବର୍ଷ ଜେଲ୍‌ଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ୫ଜଣ ସାକ୍ଷୀ ଏବଂ ୪୯ଦସ୍ତାବିଜକୁ ପରଖିବା ପରେ କୋର୍ଟ ଅଭିଯୁକ୍ତ ଗୟାଧରଙ୍କୁ ଦଣ୍ଡ ଶୁଣାଇଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ସାରଳା ରିଅଲକନ ପ୍ରାଇଭେଟ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଗୟାଧର ଜେନା ଝାରପଡ଼ାରେ ଏକ ଜମି ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇ ଅଭିଯୋଗକାରୀ ପ୍ରଦୀପ୍ତ କୁମାର ନାୟକଙ୍କଠାରୁ ୧୨.୫ଲକ୍ଷ ଟଙ୍କା ନେଇଥିଲେ। ଦୀର୍ଘଦିନ ସମୟ ଧରି ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ଗୟାଧର ଉକ୍ତ ଟଙ୍କା ଫେରସ୍ତ କରି ନ ଥିଲେ କିମ୍ବା ପ୍ରତିଶ୍ରୁତି ଦିଆଯାଇଥିବା ଜମି ପ୍ରଦାନ କରି ନ ଥିଲେ। ଏନେଇ ଅଭିଯୋଗକାରୀ ପ୍ରଦୀପ୍ତ ଶହୀଦନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଶହୀଦନଗର ଥାନାରେ ମାମଲା ନଂ-୨୨୬ /୨୫ରେ ରୁଜୁ କରାଯାଇଥିଲା। ପରେ ଗୟାଧରଙ୍କୁ ପୋଲିସ ଗିରଫ କରିବା ସହ ଚାର୍ଜଶିଟ୍ ଦାଖଲ କରିଥିଲା।

# ପୋଲିସ ଉପସ୍ଥିତିରେ ଯୁବକଙ୍କୁ ଛୁରାମାଡ଼

## ଗାଡି ଧକ୍କା ଦେବାକୁ ନେଇ ଝଗଡ଼ା ହୋଇଥିଲା

ଭୁବନେଶ୍ୱର,୨୦।୧୨(ତ୍ରିନାଥ ମହାନ୍ତି)

ଗାଡ଼ି ଧକ୍କା ହେବାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଛି। ତାହା ମଧ୍ୟ ପୋଲିସ ଉପସ୍ଥିତିରେ। କ୍ୟାପିଟାଲ ଥାନା ରାଜମହଲ ଛକରେ ଯୁବକଙ୍କୁ ଗୋଡାଇ ଗୋଡ଼ାଇ ଛୁରାମାଡ଼ କରାଯାଇଥିବା ଅଭିଯୋଗ ହୋଇଛି। ଆହତ ହୋଇଥିବା ଯୁବକ ହେଲେ ହାଟସାହିର ଅମିତ୍ କୁମାର ସାହୁ। ତାଙ୍କ ପିଠି ଏବଂ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଏନେଇ କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରୁଛି।

ଅଭିଯୋଗ ଅନୁସାରେ, ଗତକାଲି ରାତି ସାଢେ ୯ଟା ସମୟରେ ଅମିତ ଏବଂ ତାଙ୍କ ସାଙ୍ଗ ସ୍ୱରାଜ ପଟ୍ଟନାୟକ ବାପୁଜୀ ନଗରରୁ ଫେରୁଥିଲେ। ରାଜମହଲ ଛକ ନିକଟରେ ହେବା ସମୟରେ ଦୁଇ ଜଣ ଯୁବକ କମଳା ରଙ୍ଗର ଏକ ବାଇକ୍‌ରେ ଆସି ଧକ୍କା ଦେଇଥିଲେ। ଅମିତ ପଚାରିବାରୁ ସେମାନେ ଗାଳିଗୁଲଜ କରିବା ସହ ଆଉ କିଛି ପିଲାଙ୍କୁ ଡାକିଥିଲେ। ତୁରନ୍ତ ସେଠାରେ ୫ଜଣ ଯୁବକ ପହଞ୍ଚିବା ପରେ ସେମାନେ ଅମିତ ଏବଂ ସ୍ୱରାଜଙ୍କୁ ପିଟିଥିଲେ। ଏପରିକି ଛକ ଉପରେ ଛୋଟ ଛୁରି ବାହାର କରି ମୁଣ୍ଡ ଏବଂ ପିଠିକୁ ଭୁସି ଦେଇଥିଲେ। ଉକ୍ତ ଛକରେ ପୋଲିସ ଥିଲେ ମଧ୍ୟ ସେମାନେ କିଛି ବି ପ୍ରତିବାଦ କରି ନ ଥିଲେ। ରକ୍ତାକ୍ତ ଅବସ୍ଥାରେ ଅମିତ ପଡ଼ିଥିବା ବେଳେ ପିସିଆର ଭ୍ୟାନ୍ ପହଞ୍ଚି ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା।

# ସତ୍ୟବାଦୀରେ ୨୪ଘଣ୍ଟାରେ ୫ ବୋମାମାଡ଼

ସାକ୍ଷୀଗୋପାଳ,୨୦।୧୨(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)


ବୋମା ମାଡ଼ ପରେ ସ୍ଥାନରେ ଏହାର ଅଂଶ ପଡି ରହିଛି।

ଅଶାନ୍ତ ହୋଇପଡ଼ିଛି ସତ୍ୟବାଦୀ ଅଞ୍ଚଳ। ଗତ ୨୪ଘଣ୍ଟାରେ ସାକ୍ଷୀଗୋପାଳ ବଡ଼ ବଜାର, ବନପୁର ଛକ ପୂର୍ବରୁ ଥିବା ଏକ ବ୍ୟବସାୟୀ ଦୋକାନ, ସାକ୍ଷୀଗୋପାଳ ବସ୍ ଷ୍ଟପେଜ ନିକଟରେ ଥିବା ଏକ ଦୋକାନ, ସେନାପତି ସାହିର ଜଣେ ବ୍ୟକ୍ତିଙ୍କ ଘର ଉପରେ ବୋମାମାଡ଼ ହେବା ଫଳରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଅପରପକ୍ଷରେ ବୋମା ମାଡ଼ ହୋଇଥିବା ସ୍ଥାନଗୁଡ଼ିକରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଯାଞ୍ଚ କରିବା ସହ କେତେଜଣ ଅପରାଧୀଙ୍କୁ ଧରି ତଦନ୍ତ କରାଯାଉଛି ବୋଲି ସତ୍ୟବାଦୀ ଥାନା ଅଧିକାରୀ ବିଜୟ କେତନ ବେହେରା ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଶୁକ୍ରବାର ବିଳମ୍ବିତ ରାତିରୁ ଶନିବାର ସାନ୍ଧ୍ୟା ଭିତରେ ଦୁର୍ବୃତ୍ତମାନେ ୫ଟି ସ୍ଥାନରେ ବୋମାମାଡ଼ କରିଛନ୍ତି। ଏପରି କି ବୋମାମାଡ଼ ପରେ ଅପରାଧୀମାନେ ହାପି ଦିୱାଲି ଅଭିନନ୍ଦନ ସ୍ଲୋଗାନ୍ ଦେଇଥିବା ମଧ୍ୟ ଜାଣିବାକୁ ମିଳିଛି। ଅପରାଧୀଙ୍କ ପାଖରୁ ଏକ ଜୀବନ୍ତ ବୋମା ମଧ୍ୟ ଉଦ୍ଧାର କରାଯାଇଛି। ପୁରୀ ଏସ୍‌ପି ପ୍ରତୀକ ସିଂ ସାକ୍ଷୀଗୋପାଳ ଗ୍ରସ୍ତ କରି ସମସ୍ତ ବୋମାମାଡ଼ ସ୍ଥଳକୁ ଯାଞ୍ଚ କରିଛନ୍ତି। ଏପଟେ ଶାନ୍ତ ସତ୍ୟବାଦୀରେ ଏଭଳି ଘଟଣାକୁ ବୁଦ୍ଧିଜୀବୀ ମହଲରେ ତୀବ୍ର ନିନ୍ଦା କରାଯିବା ସହ ଘଟଣାରେ ସମ୍ପୃକ୍ତ ଅପରାଧୀଙ୍କୁ ତୁରନ୍ତ ଗିରଫ ଦାବି କରାଯାଇଛି। ଏଥିସହିତ ପୋଲିସ ପାଟ୍ରୋଲିଂ କଡ଼ା କଡ଼ି କରାଯିବା ସହ ସତ୍ୟବାଦୀରେ ମୁଣ୍ଡ ଟେକିଥିବା ବିଭିନ୍ନ ସଙ୍ଗଠନଗୁଡ଼ିକର ରିପୋର୍ଟ ପୋଲିସ ସଂଗ୍ରହ କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ଛୁରାମାଡ଼ରେ ଯୁବକ ଗୁରୁତର

ସାକ୍ଷୀଗୋପାଳ,୨୦।୧୨(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ପାଇଁ ଶିନବାର ଏକ ଅଶୁଭ ଦିବସ। ଘନଘନ ବୋମା ମାଡ଼ ଘଟଣା ପରେ ରାତି ସାଢ଼େ ୧୦ଟାରେ ଏକ ଛୁରା ମାଡ଼ ଘଟଣା ଘଟିଛି । ସାକ୍ଷୀଗୋପାଳସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ସାନ କାଞ୍ଚିଆ ଗ୍ରାମର ଶମ୍ଭୁ ସାହୁ (୨୦)ଙ୍କୁ କେତେଜଣ ଦୁର୍ବୃତ୍ତ ଅତର୍କିତ ଆକ୍ରମଣ କରିବା ସହିତ ଛୁରା ମାଡ଼ କରିଥିଲେ। ତାଙ୍କ ଶରୀରର ଏକାଧିକ ସ୍ଥାନରେ ଆଘାତ ହୋଇଛି। ଗୁରୁତର ଆହତ ଅବସ୍ଥାରେ ଶମ୍ଭୁଙ୍କୁ ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ସତ୍ୟବାଦୀ ପୋଲିସ ଦୁଇ ଜଣଙ୍କୁ ଧରି ପଚରାଉଚରା କରୁଥିବା ଜଣାପଡ଼ିଛି।

# ଚାକିରି ନାଁରେ ଠକେଇ ଅଭିଯୋଗ, ଢାବା ମାଲିକ ଗିରଫ

କ.ନୂଆଗାଁ, ୨୦।୧୨(କାଳିପ୍ରସାଦ ତ୍ରିପାଠୀ)

ବିଭିନ୍ନ ଉପାୟରେ ଜନସାଧାରଣଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଠକିଥିବା ଅଭିଯୋଗରେ କନ୍ଧମାଳ ଜିଲା କ.ନୂଆଗାଁ ଥାନା ଅନ୍ତର୍ଗତ ଦାରିଙ୍ଗବାଡ଼ି ଛକରେ କରିଥିବା ଢ଼ାବା ମାଲିକ ପ୍ରିୟରଞ୍ଜନ ନାୟକ ଓରଫ ପିଣ୍ଟୁ (୨୯)ଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି।

ନଭେମ୍ବର ୧୭ରେ କଳାହାଣ୍ଡି ଜିଲା ଜୟପାଟଣା ଥାନା ଅଞ୍ଚଳର ପଦ୍ମନାଭ ଛତ୍ରିଆ କରିଥିବା ଲିଖିତ ଅଭିଯୋଗରେ ଉଲ୍ଲେଖ କରିଛନ୍ତି, ଦାରିଙ୍ଗବାଡ଼ି ଥାନା କୁମ୍ଭାରବାଡ଼ିର ଗୁଞ୍ଜୁଲୁ ନାୟକଙ୍କ ପୁଅ ପ୍ରିୟରଞ୍ଜନ ଓରଫ ପିଣ୍ଟୁଙ୍କ ସହ ତୁମୁଡିବନ୍ଧରେ ପ୍ରଥମେ ଦେଖାହୋଇଥିଲା। ସେଠାରେ ସମ୍ପର୍କ ସୃଷ୍ଟି କରି ସେ ଝିଅକୁ ବାଲିଗୁଡ଼ା ପିଡବ୍ଲ୍ୟୁଡିରେ ଡାଟା ଏଣ୍ଟ୍ରି ଅପରେଟର ଚାକିରି କରାଇ ଦେବାକୁ କହି ତାଙ୍କୁ ଟଙ୍କା ମାଗିଥିଲେ। ତାଙ୍କୁ ବିଶ୍ୱାସ କରି ପଦ୍ମନାଭ ଗତ ଫେବୃଆରୀ ୧୭ରେ ଝିଅର ବିଭିନ୍ନ ଡକ୍ୟୁମେଣ୍ଟ ସହ ପ୍ରଥମେ ଫୋନ ପେ ମାଧ୍ୟମରେ ୨୦ ହଜାର ଟଙ୍କା ପ୍ରିୟରଞ୍ଜନଙ୍କ ଆକାଉଣ୍ଟକୁ ପଠାଇ ଥିଲେ। ପରେ ବିଭିନ୍ନ ସମୟରେ ସେ ଏପରି ମୋଟ ୨ ଲକ୍ଷ ୫୬ ହଜାର ୫ ଶହ ଟଙ୍କା ପ୍ରିୟରଞ୍ଜନଙ୍କ ପାଖକୁ ପଠାଇଥିଲେ। ହେଲେ ଝିଅର ଚାକିରି ନ ହେବା ଏବଂ ଦେଖା କରି ଟଙ୍କା ନ ପାଇ ପଦ୍ମନାଭ ଠକେଇର ଶିକାର ହୋଇଥିବା ଜାଣିପାରିଥିଲେ।

# ଭିଣୋଇ, ଶାଳକଙ୍କୁ ଆଜୀବନ ଜେଲ

**ହଳଦିଆପାଟଣାର ବୃନ୍ଦାବନ ରାଉତ ହତ୍ୟା ମାମଲା**

ଖୋର୍ଦ୍ଧା,୨୦।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ହଳଦିଆପାଟଣା ଗ୍ରାମର ବୃନ୍ଦାବନ ରାଉତ ହତ୍ୟା ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ୍ ରଞ୍ଜୁଲତା ଲେଙ୍କା ଏହି ମାମଲାର ବିଚାର କରି ଦୁଇ ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହିତ ୧୦ହଜାର ଟଙ୍କା ଲେଖାଏ ଜରିମାନା ଏବଂ ଜରିମାନା ଅନାଦାୟ ଅଧିକ ଏକ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତଦ୍ୱୟ ହେଲେ ଏହି ଥାନା ଅଧୀନ ହଳଦିଆପାଟଣାର ଶାଳକ ପ୍ରଫୁଲ୍ଲ ରାଉତ ଏବଂ ଭିଣୋଇ କୋଚିଲା ଗ୍ରାମର ମଣି ଅରିସଲ। ଏହି ଘଟଣାର ଅନ୍ୟତମ ଅଭିଯୁକ୍ତ ପ୍ରଫୁଲ୍ଲଙ୍କ ସାନଭାଇ ମନୋଜ ଫେରାର ଥିବା ବେଳେ ମୁଖ୍ୟ ଅଭିଯୁକ୍ତ ବାପା ସୁବଳ ରାଉତଙ୍କ ପୂର୍ବରୁ ମୃତ୍ୟୁ ଘଟିଛି।

ମାମଲାରୁ ପ୍ରକାଶ ଯେ, ବୃନ୍ଦାବନ ଟାଙ୍ଗୀ ପୂର୍ତ୍ତ ବଙ୍ଗଳାରୁ ରାତ୍ରି ଜଗୁଆଳଭାବେ କାମ କରି ଅବସର ଗ୍ରହଣ କରିଥିଲେ। ତାଙ୍କ ସାନ ଭାଇ ସୁବଳ ସହ ଜମିଜମା ବିବାଦ ରହିଥିଲା। ଏନେଇ ଉଭୟ ପରିବାର ମଧ୍ୟରେ ତିକ୍ତତା ରହିଥିଲା। ତେବେ ୨୦୧୧ ଏପ୍ରିଲ ୧୩ ତାରିଖ ରାତିରେ ଗ୍ରାମରେ ଦଣ୍ଡନାଚ ଚାଲିଥିଲା। ଗ୍ରାମବାସୀ ଦଣ୍ଡନାଚ ଉପଭୋଗ କରୁଥିବା ବେଳେ ବିଳମ୍ବିତ ରାତିରେ ସୁବଳ ଏବଂ ତାଙ୍କ ଦୁଇ ପୁଅ ଓ ମଣି ମିଶି ବୃନ୍ଦାବନଙ୍କ ଘରେ ପହଞ୍ଚିଥିଲେ। ସେହି ସମୟରେ ବୃନ୍ଦାବନ ଦାଣ୍ଡପିଣ୍ଡାରେ ଶୋଇଥିଲେ। ଅଭିଯୁକ୍ତମାନେ ସେଠାରେ ତାଙ୍କୁ ହତ୍ୟା କରିବା ପରେ ଘୋଷାରି ନେଇ ପ୍ରମାଣ ନଷ୍ଟ କରିବା ତଥା ଆତ୍ମହତ୍ୟା ରୂପ ଦେବା ପାଇଁ ରେଳଧାରଣାରେ ଫୋପାଡ଼ି ଦେଇଥିଲେ। ୧୪ ତାରିଖ ପଣା ସଂକ୍ରାନ୍ତି ଥିବାରୁ ମୃତକଙ୍କ ବୋହୂ ପ୍ରତିମା ସକାଳେ ଦାଣ୍ଡ ଲିପାପୋଛା କରିବା ପାଇଁ ଘରଦ୍ୱାର ଖୋଲିବା ବେଳେ ଚଟାଣ, ମଶାରି ଚାରିଆଡ଼େ ରକ୍ତଛିଟା ପଡ଼ିଥିବା ବେଳେ ଶ୍ୱଶୁର ବୃନ୍ଦାବନଙ୍କୁ ଦେଖିବାକୁ ପାଇ ନ ଥିଲେ। ରକ୍ତ ଲାଗିଥିବା ଦେଖି ଶ୍ୱଶୁରଙ୍କୁ କେହି ହତ୍ୟା ପରେ ଘୋଷାରି ନେଇଥିବା ସନ୍ଦେହ କରି ପଡ଼ିଶା ଲୋକଙ୍କୁ ଡାକିଥିଲେ। କିଛି ସମୟ ପରେ ଜଣେ ସମ୍ପର୍କୀୟଙ୍କଠାରୁ ଜାଣିବାକୁ ପାଇଲେ ମୁଣ୍ଡାଳ-ବରପାଟଣା ରେଳଧାରଣାରେ ତାଙ୍କ ଶ୍ୱଶୁରଙ୍କ ମୃତଦେହ ପଡିଛି। ସେ ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ଘରଠାରୁ ରେଳଧାରଣା ପର୍ଯ୍ୟନ୍ତ ରାସ୍ତାରେ ରକ୍ତଛିଟା ପଡ଼ିଥିବା ଦେଖି ତାଙ୍କ ଶ୍ୱଶୁରଙ୍କୁ କେହି ଦୁର୍ବୃତ୍ତ ହତ୍ୟା ପରେ ରେଳଧାରଣାରେ ଫୋପାଡି ଚାଲିଯାଇଥିବା ନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ଦଫା ୩୦୨, ୨୦୧/ ୩୪ଆଇପିସିରେ ଏକ ହତ୍ୟା ମାମଲା(ନଂ.୬୪/୧୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ମାମଲାରେ ପୋଲିସ ପ୍ରଫୁଲ୍ଲ, ମଣି ଓ ସୁବଳଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କୋର୍ଟରେ ଏହି ମାମଲା ବିଚାରାଧୀନ ରହିଥିଲା। ପରେ ଅଭିଯୁକ୍ତମାନେ ଜାମିନରେ ଆସିଥିଲେ। ପରବର୍ତ୍ତୀ ସମୟରେ ସୁବଳଙ୍କ ମୃତ୍ୟୁ ଘଟିଥିଲା। ଶନିବାର ଏହି ମାମଲାର ଶୁଣାଣି କରି ପ୍ରଥମ ଅତିରିକ୍ତ ଜିଲା ଦୌରାଜଜ୍ ୨୭ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଉପରୋକ୍ତ ଅଭିଯୁକ୍ତଦ୍ୱୟଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ଓ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରଜନୀକାନ୍ତ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

**ହିଜାବ ବିବାଦ: ନୀତୀଶଙ୍କ କାର୍ଯ୍ୟକୁ ନିନ୍ଦାକଲା ଏସ୍‌ସିବିଏ**

ନୂଆଦିଲ୍ଲୀ,୨୦ା୧୨: ପାଟନାରେ ଗତ ୧୫ ତାରିଖରେ ଅନୁଷ୍ଠିତ ଏକ ସର୍ବସାଧାରଣ ଉତ୍ସବରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଜଣେ ମହିଳା ଡାକ୍ତରଙ୍କ ହିଜାବକୁ ବଳପୂର୍ବକ ତଳକୁ ଟାଣିବା ଘଟଣାକୁ ସୁପ୍ରିମକୋର୍ଟ ବାର୍ ଆସୋସିଏସନ (ଏସ୍‌ସିବିଏ) ଶନିବାର କଡ଼ା ନିନ୍ଦା କରିଛି। ଏହା ମହିଳାଙ୍କ ବ୍ୟକ୍ତିଗତ ମର୍ଯ୍ୟାଦା ଏବଂ ସ୍ୱାଧୀନତାର ଗମ୍ଭୀର ଉଲ୍ଲଂଘନ ବୋଲି ଏସ୍‌ସିବିଏ କାର୍ଯ୍ୟନିର୍ବାହୀ କମିଟି ଅଧ୍ୟକ୍ଷ ଏକ ବିବୃତିରେ କହିଛନ୍ତି। ସାମ୍ବିଧାନିକ ପଦବୀରେ ଥିବା ଜଣେ ବ୍ୟକ୍ତି ଏଭଳି କାର୍ଯ୍ୟ କରିବା ଅତ୍ୟନ୍ତ ଚିନ୍ତାଜନକ ଏବଂ ଗ୍ରହଣଯୋଗ୍ୟ ନୁହେଁ ବୋଲି ଆସୋସିଏସନ କହିବା ସହ କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ ଏବଂ ଉତ୍ତରପ୍ରଦେଶ ମନ୍ତ୍ରୀ ସଞ୍ଜୟ ନିଷାଦଙ୍କ ଏ ସମ୍ପର୍କିତ ମନ୍ତବ୍ୟକୁ ନିନ୍ଦା କରିଛି।

# ଧ୍ୟାନ ପାଇଁ ଆବଶ୍ୟକ ମନୋଭାବ

**ଶ୍ରୀ ଶ୍ରୀ ରବିଶଙ୍କର**



ଯେଉଁ ଚିନ୍ତା, ପ୍ରଶ୍ନ, ଉତ୍ତେଜନା ମନ ଭିତରେ ପ୍ରତିଫଳିତ ହୋଇ ଆପଣଙ୍କୁ ବିଚଳିତ କରୁଛି, ପ୍ରକୃତପକ୍ଷେ ସେ ସବୁ ମନ ଭିତରରୁ ହିଁ ସୃଷ୍ଟି। ଯେତେବେଳେ ଆମ୍ଭସଚେତନ ହେବେ ଏବଂ ତାହାକୁ ଛାଡ଼ିବାକୁ ଅନୁଭବ କରିବେ ସେହି ମନ ଭାବନାଗୁଡ଼ିକ ଧୀରେ ଧୀରେ ଅନ୍ତର୍ହିତ ହୋଇଯାଉଛି। ବାସ୍ତବ ପକ୍ଷେ ଏଭଳି ଅଭ୍ୟାସ ମନକୁ ଶାନ୍ତ କରିପାରିବ। ଆଉ ଧ୍ୟାନ କଷ୍ଟକର ପରିସ୍ଥିତିକୁ ସୁଷ୍ଠୁ ଭାବେ ଆଣିପାରିବ, ଆବଶ୍ୟକ ହେଲେ ସ୍ଥିର ରଖିପାରିବ, ଏହି ସକ୍ଷମତା ସମସ୍ତଙ୍କ ଭିତରେ ରହିଛି। ଧ୍ୟାନ ଚଳନ୍ତା ଅବସ୍ଥାରୁ ସ୍ଥିରତାକୁ ଆସିବା ପରି। ଧ୍ୟାନର ସମ୍ପୂର୍ଣ୍ଣ ଉଦ୍ଦେଶ୍ୟ ହେଉଛି ମନର ବିଭିନ୍ନ ଅବସ୍ଥାକୁ ସମାନତାରେ ରଖିବା।

**ଧ୍ୟାନସ୍ଥ ହେବାରେ ଯାହା ଗୁରୁତ୍ୱପୂର୍ଣ୍ଣ**

ଜୀବନରେ ଯେକୌଣସି ନିପୁଣତାକୁ ଅର୍ଜନ କରିବା ପାଇଁ ସମୟ ଦରକାର। ଯେପରିକି ଏକ ବାଦ୍ୟଯନ୍ତ୍ର ଶିଖିବା ଦିନକରେ ହେବନାହିଁ, ଏଥିଲାଗି ସମୟ ଆବଶ୍ୟକ। ସେହିଭଳି ଶରୀର ରାତାରାତି ତିଆରି ହୋଇପାରେନି। ଏହାର ସ୍ୱାଭାବିକ ବୃଦ୍ଧି ଲାଗି ନିର୍ଦ୍ଦିଷ୍ଟ ସମୟ ଦରକାର। ସେହିଭଳି ମନକୁ ନିୟନ୍ତ୍ରଣ ଲାଗି ଯେକୌଣସି ଅଭ୍ୟାସ ପର୍ଯ୍ୟାପ୍ତ ସମୟ ନେଇଥାଏ, କିନ୍ତୁ ଏଥିପାଇଁ ଅପରିହାର୍ଯ୍ୟ ନିରନ୍ତର ଅଭ୍ୟାସ। ସାଧାରଣତଃ ଆମେ କିଛିଦିନ ଅଭ୍ୟାସ କରି କିଛିଦିନ ଛାଡ଼ିଦେଉ, ପୁଣି ଆରମ୍ଭକରୁ। ଯଦି ଆପଣ ଧ୍ୟାନକୁ ଅନୁଭବ କରିଛନ୍ତି – ଏକ ଦିନ, ଏକ ସପ୍ତାହ କିମ୍ବା ଏକ ମାସ, ମାତ୍ର ତା'ପରେ ଛାଡ଼ିଦିଅନ୍ତି; ତେବେ ଆପଣଙ୍କର ଧ୍ୟାନ ଓ ସମ୍ପର୍କ ଭାଙ୍ଗିଯାଏ। ଯଦି ମନରେ ଏଭଳି ଭାବନା ଜାଗ୍ରତ ହୁଏ, ଆପଣ ମନେକରନ୍ତି- କରିବି, କରିବି ନାହିଁ – ତେବେ ଧ୍ୟାନର ଫଳ ମିଳିବ ନାହିଁ। ତେଣୁ ଅବିରତ ଅଭ୍ୟାସ ନିତାନ୍ତ ଆବଶ୍ୟକ। ଯିଏ ପ୍ରତିଦିନ ଧ୍ୟାନ କରନ୍ତି, ସେ ଚେତ ଓ ସ୍ଥିର ମନ ପାଇଥାନ୍ତି। ଅନବରତ ଅଭ୍ୟାସ ନ କଲେ କିଛି ମିଳିବ ନାହିଁ।

## ଆଜି 'ବିଶ୍ୱ ଧ୍ୟାନ ଦିବସ'

ମାନସିକ ଚାପ ହ୍ରାସ ଏବଂ ଆଭ୍ୟନ୍ତରୀଣ ଶାନ୍ତି ପାଇଁ ଧ୍ୟାନର ଉପକାରିତା ବିଷୟରେ ସଚେତନତା ସୃଷ୍ଟି ଲାଗି ଡିସେମ୍ବର ୨୧ରେ ପାଳିତ ହେଉଛି 'ବିଶ୍ୱ ଧ୍ୟାନ ଦିବସ'। ଗତବର୍ଷ ଏହି ଦିବସ ପ୍ରଥମେ ପାଳିତ ହୋଇଥିଲା। ସୂଚନାଯୋଗ୍ୟ ଜାତିସଂଘ ସାଧାରଣ ସଭା ଦ୍ୱାରା ଗତବର୍ଷ ଡିସେମ୍ବର ୨୧କୁ ବିଶ୍ୱ ଧ୍ୟାନ ଦିବସ ଭାବେ ପାଳନ ଲାଗି ଆନୁଷ୍ଠାନିକ ଭାବରେ ଘୋଷଣା କରାଯାଇଥିଲା। ଏହା ପ୍ରାଚୀନ ଭାରତୀୟ ଅଭ୍ୟାସର ମୂଳ ସହିତ ସମ୍ପୃକ୍ତ ଯାହାକୁ ପ୍ରୋତ୍ସାହିତ କରେ, ଚାପ ହ୍ରାସ ଓ ଆଭ୍ୟନ୍ତରୀଣ ଶାନ୍ତି ପାଇଁ ଧ୍ୟାନର ଲାଭକୁ ଚିହ୍ନଟ କରେ ଏବଂ ବିଭିନ୍ନ ସଂଗଠନ ଦ୍ୱାରା ପ୍ରାୟତଃ ମେ ୨୧ରେ ପାଳନ କରାଯାଉଥିବା ପୂର୍ବ ଉତ୍ସବ ଉପରେ ଆଧାରିତ। ତେବେ ଚଳିତ ବର୍ଷ ବିଶ୍ୱ ଧ୍ୟାନ ଦିବସ ଲାଗି ବିଷୟବସ୍ତୁ 'ଆଭ୍ୟନ୍ତରୀଣ ଶାନ୍ତି, ବିଶ୍ୱ ସମନ୍ୱୟ ଏବଂ ନିଜ ଭିତରରୁ ବିଶ୍ୱକୁ ସୁସ୍ଥ କରିବା ଲାଗି ଉଦ୍ୟମ' ଉପରେ କେନ୍ଦ୍ରିତ। ପ୍ରକୃତପକ୍ଷେ ଯାହା ବ୍ୟକ୍ତିଗତ ଶାନ୍ତିର ସାମୂହିକ ମଙ୍ଗଳ ସହିତ ସଂଯୋଗକୁ ଗୁରୁତ୍ୱ ଦିଏ। ଅବଶ୍ୟ ଏଭଳି ଦିବସ ପାଳନ ଜାତିସଂଘ, ଆର୍ଟ ଅଫ ଲିଭିଙ୍ଗ ଓ ହାର୍ଟଫୁଲନେସ୍ ଭଳି ବିଶ୍ୱ ସଂଗଠନର କାର୍ଯ୍ୟକ୍ରମ ଦ୍ୱାରା ସମର୍ଥିତ ଏବଂ ଏଥିସହିତ ଚାପମୁକ୍ତି, ମାନସିକ ସ୍ୱାସ୍ଥ୍ୟ ଏବଂ ଏକତା ଉପରେ ଧ୍ୟାନ ଦିଏ।

ଯେତେବେଳେ ଆପଣ ନିଜର ଧ୍ୟାନ ପ୍ରତି ଗଭୀର ସମ୍ମାନ ଓ ସତର୍କ ରହିବେ – ସେତେବେଳେ ଆପଣ ଶାନ୍ତ ରହିବେ। ଯଦି ଆପଣ ଗୋଷ୍ଠୀରେ ଧ୍ୟାନ କରନ୍ତି, ତେବେ ଧ୍ୟାନ ଅଧିକ ଗଭୀର ହୁଏ। ଏହାର କାରଣ – ଆପଣ ଜଣଙ୍କ ପ୍ରତି ଧ୍ୟାନ ବିଷୟରେ ଗଭୀର ସମ୍ମାନ ଓ ସଚେତନତା ରଖୁଛନ୍ତି, ଜ୍ଞାନ ପ୍ରତି ସମ୍ମାନ ରହିଛି।

## ହିନ୍ଦୁ ଯୁବକଙ୍କୁ ପିଟି ହତ୍ୟା ମାମଲାରେ ୧୦ ଗିରଫ

ଢାକା/ନୂଆଦିଲ୍ଲୀ,୨୦ା୧୨

ବାଂଲାଦେଶରେ ହିନ୍ଦୁ ଯୁବକଙ୍କୁ ପିଟି ହତ୍ୟା ମାମଲାରେ ସମ୍ପୃକ୍ତ ୧୦ ଜଣଙ୍କୁ ଗିରଫ କରାଯାଇଥିବା ଅନ୍ତରୀଣ ସରକାରର ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସ୍ ଶନିବାର ଘୋଷଣା କରିଛନ୍ତି। ଆଲ୍ଲାଙ୍କୁ ନିନ୍ଦା କରିବା ଅଭିଯୋଗରେ ଦୀପୁ ଚନ୍ଦ୍ର ଦାସ(୨୫) ନାମକ ପୋଷାକ ଫ୍ୟାକ୍ଟ୍ରି କର୍ମଚାରୀଙ୍କୁ ଗୁରୁବାର ଉଦ୍ଧତ ଲୋକେ ପିଟିପିଟି ମାରିଦେବା ପରେ ମୃତଦେହକୁ ଗଛରେ ଝୁଲାଇ ଜାଳିଦେଇଥିଲେ। ପୋଲିସ ଏବଂ ରାପିଡ୍ ଆକ୍ସନ ବାଟାଲିୟନ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ବାଂଲାଦେଶର ଯୁବନେତା ଶରିଫ୍ ଓସମାନ ହାଡିଙ୍କ ଶେଷକୃତ୍ୟ ଶନିବାର ଢାକାରେ କଡ଼ା ସୁରକ୍ଷା ମଧ୍ୟରେ ସମ୍ପନ୍ନ ହୋଇଛି।

## ଶୀତ ଲହରିରେ ଥରୁଛି ଦିଲ୍ଲୀ

**ଘନ କୁହୁଡ଼ି ଯୋଗୁ ୧୨୯ ବିମାନ ଉଡ଼ାଣ ବାତିଲ**

ନୂଆଦିଲ୍ଲୀ,୨୦ା୧୨

ଦିଲ୍ଲୀରେ ଶନିବାର ଋତୁର ପ୍ରଥମ ଶୀତ ଲହର ଅନୁଭୂତ ହୋଇଛି। ଚଳିତବର୍ଷ ଡିସେମ୍ବରର ଏହା ସବୁଠୁ ଥଣ୍ଡା ଦିନ ଥିଲା। ଦିନର ସର୍ବାଧିକ ତାପମାତ୍ରା ୧୬.୯ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି, ଯାହାକି ସ୍ୱାଭାବିକ ତାପମାତ୍ରାଠାରୁ ୫.୩ ଡିଗ୍ରୀ କମ୍। ସେହିପରି ସର୍ବନିମ୍ନ ତାପମାତ୍ରା ୬.୧ ଡିଗ୍ରୀ ସେଲସିୟସ୍ ରହିଛି। ଘନ କୁହୁଡ଼ି ଏବଂ ଧୂଆଁଧୂଳିର ବହଳ ଆସ୍ତରଣ ଦିନ ସାରା ସୂର୍ଯ୍ୟଙ୍କୁ ପ୍ରାୟତଃ ଲୁଚାଇ ରଖିଥିବାରୁ ଦିଲ୍ଲୀ ବିମାନବନ୍ଦରରେ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଅନ୍ୟୂନ ୧୨୯ଟି ବିମାନ ଉଡ଼ାଣ ବାତିଲ କରାଯାଇଥିବା ଜଣେ ଅଧିକାରୀ କହିଛନ୍ତି। ସର୍ବାଧିକ ତାପମାତ୍ରା ସ୍ୱାଭାବିକଠାରୁ ୪.୫ରୁ ୬.୪ କମିଲେ ପାଣିପାଗ ବିଭାଗ ଏହାକୁ ଶୀତ ଲହର ବିବେଚନା କରିଥାଏ। ଉତ୍ତର ଭାରତରେ ପ୍ରବଳ ଶୀତ ସାଙ୍ଗକୁ ଘନ କୁହୁଡ଼ି ସାଧାରଣ ଜୀବନଯାତ୍ରାକୁ ପ୍ରଭାବିତ କରିଛି। ଉତ୍ତରପ୍ରଦେଶରେ ଶନିବାର ରେଡ୍ ଆଲର୍ଟ ଜାରି ହୋଇଛି। ସେହିପରି ହିମାଚଳପ୍ରଦେଶ ଏବଂ ଜମ୍ମୁ-କଶ୍ମୀରର କେତେକ ସ୍ଥାନରେ ବର୍ଷା ଓ ତୁଷାରପାତ ହେବା ସମ୍ଭାବନା ରହିଛି। ଉପତ୍ୟକାରେ ଏଭଳି ଆର୍ଦ୍ର ପାଗ ପୂର୍ବରୁ କେବେ ଦେଖାଦେଇ ନ ଥିଲା। ଶ୍ରୀନଗରରେ ଶନିବାର ତାପମାତ୍ରା ୦.୪ ଡିଗ୍ରୀ ସେଲସିୟସ୍ ରହିଥିଲା। ପୂର୍ବ ରାତିରେ ତାପମାତ୍ରା ବିଯୁକ୍ତ ୨.୧ ଡିଗ୍ରୀ ଥିଲା।

## ସିଏସ୍‌ଆର୍‌ରେ ପରିବେଶକୁ ଅଣଦେଖା କରିପାରିବେନି କମ୍ପାନୀ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୦ା୧୨

କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କଦାପି କର୍ପୋରେଟ୍ ପରିବେଶ ଦାୟିତ୍ୱବୋଧଠାରୁ ଅଲଗା ହୋଇପାରିବ ନାହିଁ। ପରିବେଶକୁ ଅଣଦେଖା କରି କମ୍ପାନୀଗୁଡ଼ିକ ସାମାଜିକ ଦାୟିତ୍ୱବୋଧ ପାଇଁ ଦାବି କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ରାଜସ୍ଥାନ ଓ ଗୁଜରାଟରେ ଅଣନବୀକରଣଯୋଗ୍ୟ ବିଦ୍ୟୁତ୍ ଜେନେରେଟର ଚାଲିବା ଯୋଗୁ ବିପଦର ସମ୍ମୁଖୀନ ହେବା ସହ ବିଲୁପ୍ତ ହେବାକୁ ବସିଥିବା ଗ୍ରେଟ୍ ଇଣ୍ଡିଆନ୍ ବ୍ୟୁଷ୍ଟାର୍ଡ ନାମକ ପକ୍ଷୀର ସୁରକ୍ଷା ପାଇଁ ଜଷ୍ଟିସ୍ ପି.ଏସ୍. ନରସିଂହା ଏବଂ ଏ.ଏସ୍. ଚନ୍ଦୁରକରଙ୍କ ଖଣ୍ଡପୀଠ ଜେନେରେଟ୍ରିଏ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସାମାଜିକ ଦାୟିତ୍ୱବୋଧର କର୍ପୋରେଟ୍ ସଂଜ୍ଞାରେ ପରିବେଶ ଦାୟିତ୍ୱବୋଧକୁ ଅନ୍ତର୍ନିହିତ ଭାବେ ସାମିଲ କରିବାକୁ ହେବ ବୋଲି ଖଣ୍ଡପୀଠ କହିଛନ୍ତି।


### ROURKELA SMART CITY LIMITED

Bid ID No. RSCL/1846 Dt. 19.12.2025

**EoI for Operation and maintenance of DAV Pond, Rourkela**

**No.C-1841** : Sealed applications are invited from the reputed firms/ agencies for "Operation and Maintenance of DAV Pond Rourkela" for (5 + 2) years.

For detail technical specifications along with terms & conditions etc. may be seen from the Website of Rourkela Municipal Corporation i.e. www. rmc.nic.in. Date of issue of tender documents from dt 20/12/2025. The last date for receipt of sealed tender is 02.01.2026, 5:00 PM through Speed Post/ Regd. Post /Courier or by hand in the office of CEO, Rourkela Smart City Limited, 3rd Floor, ICCC Building, Rourkela One, Panposh, Rourkela-769004.

For further information or clarification regarding this advertisement, **Mr. Sarthak Sourav Rath, Architect, Rourkela Smart City Limited** can be contacted on **Mob No- 8984353513** on all working days between 10.00 AM to 5.00 PM.

Sd/- (Dheenah Dastageer, I.A.S)
Chief Executive Officer
Rourkela Smart City Ltd.

OIPR-13080/11/0051/2526

### Government of Odisha
### "e" Procurement Notice

No.C-1846

Bid Identification No. 60/2025-26

| | | | |
|---|---|---|---|
| 1 | Name of the Work | : | 2 No. of work |
| 2 | Estimated Cost | : | 61.18 to 72.67 Lakh |
| 3 | Period of Completion | : | Two month |
| 4 | Date & time of availability of bid document in the portal | : | From 11.00 A.M. of 22.12.2025 to 5.00 P.M. of 05.01.2026 |
| 5 | Last Date/time for receipt of bids in the portal | : | 5.00 P.M. of 05.01.2026 |
| 6 | Name & Address of the Officer inviting Bid | : | Superintending Engineer, P.H. Division, Bhubaneswar |

Further details can be seen from e-procurement portal in the Website (http://tendersorissa.gov.in)

Sd./- Superintending Engineer,
P.H. Division, Bhubaneswar

OIPR-13205/11/0063/2526

### ଓଡ଼ିଶା ସରକାର
### ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
**ଘୋଷଣା**

ସଂଖ୍ୟା–୧୩୯୬ ତା.୦୪.୧୨.୨୦୨୫

**No.XXVIII-15:** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୧ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୧୯(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା–ରେଲିକାନୀ ଗାଁ, ତହସିଲ–କୋଲନରା, ଥାନା–ଚାନ୍ଦିଲି, ଜିଲ୍ଲା–ରାୟଗଡ଼ାରେ ନିମ୍ନସୂଚିତ 'କ' ତଫସିଲ ଭୁକ୍ତ ଜମି ନିମନ୍ତେ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଟିଟିଲାଗଡ଼–ବିଜୟନଗରମ ତୃତୀୟ ରେଳଲାଇନ ପ୍ରକଳ୍ପ ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୮୭୫, ତା.୦୭.୦୮.୨୦୨୫ ରିଖରେ ପ୍ରକାଶିତ ହୋଇଥିଲା।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା–ରେଲିକାନୀ ଗାଁ, ତହସିଲ–କୋଲନରା, ଥାନା–ଚାନ୍ଦିଲି, ଜିଲ୍ଲା–ରାୟଗଡ଼ାରେ ଏହି ଅଧିଗ୍ରହଣ ଦ୍ୱାରା ପ୍ରଭାବିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଏବଂ ପୁନର୍ବାସ ଓ ଥଇଥାନ ଯୋଜନା ଭୂପଟେକର ସାରମର୍ମ ସଂଲଗ୍ନ କରାଯାଉନାହିଁ।

**ତଫସିଲ–କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା–ରାୟଗଡ଼ା**

| କ୍ର. ନଂ. | ଗ୍ରାମର ନାମ | ଗ୍ରାମ ପଞ୍ଚାୟତର ନାମ | ତହସିଲ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ମୋଟ ରକବା | ରାୟତଙ୍କ ନାମ |
|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧ | ରେଲିକାନୀ ଗାଁ | ଖେଦାପଡ଼ା | କୋଲନରା | ଗ୍ରାମାଞ୍ଚଳ | ଏଥିସହ ସଂଲଗ୍ନ ଅଛି | ଏଥିସହ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ୪.୮୭୬ ଡି. | ୧.୦.୬୩୦ ଡି. | ଏଥିସହ ସଂଲଗ୍ନ ଅଛି |

**ପ୍ରଯୁଜ୍ୟ ନୁହେଁ**
**ତଫସିଲ–ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

| କ୍ର. ନଂ. | ଗ୍ରାମର ନାମ | ଗ୍ରାମ ପଞ୍ଚାୟତର ନାମ | ତହସିଲ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ମୋଟ ରକବା | ରାୟତଙ୍କ ନାମ |
|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |

**ପ୍ରଯୁଜ୍ୟ ନୁହେଁ**

ଅଧିସୂଚନା ବୈଧ ତାରିଖ ୦୪.୧୨.୨୦୨୫

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲାପାଳ, ରାୟଗଡ଼ା

**(ଭୂମି ଅଧିଗ୍ରହଣ ଅନୁସୂଚୀ)**

ପ୍ରସ୍ତାବିତ ରେଳପଥ ଟିଟିଲାଗଡ଼–ବିଜୟନଗରମ ୩ୟ ରେଳପଥ ପ୍ରକଳ୍ପ ନିମନ୍ତେ ଅଧିଗ୍ରହଣ ହେବାକୁ ଥିବା ରୟତି ଜମି ତଫସିଲ ବିବରଣୀ
ମୌଜା–ରେଲିକାନୀ ଗାଁ, ତହସିଲ–କୋଲନରା, ଥାନା–ଚାନ୍ଦିଲି, ଜିଲ୍ଲା–ରାୟଗଡ଼ା
ବ୍ୟକ୍ତିଗତ ଜମି

| କ୍ର.ନଂ. | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକର) | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏକର) | କିସମ | ରାୟତଙ୍କ ନାମ ପିତାଙ୍କ ନାମ/ସ୍ୱାମୀଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୧୨/୧ | ୩୮ | ୨.୫୦ | ୦.୩୦୦ | ଡଙ୍ଗର/୧ | ଆଖିପିୟା ନାଏକ, ପି–ଉଦୁନାଗ ନାଏକ, ଜା–ପାଇକ, ବା–ଖେଦୁରୁଲି |
| ୨ | ୧୧ | ୩୦ | ୦.୬୮ | ୦.୦୫୦ | ଡଙ୍ଗର/୨ | ଅଡ଼କା ସିପିପଟି, ପି–ଅଡ଼କା ନାଇକାମା, ଜା–ଜନ୍ଧ, ବା–ନିଗଡ଼ୀ |
| | | ୨୮ | ୧.୭୨ | ୦.୧୦୦ | | |
| ୩ | ୧୨ | ୬ | ୦.୪୪ | ୦.୧୦୦ | ଡଙ୍ଗର/୩ | ଅଡ଼କା ସିପି, ପି–ଅଡ଼କା ଇଲ୍ଲମାନ, ଜା–ଜନ୍ଧ, ବା–ନିଗଡ଼ୀ |
| ୪ | ୭ | ୩ | ୩.୩୨ | ୦.୦୮୦ | ଡଙ୍ଗର/୪ | ହିକକା ଦୁପୁରୁ, ହିକକା ନାଗୀ, ହିକକା ଦେବୁରୁ, ହିକକା ଜାରି, ହିକକା ଗାଲିଯା, ପି–ହିକକା ସାଲୁଟୁ, ଜା–ପରଜା, ବା–ନିଗଡ଼ୀ |
| | | ମୋଟ | ୧୮.୭୬ | ୧ ୦.୬୩୦ | | |

ସ୍ୱା./– ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ,
ଟିଟିଲାଗଡ଼–ବିଜୟନଗରମ ୩ୟ ରେଳପଥ ପ୍ରକଳ୍ପ, ରାୟଗଡ଼ା

OIPR-24169/14/0022/2526

### GOVERNMENT OF ODISHA
### HOUSING & URBAN DEVELOPMENT DEPARTMENT
### OFFICE OF THE NOTIFIED AREA COUNCIL, PADAMPUR

At-Padampur, Po-Rajborasambar, Dist-Bargarh, Pin-768036
Ph. No. 06683-223436, E-mail : nac.padampur@gmail.com

No.3557/NACP Dt.20.12.2025

**National Competitive Bidding through e-procurement**
**Bid Identification No. NAC-PDP-07/2025-26**

**No.C-1853** : The Executive Officer, N.A.C. Padampur on behalf of NAC invites Percentage bid through e-procurement in single cover system according to norm of e-Procurement system in on-line mode.

| | | |
|---|---|---|
| 1. Nature of Work | : | Electrical Work |
| 2. No. of works | : | 1 (One No.) |
| 3. Estimate Cost | : | As per DTCN |
| 4. Class of Contractor | : | LT/MV Class (Electrical Contractor) |
| 5. Date & Time of availability of Bid Documents in the portal | : | 9.00 A.M. on dt.22.12.2025 up to 05.00 P.M. on dt.02.01.2026 |
| 6. Last date & time for receipt of Bids in the portal | : | 02.01.2026 at 05.00 P.M. |
| 7. Bid opening Date | : | Dt.03.01.2026 at 11.00 A.M. |

The bidders have to participate in online bidding only. Further details can be seen from the website https://www.tendersodisha.gov.in

Sd./- Executive Officer
N.A.C., Padampur

OIPR-13118/11/0058/2526

### GOVERNMENT OF ODISHA
### OFFICE OF THE SUPERINTENDING ENGINEER, RURAL WORKS DIVISION, KUCHINDA

No.O-1838

**"e" Procurement Notice for Roads Works**
**Identification No Online Tender / 08 / RWD, Kuchinda / 2025-26.**

The Superintending Engineer, Rural Works Division, Kuchinda on behalf of Governor of Odisha invites online percentage rate bid from experienced & eligible bidders for 08 (Eight) no. of Roads works in the District of Sambalpur for the year 2025-26.

| | | |
|---|---|---|
| 1. Name of the work | : | Roads Works |
| 2. Total Number of Works | : | 08 Nos. |
| 3. Estimated Cost | : | Aprx. Rs.5.51 - 38.88 lakhs |
| 4. Class of Contractor | : | "D", "C" & "B" Class of Contractor |
| 5. Cost of tender paper | : | As per Annexure-I |
| 6. Mode of submission of tender | : | Tender should be submitted only Online in website www.tendersorissa.gov.in (https://tendersodisha.gov.in) |
| 7. EMD & Mode of deposit | : | 1% of estimated cost of the work to be remitted online as mention in DTCN |

Summary of key dates are provided below :-

| Procurement Officer | Bid Identification No. | Availability of tender On-line for bidding From | To | Last Date & Time of seeking Tender Clarification | Date & Time of Opening of Tender |
|---|---|---|---|---|---|
| Superintending Engineer, Rural Works Division, Kuchinda | Tender online - 08/RWD/KCD | 19.12.2025 at 11 A.M. | 30.12.2025 at 5.00 P.M. | 29.12.2025 at 5.00 P.M. | 31.12.2025 at 11.00 A.M. |

* Further details can be seen from the e-procurement portal www.tendersorissa.gov.in (https://tendersodisha.gov.in).
* Subsequent modification / corrigendum / addendum if required shall appear in website only.
* The amount put to bid is exclusive of GST.

Sd./- Superintending Engineer
Rural Works Division, Kuchinda

OIPR-25151/11/0045/2526

### GOVERNMENT OF ODISHA
### OFFICE OF THE PANCHAYAT SAMITI, AGALPUR, AT : DUDUKA, DIST. : BALANGIR

E-mail ID : ori-agalpur@nic.in

No.I-430

**"e" - Procurement Notice**

Bid Identification No.-PS-AGLP-04 OF 2025-26

Letter No. 3977 / Date : 17.12.2025

1. The Block Development Officer, Agalpur on behalf of Governor of Odisha inviting percentage rate bid in single cover system on ON-LINE mode from eligible contractors with valid licenses for execution of **Building and Electrical works** as detailed in DTCN.

| | | |
|---|---|---|
| 2. | Nature of Works | Building works |
| 3. | No. of works | 03 (Three) Nos |
| 4. | Tender Paper Cost | Rs. 6,000/- |
| 5. | Class of Contractor | C & D Contractor |
| 6. | Availability of bid document in the website | From 10:00 A.M. Date : 22.12.2025 to 05:00 P.M. Date : 03.01.2026 |
| 7. | Date of opening of Bid | 11:00 A.M. On Dt. 06.01.2026 |

8. The bidders have to participate in ON-LINE bidding only. Further details can be seen from the website (**https://tendersodisha.gov.in**). Any addendum/corrigendum/cancellation of tender can also be seen in the said website only.

Sd./- Block Development Officer,
Agalpur (Duduka)

OIPR-19300/11/0009/2526

See Career Appointment on every Wednesday & Saturday

### GOVERNMENT OF ODISHA
### OFFICE OF THE CHIEF CONSTRUCTION ENGINEER JEYPORE (R&B) CIRCLE, JEYPORE

No.B-865

// No. 4988 //Dt.17.12.25 //

EOI Identification No. CCEJC (R&B)-01/2025-26

**Expression of Interest**

1. The Chief Construction Engineer, Jeypore (R&B) Circle, Jeypore (The "Authority") on behalf of the Works Department, Government of Odisha invite Expression of Interest (EOI) from Registered service providers as mentioned below.
2. Nature of Work: Non-Consultancy Service for arrangement of Venue Set-Up, logistics and other allied activities associated for State Level functions.
3. Available of Bid document in the Website: From 10:30 A.M. of 22.12.2025 to 04:00 P.M. of 19.01.2026.
4. Date of Opening of Bid: Dt: 20.01.2026 at 11:00 A.M.

The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/ Corrigendum/ Cancellation of tender can also be seen in the said website.

Sd./- Biswanath Marndi
Chief Construction Engineer,
Jaypore (R&B) Circle, Jeypore

OIPR-34108/11/0040/2526

### INTEGRATED TRIBAL DEVELOPMENT AGENCY, KORAPUT, DIST.: KORAPUT
**(GOVT. OF ODISHA)**

No. CAD-2784

**TENDER CALL NOTICE**

Bid Identification No. PA (ITDA) - KPT-06/25-26

Letter No. 4173 Dated: 19.12.2025

| Sl. No. | Particulars | Date | Time |
|---|---|---|---|
| 01 | Date of Publication | 19.12.2025 | 10.00 A.M. |
| 02 | Last date for receipt of Hard Copies to this office (through Registered Post/ Speed Post) | 03.01.2026 | 5.30 P.M. |
| 03 | Date of opening of Bid & Finalization/ Selection of Bidder | 06.01.2026 | 11.00 A.M. |

1. The Project Administrator, ITDA, Koraput on behalf of Governor of Odisha invites percentage rate tenders under I.T.D.A., Koraput from the eligible class "B", "C" & "D" contractors and must submit experience certificate of the same failing which bid will be rejected.
2. The tender paper can be purchased online from **tendersodisha.gov.** in from I.T.D.A., Koraput.
3. The bidder or authorized representative must attend this office on 06.01.2026 as the Bid will be finalize on the same day.
4. The undersigned reserves all the right to reject/cancel any or all of the bids without assigning any reason thereof.

Sd./- Project Administrator
I.T.D.A., Koraput

OIPR-19271/11/0006/2526

### GOVERNMENT OF ODISHA, "e"-PROCUREMENT NOTICE
### OFFICE OF THE CHIEF CONSTRUCTION ENGINEER, KHORDHA (R&B) CIRCLE, KHORDHA
**WORKS DEPARTMENT**
**Tender Call Notice**

E-mail : rbcirclekhurda@gmail.com

Bid Identification No. CCE-Khordha (R&B) Circle-09/2025-26, Memo No.-2911 Dt. 09.12.2025

**No.B-827** : The Chief Construction Engineer, Khordha (R&B) Circle, Khordha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for Building works as detailed in the table below :

| | | |
|---|---|---|
| 1. Nature of Work | : | Building Works |
| 2. No. of Work | : | 13 Nos. |
| 3. Tender Cost | : | Rs. 10000.00 (On-Line) |
| 4. Class of Contractor | : | Special, A & B Class |
| 5. Available of Bid document in the Website | : | From 10.00 A.M. of Dt. 23.12.2025 up to 05.00 P.M. of Dt. 07.01.2026 up to 5.00 P.M. |
| 6. Date of opening of Bid | : | Dt. 08.01.2026 at 11.30 A.M. |

7. The Bidders have to participate in ONLINE bidding only. Further details can be seen from the Website : https://tendersodisha.gov.in. Any Addendum/Corrigendum/Cancellation of tender can also be seen in the said website.

Sd/- Chief Construction Engineer
Khordha (R&B) Circle, Khordha

OIPR-34127/11/0050/2526

### idco | ODISHA
### OFFICE OF THE CHIEF GENERAL MANAGER (CIVIL)-II, IDCO, IDCO TOWERS, BHUBANESWAR

No.CAD-2768

File No.HO/Civil/T&E-E-5295/01/2025 35873 Dt.16.12.2025

Bid Identification No. Civil/EST/23/2025-26

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

| | | | |
|---|---|---|---|
| 1. | Name of the Work | : | Construction of Swimming Pool in the district of Deogarh, Odisha |
| 2. | Value of the work | : | Rs.1678.62 Lakhs (Approx.) |
| 3. | Period of completion | : | 12 (Twelve) Calendar Months |
| 3. | Availability of tender online for Bidding : | | |
| | I. Start Date | : | 18:00 Hours of dt.23.12.2025 |
| | II. Prebid meeting Date | : | 11.30 Hours of dtd.29.12.2025 |
| | III. End date | : | 17:00 Hours of dt.13.01.2026 |
| | IV. Opening Date | : | 17:30 Hours of dt.13.01.2026 |

Tender details can be seen from the e-procurement portal www.tendersorissa.gov.in. Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website**.

Sd./- Chief General Manager (Civil)-II,
IDCO, Bhubaneswar

OIPR-14003/11/0272/2526

### ODISHA STATE CIVIL SUPPLIES CORPORATION LTD.
**(A Govt. of Odisha Undertaking)**

REGISTERED OFFICE : C/2, NAYAPALLI, BHUBANESWAR-751012
CIN : U51211OR1980SGC000894
Tel. No. : 0674-239539, Fax No. : 0674-2395291, Website : www.oscsc.in

Tender No. 18180/P-II/25/2025/PDS Dt.19.12.2025

**No.CAD-2782** : Managing Director, Odisha State Civil Supplies Corporation Ltd. invites tenders in Double Cover System through **ONLINE MODE ONLY** for the works below :

| | | |
|---|---|---|
| 1 | Name of the work | Selection and appointment of transport contractor for inter-district transportation of Custom Milled Rice (CMR) from source districts to recipient districts in the State of Odisha |
| 2 | Availability of bid document in the portal | From 22.12.2025 |
| 3 | Last Date / Time for receipt of bids in the portal | Dt.31.12.2025 up to 5.00 P.M. |
| 4 | Date/Time of Opening of Technical Bid | Dt.01.01.2026 at 11.00 A.M. |
| 5 | Name and address of the Officer Inviting Tender | Managing Director, OSCSC Ltd. C/2, Nayapalli, Bhubaneswar |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in. Amendments / corrigendum/cancellation/retenders etc. if any shall be published only in above websites.

By Order of Managing Director
Sd./- General Manager (Distribution)

OIPR-07002/11/0054/2526

### OFFICE OF THE DEAN AND PRINCIPAL SAHEED LAXMAN NAYAK MEDICAL COLLEGE AND HOSPITAL, KORAPUT

At/Po/Dist.-Koraput-764020 (Odisha)
// E-mail : slnmchkoraput.od@gov.in // Website : www.slnmch.nic.in //

Letter No. 7232/Acct./2025 Dated : 19.12.2025

**CORRIGENDUM**

**No.E-617** : In continuation of Tender Call Notice No. **6741**, dated **25.11.2025**, it is hereby informed that the last date for receipt of tender, which expired on **18.12.2025 at 5.00 PM**, is **extended up to 26.12.2025 till 5.00 PM** due to receipt of only **two (02) tender documents/journals.**

The tender will be opened on **29.12.2025 at 4.00 PM.**

All other terms and conditions remain unchanged.

Sd./- Dean & Principal
SLNMCH, Koraput

OIPR-10121/11/0046/2526

### GOVERNMENT OF ODISHA, DEPARTMENT OF WATER RESOURCES
**Office of the Engineer-In-Chief, Water Resources, Secha Sadan, Bhubaneswar**

Email Address : cemech.eicwr.od@gmail.com

No.A-1156

**e-Procurement Notice**

**Bid Identification No. - CEM/MDS-11/2025-26**

| | | |
|---|---|---|
| 1. Name of the Work | : | Mechanical Gate Works |
| 2. No. of Works | : | 01 (One) |
| 3. Category of executors | : | SSI Units registered under DIC/NSIC/ MSME for Irrigation Shutters / Hydro mechanical gates. |
| 4. Bid Identification No. | : | CEM / MDS - 11/2025-26 |
| 5. Estimated Cost | : | Rs. 42,14,689.00 |
| 6. Period of Completion | : | 02 (Two) calendar months |
| 7. Date & time of availability of bid documents in the Portal | : | From dt. 24.12.2025 (10.00 A.M.) to dt. 06.01.2026 (5.30 P.M.) |
| 8. Last date / time for receipt of bid in the portal | : | Dt. 06.01.2026 (up to 5.30 P.M.) |
| 9. Date and Place of opening of Technical Bid | : | Dt.07.01.2026 (12.00 Noon onwards in the O/o the undersigned) |
| 10. Date and Place of opening of Financial Bid | : | To be intimated to the qualified Bidders after evaluation of Technical Bid |
| 11. Name of the Officer inviting bid | : | Chief Engineer, Mechanical, O/o the E.I.C, Water Resources, Odisha, Bhubaneswar |

Further details can be seen from the e-procurement portal **https://tendersodisha.gov.in**. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.

Sd./- Chief Engineer, Mechanical
O/O - Engineer-In-Chief, Secha Sadan,
Bhubaneswar

OIPR-32520/11/0099/2526

### OFFICE OF THE EXECUTIVE ENGINEER, LIFT IRRIGATION DIVISION, JAJPUR ROAD

E-mail: eli.jajpurroad@gmail.com

**E-Procurement Notice**

Bid Identification No. 4204/OLIC(JPR) Dt.17.12.2025

No. CAD-2763: The Executive Engineer, Lift Irrigation Division, Jajpur Road on behalf of Odisha Lift Irrigation Corporation Limited, Bhubaneswar invites percentage Rate bids for Revival & restoration, Reinforcement, Drilling and Energisation of Lift Irrigation Projects on Turnkey basis from reputed Contractors/Firms with valid PWD Licence of required class for Civil works & for the Drilling works contractor required Truck mounted Mud Rotary Rig documents and also for electrical works i.e. including of erection of 11KV Line, L.T. Line & Commissioning of Electrical Substation for power supply to L.I. Projects along with installation of Pump Set, Starter and its related accessories with the proof of registration from the appropriate authority of ELBO shall be enclosed along with the Bid.

| | | |
|---|---|---|
| 1. | Number of Packages | 23 |
| 2. | Estimated Cost | Rs.14.30 Lakh to Rs.30.28 Lakh |
| 3. | Cost of tender Paper | Rs.6000.00 as mentioned against each L.I. Project through online mode i.e. Paper Cost with 18% GST as mentioned under DTCN |
| 4. | Date & time of publication | Dt.29.12.25 from 11.00 A.M. |
| 5. | Date & time of closing | Dt.05.01.26 upto 5.00 P.M. |
| 6. | Date & time of opening of bid | Dt.06.01.26 at 11.00 A.M. |
| 7. | The bidders have to participate in online bidding only as per Odisha Provision | |

Further details can be seen from the website **www.tendersodisha.gov.in** Addendum/Corrigendum/Cancellation of tender if any, can be seen in the said site only.

Sd./- Executive Engineer, L.I. Division, Jajpur Road

OIPR-32146/11/0008/2526

**ଜନ୍ମଦିନର ଶୁଭେଚ୍ଛା**

ନାମ: ................................
ବୟସ:................................
ଜନ୍ମ ତାରିଖ: ................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଏମ୍‌ଜି ହେକ୍ଟରର ବଜାର ପ୍ରବେଶ

**ଭୁବନେଶ୍ୱର,୨୦।୧୨(ଅନୁରାଧା ମହାରଣା)**

ପ୍ରିମିୟମ ଏସ୍‌ୟୁଭି ଏମ୍‌ଜି ହେକ୍ଟରର ଭୁବନେଶ୍ୱର ଖଣ୍ଡଗିରିସ୍ଥିତି ଏମ୍‌ଜି ସେଣ୍ଟ୍ରାଲ ଶୋ'ରୁମ୍‌ରେ ବଜାର ପ୍ରବେଶ କରାଯାଇଛି। ୟୁକୋ ବ୍ୟାଙ୍କର ବ୍ରାଞ୍ଚ ମ୍ୟାନେଜର ସୌଭାଗ୍ୟ ସାହୁ ଓ ଆକ୍ସିସ ବ୍ୟାଙ୍କର ସେଲ୍‌ସ ମ୍ୟାନେଜର ସୁଶୀଲ ପ୍ରଧାନ ଓ ଏମ୍‌ଜି ଏହାର ଅନାବରଣ କରିଥିଲେ। ଏମ୍‌ଜି ସେଣ୍ଟ୍ରାଲର ସେଲ୍‌ସ ହେଡ୍ ଦେବାଶିଷ ଦାଶ କହିଛନ୍ତି, ହେକ୍ଟରର ମୂଲ୍ୟ ୧୧ଲକ୍ଷ ୯୯ ହଜାର ଟଙ୍କାରୁ ଆରମ୍ଭ ହେଉଛି। ନୂତନ ଆକର୍ଷଣୀୟ ଅଉରା-ହେକ୍ସ ଗ୍ରିଲ୍, ଅଉରା ବୋଲ୍ଟ ଆଲୟ ହୁଇଲ, ଆଉରା ସ୍କଲ୍ପଟ୍ ବମ୍ପର୍, ଏଲଇଡି କଣ୍ଟିନ୍ୟୁଆସ ଟେଲ୍ ଲାଇଟ, ଏଲ୍‌ଇଡି ଫ୍ରଣ୍ଟ ଫଗ୍ ଲ୍ୟାମ୍ପ ଏବଂ ଫ୍ଲୋଟିଂ ଲାଇଟ ଟର୍ନ ଇଣ୍ଡିକେଟର ସହିତ ଡିଜାଇନ କରାଯାଇଛି। ୫ ସିଟର୍ ପାଇଁ ଆଇସ ଗ୍ରେ ଏବଂ ୬ ଓ ୭ ସିଟର୍ ପାଇଁ ଅର୍ବାନ ଟାନ ଡ୍ୟୁଆଲ-ଟୋନ ଥିମ, ହାଇଡ୍ରା ଗ୍ଲସ୍ ଫିନିସ ଆକ୍ସେଣ୍ଟ, ଫ୍ରଣ୍ଟ ଭେଣ୍ଟିଲେଟେଡ୍ ସିଟ, ୬-ୱେ ପାୱାର୍ ଆଡ୍‌ଜଷ୍ଟ ଡ୍ରାଇଭର୍ ସିଟ, ଲେଦରେଟ ସିଟ ଓ ଷ୍ଟିୟରିଂ, ଡ୍ୟୁଆଲ-ପେନ୍ ପ୍ୟାନୋରାମିକ ସନ୍‌ରୁଫ୍, ୮ କଲର୍ ଆମ୍ବିୟେଣ୍ଟ ଲାଇଟିଂ, ଏୟାର୍ ପ୍ୟୁରିଫାୟର୍ ସହ ୱେଆରଲେସ୍ ଚାର୍ଜର ରହିଛି। ଏଥିରେ ୭-ଇଞ୍ଚ ଡିଜିଟାଲ କ୍ଲଷ୍ଟର୍, ଆଇ ସ୍ୱାଇପ୍ ଟଚ ଜେଷ୍ଟର୍ କଣ୍ଟ୍ରୋଲ, ୧୦୦+ ଭଏସ୍ କମାଣ୍ଡ, ଏମ୍‌ଜି ଆପ ଷ୍ଟୋର୍, ୭୦ରୁ ଅଧିକ କଣ୍ଟିନ୍ୟୁଆସ କାର୍ ଫିଚର ରହିଛି। ସୁରକ୍ଷା ପାଇଁ ଆଡାସ୍ ଅଟୋନୋମସ ଲେଭେଲ ୨ ସହ ୧୧ଟି ଫିଚର ରହିଛି। ନୂଆ ମଡେଲଟି ଗ୍ରାହକଙ୍କ ଦ୍ୱାରା ଆଦୃତ ହେବ ବୋଲି ପରିଚାଳନା ନିର୍ଦ୍ଦେଶକ ବିଶାଲ ଧାୱନ, ନିର୍ଦ୍ଦେଶକ ଆଦର୍ଶ ଧାୱନ ଓ ସିନୁ ଧାୱନ ମତ ପ୍ରକାଶ କରିଛନ୍ତି।




# ଇଡିଏଲ୍‌ଆଇ ଯୋଜନା ନିୟମକୁ ସରଳକରିବ ଇପିଏଫ୍‌ଓ

**ଭୁବନେଶ୍ୱର,୨୦।୧୨**

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫ୍‌ଓ) କର୍ମଚାରୀ ଜମା ଲିଙ୍କ୍‌ଡ ବୀମା ଯୋଜନାର ନିୟମକୁ ସରଳ କରିବାକୁ ନିଷ୍ପତ୍ତି ନେଇଛି। ଯେଉଁମାନଙ୍କର ମୃତ୍ୟୁ ଦାବି ଚାକିରି ପରିବର୍ତ୍ତନ କରିବା ସମୟରେ ଏକ ଛୋଟ ବିରତି ଯୋଗୁ ପ୍ରତ୍ୟାଖ୍ୟାନ କରାଯାଇଥିଲା ଏହା ସିଧାସଳଖ ସେହି କର୍ମଚାରୀଙ୍କ ପରିବାରକୁ ଲାଭ ଦେବ। ଡିସେମ୍ବରରେ ଇପିଏଫ୍‌ଓ ଦ୍ୱାରା ଜାରି ଏକ ସର୍କୁଲାର ମାଧ୍ୟମରେ ଏହି ସମସ୍ୟା ଦୂରକରିବାକୁ ଏକ ପ୍ରୟାସ କରାଯାଇଛି। ବର୍ତ୍ତମାନ ଚାକିରି ପରିବର୍ତ୍ତନ ସମୟରେ ସାପ୍ତାହିକ ଛୁଟିକୁ ସେବା ବିରତି ଭାବରେ ବିବେଚନା କରାଯିବ ନାହିଁ ବୋଲି ଇପିଏଫ୍‌ଓ ସ୍ପଷ୍ଟ କରିଛି। ସାପ୍ତାହିକ ଛୁଟି ବ୍ୟତୀତ ଜାତୀୟ ଛୁଟି ଏବଂ ରାଜ୍ୟ ସରକାର ଘୋଷିତ ଛୁଟି ମଧ୍ୟ ଅନ୍ତର୍ଭୁକ୍ତ ହେବ। ଏହାର ଅର୍ଥ କର୍ମଚାରୀଙ୍କ ସେବା ନିରନ୍ତର ଭାବରେ ବିବେଚନା କରାଯିବ।




ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଶନିବାର ଯାଜପୁର ରୋଡ୍‌ରେ ଶୋ'ରୁମ୍‌ର ଉଦ୍‌ଘାଟନ ଅବସରରେ କୋରେଇ ବିଧାୟକ ଆକାଶ ଦାସ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇବେଳେ ଖିମ୍‌ଜୀ ଜୁଏଲର୍ସର ଅଧ୍ୟକ୍ଷ ଦୀନେଶ ଖିମ୍‌ଜୀ, କିଶୋର ଖିମ୍‌ଜୀ, ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ, ନିର୍ଦ୍ଦେଶକ ସୁମିତ ଖିମ୍‌ଜୀ ଓ ଖିମ୍‌ଜୀ ପରିବାରବର୍ଗ ଉପସ୍ଥିତ ଅଛନ୍ତି।

# ବ୍ୟାଙ୍କ ଅଫ୍ ବରୋଦାର ଉଦଳା ଶାଖା ଉଦ୍‌ଘାଟିତ

**ଭୁବନେଶ୍ୱର,୨୦।୧୨**

ବ୍ୟାଙ୍କ ଅଫ୍ ବରୋଦାର ଉଦଳା ଶାଖା ମୟୂରଭଞ୍ଜ ଜିଲାରେ ଉଦ୍‌ଘାଟିତ ହୋଇଯାଇଛି । ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ସ୍ୱପ୍ନା ବନ୍ଦ୍ୟୋପାଧ୍ୟାୟ ଏହି ନୂତନ ଶାଖାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କଟକ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ପ୍ରଦୀପ କୁମାର ବେହେରା ଏବଂ କଟକ କ୍ଷେତ୍ରର ଉପ-କ୍ଷେତ୍ରୀୟ ମୁଖ୍ୟ ଗୌତମ କୁମାର ପାଲଙ୍କ ସମେତ ଉଦଳା ଶାଖାର ଶାଖା ମୁଖ୍ୟ ଗୋପାଳ ଚନ୍ଦ୍ର ସାହୁ ଏବଂ ଶାଖାର ଅନ୍ୟ କର୍ମଚାରୀ ଓ ଶତାଧିକ ଗ୍ରାହକ ଏଥିରେ ଯୋଗଦେଇଥିଲେ। ବ୍ୟାଙ୍କ ଅଫ୍ ବରୋଦା ହେଉଛି ଦ୍ୱିତୀୟ ବୃହତ୍ତମ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଯାହାର ରାଜ୍ୟରେ ୨୦୨ଟି ଶାଖା ରହିଛି। ମୟୂରଭଞ୍ଜ ଜିଲାର ଏହା ସପ୍ତମ ଶାଖା ।



# କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଦେବ ୬୧.୯୫ ଲକ୍ଷ ଜରିମାନା

**ଭୁବନେଶ୍ୱର,୨୦।୧୨(ଅନୁରାଧା ମହାରଣା)**

ବ୍ୟାଙ୍କିଙ୍ଗ୍ ନିୟମ ଉଲ୍ଲଂଘନ କରିଥିବାରୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଉପରେ ୬୧.୯୫ ଲକ୍ଷ ଜରିମାନା ଲଗାଇଛି। କୋଟାକ୍ ମହିନ୍ଦ୍ରା ବ୍ୟାଙ୍କର କାର୍ଯ୍ୟରେ ଅବହେଳା ଏବଂ ନିୟମାବଳୀ ଅବମାନନା ଯୋଗୁ ଆର୍‌ବିଆଇ ଏହି ଜରିମାନା ଲଗାଇଛି। ଏକ ତଦନ୍ତରୁ ଜଣାପଡ଼ିଛି, କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ପୂର୍ବରୁ ଆକାଉଣ୍ଟ ଥିବା ଗ୍ରାହକଙ୍କ ପାଇଁ ମୌଳିକ ସଞ୍ଚୟ ବ୍ୟାଙ୍କ ଜମା ଆକାଉଣ୍ଟ ଖୋଲିବା ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ନିୟମ ପାଳନ କରିବାରେ ବିଫଳ ହୋଇଛି। ବ୍ୟାଙ୍କ ଏହାର ବ୍ୟବସାୟିକ ପ୍ରତିନିଧିଙ୍କ ସହ ଚୁକ୍ତି କରିଥିଲା ଯାହା ବ୍ୟାଙ୍କର କ୍ଷେତ୍ରାଧିକାର ମଧ୍ୟରେ ନ ଥିଲା। ଏହା ବ୍ୟତୀତ ବ୍ୟାଙ୍କ କେତେଜଣ ଗ୍ରାହକଙ୍କ ବିଷୟରେ କ୍ରେଡିଟ୍ ବ୍ୟୁରୋକୁ ଭୁଲ୍ ସୂଚନା ପ୍ରଦାନ କରିଥିବା ଜଣାପଡ଼ିଥିଲା, ଯାହା ସିଧାସଳଖ ଗ୍ରାହକଙ୍କ କ୍ରେଡିଟ୍ ସ୍କୋରକୁ ପ୍ରଭାବିତ କରିଥିଲା। ଏହି ପ୍ରସଙ୍ଗଗୁଡ଼ିକୁ ଦୃଷ୍ଟିରେ ରଖି ଆର୍‌ବିଆଇ ଉକ୍ତ ବ୍ୟାଙ୍କ ଉପରେ ଜରିମାନା ଲଗାଇବାକୁ ନିଷ୍ପତ୍ତି ନେଇଛି। ୨୦୨୪ ମାର୍ଚ୍ଚ ୩୧ ସୁଦ୍ଧା କୋଟାକ୍ ମହିନ୍ଦ୍ରା ବ୍ୟାଙ୍କର ଆର୍ଥିକ ସ୍ଥିତି ସମୀକ୍ଷା କରିବା ପରେ କେନ୍ଦ୍ରୀୟ ବ୍ୟାଙ୍କ ଏହି ନିଷ୍ପତ୍ତି ନେଇଛି। ତେବେ ଉକ୍ତ କାର୍ଯ୍ୟାନୁଷ୍ଠାନ ସିଧାସଳଖ ବ୍ୟାଙ୍କର ଗ୍ରାହକମାନଙ୍କୁ ପ୍ରଭାବିତ କରିବ ନାହିଁ ବୋଲି ସୂଚନା ଦିଆଯାଇଛି। ଆର୍‌ବିଆଇ ଏକ ବିଜ୍ଞପ୍ତିରେ କହିଛି, ବ୍ୟାଙ୍କ ଉପରେ ଲାଗୁ ହୋଇଥିବା ଜରିମାନା ବ୍ୟାଙ୍କିଙ୍ଗ୍ ନିୟନ୍ତ୍ରଣ ଆଇନର ପ୍ରାସଙ୍ଗିକ ଧାରା ଏବଂ କ୍ରେଡିଟ୍ ସୂଚନା କମ୍ପାନୀ (ନିୟନ୍ତ୍ରଣ) ଆଇନ, ୨୦୦୫ ର ବ୍ୟବସ୍ଥା ଅନୁଯାୟୀ ଆର୍‌ବିଆଇର କ୍ଷମତା ଅଧୀନରେ ଲାଗୁ କରାଯାଇଛି।

# Classified Everyday

**0674-2580101, 9692975378**



MATRIMONIAL

## BRIDE WANTED

ମାଟିବଂଶ ଜାତିର ମାଇନ୍ସ ଅଫିସର ପୁଅ ପାଇଁ ଝିଅ ଆବଶ୍ୟକ। ମୋବାଇଲ- 8839575893. D-2891

## GROOM WANTED

A Bhubaneswar based retired banker is seeking a well settled groom in and around Bhubaneswar and Cuttack for his daughter, aged 37years, height 5ft., Colour wheatish, Khandayat caste, qualification PG and Diploma in IT. Contact 7656947034. D-2889

Beautiful Karan girl, 1992, 5'3", B-Tech, serving American Express Bank, London. SUNASANSAR, 9937512659. D-2890

ବୟସ 29, Medical ରେ Nurse ଭାବେ କାର୍ଯ୍ୟ କରୁଥିବା ସୁନ୍ଦରୀ ସୁଶୀଳ ବ୍ରାହ୍ମଣ ଝିଅଙ୍କ ପାଇଁ ବରପାତ୍ର ଆବଶ୍ୟକ। 9827160964. D-2892

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।



REAL ESTATE

## SALE

GHARABARI PLOT MEASURING 4051 SQFT. ON NH 203 OPPOSITE KEC. 9437573430/ 8409225177. D-2868

କଟକ, ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ "Sum Hospital-2" ଓ Grand Bazar ସମ୍ମୁଖରେ NH-16 ଠାରୁ 1Km. ଦୂରତାରେ ଘରବାରି ପ୍ଲଟ କିଣନ୍ତୁ ଓ ନବନିର୍ମିତ କଲୋନୀ ଭିତରେ ଗୃହ ନିର୍ମାଣ କରନ୍ତୁ। ସନ୍ତୋଷ- 9438362273 D-2877

Retanga Railway Station ପାଖରେ 46000 Sqft. Yellowzone Gharabari Plot Sale ହେବ। Contact: 9778928492. D-2888

**2/3 BHK ready to move flat for sale at Jayadev Vihar square. Contact: 9437307086, 7008789347** D-2878

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍, 25ft. road ପଛାରୁ ବିକ୍ରିହେବ। 9437754190. ଧ-୨୮୫୦

ଭୁବନେଶ୍ୱର ଗ୍ୟାରେଜ୍‌ଛକ ନିକଟରେ ୩୦ ଫୁଟ ରାସ୍ତା ଥାଇ ଘରବାଡ଼ି ପ୍ଲଟ ବିକ୍ରି ହେବ- 9178660666. ଧ-୨୮୫୧

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open health benifits, Joint pain relax good environment atmosphere 7653969971. D-2853

All types of physiotherapy with massage, Contact number 9556924059/ 7656969134. D-2766

## AFFIDAVIT

I, JITENDRA BEHERA, S/O.- LATE BASANTA KUMAR BEHERA. RESIDENT OF AT- HARIPUR ROAD. P.S.- PURIGHAT, DIST.- CUTTACK, PIN- 753001, ODISHA DECLARE BY THIS AFFIDAVIT NO.- 70AA 342366 DATED- 03.12.2026, THAT NOW ONWARDS I SHALL BE KNOWN AS JITENDRA KUMAR BEHERA FOR ALL FUTURE PURPOSES. D-2880

I, Sunil K Bhanjdeo, Son of Shri Alekha Chandra Bhanja, Residing At Village- Malabiharpur, P.O.- Kadalibadi, P.S.- Banki, District- Cuttack, State- Odisha. By virtue of an Affidavit No. 3741 Dtd.- 15.12.2025 sworn before Smt. Priyanka Jujharsingh, ORS, Executive Magistrate, Banki, Odisha, I declare that Sunil K Bhanjdeo and Sunil Kumar Bhanja is one and same person. I hereafter will be known as Sunil K Bhanjdeo in all purpose. D-2883

By virtue of an affidavit sworn before Executive Magistrate, Rairangpur, dated 19.12.2025, I, Samya Ranjan, Address: At- Jodapokhari, P.O.- Aharbandh, P.S.- Rairangpur, Dist.- Mayurbhanj declare that I have changed my name from Samyaranjan Murmu to Samya Ranjan. Henceforth, I shall be known as Samya Ranjan for all purposes.
Samya Ranjan D-2881

By virtue of an affidavit before Executive Magistrate, Satyabadi, Dtd.- 21.12.2025, I, Sudarsan Pradhan, S/o.- Biswanath Pradhan, Resident of Gualipari, P.S.- Satyabadi, Dist.- Puri. My actual name is Sudarsan Pradhan in all documents but wrongly mentioned Surendra Pradhan in my L.I.C bond. Surendra Pradhan and SUDARSAN PRADHAN is same and one person for all purposes.
SUDARSAN PRADHAN D-2882

By virtue of an Affidavit sworn before the Executive Magistrate, Bhubaneswar, dated 15.12.2025, I, Sasmi Rekha Mohapatra, W/o.- Sunil Kumar Panda, R/o. Plot No.- 249/2439, Barabari, Jagamara, P.S.- Khandagiri, BBSR- 751030, Dist.- Khordha, Odisha declare by this affidavit that, now onwards I shall be known as 'Sashmirekha Mohapatra' for all future purposes. D-2885

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

By virtue of an affidavit sworn before the Executive Magistrate, Bhadrak, dtd. 19.12.2025, I, Sumitra Barik, W/o.- Rabindra Barik, Vill.- Kanjikhia, P.O.- Eratal, P.S.- Basudevpur, Dist.- Bhadrak, Odisha, PIN- 756124 declare that I have changed my name from Sukhmati Uranw to Sumitra Barik. Henceforth, I shall be known as Sumitra Barik for all purposes.
Sumitra Barik D-2886

By virtue of an affidavit No. 4653 dated 22.7.25, sworn before the Executive Magistrate, Tihidi Tahasil, Bhadrak, I, Dhumali Malik, S/o.- Raghu Malik, Vill.- Taladapa, P.O.- Tiadisahi, P.S.- Pirahat, Dist.- Bhadrak, Odisha, PIN- 756131 declare that I have changed my son's name from Susanta Malik to Mithun Malik. Henceforth, he shall be known as Mithun Malik for all purposes.
Dhumali Malik D-2887

I, Gufrana Banu, W/o.- Atahar Hussain, resident of Satyavihar, P.O.- Rasulgarh, Bhubaneswar, Odisha declare by this affidavit No. 175 dtd.- 20.12.2025 that now onwards I shall be known as Gufrana Bano for all future purposes. D-2884

ମୁଁ, ଶ୍ରୀମତୀ କବିତା ମଲ୍ଲିଆ, ସ୍ୱାମୀ: ସ୍ୱର୍ଗତ କୂଳମଣି ମଲ୍ଲିଆ, ଏତଦ୍ଦ୍ୱାରା ଜଣାଇବାକୁ ଚାହୁଁଛି ଯେ, ମୋର ବିଭିନ୍ନ ଦସ୍ତାବିଜରେ ମୋର ଭିନ୍ନ ଭିନ୍ନ ନାମ ରହିଥିବା ପରିଲକ୍ଷିତ ହେଉଅଛି । ଏତଦ୍ ସଂଗେ ମୋର ଜନ୍ମ ତାରିଖ ମଧ୍ୟ ଭିନ୍ନ ଭିନ୍ନ ଥିବା ହେତୁ ମୁଁ ଏହି ପ୍ରକାଶନ ମାଧ୍ୟମରେ ସୂଚେଇ ଦେବାକୁ ଚାହେଁ ଯେ ଆଜିଠାରୁ ମୁଁ, ଶ୍ରୀମତୀ କବିତା ମଲ୍ଲିଆ, ସ୍ୱାମୀ: ସ୍ୱର୍ଗତ କୂଳମଣି ମଲ୍ଲିଆ ଜନ୍ମ ତାରିଖ: ୦୩.୦୩.୧୯୭୯ ରୂପେ ପରିଚିତ ହେବି। ଧ-୨୮୯୩

## ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଶ୍ୟାମ ସୁନ୍ଦର କର**
ରାମଚନ୍ଦ୍ରପୁର, ଭିଙ୍ଗାରପୁର
ଆବିର୍ଭାବ: ୦୧।୧୨।୧୯୫୦
ତିରୋଧାନ: ୧୦।୧୨।୨୦୨୫

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ପ୍ରାର୍ଥନା ।
-ଶୋକସନ୍ତପ୍ତ-
ସନ୍ତୋଷ, ସମିର, ବୁଲୁ, ସାଇ, ମୁନୁ, ରାଧା, କ୍ରୀଷ୍ଣା ଏବଂ କର ପରିବାରବର୍ଗ ।
ଧ-୨୮୮୮

## LEGAL NOTICE

I. No.- 1889, Dtd.- 05.12.2025

ମାନ୍ୟବର ଅତିରିକ୍ତ ଆୟୁକ୍ତ (ଶ୍ରୀଯୁକ୍ତ ଆଶୁତୋଷ ସାମଲ, OAS(S.A.G)ଙ୍କ ଅତିରିକ୍ତ ରିଭିଜନ ଅଦାଲତ ନଂ.-୨,
ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା,
ଓ.ଏସ୍.ଏସ୍. କେଶ ନଂ.- ୨୭୩/୨୦୨୩
ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ

ସୌମ୍ୟଶ୍ରୀ ଦେବାଶିଷ୍ ମହାନ୍ତି .......ବାଦୀ

ବନାମ

ଶିବାନୀ ଇଷ୍ଟେଟ୍‌ସ୍ ଓ ପ୍ରମୋଟର୍ସ ପ୍ରାଇଭେଟ ଲିମିଟେଡ ମାର୍ଫତ୍‌ଦାର, ମ୍ୟାନେଜିଂ ଡାଇରେକ୍ଟର, ଶ୍ରୀ ରତିକାନ୍ତ କାନୁନ୍‌ଗୋ ଓଗେର .......ପ୍ରତିବାଦୀମାନେ

ନୋଟିସ ଅର୍ଡର -୫ ରୁଲ - ୨୦ C.P.C ମୁତାବକ

ପ୍ରତିବାଦୀ ନଂ-୧ ଶିବାନୀ ଇଷ୍ଟେଟ୍ସ ଓ ପ୍ରମୋଟର୍ସ ପ୍ରାଇଭେଟ ଲିମିଟେଡ ମାର୍ଫତଦାର, ମ୍ୟାନେଜିଂ ଡାଇରେକ୍ଟର, ଶ୍ରୀ ରତିକାନ୍ତ କାନୁନ୍‌ଗୋ, ବୟସ- ୫୧ ବର୍ଷ, ପିତା - ଅନିଲ କୁମାର କାନୁନ୍‌ଗୋ, ସା- ପ୍ଲଟ୍ ନଂ.-୨୫୧, ସହିଦ୍ ନଗର, ପୋ/ଥାନା- ସହିଦ୍ ନଗର, ସି.ଟି.- ଭୁବନେଶ୍ୱର, ଜିଲ୍ଲା - ଖୋର୍ଦ୍ଧା।

ଏତଦ୍ଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତ ଅଦାଲତ ନଂ.- ୨ ଇଜିଲାସ ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା.୦୯.୦୧.୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ମୌଜା- ନୀଳକଣ୍ଠପୁର, ତହସିଲ- ଖୋର୍ଦ୍ଧା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୧୯୬୨ ବନ୍ଦୋବସ୍ତ ସାବିକ ଖାତା ନଂ.-୧୬୭, ପ୍ଲଟ୍ ନଂ.-୨୩୪, କିସମ- ଶାରଦ- ୨, ଏରିଆ- ଏ୦.୨୬୦ ଡିସିମିଲରୁ କ୍ରୟବୃତ୍ତି ଏ୦.୦୨୭ ଡିସିମିଲ ଓ ପ୍ଲଟ ନଂ-୨୩୩, କିସମ- ଶାରଦ-୨, ଏରିଆ- ଏ୦.୨୯୦ ଡିସିମିଲରୁ କ୍ରୟବୃତ୍ତି ଏ୦.୦୨୮ଡିସମିଲ, କିସମ - ଶାରଦ -୨, ମୋଟ କ୍ରୟ ବୃତି ଏରିଆ ଏ୦.୦୫୫ଡିସିମିଲ।

ଏ ସମସ୍ତଙ୍କର ହାଲ ଜମି ବିବରଣୀ ମୌଜା- ନୀଳକଣ୍ଠପୁର, ତହସିଲ- ଜଟଣୀ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ୨୦୧୩ ବନ୍ଦୋବସ୍ତ ହାଲ ଖାତା ନଂ.-୨୮୪, ପ୍ଲଟ୍ ନଂ.- ୩୯୩, କିସମ- ଶାରଦ ଅଣଜଳସେଚିତ, ଏରିଆ- ଏ୦.୪୬୭୦ ଡିସିମିଲିରୁ ମୋଟ କ୍ରୟବୃତ୍ତି ଏରିଆ- ଏ୦.୦୫୫ଡିସିମିଲ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀ ନଂ.-୧ ଓ ମୃତ ପ୍ରତିବାଦୀଙ୍କ ୱାରଷମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ ।

ତାରିଖ: ୦୮।୧୨।୨୫ ମାନ୍ୟବର ଅତିରିକ୍ତ କମିଶନରଙ୍କ ଆଦେଶ ଅନୁଯାୟୀ
ଭୁବନେଶ୍ୱର ସ୍ୱା/- କୋର୍ଟ ଅଫିସର
ଧ-୨୮୯୩

# ପ୍ରୋଟିନ୍ ସପ୍ଲିମେଣ୍ଟ

**ବର୍ତ୍ତମାନ ନିଜ ଫିଗରକୁ ନେଇ ଅଧିକାଂଶ ଯୁବପିଢ଼ି ବେଶ୍ ସଜାଗ। ତେଣୁ ସେମାନେ ରେଗୁଲାର୍ ଜିମ୍ ଯିବା ସହ ବିଭିନ୍ନ ପ୍ରୋଟିନ୍ ସପ୍ଲିମେଣ୍ଟ ନେବାକୁ ବି ପଛାଉନାହାନ୍ତି। ହେଲେ ମନଇଚ୍ଛା ଏଭଳି ପ୍ରୋଟିନ୍ ସପ୍ଲିମେଣ୍ଟ ନେବା ସ୍ୱାସ୍ଥ୍ୟପକ୍ଷେ କେତେ ହିତକର ତାହା ପ୍ରଶ୍ନବାଚୀ...**

ନିଜକୁ ସୁସ୍ଥ ଓ ସ୍ଲିମ୍ ଫିଟ୍ ରଖିବା ଲାଗି ଯୋଗ, ବ୍ୟାୟାମ କରିବା ସହ ପ୍ରତିଦିନ ସନ୍ତୁଳିତ ତଥା ବିଭିନ୍ନ ପୋଷକ ତତ୍ତ୍ୱରେ ପରିପୂର୍ଣ୍ଣ ବିଭିନ୍ନ ଖାଦ୍ୟ ଖାଇବା ନିହାତି ଆବଶ୍ୟକ। ହେଲେ ଆଜିର ଯୁବପିଢ଼ି ଆଟ୍ରାକ୍ଟିଭ୍ ଫିଗର ପାଇବା ଲାଗି ବିଶେଷକରି ବଡି ବିଲ୍ଡିଂ ପାଇଁ ଜିମ୍ ଯାଉଥିବା ବେଳେ ଶରୀରକୁ ଆବଶ୍ୟକ ପୋଷକତତ୍ତ୍ୱ ଯୋଗାଇ ଦେବା ଆଳରେ ପ୍ରତିଦିନ ପ୍ରୋଟିନ୍ ଶେକ୍ ପିଉଥିବା ଦେଖିବାକୁ ମିଳୁଛି। ହେଲେ କଥାରେ ଅଛି– ଅତି ସର୍ବତ୍ର ଗର୍ହିତମ୍। ଅର୍ଥାତ୍ କୌଣସି ଜିନିଷ ଆବଶ୍ୟକତାଠାରୁ ଅଧିକ ଖରାପ। ସନ୍ତୁଳିତ ଖାଦ୍ୟ ବଦଳରେ ଅଧିକ ପ୍ରୋଟିନ୍ ସପ୍ଲିମେଣ୍ଟ ଖାଇବା ବିଶେଷକରି ଡାକ୍ତର କିମ୍ବା ଏକ୍ସପର୍ଟଙ୍କ ପରାମର୍ଶ ନ ନେଇ ଖାଇବା ସ୍ୱାସ୍ଥ୍ୟ ପ୍ରତି ହାନିକାରକ। ୱାର୍ଲ୍ଡ ହେଲ୍ଥ ଅର୍ଗାନାଇଜେଶନ (ହୁ) ଅନୁଯାୟୀ ପ୍ରୋଟିନ୍ ସପ୍ଲିମେଣ୍ଟ ସବୁବେଳେ ଖାଦ୍ୟର ବିକଳ୍ପ ହୋଇ ନ ପାରେ। କାରଣ ଏହା ଶରୀରକୁ ଆବଶ୍ୟକ ହେଉଥିବା ସମସ୍ତ ପ୍ରୋଟିନ୍‌ର ପରିମାଣ ଭରଣା କରିପାରେନାହିଁ। କେବେକେବେ ଏହାର ପରିମାଣ ଆବଶ୍ୟକତାଠାରୁ ଅଧିକ ହେବା ଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ଉପୁଜିଥାଏ।



**କେଉଁ ସବୁ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦିଏ**

– ବର୍ତ୍ତମାନ ହ୍ୱେ ପ୍ରୋଟିନ୍ ଏବଂ କ୍ୟାସିନ୍ ପ୍ରୋଟିନ୍ ସବୁଠୁ ବେଶି ବ୍ୟବହାର ହେଉଛି, ଯାହାକି ମୁଖ୍ୟତଃ କ୍ଷୀରରୁ ପ୍ରସ୍ତୁତ ହେଇଥାଏ। ଏଥିରେ ଅଧିକ ପରିମାଣରେ ଲ୍ୟାକ୍ଟୋଜ୍ ଥିବାରୁ ଯେଉଁମାନେ କ୍ଷୀର ପିଅନ୍ତି ନାହିଁ, ସେମାନଙ୍କଠାରେ ଏହି ସପ୍ଲିମେଣ୍ଟ ହଜମକ୍ରିୟାରେ ବାଧା ସୃଷ୍ଟି କରିଥାଏ। ପେଟ ଫମ୍ପେଇବା, ବାନ୍ତି ଲାଗିବା, ଗ୍ୟାସ୍, ଏସିଡିଟି ଭଳି ସମସ୍ୟା ଦେଖାଦେଇଥାଏ।

– ଆବଶ୍ୟକତାଠାରୁ ଅଧିକ ପ୍ରୋଟିନ୍ ପାଉଡର୍ ସେବନ କଲେ ଶରୀରରେ ଫ୍ୟାଟ୍ ପରିମାଣ ବଢ଼ିଥାଏ, ଯାହାକି ଧୀରେ ଧୀରେ ମେଦବହୁଳତାର କାରଣ ସାଜିଥାଏ।

– ପ୍ରୋଟିନ୍ ପାଉଡର୍ ଅଧିକ ପିଇଲେ ଶରୀରରେ ନାଇଟ୍ରୋଜେନ୍ ସ୍ତର ବୃଦ୍ଧି ପାଇଥାଏ। ଯାହାକୁ ଶରୀରରୁ ନିଷ୍କାଶନ କରିବା ଲାଗି କିଡ୍‌ନୀ ଉପରେ ଅଧିକ ଚାପ ପଡିଥାଏ। ଦୀର୍ଘଦିନ ଏପରି ହେବାଦ୍ୱାରା କିଡ୍‌ନୀ ଷ୍ଟୋନ, କ୍ରନିକ୍ କିଡ୍‌ନୀ ରୋଗ ହେବାର ଆଶଙ୍କା ବୃଦ୍ଧି ପାଇଥାଏ।

– ମାର୍କେଟ୍‌ରେ ଅନେକ ନକଲି ପ୍ରୋଟିନ୍ ପାଉଡର ମିଳୁଛି, ଯେଉଁଥିରେ ପ୍ରିଜର୍ଭେଟିଭ୍‌ର ପରିମାଣ ଅଧିକ ରହୁଛି। ତେଣୁ ଏସବୁ ଖାଇବା ଦ୍ୱାରା ଫ୍ୟାଟି ଲିଭର ସମସ୍ୟା ଦେଖା ଦେଇଥାଏ। ଏମିତିକି ଏହା ଲିଭର ସମ୍ବନ୍ଧୀୟ ଅନ୍ୟ ସମସ୍ୟା ବି ଉପୁଜାଇଥାଏ।

– ସୋଏ ପ୍ରୋଟିନ୍ ସପ୍ଲିମେଣ୍ଟ ଅଧିକ ସେବନ ଦ୍ୱାରା ଶରୀରରେ ହର୍ମୋନ୍ ସ୍ତରରେ ଅସନ୍ତୁଳନ ଦେଖାଦିଏ। ବିଶେଷ କରି ଯୁବତୀମାନେ ଏହାକୁ ସେବନ କରିବା ଦ୍ୱାରା ଇଷ୍ଟ୍ରୋଜେନ୍ ସ୍ତର ପରିବର୍ତ୍ତନ ହୋଇଥାଏ, ଯଦ୍ୱାରା ଗର୍ଭଧାରଣ ସମୟରେ ଅସୁବିଧା ଦେଖାଦେଇଥାଏ।

– ଏଭଳି ପ୍ରୋଟିନ୍ ସପ୍ଲିମେଣ୍ଟ ଅଧିକ ସେବନ କରିବା ଦ୍ୱାରା ଶରୀରରେ ଡିହାଇଡ୍ରେଶନ୍ ସମସ୍ୟା ଦେଖାଦେଇଥାଏ।

– ହ୍ୱେ ପ୍ରୋଟିନ୍ ଯୁବକଙ୍କ ଠାରେ ଟେଷ୍ଟୋଷ୍ଟେରନ୍ ସ୍ତର ବୃଦ୍ଧି କରିଥାଏ, ଯାହାକି ରକ୍ତରେ ଡିଏଚ୍‌ଟି ନାମକ କେମିକାଲ୍ ପ୍ରସ୍ତୁତ କରିଥାଏ। ଅପରପକ୍ଷେ ଏହି କେମିକାଲ୍ ଅଧିକ ପ୍ରସ୍ତୁତ ହେବା ଦ୍ୱାରା କେଶ ଝଡିବା ଓ ଚନ୍ଦାପଣ ସମସ୍ୟା ଦେଖା ଦେଇଥାଏ।

– କେବଳ ଏତିକି ନୁହେଁ ଡାକ୍ତରଙ୍କ ବିନା ପରାମର୍ଶରେ ଅଧିକ ପ୍ରୋଟିନ୍ ସପ୍ଲିମେଣ୍ଟ ଖାଇବା ଦ୍ୱାରା ବ୍ରଣ ସମସ୍ୟା ବି କେତେକଙ୍କ ଠାରେ ଦେଖାଦେଇଥାଏ।

**ଜାଣିରଖନ୍ତୁ:** ପ୍ରୋଟିନ୍ ସପ୍ଲିମେଣ୍ଟ କେବେ ବି ପୁଷ୍ଟିକର ଖାଦ୍ୟରୁ ମିଳୁଥିବା ପ୍ରୋଟିନ୍ ପରିମାଣ ସହ ସମାନ ନୁହେଁ। ଖାଦ୍ୟ ଯେତିକି ପରିମାଣରେ ପ୍ରୋଟିନ୍ ଯୋଗାଇଥାଏ, ଏହି ଟ୍ୟାବଲେଟ୍ ବା ସେକ୍ ସେତିକି ଯୋଗାଇପାରେ ନାହିଁ। କେବେକେବେ ଏହାର ମାତ୍ରା ଅଧିକ ହେବା ମଧ୍ୟ ଶରୀର ପାଇଁ ହାନିକାରକ ହୋଇଥାଏ। ତେଣୁ ଶରୀରରେ ପ୍ରୋଟିନ୍‌ର ଅଭାବ ପୂରଣ କରିବା ଲାଗି





ହେଉ କିମ୍ବା ବଡି ବିଲ୍ଡିଂ ପାଇଁ ପ୍ରୋଟିନ୍ ସପ୍ଲିମେଣ୍ଟ ନେବାକୁ ଚାହୁଁଥିଲେ, ପ୍ରଥମେ ସେ ସମ୍ପର୍କରେ ଡାକ୍ତରଙ୍କ ପରାମର୍ଶ ନେବାକୁ ଆଦୌ ଭୁଲନ୍ତୁ ନାହିଁ। କାରଣ କାହାକୁ ପଚାରି କିମ୍ବା କୌଣସି ବିଜ୍ଞାପନ ଦେଖି ଅଯଥା ପ୍ରୋଟିନ୍ ସପ୍ଲିମେଣ୍ଟ ଗ୍ରହଣ କରିବା ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହୋଇପାରେ। ବିଶେଷକରି ଅନ୍ୟ କୌଣସି ରୋଗ ପାଇଁ ଔଷଧ ସେବନ କରୁଥିଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ସପ୍ଲିମେଣ୍ଟ ଗ୍ରହଣ କରନ୍ତୁ। କାରଣ ପ୍ରୋଟିନ୍ ସପ୍ଲିମେଣ୍ଟ ଅନ୍ୟ ଔଷଧ ସହ ମିଶି ପାର୍ଶ୍ୱ ପ୍ରତିକ୍ରିୟା ସୃଷ୍ଟି କରିଥାଏ। ସର୍ବୋପରି ସୁସ୍ଥ ରହିବା ଲାଗି ସର୍ବଦା ସନ୍ତୁଳିତ ତଥା ପୁଷ୍ଟିକର ଖାଦ୍ୟ ଖାଇବା ସହ ପ୍ରଚୁର ପାଣି ପିଇବା ସବୁଠୁ ଗୁରୁତ୍ୱପୂର୍ଣ୍ଣ।





## ବିନା ପରାମର୍ଶରେ ପ୍ରୋଟିନ୍ ସପ୍ଲିମେଣ୍ଟ ଗ୍ରହଣ କରିବା କ୍ଷତିକାରକ



ପ୍ରୋଟିନ୍ ଏକ ଅତ୍ୟାବଶ୍ୟକ ପୁଷ୍ଟିକର ପଦାର୍ଥ। ଯାହା ଶରୀରର ମାଂସପେଶୀ ବୃଦ୍ଧି, ବିକାଶ ଏବଂ ଅନେକ କାର୍ଯ୍ୟ ପାଇଁ ଆବଶ୍ୟକ। ନିର୍ଦ୍ଦିଷ୍ଟ ଖାଦ୍ୟ ପ୍ରତି ଅନିଚ୍ଛା, ଧାର୍ମିକ ବିଶ୍ୱାସ, କେତେକ ରୋଗ ପରି ବିଭିନ୍ନ କାରଣ ଯୋଗୁ ଅନେକ ଭାରତୀୟ କେତୋଟି ପ୍ରୋଟିନଯୁକ୍ତ ଖାଦ୍ୟ ଗ୍ରହଣ କରନ୍ତି ନାହିଁ। ମଣିଷକୁ ପ୍ରତି କିଲୋ ଶରୀର ଓଜନ ପାଇଁ ୧ ଗ୍ରାମ ପ୍ରୋଟିନ୍ ଆବଶ୍ୟକ। ତେଣୁ ପ୍ରୋଟିନ୍ କମ୍ ହେଲେ ଅନେକେ ଏଭଳି ସପ୍ଲିମେଣ୍ଟ ଉପରେ ନିର୍ଭର କରନ୍ତି। କିଛି ସୋସିଆଲ ମିଡିଆ ପ୍ରଭାବଶାଳୀ ବିଜ୍ଞାପନ ଏବଂ ଜିମ୍ ପ୍ରଶିକ୍ଷକ ମଧ୍ୟ ପ୍ରୋଟିନ୍ ସପ୍ଲିମେଣ୍ଟକୁ ପ୍ରୋତ୍ସାହିତ କରୁଛନ୍ତି।

ତେଣୁ ପ୍ରଶ୍ନ ଉଠୁଛି, ଆମେ କ'ଣ ବଜାରରେ ଉପଲବ୍ଧ ପ୍ରୋଟିନ୍ ସପ୍ଲିମେଣ୍ଟ ଗ୍ରହଣ କରିବା ଉଚିତ ? ତେଣୁ ଏସବୁ ଗ୍ରହଣ କରିବା ପୂର୍ବରୁ କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ବିଚାର କରିବା ଆବଶ୍ୟକ। ଯଥା–

୧. ଉପଲବ୍ଧ ସପ୍ଲିମେଣ୍ଟଗୁଡ଼ିକ ଭାରତ ସରକାର (FSSAI) ଦ୍ୱାରା ପ୍ରସ୍ତୁତ କୌଣସି ନିର୍ଦ୍ଦିଷ୍ଟ ନିର୍ଦ୍ଦେଶାବଳୀ ଅନୁସରଣ କରୁଥିବା ଦରକାର।

୨. ଏଥିରେ କ'ଣ ଚିନି, ଲୁଣ, ଅସ୍ୱାସ୍ଥ୍ୟକର ଚର୍ବି କ୍ଷତିକାରକ ଖାଦ୍ୟ ମିଶ୍ରଣର ଅବାଞ୍ଛିତ ପରିମାଣ ନ ରହିବା ଦରକାର।

୩. ଖାଦ୍ୟ/ ପୁଷ୍ଟିକର ଲେବଲ ପଢ଼ିବା ଗୁରୁତ୍ୱପୂର୍ଣ୍ଣ। କାରଣ ଏହା ଖାଦ୍ୟ ଗୁଣବତ୍ତା ଏବଂ ଏହାର ସୁରକ୍ଷା ସମ୍ବନ୍ଧୀୟ ଆବଶ୍ୟକୀୟ ସୂଚନା ପ୍ରଦାନ କରେ।

ତେଣୁ ଅତ୍ୟଧିକ ବ୍ୟାୟାମ କରୁଥିବା ଯୁବପିଢ଼ିଙ୍କୁ ଖାଦ୍ୟ ପ୍ରତି ଗୁରୁତ୍ୱ ଦେବା ଉଚିତ। ବିଶେଷକରି ସପ୍ଲିମେଣ୍ଟ ମାଧ୍ୟମରେ ଅତ୍ୟଧିକ ପ୍ରୋଟିନ୍ ଗ୍ରହଣ କରିବା ଠିକ୍ ନୁହେଁ। ICMR ରିପୋର୍ଟ ମୁତାବକ, ଦିନକୁ ୧.୬ ଗ୍ରାମ/କିଲୋଗ୍ରାମ ଅଧିକ ପ୍ରୋଟିନ୍ ଗ୍ରହଣ ମାଂସପେଶୀ ବୃଦ୍ଧିକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରେ ନାହିଁ। କାରଣ ଅତିରିକ୍ତ ପ୍ରୋଟିନ୍ ଶରୀର ପାଇଁ ଠିକ୍ ନୁହେଁ, ଏହା ହାଡ଼, ବୃକ୍କ ଏବଂ ଯକୃତ ଉପରେ ମେଟାବୋଲିକ୍ ବୋଝ ଲଦିପାରେ। ଏହା ସାଚୁରେଟେଡ ଫ୍ୟାଟ୍ ଏବଂ କୋଲେଷ୍ଟରଲ୍ ବୃଦ୍ଧି କରିଥାଏ, ଯାହାକି କରୋନାରୀ ହୃଦ୍‌ରୋଗର ଆଶଙ୍କା ବୃଦ୍ଧି କରିଥାଏ।

ତେଣୁ ପ୍ରତ୍ୟେକ ବ୍ୟକ୍ତି ଯେକୌଣସି ଫୁଡ୍ ସପ୍ଲିମେଣ୍ଟ, ତଥାକଥିତ ପ୍ରୋଟିନ ପାଉଡର ଖାଇବା ପୂର୍ବରୁ ଜଣେ କ୍ଲିନିକାଲ ନ୍ୟୁଟ୍ରିସନିଷ୍ଟ/ ଡାଏଟିସିଆନ୍‌ଙ୍କ ସହିତ ପରାମର୍ଶ କରିବା ଜରୁରୀ।

– **ଡା. ଗୁରୁପ୍ରସାଦ ଦାସ**, ସିନିୟର ଡାଏଟିସିଆନ୍, କେୟାର ହସ୍ପିଟାଲ୍, ଭୁବନେଶ୍ୱର

## ଏ ସପ୍ତାହର ପ୍ରଶ୍ନ ?

୧– ପୋଓ୍ୱାଇ ଲେକ୍ ........ ରାଜ୍ୟରେ ଅବସ୍ଥିତ ?
୨– ......... ଜନଜାତି ହୋଜାଗିରି ଫୋକ୍ ଡାନ୍ସ କରିଥାନ୍ତି ?
୩– ଡେଥ୍ ଭ୍ୟାଲି ନ୍ୟାଶନାଲ୍ ପାର୍କ .......... ଦେଶରେ ଅବସ୍ଥିତ ?
୪– ଦି ଗ୍ରେଟ୍ ଅନର୍ ନିଶାନ୍ ଅଫ୍ ଇଥିଓପିଆ ଆଓ୍ୱାର୍ଡ ପାଇଥିବା ପ୍ରଥମ ପ୍ରଧାନମନ୍ତ୍ରୀ .... ?
୫– ସାମନ୍ଥା ହାର୍ଭି ........ ଉପନ୍ୟାସ ପାଇଁ ଚଳିତବର୍ଷ ବୁକର୍ ପ୍ରାଇଜ୍ ପାଇଛନ୍ତି ?

## ଗତ ଥରର ଉତ୍ତର

୧ ଜମ୍ମୁ–କଶ୍ମୀର
୨ ଆର୍ମାଣ୍ଡ ଡଲ୍‌ଫାଣ୍ଟିସ୍
୩ ଡିପାର୍ଟମେଣ୍ଟ ଅଫ୍ ଟେଲିକମ୍ୟୁନିକେଶନ୍
୪ ତ୍ରିପୁରା
୫ ମହାରାଷ୍ଟ୍ରର ଥାଣେ

## ଉତ୍ତରଦାତା



ଦିନେଶ ନାୟକ, ଖୋର୍ଦ୍ଧା



ଶେଖ୍ ୟାକୁବ୍, ଗୋପ

## ଟପ୍ ଟେନ୍ ୧୦

୧. କର୍ଟ କୋବେନ୍ସ ମାର୍ଟିନ ଡି–୧୮ଇ ........................୬, ୦୧୦, ୦୦୦ ଡଲାର
୨. କର୍ଟ କୋବେନ୍ସ ସ୍ମେଲ୍ ଲାଇକ୍ ଟିନ୍ ସ୍ପିରିଟ୍ ଫେଣ୍ଡର ମଷ୍ଟାଙ୍ଗ୍ ...୪,୫୫୦,୦୦୦ ଡଲାର
୩. ଡାଭିଡ୍ ଗିଲ୍‌ମର୍ସ ବ୍ଲାକ୍ ଫେଣ୍ଡର ଷ୍ଟ୍ରାଟୋକାଷ୍ଟର.............. ୩,୯୭୫,୦୦୦ ଡଲାର
୪. ଏଡି ଭ୍ୟାନ୍ ହାଲେନ୍ସ ହଟ୍ ଫର୍ ଟିଚର କ୍ରାମର ............. ୩,୯୩୨,୦୦୦ ଡଲାର
୫. ରିଚ୍ ଆଉଟ୍ ଟୁ ଏସିଆ ଫେଣ୍ଡର ଷ୍ଟ୍ରାଟୋକାଷ୍ଟର ............. ୨,୭୦୦,୦୦୦ ଡଲାର
୬. ଜନ୍ ଲେନନ୍ସ ଗିବ୍‌ସନ୍ ଜେ୧୬୦ଇ ........................ ୨, ୪୧୦,୦୦୦ ଡଲାର
୭. ଜେରୀ ଗ୍ରାସିଆସ୍ ଓ୍ୱଲ୍ଫ............................................ ୧,୯୦୦,୦୦୦ ଡଲାର
୮. ଡାଭିଡ୍ ଗିଲ୍‌ମର୍ସ ୧୯୫୪ ଫେଣ୍ଡର ଷ୍ଟ୍ରାଟୋକାଷ୍ଟର.......... ୧, ୮୧୫,୦୦୦ ଡଲାର
୯. କର୍ଟ କୋବେନ୍ସ ୧୯୯୩ ଫେଣ୍ଡର ମଷ୍ଟାଙ୍ଗ ସ୍କାଏ ଷ୍ଟାଙ୍ଗ୍ ୧... ୧, ୫୮୭, ୫୦୦ ଡଲାର
୧୦. ଏରିକ୍ କ୍ଲାପଟନ୍ସ ୧୯୬୪ ଦି ଫୁଲ୍ ଗିବ୍‌ସନ୍ ଏସ୍‌ଜି......... ୧, ୨୭୦,୦୦୦ ଡଲାର

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
**ଇ–ମେଲ୍ ଠିକଣା:** dharitriagamiasha@gmail.com

## ୟୁଥ୍ ଫ୍ୟାଶନ୍

# ଦାନ୍ତରୁ ଜାଣନ୍ତୁ ସ୍ୱଭାବ



**ଆପଣ ଜାଣନ୍ତି କି, ଜଣେ ମଣିଷର ଦାନ୍ତ ବି ତାଙ୍କ ସ୍ୱଭାବ ବିଷୟରେ ସୂଚନା ଦେଇପାରେ। ଯଦିଓ ଏହା ସମସ୍ତଙ୍କ କ୍ଷେତ୍ରରେ ସମାନ ନୁହେଁ, ତଥାପି ଅଧିକାଂଶଙ୍କ ଠାରେ ଏଭଳି ଲକ୍ଷଣ ଦେଖିବାକୁ ମିଳିଥାଏ। ଜାଣନ୍ତୁ ଏ ସମ୍ପର୍କରେ...**

❖କୁହାଯାଏ, ଯେଉଁମାନଙ୍କ ଦାନ୍ତ ସାମାନ୍ୟ ବାହାରକୁ ବାହାରିବା ଭଳି ଥାଏ, ସେମାନେ ବହୁତ କଥା ହୁଅନ୍ତି ଏବଂ ଅନ୍ୟଠାରୁ ନିଜ କଥା ମଧ୍ୟ ଖୁବ୍ ସହଜରେ ମନେଇପାରନ୍ତି। ଏମାନେ ସ୍ୱଭାବରେ କେବେ ଖୁସମିଜାସରେ ଥାଆନ୍ତି ତ କେବେକେବେ ବହୁତ ରାଗି ମଧ୍ୟ ହୋଇଥାଆନ୍ତି।

❖ଯେଉଁମାନଙ୍କ ଦାନ୍ତ ସିଧା ଏବଂ ବ୍ୟବସ୍ଥିତ, ସେମାନେ ଧନବାନ୍ ହୁଅନ୍ତି। ଏମାନଙ୍କୁ ଆତ୍ମପ୍ରଶଂସା ପସନ୍ଦ ନୁହେଁ। ସେମାନେ ସବୁବେଳେ କାମ କରି ନିଜକୁ ପ୍ରମାଣିତ କରିବାକୁ ଭଲପାଆନ୍ତି। ସେମାନେ ପ୍ରାୟତଃ କାହା ଅଧୀନରେ କାମ କରିବାକୁ ଚାହିଁ ନ ଥାନ୍ତି।

❖ଯେଉଁମାନଙ୍କର ଦାନ୍ତ ଧଳା ଏବଂ ସୁନ୍ଦର, ସେମାନେ ସୌଭାଗ୍ୟଶାଳୀ ହୋଇଥାଆନ୍ତି। ଏଭଳି ବ୍ୟକ୍ତି ସ୍ୱଭାବରେ ଖୁବ୍ ମେଳାପୀ ଏବଂ ଭାବପ୍ରବଣ ହୋଇଥାଆନ୍ତି। ଏମାନେ ସହଜରେ ଅନ୍ୟ ଉପରେ ବିଶ୍ୱାସ କରିଯାଉଥିବାରୁ କେବେକେବେ ଭବିଷ୍ୟତରେ ବିଶ୍ୱାସଘାତକତାର ଶିକାର ବି ହୁଅନ୍ତି।

❖ଆପଣମାନେ ଏଭଳି ଅନେକଙ୍କୁ ଦେଖିଥିବେ, ଯେଉଁମାନଙ୍କ ଉପରମାଢ଼ିରେ ଥିବା ଦାନ୍ତ ମଝିରେ ଫାଙ୍କା ଥାଏ। ଏଭଳି ମଣିଷଙ୍କୁ ବିଳାସପୂର୍ଣ୍ଣ ଜୀବନଶୈଳୀ ବେଶ୍ ପସନ୍ଦ। ସେମାନେ ଅନ୍ୟ ଟଙ୍କାରେ ମଉଜ ମଜଲିସ୍ କରିବାକୁ ଭଲ ପାଆନ୍ତି। ଏମାନେ ସ୍ୱଭାବରେ ବହୁତ ଖର୍ଚ୍ଚି ହୋଇଥାନ୍ତି।

❖ଯେଉଁମାନଙ୍କ ଦାନ୍ତ ସାମାନ୍ୟ କଳା ଥାଏ, ସେମାନେ ନା କେବଳ ବହୁତ ଚତୁର ବରଂ ସ୍ୱଭାବରେ ବହୁତ ଝଗଡାଳୁ ଏବଂ ସ୍ୱାର୍ଥପର ମଧ୍ୟ ହୋଇଥାନ୍ତି।

❖ଯେଉଁମାନଙ୍କ ଦାନ୍ତ ସାମାନ୍ୟ ହଳଦିଆ, ସେମାନେ ବହୁତ ଖୁସ୍ ମିଜାଜର ହୋଇଥାନ୍ତି। ଏମାନେ ଖୁବ୍ ବିଶ୍ୱାସୀ। ଏମାନେ ସମସ୍ତଙ୍କ ସହ ଶୀଘ୍ର ମିଶିଯାଆନ୍ତି।

❖ଯେଉଁମାନଙ୍କ ଦାନ୍ତ ବଙ୍କା ଏବଂ ଅସମାନ ହୋଇଥାଏ, ସେମାନେ ଅନ୍ୟମାନଙ୍କଠାରୁ ସର୍ବପ୍ରଥମେ ନିଜ ବିଷୟରେ ଚିନ୍ତା କରିଥାନ୍ତି।

## ଜାଣନ୍ତୁ ଦୁନିଆ

# ସୁଇସାଇଡ୍ ପ୍ଲାଣ୍ଟ




**ପୃଥିବୀରେ ଏମିତି ଅନେକ ଅଜବ ଜିନିଷ ରହିଛି, ଯାହା ସମ୍ପର୍କରେ ଯେକେହି ଜାଣିଲେ ଆଶ୍ଚର୍ଯ୍ୟ ହୋଇଯିବେ। ସେହିଭଳି ଜିମ୍‌ପାଇ ଜିମ୍‌ପାଇ ନାମକ ଏକ ଅଜବ ତଥା ଭୟଙ୍କର ଗଛ ରହିଛି ଅଷ୍ଟ୍ରେଲିଆର ଉତ୍ତର–ପୂର୍ବ ଜଙ୍ଗଲରେ, ଯାହାକି ସୁଇସାଇଡ୍ ପ୍ଲାଣ୍ଟ ଭାବେ ଜଣାଶୁଣା...**

❖ଏହି ଗଛର ମୁଖ୍ୟତଃ ଦୁଇପ୍ରକାରର ପ୍ରଜାତି ରହିଛି। ଯଥା– ଡେଣ୍ଡ୍ରୋନାଇଡ୍ ମୋରୋଇଡସ୍ ଏବଂ ସେର୍ବେରା ଓଡୋଲାମ୍। ଉଭୟ ପ୍ରଜାତି ଅତ୍ୟନ୍ତ ବିଷାକ୍ତ।

❖ଏହି ଗଛର ଷ୍ଟିଙ୍ଗିଂ ବ୍ରଶ୍, ମଲ୍‌ବେରୀ ଲିଭ୍‌ଡ ଷ୍ଟିଙ୍ଗର୍, ସୁଇସାଇଡ୍ ପ୍ଲାଣ୍ଟ, ମୁନ୍‌ଲାଇଟର୍ ଭଳି ଅନେକ ନାମ ରହିଛି।

❖ଏହା ଖୁବ୍ ସାଧାରଣ ଗଛ ଭଳି ଦେଖାଯାଉଥିଲେ ସୁଦ୍ଧା ଏହି ଗଛସାରା ଖୁବ୍ ପତଳା କଣ୍ଟା (ସିଲିକା ବେସ୍‌ଡ ଷ୍ଟିଙ୍ଗିଙ୍ଗ୍ ହେୟାର ବା ଟ୍ରାଇକୋମ୍) ରହିଛି, ଯାହା ଅତ୍ୟନ୍ତ ବିଷାକ୍ତ। ମଣିଷ ଦେହରେ ଏ କଣ୍ଟା ଲାଗିବା ମାତ୍ରେ ଏକା ସଙ୍ଗେ ଗରମ ଏସିଡ୍ ଲାଗିଯିବା ସହ କରେଣ୍ଟ ମାରିବା ଭଳି କଷ୍ଟ ହୋଇଥାଏ। ଏହି କଷ୍ଟ କିଛି ଘଣ୍ଟାରୁ ଆରମ୍ଭ ହୋଇ ଦୁଇ ଦିନ ପର୍ଯ୍ୟନ୍ତ ରହିଥାଏ। ଏହି ଯନ୍ତ୍ରଣା ଏତେ ଅସହ୍ୟ ହୋଇଥାଏ ଯେ, ଜଣେ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଯାଏ। ଏଥିପାଇଁ ଏହାର ନାମ ସୁଇସାଇଡ୍ ପ୍ଲାଣ୍ଟ ରଖାଯାଇଛି।

❖ରିପୋର୍ଟ ମୁତାବକ ଥରେ କିଛି ଘୋଡ଼ା ଏହି ଗଛ ସଂସ୍ପର୍ଶରେ ଆସିବା ଦ୍ୱାରା ଯନ୍ତ୍ରଣା ସମ୍ଭାଳି ନ ପାରି ମାତ୍ର କିଛି ଘଣ୍ଟା ମଧ୍ୟରେ ସେମାନଙ୍କ ମୃତ୍ୟୁ ହୋଇଥିଲା। ସେହିପରି ଥରେ ଜଣେ ଅଫିସର ଜରୁରିକାଳୀନ ପରିସ୍ଥିତିରେ ଟଏଲେଟ୍ ପେପର ଭାବେ ଏହି ଗଛର ପତ୍ରକୁ ବ୍ୟବହାର କରିଦେଇଥିଲେ, ହେଲେ ପରବର୍ତ୍ତୀ ସମୟରେ ଯନ୍ତ୍ରଣା ଏତେ ଅସହ୍ୟ ହୋଇଥିଲା ଯେ, ନିଜକୁ ଗୁଳିକରି ଆତ୍ମହତ୍ୟା କରିଥିଲେ।

❖ଏହି ଗଛଟି ପୃଥିବୀର ସବୁଠୁ ବିଷାକ୍ତ ବୃକ୍ଷମାନଙ୍କ ଶ୍ରେଣୀରେ ଅନ୍ତର୍ଭୁକ୍ତ। ହେଲେ ଏହାର ଫଳ ଖାଇବା ସୁରକ୍ଷିତ ବୋଲି କୁହାଯାଏ। କିନ୍ତୁ ଫଳ ଉପରୁ ସମସ୍ତ କଣ୍ଟା କଢ଼ାଯିବା ଦରକାର, ନଚେତ୍ ଏହା କ୍ଷତିକାରକ ହୋଇପାରେ।






# ଗିଲ୍ ବାଦ୍: କିଶନ, ରିଙ୍କୁ ସାମିଲ

## ଟି୨୦ ବିଶ୍ୱକପ୍ ପାଇଁ ଭାରତୀୟ ଦଳ ଘୋଷିତ



ଇଶାନ କିଶନ



ରିଙ୍କୁ ସିଂ

ମୁମ୍ବାଇ, ୨୦।୧୨(ପି.ଟି.)

୨୦୨୬ ଫେବୃଆରୀ-ମାର୍ଚ୍ଚରେ ହେବାକୁଥିବା ଟି୨୦ କ୍ରିକେଟ୍ ବିଶ୍ୱକପ୍ ଲାଗି ଶନିବାର ଭାରତୀୟ ଦଳ ଘୋଷିତ ହୋଇଛି। ଦିନିକିଆ ଓ ଟେଷ୍ଟ ଦଳର ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଉଇକେଟ୍‌କିପର ଇଶାନ କିଶନ ଏବଂ ରିଙ୍କୁ ସିଂଙ୍କୁ ଦଳରେ ସାମିଲ କରାଯାଇଛି। ଅକ୍ଷର ପଟେଲଙ୍କୁ ନୂଆ ଉପଅଧିନାୟକ ଦାୟିତ୍ୱ ଦିଆଯାଇଛି।

ଟେଷ୍ଟ ଏବଂ ଦିନିକିଆରେ ସ୍ଥିର ପ୍ରଦର୍ଶନ କରିଆସୁଥିବା ଗିଲ୍ ଟି୨୦ରେ ସଂଘର୍ଷ କରୁଥିବା ପରିଲକ୍ଷିତ ହୋଇଛି। ବିଶେଷକରି ଓପନିଂ ସ୍ଥାନରେ ସେ ଭାରତକୁ ଉପଯୁକ୍ତ ଆରମ୍ଭ ଦେବାରେ ଅସଫଳ ରହିଛନ୍ତି। ପାୱାରପ୍ଲେରେ ତାଙ୍କ ଷ୍ଟ୍ରାଇକ୍ ହାର ମଧ୍ୟ ଭଲ ନାହିଁ। ଦକ୍ଷିଣ ଆଫ୍ରିକା ବିପକ୍ଷରେ ସେ ୩ଟି ଟି୨୦ ମ୍ୟାଚ୍ ଖେଳିଥିବାବେଳେ ଯଥାକ୍ରମେ ୪, ୦ ଓ ୨୮ ରନ୍ କରିବାକୁ ସକ୍ଷମ ହୋଇଛନ୍ତି। ''ସାମ୍ପ୍ରତିକ ସମୟରେ ଗିଲ୍ ରନ୍ ସ୍କୋର କରିବାରେ ବିଫଳ ହୋଇଛନ୍ତି। ତେଣୁ ତାଙ୍କୁ ବିଶ୍ୱକପ୍ ଦଳରେ ସାମିଲ କରାଯାଇନାହିଁ'' ବୋଲି ଚୟନ କମିଟି ମୁଖ୍ୟ ଅଜିତ୍ ଅଗରକର ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ବର୍ତ୍ତମାନର ଫର୍ମ ଏବଂ ବାମ-ଡାହାଣ କମ୍ବିନେଶନକୁ ଦୃଷ୍ଟିରେ ରଖି ଇଶାନ କିଶନଙ୍କୁ ଦଳରେ ସାମିଲ କରାଯାଇଛି। ଫିଟ୍‌ନେସ୍ ଏବଂ ଉପଲବ୍ଧତାକୁ କେନ୍ଦ୍ରକରି ପାଖାପାଖି ଏକ ବର୍ଷ ଧରି ଭାରତୀୟ ଦଳରୁ ଦୂରରେ ରହିଥିବା କିଶନ ନିକଟରେ ଶେଷ ହୋଇଥିବା ସୟଦ ମୁସ୍ତାକ୍ ଅଲୀ ଟ୍ରଫିରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ଶତକ ହାସଲ କରି ସେ ଝାଡ଼ଖଣ୍ଡକୁ ଟାଇଟଲ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ରିଙ୍କୁ ସିଂଙ୍କୁ ସ୍ପେଶାଲିଷ୍ଟ ଫିନିଶର ଭାବେ ଦଳରେ ନିଆଯାଇଛି। ଟପ୍ ଅର୍ଡରରେ ଅଭିଷେକ ଶର୍ମା, କିଶନ, ସୂର୍ଯ୍ୟକୁମାର, ତିଲକ ବର୍ମା ଓ ରିଙ୍କୁଙ୍କ ସାମିଲ ଫଳରେ ଭାରତୀୟ ବ୍ୟାଟିଂ ଲାଇନ୍‌ଅପ୍ ବେଶ୍ ଦୃଢ଼ ହୋଇଯାଇଛି।

ଅଲ୍‌ରାଉଣ୍ଡର ହାର୍ଦ୍ଦିକ୍ ପାଣ୍ଡ୍ୟା ଓ ଶିବମ ଦୁବେଙ୍କ ଉପସ୍ଥିତି ଦଳରେ ସନ୍ତୁଳନ ରକ୍ଷା କରିବ। ସ୍ପିନ୍ ବିଭାଗରେ ଅକ୍ଷର ଓ ୱାଶିଂଟନ ସୁନ୍ଦର ବୋଲିଂରେ ବିବିଧତା ଆଣିବା ସହ ବ୍ୟାଟିଂ ଲାଇନ୍‌ଅପ୍‌କୁ ଅଧିକ ଦୃଢ଼ତା ଦେଇପାରିବେ। କୁଲଦୀପ ଯାଦବ ଏବଂ ବରୁଣ ଚକ୍ରବର୍ତ୍ତୀ ମଧ୍ୟ ଦୁଇ ଦକ୍ଷ ସ୍ପିନର। ଯଶ୍‌ପ୍ରୀତ୍ ବୁମ୍‌ରା ପେସ୍ ଆକ୍ରମଣର ନେତୃତ୍ୱ ନେବେ। ଟି୨୦ରେ ନିର୍ଭରଯୋଗ୍ୟ ବାମହାତୀ ବିକଳ୍ପ ଅର୍ଶଦୀପ ସିଂ ତାଙ୍କୁ ସହାୟତା କରିବେ। ପେସ୍ ଓ ବାଉନ୍ସ ପାଇଁ ହର୍ଷିତ୍ ରାଣାଙ୍କୁ ଦଳରେ ନିଆଯାଇଛି।

ଫେବୃଆରୀ ୭ରେ ଆମେରିକା ବିପକ୍ଷରେ ଖେଳି ଭାରତ ଏହାର ଅଭିଯାନ ଆରମ୍ଭ କରିବ। ପରେ ୧୨ରେ ନାମ୍ବିୟା ଓ ୧୫ରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ଗ୍ରୁପ୍ 'ଏ'ରେ ଭାରତର ଅଭିଯାନ ଫେବୃଆରୀ ୧୮ରେ ନେଦରଲାଣ୍ଡ୍ସ ବିପକ୍ଷ ମ୍ୟାଚ୍ ସହ ଶେଷ ହେବ। ପ୍ରତିଯୋଗିତାର ସୁପର-୮ ପର୍ଯ୍ୟାୟ ୨୧ରେ ଆରମ୍ଭ ହେବ। ଫାଇନାଲ ମାର୍ଚ୍ଚ ୮ରେ ଖେଳାଯିବ।

ଭାରତୀୟ ଦଳ: ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ଅଭିଷେକ ଶର୍ମା, ଇଶାନ କିଶନ, ତିଲକ ବର୍ମା, ହାର୍ଦ୍ଦିକ୍ ପାଣ୍ଡ୍ୟା, ଶିବମ ଦୁବେ, ଅକ୍ଷର ପଟେଲ (ଉପ-ଅଧିନାୟକ), କୁଲଦୀପ ଯାଦବ, ଯଶ୍‌ପ୍ରୀତ ବୁମ୍‌ରା, ଅର୍ଶଦୀପ ସିଂ, ହର୍ଷିତ ରାଣା, ସଞ୍ଜୁ ସାମ୍‌ସନ, ୱାଶିଂଟନ ସୁନ୍ଦର, ବରୁଣ ଚକ୍ରବର୍ତ୍ତୀ, ରିଙ୍କୁ ସିଂ।



ଉତ୍ତରାଖଣ୍ଡରେ ଅନୁଷ୍ଠିତ ଜାତୀୟ ଟ୍ରାକ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ର ୧ କିମି ଏଲିଟ ମହିଳା ବ୍ୟକ୍ତିଗତ ଟାଇମ୍ ଟ୍ରାଏଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ବିଜୟୀ ଓଡ଼ିଶାର ସ୍ୱସ୍ତି ସିଂ, ରେଜିୟା ଦେବୀ, ମଧୁସ୍ମିତା ବେହେରା ଓ ବର୍ଷାରାଣୀ ବାରିକ।

# ଜାତୀୟ ସାଇକ୍ଲିଂରେ ଏସ୍‌ଓବି-ଓଡ଼ିଶାର ସଫଳତା



ପଦକ ବିଜୟୀ ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ଗହଣରେ।

## ୨ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୧ ବ୍ରୋଞ୍ଜ ହାସଲ

ଭୁବନେଶ୍ୱର, ୨୦।୧୨ (ତପନ ସ୍ୱାଇଁ)

ଝାଡ଼ଖଣ୍ଡର ବୋକାରୋ ଷ୍ଟିଲ୍ ସିଟିଠାରେ ଅନୁଷ୍ଠିତ ସ୍ପେସାଲ ଅଲିମ୍ପିକ୍ ଭାରତ ଜାତୀୟ ସାଇକେଲ ଚାଳନା ପ୍ରତିଯୋଗିତାରେ ଓଡ଼ିଶା ପ୍ରତିଯୋଗୀମାନେ ୨ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ରାମ ବରିହା ସିନିୟର୍ ବର୍ଗ ୨ କିମି ଓ ୫ କିମି ରୋଡ ରେସରେ ଭାଗ ନେଇ ୨ ସ୍ୱର୍ଣ୍ଣ ପଦକ ହାସଲ କରି ରାଜ୍ୟକୁ ଗର୍ବିତ କରିଛନ୍ତି। ସୀମା ପଟେଲ ଜୁନିଅର ବର୍ଗ ୧କିମି ରୋଡ୍ ରେସ୍‌ରେ ରୌପ୍ୟ, ଦୁର୍ଗା ସିଂ ୨କିମି ରୋଡ୍ ରେସ୍‌ରେ ବ୍ରୋଞ୍ଜ, ସଗୁପ୍ତା ସହିନ ୧ କିମି ରୋଡ୍ ରେସ୍‌ରେ ରୌପ୍ୟ ଓ ମାଧବ ମିଶ୍ର ୧ କିମି ରୋଡ୍ ରେସ୍‌ରେ ରୌପ୍ୟ ପଦକ ହାସଲ କରିଛନ୍ତି। ଏମାନଙ୍କ ବ୍ୟତୀତ ସିଦ୍ଧାର୍ଥ ମହାନ୍ତି ୨କିମି ରୋଡ୍ ରେସ୍‌ରେ ୫ମ ଏବଂ ୧୦ କିମି ରୋଡ୍ ରେସ୍‌ରେ ୪ର୍ଥ ସ୍ଥାନ ହାସଲ କରିଛନ୍ତି। ଦେବାଶିଷ ଓ ଶୁଭଶ୍ରୀ ୫ କିମିରେ ୫ମ ଓ ଅମନ ପଟେଲ ୫୦୦ ମିଟର ଏବଂ ୧କିମିରେ ଯଥାକ୍ରମେ ୬ଷ୍ଠ ଓ ୪ର୍ଥ ଓ ଆଶୁତୋଷ ୧ କିମି ରୋଡ୍ ରେସ୍‌ରେ ୭ମ ସ୍ଥାନ ଅଧିକାର କରିଛନ୍ତି। ପ୍ରତିଯୋଗୀ ଏବଂ ପ୍ରଶିକ୍ଷକଙ୍କୁ ମିଶାଇ ଓଡ଼ିଶାର ୧୬ ଜଣିଆ ଦଳ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ମହିଳା ଦଳରେ ମମତା ମହାନ୍ତି ଓ ପ୍ରଭାତୀ ସାହୁ ପ୍ରଶିକ୍ଷକ ଥିଲେ ଓ ପୁରୁଷ ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇ ଥିଲେ ଉମାକାନ୍ତ ଷଡ଼ଙ୍ଗୀ, ପାର୍ଥ ସାରଥି ମହାନ୍ତି ଓ ବୀରେନ ଜେନା। ଏହି ପ୍ରତିଯୋଗିତାରେ ଭାଗନେବା ପାଇଁ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ସମସ୍ତ ପ୍ରକାର ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ। ଏସ୍‌ଓବି ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରକାଶ ରଥ, ଅଧ୍ୟକ୍ଷା ସୁନିତା ମୁଣ୍ଡ, କ୍ରୀଡ଼ା ନିର୍ଦ୍ଦେଶକ ସସ୍ମିତା ମହାପାତ୍ର, ରାଜ୍ୟ କାର୍ଯ୍ୟକ୍ରମ ସଂଯୋଜକ ଅର୍ପିତା ମହାପାତ୍ର ଓ ଅନ୍ୟ ସମସ୍ତ ବୋର୍ଡ ସଦସ୍ୟ ଅଭିନନ୍ଦନ ଜଣାଇଛନ୍ତି।

# କିଟ୍ ପୁରୁଷ ବ୍ୟାଡ୍‌ମିଣ୍ଟନ ଦଳ ରନରଅପ୍

ଭୁବନେଶ୍ୱର, ୨୦।୧୨ (ତପନ ସ୍ୱାଇଁ)

ସମ୍ବଲପୁରଠାରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ କିଟ୍ ପୁରୁଷ ଦଳ ରନରଅପ୍ ହୋଇଛି। ଶନିବାର ଶେଷ ଲିଗ୍ ମ୍ୟାଚରେ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ହରାଇବାପରେ କିଟ୍‌କୁ ଏହି ସଫଳତା ମିଳିଛି। ସେହିପରି ଚେନ୍ନାଇରେ ଚାଲିଥିବା ଆନ୍ତଃ ବିଶ୍ୱବିଦ୍ୟାଳୟ ଆକ୍ୱାଟିକ୍ସର ତୃତୀୟ ଦିବସରେ କିଟ୍ ସୁଇମରମାନେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ୧୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ମନ୍ନତା ମିଶ୍ର ରୌପ୍ୟ ପଦକ ଜିତିବା ସହ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି।

# ସଞ୍ଜୟ, ଡୋରେନ ଲାନ୍ସର୍ସ ଅଧିନାୟକ

## ହିରୋ ଏଚ୍‌ଆଇଏଲ୍-୨୦୨୬

ଭୁବନେଶ୍ୱର, ୨୦।୧୨ (ତପନ ସ୍ୱାଇଁ)

ହିରୋ ହକି ଇଣ୍ଡିଆ ଲିଗ୍ ଚେନ୍ନାଇ, ରାଞ୍ଚି ଏବଂ ଭୁବନେଶ୍ୱରରେ ୨୦୨୬ ଜାନୁଆରୀ ୩ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆସନ୍ତା ସିଜନ ପୂର୍ବରୁ ଶନିବାର ବେଦାନ୍ତ କଳିଙ୍ଗ ଲାନ୍ସର୍ସ ପକ୍ଷରୁ ଅଧିନାୟକଙ୍କ ନାମ ଘୋଷଣା କରାଯାଇଛି। ଭାରତୀୟ ଖେଳାଳି ସଞ୍ଜୟ ଏବଂ ବେଲଜିୟମର ଆର୍ଥର ଭାନ ଡୋରେନ ଦଳର ନେତୃତ୍ୱ ନେବେ ବୋଲି ଫ୍ରାଞ୍ଚାଇଜ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଡୋରେନଙ୍କ ନେତୃତ୍ୱରେ ବେଲଜିୟମ ସୁଲତାନ ଆଜଲାନଶାହ କପ୍ ଟାଇଟଲ ଜିତିଥିବାବେଳେ ଡ୍ରାଗ୍-ଫ୍ଲିକର ସଞ୍ଜୟଙ୍କ ଅଧୀନରେ ଭାରତ ରନରଅପ୍ ହୋଇଥିଲା। ତେଣୁ ନୂଆ ସିଜନ ଲାଗି ଉଭୟଙ୍କୁ ନେତୃତ୍ୱଭାର ପ୍ରଦାନ ଲାଗି ନିଷ୍ପତ୍ତି ହୋଇଛି।

ହରିୟାଣାର ସଞ୍ଜୟ ୨୦୧୮ ୟୁଥ୍ ଅଲିମ୍ପିକ୍ସ ହେଉ କି ୨୦୨୧ ଜୁନିୟର ବିଶ୍ୱକପ୍ ସବୁଥିରେ ପ୍ରଭାବୀ ପ୍ରଦର୍ଶନ କରି ୨୦୨୨-୨୩ ଏଫ୍‌ଆଇଏଚ୍ ହକି ପ୍ରୋ ଲିଗ୍‌ରେ ସିନିୟର ଡେବ୍ୟୁ କରିଥିଲେ। ସେବେଠାରୁ ସେ ଭାରତୀୟ ଦଳର ନିୟମିତ ସଦସ୍ୟ ରହି ଆସିଛନ୍ତି। ୨୦୨୩ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ଏବଂ ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ଐତିହାସିକ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳର ସେ ସଦସ୍ୟ ଥିଲେ। ଅର୍ଜୁନ ପୁରସ୍କାରପ୍ରାପ୍ତ ସଞ୍ଜୟ ଭାରତ ପକ୍ଷରୁ ୭୮ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳି ସାରିଛନ୍ତି। ଅନ୍ୟପକ୍ଷରେ ଆର୍ଥର ଭାନ ଡୋରେନ ଆଧୁନିକ ହକିରେ ସବୁଠାରୁ ନିର୍ଭରଯୋଗ୍ୟ ଡିଫେଣ୍ଡରଭାବେ ବେଶ୍ ପରିଚିତ। ୨୦୨୦ ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ, ୨୦୨୩ ବିଶ୍ୱକପ୍ ଚାମ୍ପିୟନ, ୨୦୧୬ ରିଓ ଅଲିମ୍ପିକ୍ସ ଓ ୨୦୨୩ ବିଶ୍ୱକପ୍‌ରେ ରୌପ୍ୟ ପଦକ ବିଜୟୀ ବେଲଜିୟମ ଦଳରେ ସେ ସାମିଲ ଥିଲେ। ବର୍ତ୍ତମାନ ସେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ବେଲଜିୟମ ଦଳର ନେତୃତ୍ୱ ନେଉଛନ୍ତି। ୨୦୧୨ରୁ ସିନିୟର ସ୍ତରରେ ଖେଳି ଆସୁଥିବା ଡୋରେନ ଏପର୍ଯ୍ୟନ୍ତ ୨୭୬ଟି ଅନ୍ତର୍ଜାତୀୟ ମ୍ୟାଚ ଖେଳି ସାରିଛନ୍ତି। ସଞ୍ଜୟ ଓ ଆର୍ଥର ଭାନ୍ ଡୋରେନଙ୍କୁ ଅଧିନାୟକ ମନୋନୀତ କରି ଆମେ ଅତ୍ୟନ୍ତ ଆନନ୍ଦିତ ବୋଲି କଳିଙ୍ଗ ଲାନ୍ସର୍ସ ସିଇଓ ରାଜୀବ କୁମାର ପ୍ରକାଶ କରିଛନ୍ତି।

# ଗୁର୍‌ଜୋତ୍, ରାଇଜା ଟାଇଟଲ ବିଜେତା



ଗୁର୍‌ଜୋତ୍ ସିଂ ଖଙ୍ଗୁରା



ରାଇଜା ଢିଲ୍ଲୋଁ

## ଜାତୀୟ ଶଟ୍‌ଗନ୍ ଚାମ୍ପିୟନଶିପ୍

ଭୁବନେଶ୍ୱର, ୨୦।୧୨ (ବିଜୟ ରଣା)

ନୂଆଦିଲ୍ଲୀସ୍ଥିତ ଡକ୍ଟର କାର୍ନି ସିଂ ଶୁଟିଂ ରେଞ୍ଜରେ ଅନୁଷ୍ଠିତ ୬୮ତମ ଜାତୀୟ ଶୁଟିଂ ଶଟ୍‌ଗନ୍ ଚାମ୍ପିୟନଶିପ୍‌ରେ ଜିନ୍ଦଲ ଷ୍ଟିଲ ଆଥ୍‌ଲେଟମାନେ ଆଧିପତ୍ୟ ବିସ୍ତାର କରିଛନ୍ତି। ସେମାନେ ଏକାଧିକ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିପାରିଛନ୍ତି, ଯାହାକି ଭାରତରେ ଉଚ୍ଚସ୍ତରୀୟ କ୍ରୀଡ଼ା ପ୍ରତିଭାକୁ ପୋଷଣ କରିବା ପାଇଁ କମ୍ପାନୀର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିଛି। ଗୁର୍‌ଜୋତ୍ ସିଂ ଖଙ୍ଗୁରା ଓ ରାଇଜା ଢିଲ୍ଲୋଁ ଜାତୀୟ ଟାଇଟଲ ବିଜେତା ହୋଇପାରିଛନ୍ତି। ଗୁର୍‌ଜୋତ୍ ପୁରୁଷ ସ୍କିଟ୍ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଛନ୍ତି। ସେ ନମ୍ବର ୱାନ୍ ର୍ୟାଙ୍କ ସହ ଟୁର୍ନାମେଣ୍ଟ ଶେଷକରିଛନ୍ତି। ମହିଳା କାଟେଗୋରିରେ ରାଇଜା ଢିଲ୍ଲୋଁ ସ୍ୱର୍ଣ୍ଣ ଜିତିଛନ୍ତି। ସେ ଜୁନିୟର ମହିଳା ସ୍କିଟ୍ ଇଭେଣ୍ଟରେ ମଧ୍ୟ ଏକ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଅଲିମ୍ପିଆନ ମୈରାଜ ଅହମଦ ଖାନ୍ ଏହି ଚାମ୍ପିୟନଶିପ୍‌ରେ ଦୁଇଟି ରୌପ୍ୟ ପଦକ ପାଇଛନ୍ତି। ସର୍ବୋଚ୍ଚସ୍ତରରେ ତାଙ୍କ ସ୍ଥିର ପ୍ରଦର୍ଶନ ପରବର୍ତ୍ତୀ ପିଢ଼ିର ଶୁଟରମାନଙ୍କୁ ପ୍ରେରଣା ଦେଇଚାଲିଛି। ତାଙ୍କର ଏହି ଯାତ୍ରାରେ ଦୀର୍ଘକାଳୀନ ସମର୍ଥନ ଜାରି ରଖି ଜିନ୍ଦଲ ଷ୍ଟିଲ ଗର୍ବିତ।

# ବିବିସିଏ, ରାଇଜିଂ ଷ୍ଟାର ବିଜୟୀ

ଭୁବନେଶ୍ୱର, ୨୦।୧୨(ତପନ ସ୍ୱାଇଁ)

ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ କ୍ରିକେଟ୍ ଟୁର୍ନାମେଣ୍ଟର ଶନିବାର ଅନୁଷ୍ଠିତ ୨ଟି ମ୍ୟାଚ୍‌ରେ ଭାରତ ଭୂଷଣ କ୍ରିକେଟ ଏକାଡେମୀ(ବିବିସିଏ) ଓ ରାଇଜିଂ ଷ୍ଟାର ଦଳ ବିଜୟୀ ହୋଇଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ବିବିସିଏ ୨୦ ଓଭରରେ ୪ ଉଇକେଟ ହରାଇ ୧୭୭ ରନ୍ କରିଥିଲା। ଜବାବରେ ଜାଗୃତି କ୍ରିକେଟ୍ ଏକାଡେମୀ ୧୫ ଓଭରରେ ୫୮ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ କରିଥିବା ରାଇଜିଂ ଷ୍ଟାର ୨୦ ଓଭରରେ ୬ ଉଇକେଟ ହରାଇ ୯୫ ରନ୍ କରିଥିଲା। ୯୬ ରନ୍ ବିଜୟ ଲକ୍ଷ୍ୟରେ ଲାଇଫ୍ ଲିଜେଣ୍ଡ କ୍ରିକେଟ୍ କ୍ଲବ ୧୯.୫ ଓଭରରେ ୭୦ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ